# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 351 ଭାଗ ୩୩ | ସଂଖ୍ୟା ୩୫୧ | Tuesday 17 March 2026 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର ୧୭ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ସୁପ୍ରିମକୋର୍ଟ ଗଲେ ଅରବିନ୍ଦ କେଜ୍ରିୱାଲ ପୃଷ୍ଠା ୫

## ରାଜ୍ୟସଭା ନିର୍ବାଚନ



# ନବୀନ ବ୍ରିଗେଡ୍‌କୁ ଜଲକା କରିଦେଲେ ଦିଲ୍ଲୀପ

- ମନମୋହନ, ସୁଜିତ ଓ ଦିଲ୍ଲୀପ ବିଜୟୀ
- ରାଜ୍ୟସଭାକୁ ନିର୍ବାଚିତ ହେଲେ ସଂତୃପ୍ତ ମିଶ୍ର
- ମିଳିତ ପ୍ରାର୍ଥୀ ଦତ୍ତେଶ୍ୱରଙ୍କୁ ମିଳିଲାନି ସମର୍ଥନ
- ମନମୋହନ ଓ ସୁଜିତଙ୍କୁ ପ୍ରଥମ ପସନ୍ଦର ୩୫ ଭୋଟ୍
- ସଂତୃପ୍ତ ମିଶ୍ରଙ୍କୁ ପ୍ରଥମ ପସନ୍ଦର ୩୧ ଭୋଟ୍
- ଦତ୍ତେଶ୍ୱର ଓ ଦିଲ୍ଲୀପଙ୍କୁ ପ୍ରଥମ ପସନ୍ଦର ୨୩ ଭୋଟ୍
- ଦ୍ୱିତୀୟ ପସନ୍ଦରେ ଦିଲ୍ଲୀପଙ୍କୁ ମିଳିଲା ଆଉ ୧୧ ଭୋଟ୍



ଭୋଟ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ଆଜି ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନ ଓଡ଼ିଶା ରାଜନୀତିକୁ ନୂଆ ଦିଗ ଦେଇଛି। ବିରୋଧୀ କଂଗ୍ରେସ ଓ ବିଜେଡି ମେଣ୍ଟର ସବୁ ଗଣିତକୁ ଫେଲ କରିଲେଦେଲା ଶାସକ ଦଳ। ସ୍ୱାଧୀନ ବିଧାୟକଙ୍କ ପାଇଁ ସମର୍ଥନ ଯୋଗାଡ଼ରେ ବିଜେଡି ଆଶା କରି ନ ଥିବା ବିଧାୟକମାନେ ବି କ୍ରସ ଭୋଟିଂ କରିଥିଲେ। ଏପରିକି ଗତ ଚାରି ଦିନ ଧରି ନବୀନ ନିବାସରେ ନିୟମିତ ଭାବେ ଶୃଙ୍ଖଳିତ ସଦସ୍ୟ ଭାବେ ଯୋଗଦେଇ ଦଳୀୟ ପ୍ରାର୍ଥୀ ଓ ମିଳିତ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଶ୍ରୀଜଗନ୍ନାଥଙ୍କ ଧଣ୍ଡା ଛୁଇଁ ଶପଥ ନେଇଥିଲେ। ହେଲେ ଆଜି ସବୁ ଓଲଟପାଲଟ କରିଦେଲେ କଂଗ୍ରେସ ଓ ବିଜେଡିର କିଛି ଅସନ୍ତୁଷ୍ଟ ବିଧାୟକ।

ବିଜେଡି ଓ କଂଗ୍ରେସ ମେଣ୍ଟକୁ ଝଟ୍‌କା ଦେଇ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟ ୩୪ ଭୋଟରେ ବିଜୟୀ ଲାଭ କରିଛନ୍ତି। ସେହିପରି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ୍ କୁମାର ୩୫ଟି ଲେଖାଏଁ ପ୍ରଥମ ପସନ୍ଦର ଭୋଟ ପାଇ ଜିତିଥିବା ବେଳେ ବିଜେଡିର ସଂତୃପ୍ତ ମିଶ୍ର ୩୧ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଦୀର୍ଘ ଅଢ଼େଇ ଦଶନ୍ଧି ପରେ ରାଜ୍ୟସଭା ନିର୍ବାଚନରେ ବିଜେଡି ଓ କଂଗ୍ରେସର ୧୧ ଜଣ ବିଧାୟକ କ୍ରସଭୋଟିଂ କରି ଦିଲ୍ଲୀପଙ୍କ ଜିତିବା ମାର୍ଗ ପ୍ରଶସ୍ତ କରି ଇତିହାସର ପୁନରାବୃତ୍ତି କରିଛନ୍ତି। ବିଜେପି ନିଜର ଦୁଇ ପ୍ରାର୍ଥୀ ମନମୋହନ ଓ ସୁଜିତଙ୍କ ସପକ୍ଷରେ ଜିତିବା ପାଇଁ ଆବଶ୍ୟକତା (୨୯୪୧ ଭୋଟ ମୂଲ୍ୟ) ଠାରୁ ଢେର ଅଧିକ ଭୋଟ୍ ପକାଇ ମଧ୍ୟ ଦିଲ୍ଲୀପ ରାୟ ବିରୋଧୀଙ୍କ କ୍ରସଭୋଟିଂ ସହାୟତାରେ ଏହି ନିର୍ବାଚନ ଜିତିବାରେ ସକ୍ଷମ ହୋଇଛନ୍ତି।

ବିଧାନସଭା ସୂତ୍ରରୁ ଜଣାପଡ଼ିଛି ଯେ ୪ଟି ରାଜ୍ୟସଭା ଆସନ ପାଇଁ ୫ ଜଣ ପ୍ରାର୍ଥୀ ଥିବାରୁ ଏଥିସକାଶେ ଆଜି ମତଦାନ ହୋଇଥିଲା। ସମସ୍ତ ୧୪୭ ଜଣ ବିଧାୟକ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ରାଜ୍ୟସଭା ନିର୍ବାଚନ ଗଣିତ ଅନୁସାରେ ପ୍ରତ୍ୟେକ ବିଧାୟକଙ୍କର ଭୋଟ ମୂଲ୍ୟ ୧୦୦ ହୋଇଥିବା ବେଳେ ଜଣେ ପ୍ରାର୍ଥୀ ଜିତିବା ନିମନ୍ତେ ପ୍ରଥମ ପସନ୍ଦର ୩୦ ଜଣ ବିଧାୟକ ବା ୨୯୪୧ ଭୋଟ୍ ମୂଲ୍ୟର ସମର୍ଥନ ଆବଶ୍ୟକ। ପ୍ରଥମ ପସନ୍ଦର ଭୋଟ ଭାବେ ବିଜେପିର ମନମୋହନ ସାମଲଙ୍କୁ ୩୫ (ଅର୍ଥାତ୍ ୩୫୦୦ ଭୋଟ ମୂଲ୍ୟ) ଓ ସୁଜିତ୍ କୁମାରଙ୍କୁ ୩୫ (୩୫ ଶହ ଭୋଟ ମୂଲ୍ୟ) ବିଧାୟକଙ୍କ ➪ପୃଷ୍ଠା-୬

## ୧୧ ବିଧାୟକ କଲେ କ୍ରସ୍ ଭୋଟିଂ

ଆଜି ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ୧୧ଜଣ ବିଧାୟକ କ୍ରସ ଭୋଟିଂ କରିଛନ୍ତି। ବିଜେଡିର ୬ ବିଧାୟକଙ୍କ ସହ ୨ଜଣ ବିଜେଡିରୁ ନିଲମ୍ବିତ ବିଧାୟକ ଏବଂ କଂଗ୍ରେସରୁ ତିନିଜଣ ବିଧାୟକ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଛନ୍ତି। କଂଗ୍ରେସରୁ ବାରବାଟି-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଶ, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ ଓ ସାନଖେମୁଣ୍ଡି ବିଧାୟକ ରମେଶ ଜେନା। ସେହିଭଳି ବିଜେଡିରୁ ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ବସ୍ତା ବିଧାୟିକା ସୁବାସିନୀ ଜେନା, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ବାଙ୍କି ବିଧାୟକ ଦେବୀ ରଂଜନ ତ୍ରିପାଠୀ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଓ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଦଳୀୟ ନିର୍ଦ୍ଦେଶର ଅବମାନନା କରି ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଛନ୍ତି।




ମତଦାନ କରୁଛନ୍ତି ବିରୋଧୀ ଦଳ ସଭାପତି ନବୀନ ପଟ୍ଟନାୟକ

## ରାଜ୍ୟରେ ହେବ ବଡ଼ ରାଜନୈତିକ ପରିବର୍ତ୍ତନ

### ବିଜୟଙ୍କୁ ମୁଣ୍ଡିଆ ମାରି ଧନ୍ୟବାଦ ଜଣାଇଲେ ଦିଲ୍ଲୀପ



ବିଜେଡିରେ ଅସନ୍ତୋଷ ବଢୁଛି। ଆଜିର ରାଜ୍ୟସଭା ଭୋଟ ତା'ର ସଙ୍କେତ ଦେଉଛି। ଦିଲ୍ଲୀପ ରାୟଙ୍କ ବିଜୟ ପରେ ଏଭଳି ପ୍ରତିକ୍ରିୟା ଦେଇଛନ୍ତି ବରିଷ୍ଠ ରାଜନେତା ବିଜୟ ମହାପାତ୍ର। ନିର୍ବାଚନ ପାଇଁ ଦୁଇ ମାସ ପୂର୍ବରୁ ପ୍ରସ୍ତୁତି ଚାଲିଥିଲା। ବିଜେଡିରେ ଅସନ୍ତୋଷର ନିଆଁ ଜଳୁଛି, ଆଗକୁ ଓଡ଼ିଶାରେ ବଡ଼ ଧରଣର ରାଜନୈତିକ ପରିବର୍ତ୍ତନ ହେବ ବୋଲି ସେ କହିଛନ୍ତି।

ବିଜୟ ପରେ ଦିଲ୍ଲୀପ ରାୟ ପ୍ରଥମେ ବିଜୟ ମହାପାତ୍ରଙ୍କ ଘରେ ପହଞ୍ଚିଥିଲେ। ସେ ବିଜୟଙ୍କୁ ମୁଣ୍ଡିଆ ମାରିବା ସହ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଥିଲେ। ଏଥିସହ ଉଭୟେ ଉଭୟଙ୍କୁ ମିଠା ଖୁଆଇ ବିଜୟ ସେଲିବ୍ରେସନ୍ କରିଥିଲେ। ଏହି ଅବସରରେ ବିଜୟ କହିଛନ୍ତି ଯେ ୬ ମାସ ତଳେ କହିଥିଲି ୨୦୨୬ ନିର୍ଣ୍ଣାୟକ ପର୍ବ ହେବ। ଲୋକ ଆଶା କରିଥିଲେ ଦିଲ୍ଲୀପ ରାୟ ଜିତିବେ, ବିଜେଡି ନେତାଙ୍କ ଭିତରେ ଅସନ୍ତୋଷ ଥିଲା। ସବୁ ଦଳର ନେତା ➪ପୃଷ୍ଠା-୬

## ବିରୋଧୀ ଦଳ ନେତାଙ୍କୁ ଧୋଇଦେଲେ ମୋହନ

### ହାରିଯିବା ପରେ ଅପରିପକ୍ୱ ମନ୍ତବ୍ୟ ଦୁର୍ଭାଗ୍ୟଜନକ



ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦେଇଥିବା ବିବୃତିର ଜବାବ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଅନ୍ତରାତ୍ମାର ଡାକ ଶୁଣି ଭୋଟ ଦେଇଥିବା ବିଧାୟକଙ୍କୁ ଅପରାଧିକ ପୃଷ୍ଠଭୂମିର ଆଖ୍ୟା ଦେବା ଦୁର୍ଭାଗ୍ୟଜନକ ଓ ଗଣତନ୍ତ୍ରର ମର୍ଯ୍ୟାଦା ହାନି ବୋଲି ସେ କହିଛନ୍ତି।

ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କଠାରୁ ଏଭଳି ଅପରିପକ୍ୱ ଓ ଅପମାନଜନକ ଶବ୍ଦ କେବେ ମଧ୍ୟ ଆଶା କରାଯାଏନାହିଁ। ଯେଉଁ ବିଧାୟକମାନେ ➪ପୃଷ୍ଠା-୬



● ରାଜ୍ୟସଭା ଇତିହାସରେ ପ୍ରଥମ

## ବିଧାୟକଙ୍କୁ ନେବା ଲାଗି ଠେଲାପେଲା

### ମୁହାଁମୁହିଁ ହେଲେ ବିଜେଡି-ବିଜେପି ବିଧାୟକ

ରାଜ୍ୟସଭା ଭୋଟ ଇତିହାସରେ ଏଭଳି ଘଟଣା କେବେ ଦେଖିବାକୁ ମିଳିନଥିଲା। ନିର୍ବାଚନ ରାଜନୀତିରେ ଘୋଡ଼ା ବେପାର, କ୍ରସ ଭୋଟିଂ, ରିସର୍ଟ ପଲିଟିକ୍ସ ଭଳି ରଣନୀତି ନୂଆ ନୁହେଁ। ହେଲେ ଜଣେ ବିଧାୟକଙ୍କୁ ନିଜ ➪ପୃଷ୍ଠା-୬



## ଅଷ୍ଟମାଷ୍ଟର୍ଯ୍ୟ ସୁବାସିନୀ

ବିଜେଡି ବିଧାୟିକା ସୁବାସିନୀ ଜେନା ସବୁ କଳ୍ପନାଜଳ୍ପନାର ସୀମା ଅତିକ୍ରମ କରିଗଲେ। ଗତ ଚାରି ଦିନ ହେଲା ସେ ବିଜେଡିର ବୈଠକକୁ ନିୟମିତ ଯାଉଥିଲେ। ପ୍ରତିଟି ବୈଠକରେ ସେ ନବୀନ ପଟ୍ଟନାୟକଙ୍କ ସମର୍ଥିତ ପ୍ରାର୍ଥୀକୁ ଭୋଟ ଦେବେ ବୋଲି ମଧ୍ୟ କହିଥିଲେ। ଗତକାଲି ମଧ୍ୟ ଶ୍ରୀଜଗନ୍ନାଥଙ୍କ ନାକଚଣାକୁ ଛୁଇଁ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବେ ବୋଲି ଶପଥ ନେଇଥିଲେ। ଆଜି ଭୋଟ ➪ପୃଷ୍ଠା-୬

## ଉପାସନା, ପୂର୍ଣ୍ଣଙ୍କୁ ଦ୍ୱିତୀୟ ବାଲାଟ୍



ବିଜେପି ବିଧାୟିକା ଉପାସନା ମହାପାତ୍ର ଓ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ମିଳିଲା ଦ୍ୱିତୀୟ ବାଲାଟ। ଉପାସନାଙ୍କ ଭୋଟିଂକୁ ନେଇ ବହୁ ତର୍ଜମା ପରେ ତାଙ୍କୁ ଦ୍ୱିତୀୟ ବାଲାଟ ଦିଆଯାଇଥିଲା। ତେବେ ବିଜେଡି ଏନେଇ ଆପତ୍ତି ଉଠାଇଥିଲା। ଉପାସନା ଭୋଟ ଦେବା ସମୟରେ ତାଙ୍କ କଲମ ନ ଚାଲିବାରୁ ସେ ଓଭରରାଇଟିଂ କରିଥିଲେ। ତେବେ ଦଳୀୟ ଏଜେଣ୍ଟକୁ ଦେଖାଇବା ପୂର୍ବରୁ ସେ ପ୍ରିଜାଇଡିଂ ଅଫିସରଙ୍କୁ ଏ ➪ପୃଷ୍ଠା-୬

## କ୍ରସ ଭୋଟିଂକୁ ନେଇ ବର୍ଷିଲେ ନବୀନ

### ବିକ୍ରି ହେଲେ ଅପରାଧିକ ପୃଷ୍ଠଭୂମି ନେତା

ରାଜ୍ୟସଭା ନିର୍ବାଚନରେ ବିଜେଡିର କ୍ରସ ଭୋଟିଂକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ସିଧାସଳଖ ଭାବେ ସେ ସୌଭିକ ବିଶ୍ୱାଳ ଓ ଦେବୀ ରଂଜନ ତ୍ରିପାଠୀଙ୍କ କ୍ରସ ଭୋଟିଂକୁ ନେଇ ବର୍ଷିଛନ୍ତି।

ସେ କହିଛନ୍ତି ଯେ, ଗତ କିଛି ଦିନ ହେବ ମୁଁ ବିଜେପିର ଘୋଡା ବେପାର କଥା କହୁଥିଲି। ସେମାନେ ଏଥିପାଇଁ ଅଧିକ ଲୋକ ସଂଗ୍ରହ କରିଛନ୍ତି ଯେଉଁମାନଙ୍କ ଅପରାଧୀ ରେକର୍ଡ ରହିଛି। ଏହା କହିବାକୁ ମୋତେ ଲଜ୍ଜା ଲାଗୁଛି ଯେ ସେମାନଙ୍କ ବାପା ଜେଲ ଯାଇଛନ୍ତି। ଗତକାଲି ବିଜେପି ବିଧାୟକମାନଙ୍କୁ ପାରାଦ୍ୱୀପରେ ରଖା ଯାଇଥିଲା। ହେଲେ ଗୋଟେ ଗରିବ ଝିଅର ଧର୍ଷଣ ହେଲା ଓ ସେ ଆତ୍ମହତ୍ୟା ଉଦ୍ୟମ କଲେ। ଦୁଃଖ ଲାଗୁଛି ଯେ ଓଡ଼ିଶା ପରି ସୁନ୍ଦର ରାଜ୍ୟରେ ଏପରି ଅସୁବିଧା ହେଉଛି। ବିଜେଡି ରାଜ୍ୟର ଗଣତନ୍ତ୍ରିକ ଅଧିକାର ଓ ଅର୍ଥନୈତିକ ବିକାଶ ପାଇଁ ଲଢେଇ କରୁଛି ଓ କରୁଥିବା।

## ବହିଷ୍କୃତ ହେବେ ୩ କଂଗ୍ରେସ ବିଧାୟକ

- ସଭ୍ୟପଦ ରଦ୍ଦ ପାଇଁ କୋର୍ଟକୁ ଯିବୁ
- ସକାଳେ ସଭାପତିଙ୍କ ସହ କଥା ହେଲେ, ଦିଲ୍ଲୀପଙ୍କୁ ଭୋଟ୍ ଦେଲେ ସୋଫିଆ



ଯାହା ଆଶା କରାଯାଉଥିଲା କଂଗ୍ରେସରେ ସେୟା ହେଲା। କଂଗ୍ରେସର ତିନି ଜଣ ବିଧାୟକ ଦଳୀୟ ନିର୍ଦ୍ଦେଶର ଅବମାନନା କରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେଲେ। ସେମାନେ ଭୋଟ ଦେବା ସମୟରେ ଦଳୀୟ ଏଜେଣ୍ଟ ଥିବା ନିଜେ ପିସିସି ସଭାପତି ଭକ୍ତ ଚରଣ ଦାସ ଆପତ୍ତି ଉଠାଇଥିଲେ। ସେମାନେ ଦଳୀୟ ନିଷ୍ପତ୍ତିର ପାଳନ କରି ନ ଥିବାରୁ ସେମାନଙ୍କ ଭୋଟ୍ ନାକଚ ପାଇଁ ଅପିଲ ମଧ୍ୟ କରିଥିଲେ।

ଭୋଟ ପରେ ପିସିସି ସଭାପତି କଂଗ୍ରେସର ଏହି ତିନି ବିଧାୟକଙ୍କ କାର୍ଯ୍ୟକୁ ନେଇ ଖୁବ୍ ବର୍ଷିଛନ୍ତି। ସେ ସିଧାସଳଖ ଆକ୍ଷେପ କରିଛନ୍ତି ଯେ ଗଣମାଧ୍ୟମରେ କହିଲା ବେଳେ ଏହି ବିଧାୟକମାନେ ସିଂହ ଭଳି କଥା କହୁଛନ୍ତି। ହେଲେ ଏବେ ଛେଳି ମେଣ୍ଢା ଭଳି ବିକ୍ରି ହୋଇଗଲେ। ସୋଫିଆ ଫିର୍ଦ୍ଦୋସ ଆଜି ସକାଳେ ମଧ୍ୟ ପିସିସି ସଭାପତିଙ୍କ ସହ କଥା ହୋଇଛନ୍ତି, ଏପରିକି ଭୋଟ ପୂର୍ବରୁ ମଧ୍ୟ କଂଗ୍ରେସ ଶିବିରରେ ➪ପୃଷ୍ଠା-୬

## ବାପାଙ୍କ ଅପମାନର ପ୍ରତିଶୋଧ

### ବୋହୂ ବି ବିଜେଡି ନେତୃତ୍ୱ ଉପରେ ବର୍ଷିଲେ



ପୂର୍ବାନୁମାନ ଅନୁଯାୟୀ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଆଜି ଦଳୀୟ ନିଷ୍ପତ୍ତିର ଉଲ୍ଲଂଘନ କରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ଆଉ ସେଥିପାଇଁ ସେ ଅନୁତପ୍ତ ମଧ୍ୟ ନୁହଁନ୍ତି। ନିଜ ଭୋଟକୁ ନେଇ ସେ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ପିତା ହିଁ ଧର୍ମ, ପିତା ହିଁ ସ୍ୱର୍ଗ, ପିତା ହିଁ ପରମ ଧର୍ମ। ତେଣୁ ବିଜୁ ପଟ୍ଟନାୟକଙ୍କ ଆଶୀର୍ବାଦ ଯାହା ଉପରେ ଅଛି, ମୁଁ ତାଙ୍କୁ ଭୋଟ ଦେଇଛି। ସିଧାସଳଖ ଭାବେ ଦଳୀୟ ସୁପ୍ରିମୋ ଓ ବିଜେଡିର କିଛି ତଥାକଥିତ କାର୍ପେଟଦାର ନେତାଙ୍କୁ ଇଙ୍ଗିତ କରି କହିଛନ୍ତି ଯେ ଗତ ୨୯ ବର୍ଷ ଧରି ତାଙ୍କ ବାପା ବିଜେଡିରେ ଅନେକ ଅପମାନ ଓ ଅପବାଦ ସହିଛନ୍ତି। କାହା ଘରେ ଚଢ଼ାଉ ହେଲେ ପୁଳାପୁଳା ଟଙ୍କା, ସୁନାଗହଣା କି ବ୍ୟାପକ ➪ପୃଷ୍ଠା-୬

# ନବୀନଙ୍କ ଷ୍ଟାଇଲ୍‌ରେ ନବୀନଙ୍କୁ ଧୋକ୍କା

- ବିଜେଡି ଦୁର୍ଗ ପତନର ପଡ଼ିଲା ମୂଳଦୂଆ
- ପୁଣି ମେଳି ହେଉଛନ୍ତି ଅସନ୍ତୁଷ୍ଟ



ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ନବୀନଙ୍କ ନିର୍ଦ୍ଦେଶକୁ ବେଖାତିର କରି ରାଜ୍ୟସଭା ନିର୍ବାଚନରେ ଦଳର ୬ ଜଣ ବିଧାୟକ ବିଜେପି ସପକ୍ଷରେ କ୍ରସ ଭୋଟିଂ କରିବା ବିଜେଡି ଦୁର୍ଗ ପତନର ସଙ୍କେତ ବୋଲି କୁହାଗଲାଣି। ନବୀନ ଏ ଦିଗରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ଥିବା ବେଳେ ଖୁବ୍‌ଶୀଘ୍ର ବିଜେଡିରେ ବଡ଼ ଧରଣର ହଲଚଲ ହେବ ବୋଲି ରାଜନୈତିକ ମହଲରେ ଆଶା କରାଯାଉଛି।

ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ଗଠନ ପରଠାରୁ ଦଳକୁ କେବେହେଲେ ଏତେ ବଡ ଝଟ୍‌କା ଲାଗିନଥିଲା। ଯେତେବେଳେ ବି ଦଳ ଭିତରେ ଅସନ୍ତୋଷ ଦେଖାଦେଉଥିଲା, ତାହାକୁ ନବୀନ ପଟ୍ଟନାୟକ କୌଣସି ପ୍ରକାରେ ଟାଳିଦେଉଥିଲେ। ଦଳୀୟ ନେତାଙ୍କ ଅସନ୍ତୋଷକୁ ଦମନ କରିବା ପାଇଁ ଅତୀତରେ ଏକାଧିକ ବିଜେଡି ନେତାଙ୍କ ରାଜନୈତିକ କ୍ୟାରିଅରକୁ ସେ ଖତମ କରିଦେଇଥିବାର ନଜିର ବି ରହିଛି। ଏହି ତାଲିକା ଢେର ଲମ୍ବା ହୋଇଥିବା ବେଳେ ଏଥିରେ ପୂର୍ବତନ ମନ୍ତ୍ରୀ, ସାଂସଦ, ବିଧାୟକମାନେ ରହିଛନ୍ତି।

ତେବେ ପ୍ରଥମ ଥର ପାଇଁ ଦଳର ଅସନ୍ତୁଷ୍ଟ ନେତାମାନେ ନବୀନଙ୍କ ମୁହଁ ଉପରେ ଜବାବ ଦେଇଛନ୍ତି। ଖାଲି ଜବାବ ଦେଇନାହାନ୍ତି, ବରଂ ଦଳର ଓ ନବୀନଙ୍କ ସମ୍ମାନକୁ ଏକପ୍ରକାର ମାଟିରେ ମିଶାଇ ଦେଇଛନ୍ତି। ନୂଆପଡ଼ାରେ ବିଜେଡି ତୃତୀୟ ସ୍ଥାନରେ ରହିବା ପରେ ନବୀନ ଯେତିକି ଅପମାନିତ ହୋଇନଥିଲେ, ଆଜିର ରାଜ୍ୟସଭା ନିର୍ବାଚନରେ ତାଙ୍କୁ ➪ପୃଷ୍ଠା-୬

## ବିଜେପିର ୧୨କୁ କଂଗ୍ରେସର ୧୨

ବିଜେପି ତା'ର ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ୧୨ ଖଣ୍ଡ ପ୍ରଥମ ପସନ୍ଦ ଭୋଟ ଦେଇଥିବା ବେଳେ କଂଗ୍ରେସ ମଧ୍ୟ ତା'ର ସମର୍ଥିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ୧୨ ଖଣ୍ଡ ପ୍ରଥମ ପସନ୍ଦର ଭୋଟ ଦେଇଛି। ତେବେ କଂଗ୍ରେସର ଏହି ୧୨ ଖଣ୍ଡ ଭୋଟ ଭିତରେ ଦଳକୁ ସମର୍ଥନ ଦେଉଥିବା ସିପିଏମ ବିଧାୟକଙ୍କ ଲକ୍ଷ୍ମଣ ମୁଣ୍ଡାଙ୍କ ଭୋଟ ଖଣ୍ଡକ ବି ରହିଛି।

ବିଧାନସଭାରେ ବିଜେପିର ୭୯ ଜଣ ବିଧାୟକ ଥିବା ବେଳେ ୩ ଜଣ ସହଯୋଗୀ ବିଧାୟକ ରହିଛନ୍ତି। ଏମାନଙ୍କୁ ମିଶାଇ ବିଜେପି ସପକ୍ଷରେ ମୋଟ ୮୨ ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଦଳୀୟ ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ କୁମାରଙ୍କୁ ୩୫ ଖଣ୍ଡ କରି ପ୍ରଥମ ପସନ୍ଦ ଭୋଟ ଯିବା ପରେ ଅବଶିଷ୍ଟ ୧୨ ଖଣ୍ଡ ପ୍ରଥମ ପସନ୍ଦ ଭୋଟ୍ ଦିଲ୍ଲୀପ ରାୟଙ୍କ ସପକ୍ଷରେ ପଡ଼ିଛି। ଦିଲ୍ଲୀପ ବିଜେପିର ୧୨ ଓ ୧୧ କ୍ରସ ଭୋଟିଂକୁ ମିଶାଇ ମୋଟ୍ ୨୩ ଖଣ୍ଡ ପ୍ରଥମ ପସନ୍ଦ ଭୋଟ ପାଇଛନ୍ତି। ସେହିଭଳି ଡାକ୍ତର ଦତ୍ତେଶ୍ୱର ➪ପୃଷ୍ଠା-୬

## ୨୦୦୨ ପରେ ୨୦୨୬ | ବିଜୟ ହେଲେ ବାଜିଗର



ଭୁବନେଶ୍ୱର,୧୬।୩ (ସଂଚାର ବ୍ୟୁରୋ: ଦିଲ୍ଲୀପ ରାୟ ସମସ୍ତଙ୍କ ଅଙ୍କ ବିଗାଡ଼ି ଦେଇ ବାଜିମାତ କଲେ। ହେଲେ ବାଜିଗର ସାଜିଲେ ବିଜୟ ମହାପାତ୍ର। ରାଜ୍ୟସଭାକୁ ନେଇ ଦୁଇ ମାସ ତଳୁ ବିଜୟ କଷିଥିଲେ ଅଙ୍କ। ୨୦୦୨ରେ ଯେମତି ଦିଲ୍ଲୀପ ସମସ୍ତଙ୍କୁ ଚକ୍‌ମା ଦେଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ କଲେ ଓ କଂଗ୍ରେସ, ବିଜେଡି ଓ ବିଜେପିରୁ କ୍ରସ ଭୋଟିଂ କରି ଜିତିଥିଲେ; ଠିକ ସମାନ ଢଙ୍ଗରେ ୨୦୨୬ରେ ମଧ୍ୟ ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ବିଜୟୀ ହୋଇଛନ୍ତି।

ଆରମ୍ଭରୁ ଦିଲ୍ଲୀପଙ୍କ ଜିତିବା ସହଜ ଲାଗୁ ନ ଥିଲେ ବି ଆଜି ଭୋଟ ଗ୍ରହଣର କିଛି ଘଣ୍ଟା ପରେ ତାଙ୍କ ପାଇଁ କ୍ରସ ଭୋଟିଂର ସଂଖ୍ୟା ବଢ଼ିଚାଲିଥିଲା। କୌଣସି ରାଜନୈତିକ ସମୀକ୍ଷକଙ୍କ ଅଙ୍କ କାମ ଦେଲାନି। ୨୦୦୨ ପରି ୨୦୨୬ରେ ମଧ୍ୟ ଦିଲ୍ଲୀପ ଦ୍ୱିତୀୟ ପସନ୍ଦ ଭୋଟ୍‌ରେ ଜିତିଛନ୍ତି। ଯେଉଁମାନେ ବିଜେଡିରେ ଦିନେ ବିଜୟଙ୍କ ଅନୁଗତ ଥିଲେ, ସେମାନେ ନବୀନ ପଟ୍ଟନାୟକଙ୍କ ବିରୋଧରେ ବିଜୟଙ୍କ ଅସ୍ତ୍ର ସାଜିଲେ। ସେ ପ୍ରଭାତ ତ୍ରିପାଠୀ ହୁଅନ୍ତୁ ବା ପ୍ରଭାତ ବିଶ୍ୱାଳ, ଠିକଣା ସମୟରେ ଦେବୀ ରଞ୍ଜନ ଓ ସୌଭିକ ନିଜ ନିଜ ବାପାଙ୍କ ଅପମାନର ପ୍ରତିଶୋଧ ନେଇଥିବା ବେଳେ ସୁବାସିନୀ ସ୍ୱାମୀଙ୍କୁ ଅଣଦେଖାର ଜବାବ ତାଙ୍କ ଭୋଟ୍‌ରେ ଦେଇଛନ୍ତି।

ଆଜି ଦିଲ୍ଲୀପ ରାୟ ଶ୍ରୀ ମହାପାତ୍ରଙ୍କ ଘରକୁ ଯାଇ ତାଙ୍କୁ ମୁଣ୍ଡିଆ ମାରିବା ସହ ଧନ୍ୟବାଦ ଦେବା ଘଟଣାରୁ ବିଜୟଙ୍କ ରଣନୀତି ସ୍ପଷ୍ଟ ହୋଇଥିଲା। କେବଳ ସେତିକି ନୁହେଁ, ବିଜେଡି ମଧ୍ୟ ଦୁଇ ମାସ ତଳୁ ଜାଣିସାରିଥିଲା ଯେ ଦିଲ୍ଲୀପଙ୍କ ➪ପୃଷ୍ଠା-୬

## ଚୋରା ମଦ ମାଫିଆଙ୍କ ଆଡ୍ଡା ପାଉନି ପୁଲିସ ଓ ଅବକାରୀ ବିଭାଗ

ନିଶ୍ଚିନ୍ତକୋଇଲି,୧୬।୩ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତରଗତ ବଢ଼ିକ୍ଷିରୀ ପଞ୍ଚାୟତର ଧଳପଡା ଗ୍ରାମରେ ଜଣେ ବ୍ୟକ୍ତି ଚୋରା ମଦ ବ୍ୟବସାୟର କାୟାବିସ୍ତାର କରିଛି। କିନ୍ତୁ ଅବକାରୀ ବିଭାଗ ଓ ପ୍ରଶାସନ କାହିଁକି ନୀରବଦ୍ରଷ୍ଟା ସାଜିଛି ତାହା ସାଧାରଣରେ ଆଲୋଚନା ପାଲଟିଛି। ଚୋରା ମଦ ବେପାରୀ ନିର୍ଭୟରେ ମଦ ବିକ୍ରି କରିଚାଲିଛି, ହେଲେ ପୁଲିସ ଓ ବିଭାଗୀୟ ଅଧିକାରୀ ତାର ଆଡ୍ଡା ପାଉନି। ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି ମୋଟା ଅଙ୍କର ଅର୍ଥ ନେଇ ପୁଲିସ ଓ ଅବକାରୀ ବିଭାଗ ଚୁପ ବସିଛନ୍ତି। ଏହି ବେପାରୀ ଜଣକ ଅନ୍ୟ ଗାଁର ବିଲରେ ମଦ ଲୁଚେଇ ଅବାଧରେ ବିକ୍ରି କରିଚାଲିଛି ବୋଲି ଅଭିଯୋଗ ହେଉଛି। ତେଣୁ ଆଗାମୀ ଦିନରେ ପ୍ରଶାସନ ଓ ଅବକାରୀ ବିଭାଗ କି ପ୍ରକାର ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା।

## ପୋଖରୀରୁ କୁମ୍ଭୀର ଉଦ୍ଧାର



ରାଜନଗର,୧୬।୩ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଡୁଲାପୁର ଗାଁର ଗୋଟିଏ ପୋଖରୀରୁ ଏକ ବଉଳା କୁମ୍ଭୀର ଉଦ୍ଧାର କରାଯାଇଛି। ୭ ଫୁଟ ୩ ଇଞ୍ଚର ମାଆ କୁମ୍ଭୀର ଉଦ୍ଧାର କରି ହାବଳ କ୍ରୀକରେ ଛଡା ଯାଇଛି। ସୂଚନା ମୁତାବକ ଗାଁରେ ଥିବା ଠାକୁରାଣୀ ପୋଖରୀରେ କୁମ୍ଭୀର ପଶିଥିଲା। ଗାଁ ଲୋକ ବନବିଭାଗକୁ ଜଣାଇବା ପରେ ବନବିଭାଗ ପକ୍ଷରୁ ପୋଖରୀରେ ଜାଲ ବୁଲାଇ କୁମ୍ଭୀରକୁ ଧରିବାକୁ ପ୍ରୟାସ ଆରମ୍ଭ ହୋଇଥିଲା। କୁମ୍ଭୀର କୌଶଳ କ୍ରମେ ପାଖରେ ଥିବା ଅନ୍ୟ ଏକ ପୋଖରୀକୁ ଚାଲିଯାଇଥିଲା। ଗତକାଲି ରାତିରେ ପୋଖରୀରେ ଜାଲ ବିଛାଇ କୁମ୍ଭୀରକୁ କାବୁ କରିଥିଲେ। ରାତି ପ୍ରାୟ ୨ଟା ୪୫ରେ କୁମ୍ଭୀରକୁ ବନବିଭାଗ ଟିମ କାବୁ କରି ନେଇଥିଲା। ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ ତ୍ରିଦୀପ ପ୍ରଧାନଙ୍କ ସହିତ ବନବିଭାଗର କର୍ମଚାରୀମାନେ ଏହି ବିରାଟକାୟ କୁମ୍ଭୀରକୁ ଧରିବାରେ ସକ୍ଷମ ହୋଇଥିଲେ।

## ଟ୍ରାକ୍ଟର ଚକା ଫାଟି ଡ୍ରାଇଭର ମୃତ

ରାଜନଗର,୧୬।୩ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଚଂୟତ ଜରିମୂଳ ବଜାରରେ ଥିବା ଏକ ଗ୍ୟାରେଜରେ ଟ୍ରାକ୍ଟର ଚକା ଫାଟି ଜଣେ ଡ୍ରାଇଭର ମୃତ୍ୟୁବରଣ କରିଛି । ଭିତରଗଡ ପରାଂୟତ ଶିଳପୋଖରୀ ଗ୍ରାମର ବିଷ୍ଣୁ ମଣ୍ଡଳଙ୍କ ପୁଅ ଅନୁକୂଳ ମଣ୍ଡଳ (୨୦) ଏକ ଟ୍ରାକ୍ଟର ଚଳାଇ ଆସୁଥିଲେ । ଟ୍ରାକ୍ଟର ଚକ ପମ୍ପଚର ହୋଇଥିବାରୁ ଜରିମୂଳ ବଜାରରେ ଥିବା ଗ୍ୟାରେଜକୁ ଆଣିଥିଲେ। ଅନୁକୂଳ ଚକ ଖୋଲୁଥିବାବେଳେ ଚକାଟି ଫାଟି ଯାଇଥିଲା ଫଳରେ ସେ କିଛି ଦୂରକୁ ଛିଟିକି ପଡିଥିଲେ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନୁକୂଳ ଏକମାତ୍ର ପୁଅ ଥିଲେ। ଅନୁକୂଳଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ବ୍ଲକ ପରିସରରୁ ବେଆଇନ ଭାବେ କଟାଯାଇଥିବା ଗଛକୁ ଜବତ କଲା ବନ ବିଭାଗ



ରାଜନଗର,୧୬।୩ (ସଂଚାର ବ୍ୟୁରୋ): ରାଜନଗର ବ୍ଲକର ପାନୀୟଜଳ ବିଭାଗ ପଛପଟେ ବିରାଟକାୟ ଆମ୍ବ ଗଛ ଦୀର୍ଘ ବର୍ଷ ହେଲା ଥିଲା। ଚଳିତ ବର୍ଷ ଆମ୍ବ ବହୁ ଅଧିକ ହୋଇଥିଲା। ମାତ୍ର ଗତକାଲି ଏହି ଫଳନ୍ତି ଆମ୍ବ ଗଛକୁ କାଟି ଦିଆଯାଇଛି। ଏନେଇ ଖବର ପାଇବା ପରେ ରାଜନଗର ଡିଏଫଓ ଭରଦରାଜ ଗାଓଁଙ୍କର ବେଆଇନ ଭାବେ କଟାଯାଇଥିବା ଗଛକୁ ଜବତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫରେଷ୍ଟର ବିଜୟ କୁମାର ପାତ୍ର, ଫରେଷ୍ଟ ଗାର୍ଡ ତ୍ରିଦୀପ ପ୍ରଧାନ ବ୍ଲକ କ୍ୟାମ୍ପସରେ ପହଞ୍ଚି ବେଆଇନ ଭାବେ କଟାଯାଇଥିବା ଗଛକୁ ଜବତ କରିଛନ୍ତି। ରେଞ୍ଜର ଚିତ୍ତ ରଞ୍ଜନ ବେହୁରାଙ୍କ ସୂଚନା ମୁତାବକ ବନବିଭାଗର ବିନା ଅନୁମତିରେ ଫଳନ୍ତି ଗଛକୁ କଟାଯାଇ ପାରିବ ନାହିଁ। ବେଆଇନ ଭାବେ ଗଛ କଟାଯାଇଥିବାରୁ ଗଛକୁ ଜବତ କରାଯାଇଛି ଓ ଏନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

### ବର୍ଦ୍ଧିତ ଭତ୍ତା ପାଲଟିଛି ପ୍ରହସନ

# ୮୮ ବର୍ଷ ବୟସ୍କଙ୍କୁ ବି ମିଳୁନି

ଆଳି,୧୬।୩(ସଂଚାର ବ୍ୟୁରୋ): ଆଳି ବ୍ଲକ ବାଳକାଟି ପଞ୍ଚାୟତ ବଡଆଙ୍କୋ ଗ୍ରାମର ତଉଲି ବେହେରା (୮୮) ବୟସରେ ମିଳୁନି ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା। ପରିଣତ ବୟସରେ ବର୍ଦ୍ଧିତ ଭତ୍ତା ପାଇଁ ବ୍ଲକକୁ ଦୌଡି ଦୌଡି ନୟାନ୍ତ ହେଲେଣି ତୋଉଲି ବେହେରା। ସରକାର ୮୦ରୁ ଉର୍ଦ୍ଧ ବୟସ୍କ ଲୋକ ମାନଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ୩୫୦୦ଟଙ୍କା କରିଥିବା ବେଳେ ଏଠି ଏହା ପାଲଟିଛି ପ୍ରହସନ। ସବୁଠୁ ବଡ଼ କଥା ହେଲା ହଜାର ଟଙ୍କା ଭତ୍ତା ପାଇଁ ପ୍ରତି ମାସରେ ଅଟୋରେ ଖର୍ଚ୍ଚ ହୋଉଛି ତିନି ଶହ ଟଙ୍କା ।



ସୂଚନା ଅନୁଯାୟୀ ତଉଲି ବେହେରାଙ୍କୁ ସରକାର ଏକ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥାନ୍ତି। ବ୍ୟାଙ୍କଙ୍କୁ ଭତ୍ତା ଟଙ୍କା ଉଠାଇବାକୁ ଯିବାକୁ ହେଲେ ଅଟୋରେ ଯିବାକୁ ପଡ଼ିଥାଏ। ଅନ୍ୟପଟେ ବ୍ୟାଙ୍କ ଆକାଉଣ୍ଟ ବଦଳେ ତାଙ୍କୁ ପଞ୍ଚାୟତରେ ଦେବାକୁ ବିଡ଼ିଓଙ୍କୁ ଅନୁରୋଧ କରିଛନ୍ତି। ଏ ନେଇ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀଙ୍କୁ ପଚାରିଲେ ସେ କହିଛନ୍ତି ବ୍ଲକରେ ପାଞ୍ଚଶହରୁ ଉର୍ଦ୍ଧ ଲୋକ ବର୍ଦ୍ଧିତ ଭତ୍ତା ପାଇବାକୁ ସରକାରଙ୍କ ଅନୁମୋଦନକୁ ଅପେକ୍ଷା କରିଛନ୍ତି ତାଙ୍କ ଭିତରେ ତୋଉଲି ବେହେରାଙ୍କ ନାମ ରହିଛି ଖୁବ୍ ଶୀଘ୍ର ସେ ପାଇବେ ବୋଲି କହିବା ସହିତ କିପରି ପଞ୍ଚାୟତରେ ଭତ୍ତା ଟଙ୍କା ପାଇ ପାରିବେ ତାହା ଚେଷ୍ଟା କରିବେ ।

## ଯୋଗାଣ ବିଭାଗ ପକ୍ଷରୁ ହୋଟେଲ ଓ ଜଳଖିଆ ଦୋକାନ ଉପରେ ଚଢ଼ାଉ



କେନ୍ଦ୍ରାପଡ଼ା,୧୬।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଇନ୍ଧନ ଗ୍ୟାସ କଳାବଜାରୀ ହେଉଥିବାର ଅଭିଯୋଗ ହେବା ପରେ ଜିଲ୍ଲାପାଙ୍କ ନିର୍ଦ୍ଦେଶରେ ଯୋଗାଣ ବିଭାଗ ପକ୍ଷରୁ ସହରର ହୋଟେଲ ଓ ଜଳଖିଆ ଦୋକାନ ମାନଙ୍କରେ ଚଢାଉ କରାଯାଇ ଗ୍ୟାସ ଜବତ କରିବା ସହିତ ଜରିମାନା କରାଯାଇଛି । ମିଳିଥିବା ସୂଚନା ଅନୁଯାଇ ଦୁହୁରିଆ ଠାରୁ ଇଛାପୁର ପର୍ଯ୍ୟନ୍ତ ବଡ ବଡ ହୋଟେଲ ରେ କମରସିଆଲ ଗ୍ୟାସ ବ୍ୟବହାର ନକରି ଘରୋଇ ଗ୍ୟାସ ବ୍ୟବହାର କରୁଥିବାର ଦେଖିବାକୁ ପାଇଥିଲେ । ଉପ ଜିଲ୍ଲପାଳ ଅରୁଣ କୁମାର ନାୟକ ଓ ଜିଲ୍ଲା ଯୋଗାଣ ବେସାମରିକ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲା ଯୋଗାଣ ବେସାମରିକ ଅଧିକାରୀ ପ୍ରିତମ ଦାସ, ପ୍ରଦିପ କୁମାର ଦାସ ବିଭିନ୍ନ ହୋଟେଲ ଓ ଜଳଖିଆ ଦୋକାନ ଉପରେ ଚଢାଉ କରି ବେଆଇନ ଭାବେ ବ୍ୟବହାର କରୁଥିବା ଘରୋଇ ଗ୍ୟାସ ସିଲିଣ୍ଡରକୁ ଜବତ କରିଥିବା ଜଣାପଡିଛି । ଏହି ଚଢାଉ ସମୟରେ ଏସିଏସ୍ଓ ପୁନମ ଜେନା, ଦେବଶ୍ରୀ ମାତ୍ରା ପ୍ରମୁଖ ସହଯୋଗ କରିଥିଲେ ।

## ଅଜଣା ଆକାଉଣ୍ଟରୁ ପଇସା ଆସିଲା, ବ୍ୟାଙ୍କ ଖାତା ସିଲ ଅଭିଯୋଗ

କେନ୍ଦ୍ରାପଡ଼ା,୧୬।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ନିକିରାଇ ଥାନା ଅନ୍ତର୍ଗତ ନଳପାରୀ ଗ୍ରାମର ପ୍ରଭାତ ମଲିକଙ୍କ ଏଚଡିଏଫସି ବ୍ୟାଙ୍କ ଆକାଉଣ୍ଟ ଖାତାକୁ ଏକ ଅଜଣା ଆକାଉଣ୍ଟରୁ ୩୮୯୭ ଟଙ୍କା ଆସିବାରୁ ବ୍ୟାଙ୍କ କତୃପକ୍ଷ ପ୍ରଭାତଙ୍କ ବ୍ୟାଙ୍କ ଖାତାକୁ ଅଚଳ କରିଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ, ପ୍ରଭାତଙ୍କ ବ୍ୟାଙ୍କ ଆକାଉଣ୍ଟ ଖାତାକୁ ଗତ ଫେବୃଆରୀ ୯ ତାରିଖ ୧୯୫୦ ଟଙ୍କା ଓ ୧୬.୧୧.୨୫ ରେ ୧୯୪୭ ଟଙ୍କା ଆସିଥିବା ଜାଣିବା ପରେ ବ୍ୟାଙ୍କ କତୃପକ୍ଷ ପ୍ରଭାତଙ୍କ ବ୍ୟାଙ୍କ ଖାତାକୁ ଅଚଳ କରି ଦେଇଥିବାରୁ ପ୍ରଭାତ ଜଣେ ଦିନ ମଜୁରିଆ ଭାବେ କାମ କରୁଛନ୍ତି ଏ ବିଷୟରେ ତାଙ୍କର କୌଣସି ଅଭିଜ୍ଞତା ନଥିବାରୁ ସେ ବ୍ୟାଙ୍କ ଖାତା ଅଚଳ ହେବାର ଜାଣି ପାରିନଥିଲେ । ବ୍ୟାଙ୍କ କତୃପକ୍ଷଙ୍କ ସହ ଯୋଗାଯୋଗ କରିବାରୁ ବ୍ୟାଙ୍କ କତୃପକ୍ଷ ତାଙ୍କୁ ତମ ବ୍ୟାଙ୍କ ଖାତାକୁ ଅଜଣା ଟଙ୍କା ଆସିଥିବାର ପ୍ରକାଶ କରିଥିଲେ । ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ତାଙ୍କ ବ୍ୟାଙ୍କ ଖାତାକୁ ପୁନଃ ପ୍ରଚଳନ କରିବା ପାଇଁ ସେ ସାଇବର ଥାନାରେ ଅନୁରୋଧ କରିଛନ୍ତି ।

## ମାହାଙ୍ଗାରେ ରାଷ୍ଟ୍ରୀୟ ଲୋକ ଅଦାଲତ

ମାହାଙ୍ଗା,୧୬।୩ (ସଂଚାର ବ୍ୟୁରୋ): ମାହାଙ୍ଗା କୋର୍ଟ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ମାର୍ଚ୍ଚ ୧୪ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା କନିଷ୍ଠ ଦେୱାନୀ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶର୍ମିଷ୍ଠା ଜେନା ଉଦ୍‌ଘାଟନ କରିବା ସହିତ ଲୋକ ଅଦାଲତ ପରିଚାଳନା କରିଥିଲେ। ଉକ୍ତ ଅଦାଲତରେ ୪୨ଟି ଫୌଜଦାରୀ ମାମଲା, ୨ଟି




ଘରୋଇ ହିଂସା ଓ ବ୍ୟାଙ୍କ ରିକଭରୀ ବାବଦକୁ ୪୫ ହଜାର ଟଙ୍କା ସ୍ଥିର କରାଯାଇଥିଲା। ସମସ୍ତ ମାମଲାକୁ ବିଚାରପତି ଶ୍ରୀମତୀ ଜେନା ଫଇସଲା କରିଥିଲେ। ଉକ୍ତ ଲୋକ ଅଦାଲତକୁ ସରକାରୀ ଓକିଲ ସୁଶାନ୍ତ କୁମାର ମହାନ୍ତି, ଆଇନଜୀବୀ ଦୀପକ କୁମାର ମହାନ୍ତି, ଜତିନ୍ଦ୍ର କୁମାର ମହାନ୍ତି, ନରୋତମ ନାୟକ, ପ୍ରମୋଦ କୁମାର ବାରିକ, ପ୍ରଦୀପ୍ତ କୁମାର ସେଠୀ, ରାମକୃଷ୍ଣ ସାହୁ ଓ ଅକ୍ଷୟ କୁମାର ସ୍ୱାଇଁ ସମେତ ମାହାଙ୍ଗା କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ।

## 'ଆମ ଗାଁ ଉତ୍ସବ' ଉଦ୍‌ଘାଟିତ



ଡେରାବିଶ,୧୬।୩ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଜହଙ୍ଗର ସ୍ଥିତ ମା' କ୍ଷେତ୍ରପାଳିନୀଙ୍କ ମନ୍ଦିର ପ୍ରାଙ୍ଗଣରେ ଦ୍ୱିତୀୟ ବାର୍ଷିକ 'ଆମ ଗାଁ ଉତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବକୁ କମିଟିର ସଭାପତି ସୁନିଲ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅବରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ତଥା ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଶାସନ ସଚିବ ଡକ୍ଟର ଭକ୍ତକବି ଦାସ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

ଶ୍ରୀ ଦାସ ତାଙ୍କର ଉଦ୍‌ଘାଟନୀ ଭାଷଣରେ ଏହି ଉତ୍ସବ ଗ୍ରାମର ଏକତା ବୃଦ୍ଧି କରିବା ସହିତ ଗ୍ରାମର ଲୋକ ସଂସ୍କୃତି, ଲୋକନୃତ୍ୟ, ଲୋକସଙ୍ଗୀତ ଓ ପାରମ୍ପରିକ ପ୍ରଥାକୁ ନୂତନ ପିଢ଼ୀଙ୍କ ନିକଟରେ ପରିଚିତ କରାଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ବରିଷ୍ଠ ଅଧ୍ୟାପକ ଗୁରୁଚରଣ ସେଠୀ ତାଙ୍କ ବକ୍ତବ୍ୟରେ ଏହି ଉତ୍ସବ ଆୟୋଜନରେ ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ସାମାଜିକ ମୂଲ୍ୟବୋଧ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ଓ ଗ୍ରାମ ଉନ୍ନତିରେ ପ୍ରେରଣା ଯୋଗାଇଥାଏ। ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ଦୀପକ କୁମାର ଓଝା, ପଲେଇ ସରଂପଚ ଅକ୍ଷୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ସଞ୍ଜୟ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରାଜକିଶୋର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ଶରତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ପରେ ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲ। ଶେଷରେ ମା' କ୍ଷେତ୍ରପାଳିନୀ ସାଂସ୍କୃତିକ କଳା ପରିଷଦ ଆନୁକୂଲ୍ୟରେ 'କିଏ କାନ୍ଦିନାହିଁ ହାତଟେକ' ଡ୍ରାମା ପରିବେଷଣ କରାଯାଇଥିଲା। ପାଞ୍ଚଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଉତ୍ସବରେ ପୂଜ୍ୟପୂଜା, ସମ୍ବର୍ଦ୍ଧନା, ସାଂସ୍କୃତିକ କାର୍ଯ୍ୟକ୍ରମ, ପାରମ୍ପରିକ କଳା ପ୍ରଦର୍ଶନ ସହିତ ଓଡ଼ିଆ ଚଳଚିତ୍ର କଳାକାରମାନଙ୍କ ଦ୍ୱାରା କଳା ପ୍ରଦର୍ଶିତ ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ଜଣାଇଛନ୍ତି।

## ଭୂଇଁପୁର ନଦୀବନ୍ଧ ସୁରକ୍ଷା କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ଦାବି

କେନ୍ଦ୍ରାପଡ଼ା,୧୬।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ଆଳୀ ଅଞ୍ଚଳରେ ନଦୀ ତଟବନ୍ଧ ବିଭାଜନ ଦ୍ୱାରା ଭୁଇଁପୁର୍ ପଞ୍ଚାୟତ ଖରସ୍ରୋତା ନଦୀବନ୍ଧ (କାଣି ଖରସୁଆଁ) ସୁରକ୍ଷା ପାଇଁ ଚାଲିଛି କାର୍ଯ୍ୟ। ପଥର ପ୍ୟାକିଂ, ଲଞ୍ଚିଂ, ଡମ୍ପିଂ, ପଥର ସ୍ତର ନିର୍ମାଣ ପାଇଁ ପାଖାପାଖି ଦେଢ଼ କିଲୋମିଟର ପର୍ଯ୍ୟନ୍ତ ୮୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇସାରିଲାଣି। କାର୍ଯ୍ୟ ସ୍ଥଳରେ ମେଷ୍ଟାଲ ପଥର, ମାଟି ପୁରାଇ ସ୍ତର ନିର୍ମାଣ ହୋଇଥିବା ବେଳେ ଦେଖାଇବାକୁ ମାତ୍ର କିଛିଟା ବଡ଼ ପଥର ଉପରେ ଖପା ଯାଇଛି। ସେହିଭଳି ପୂର୍ବରୁ ମଜବୁତର ସହ ଥିବା ପଥର ସ୍ତର ଉପରେ ମାଟି ଛିଞ୍ଚି ନିମ୍ନମାନର ଛୋଟ ପଥର ଲାଗିବା ଘଟଣା ନଦୀ ତଟବନ୍ଧ ବିଭାଜନର କାର୍ଯ୍ୟ ବେଖିଆଲି ନୀତିରେ ଚାଲୁଛି ବୋଲି ପ୍ରମାଣିତ ହୋଇଛି।

ଏହି ନଦୀ ସୁରକ୍ଷା କାର୍ଯ୍ୟ ପାଇଁ ପାଖାପାଖି ୧୧ କୋଟି ୬୬ ଲକ୍ଷ୍ୟ ଟଙ୍କା



ଖର୍ଚ୍ଚ କରାଯାଉଥିବା ବେଳେ ଏହାର କାର୍ଯ୍ୟକାଳ ସମୟ ୨୩/୦୧/୨୦୨୬ ଥିବା ବେଳେ ଏପର୍ଯ୍ୟନ୍ତ ସରୁନାହିଁ । ପଥର ସ୍ତର ଭିତରେ ଚୁନା ପଥର ଗୁଣ୍ଡ ମାଟି ଧସା ବାଲି ପୁରାଇ ସ୍ତର ନିର୍ମାଣ ହେଉଛି ହେଲେ ଏହାର ତଦନ୍ତ କାହିଁକି ହେଉନାହିଁ, କିଏ ଏହି ନଦୀବନ୍ଧ ସୁରକ୍ଷା କାର୍ଯ୍ୟର ଏସଡିଓ ଏବଂ ବିଭାଗୀୟ ଯନ୍ତ୍ରୀ ଅଛନ୍ତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସହ ନଦୀ ସୁରକ୍ଷା କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି ଯୁବ ନେତା ତଥା ସୂଚନା ଅଧିକାର ଅଭିଯାନ ସଦସ୍ୟ ଉମେଶ ପାଢ଼ୀ ।

### ଭତ୍ତା ଟଙ୍କା କ୍ୟାସବୁକ୍ ପାଇଁ ଝାମେଲା

# ପିଇଓଙ୍କୁ ପିଟିଲେ ସରପଞ୍ଚଙ୍କ ସ୍ୱାମୀ

ମହାକାଳପଡ଼ା,୧୬।୩(ସଂଚାର ବ୍ୟୁରୋ): ଭତ୍ତା ଟଙ୍କା କ୍ୟାସବୁକ୍‌କୁ କେନ୍ଦ୍ର କରି ଜଣେ ସରପଞ୍ଚଙ୍କ ସ୍ୱାମୀ ପଞ୍ଚାୟତର ଜଣେ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ମାଡ଼ ମାରିବା ସହିତ ଧମକ ଦେଇଥିବା ପିଇଓ ଜଣକ ବିଡିଓଙ୍କ ନିକଟରେ ନ୍ୟାୟ ପାଇଁ ଲିଖିତ ଅଭିଯୋଗ କରିଛନ୍ତି।

ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାଜଗଡ଼ ପଞ୍ଚାୟତର ପିଇଓ ମୃତ୍ୟୁଞ୍ଜୟ ରାଉତ ବିଡ଼ିଓଙ୍କୁ ଦେଇଥିବା ଅଭିଯୋଗ ଅନୁଯାୟୀ, ୧୬ ଫେବୃଆରୀ ଦିନ ସେ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ସମୟରେ ସେହି ପଞ୍ଚାୟତର ସରପଞ୍ଚ ମମତା ସାମଲଙ୍କ ସ୍ୱାମୀ ଅଶୋକ କୁମାର ମହାପାତ୍ର ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ଭତ୍ତା କ୍ୟାସ୍ ବୁକ୍ ମାଗିଥିଲେ। ଘରକୁ ସରକାରୀ କ୍ୟାସ୍ ବୁକ୍ କଣ ପାଇଁ ନେବ ବୋଲି ପିଇଓ ଅଶୋକଙ୍କୁ ପ୍ରଶ୍ନ କରିବାରୁ ତାଙ୍କ ସ୍ତ୍ରୀ ସରପଞ୍ଚ, ତେଣୁ ସେ ଘରେ କ୍ୟାସ୍ ବୁକ୍ ଦେଖିଲା ପରେ ଦସ୍ତଖତ ଦେବ ବୋଲି କହିଥିଲେ। ହେଲେ ସରକାରୀ କାଗଜପତ୍ର ଘରକୁ ଦିଆଯାଇ ପାରିବ ନାହିଁ ବୋଲି

**ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କଲେ ପିଇଓ**

ମୃତ୍ୟୁଞ୍ଜୟ ତାଙ୍କୁ ମନା କରିବା ପରେ ସରପଞ୍ଚଙ୍କ ସ୍ୱାମୀ ବିରକ୍ତି ଭାବ ପ୍ରକାଶ କରି ରାଗିକି ସେଠାରୁ ପଳାଇ ଆସିଥିଲେ।

ଏହି ଘଟଣାକୁ ରାଗ ରଖି ୧୨ ମାର୍ଚ୍ଚ ଦିନ ମୃତ୍ୟୁଞ୍ଜୟ ପଞ୍ଚାୟତ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ କରୁଥିବା ସମୟରେ ସରପଞ୍ଚଙ୍କ ସ୍ୱାମୀ ସରପଞ୍ଚଙ୍କୁ ସାଙ୍ଗରେ ଧରି ପଞ୍ଚାୟତ ଅଫିସରେ ପହଞ୍ଚି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଧକ୍କା ମାରି, ସାର୍ଟର କଲରକୁ ଧରି ଟଣାଓଟରା କରିବା ସହ ବିଧା ଚାପୁଡ଼ା ଆଦି ମାରିଥିଲେ। ଏଥିସହିତ ମୋବାଇଲ୍ ଛଡ଼ାଇ ତଳେ ଫୋପାଡି ଦେବାରୁ ତାଙ୍କ ମୋବାଇଲ୍ ଫାଟିଯାଇଥିବା ମଧ୍ୟ ସେ ଅଭିଯୋଗରେ ଦର୍ଶାଇଛନ୍ତି। କେବଳ ସେତିକି ନୁହେଁ ତାଙ୍କ ଉପରେ ଏଥର ମାଡ଼ ହେବ ବୋଲି ସରପଞ୍ଚଙ୍କ ସ୍ୱାମୀ ତାଙ୍କୁ ଧମକ ଦେଇଥିବା ସେ ଉଲ୍ଲେଖ କରିଛନ୍ତି। ଏନେଇ ୧୩ ଫେବୃଆରୀ ଦିନ ପିଇଓ ଜଣକ ନ୍ୟାୟ ପାଇଁ ମହାକାଳପଡ଼ା ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ପାଇବା ପରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ (ଜିପିଡିଓ)ଙ୍କୁ ବିଡ଼ିଓ ନିର୍ଦ୍ଦେଶ ଦେଇଛନ୍ତି।

## ଓଡ଼ିଶା ଲୋକ ଦଳ ତରଫରୁ ସାଧାରଣ ସଭା

ପାରାଦୀପ,୧୬।୩ (ସଂଚାର ବ୍ୟୁରୋ): ବହୁ ଚର୍ଚ୍ଚିତ ଢ଼ିଙ୍କିଆ ଚାରିଦେଶ ଅଞ୍ଚଳସ୍ଥ ଢ଼ିଙ୍କିଆ ଠାରେ ଓଡିଶା ଲୋକ ଦଳ ତରଫରୁ ଏକ ସାଙ୍ଗଠନିକ ସାଧାରଣ ସଭା ରାଜ୍ୟ ସଭାପତି ସନ୍ତୋଷ ନାରାୟଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନୀୟ ଅତିଥି ରାଜ୍ୟ କୃଷକ ସାମୁଖ୍ୟର ସଭାପତି ସୁଶାନ୍ତ ଶେଖର ସ୍ୱାଇଁ ଓ ମୁଖ୍ୟବକ୍ତା ଭାବେ ରାଜ୍ୟ ଯୁବ-ଛାତ୍ର ସାମୁଖ୍ୟ ସଭାପତି ପ୍ରିୟବ୍ରତ ନାୟକ ଓ ରାଜ୍ୟ ଛାତ୍ର ସାମୁଖ୍ୟ ସଭାପତି ଅଭିଷେକ ଦାଶ ଯୋଗ ଦେଇ ପାରାଦୀପ ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବା ଶିଳ୍ପସମୂହଙ୍କ ଅଞ୍ଚଳ ମାରଣ ନୀତିର ତୀବ୍ରନିନ୍ଦା କରିବା ସହିତ ଜେଏସଡବ୍ଲୁ କମ୍ପାନୀ ଯେଉଭଳି ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟିକରି ବନ୍ୟପ୍ରାଣୀଙ୍କୁ ମାରିଚାଲିଛି, ସେଥିପ୍ରତି ଦଳ ସାରାରାଜ୍ୟରେ ଆନ୍ଦୋଳନ କରି ଢ଼ିଙ୍କିଆ ଚାରିଦେଶ ସାଧାରଣ ଜନତାଙ୍କୁ ନ୍ୟାୟ ପ୍ରଦାନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଢ଼ିଙ୍କିଆ ଚାରିଦେଶ ଅଞ୍ଚଳ




ଧାନ, ପାନ, ମୀନର କୃଷିଜାତ ଅଞ୍ଚଳ ହୋଇଥିଲେ ମଧ୍ୟ ଆଜି ଅଞ୍ଚଳରେ ବେରୋଜଗାରୀ, ଦରିଦ୍ରତା, ଦୂରାରୋଗ ବ୍ୟାଧିରେ ପୀଡ଼ିତ ହୋଇ ସାଧାରଣ ଜନତା ଅକାଳ ମୃତ୍ୟୁର ଶିକାର ହେବାରେ ଲାଗିଛନ୍ତି ବୋଲି ଶ୍ରୀଯୁକ୍ତ ସ୍ୱାଇଁ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ ବର୍ଦ୍ଧନ, ଜିତେନ୍ଦ୍ର ପ୍ରସାଦ ଦାଶ, ଆଲୋକ ମଲ୍ଲିକ, ସର୍ବେଶ୍ୱର ମଲ୍ଲିକ, ଅଭୟ ମଲ୍ଲିକ, ଲିପୁ ଦାସ, ପୀତବାସ ଦାସ,ପ୍ରଶାନ୍ତ ଦାସ,ଭଗବାନ ରଣା, ରଶ୍ମିରଂଜନ ମହାପାତ୍ର, ଅଭିଷେକ ବର୍ଦ୍ଧନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଖେଳ ପଡ଼ିଆରୁ ମାଟିଉଠାକୁ ନେଇ ଉତ୍ତେଜନା

### ଜେସିବିକୁ ଅଟକ ରଖି କାମ ବନ୍ଦ କଲେ ଗ୍ରାମବାସୀ

ରାଜକନିକା,୧୬।୩(ସଂଚାର ବ୍ୟୁରୋ): କନିକା ତହସିଲ ଅନ୍ତର୍ଗତ ସବୁ ରାଜସ୍ୱ ସର୍କଲରେ ମାଟି ମାଫିଆ ସକ୍ରିୟ ଥିବା ବେଳେ ଆଜି ଦେଉଳତରା ପଞ୍ଚାୟତ ମୁରାଦପୁର ମୌଜା ଗୋଚର (ଖେଳପଡିଆ)ରୁ ମାଟି ଖୋଳୁଥିବା ଏକ ଜେସିବିକୁ ଗ୍ରାମବାସୀଙ୍କ ପକ୍ଷରୁ ଅଟକ ରଖାଯାଇଛି । ତେବେ କୌଣସି ଏକ କଲଭର୍ଟ ନିର୍ମାଣ ନିମନ୍ତେ ଠିକାଦାର ଏଠାରୁ ମାଟି ଖୋଳି ନେଉ ଥିବାର ଜାଣି ଦୁଇ ଦିନ ତଳେ ଗାଁଲୋକେ ବନ୍ଦ କରିଥିବା ସତ୍ତେ ଆଜି ପୁନର୍ବାର ପଡିଆ ତାଡି ମାଟି ନେବା ବେଳେ ଗ୍ରାମବାସୀ ଅଟକାଇ ଥିଲେ। ଯାହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଗ୍ରାମବାସୀଙ୍କ କହିବା କଥା ଆମ ଗାଁ ଖେଳ ପଡିଆରେ ତିନି ଗାଁର ଗାଈଗୋରୁ ଚରିବୁଲି ଘାସ ଖାଇ ଥାଆନ୍ତି। ଆମ ଗ୍ରାମର ତାରିଣୀ ପୀଠରେ ମାଟି ଆବଶ୍ୟକତା ଥିବା ସତ୍ତ୍ୱେ ଆମେ ମୁଠାଏ ମାଟି ନେବାକୁ ଉଚିତ୍ ମଣୁ ନାହୁଁ। ଅଥଚ ପଦାରୁ ଆସି ଶହ ଶହ ଟ୍ରିପ୍ ମାଟି ବୋହି ନେବା ଆମକୁ ବ୍ୟଥିତ କରୁଛି। ହେଲେ ଦେଉଳତରା ପଞ୍ଚାୟତ ସରପଞ୍ଚ ସଞ୍ଜୟ ପଣ୍ଡା ପହଞ୍ଚି ମାଟି ଖୋଳିବାକୁ ସେ କହିଛନ୍ତି ବୋଲି କହିବା ପରେ ଗ୍ରାମବାସୀ ଚିହିଁକି ଉଠିଥିଲେ। କିଛି ସମୟ ପାଇଁ ସରପଞ୍ଚଙ୍କ ସହ ଉପସ୍ଥିତ ଲୋକେ ଯୁକ୍ତିତର୍କ କରି ତାଙ୍କର ଟିପ୍ପଣୀକୁ ନାପସନ୍ଦ କରିଥିଲେ। ତେବେ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ମାଟି ଖୋଳା ବନ୍ଦ ହୋଇଯାଇଥିଲା।

ମିଳିଥିବା ସୂଚନାନୁଯାୟୀ ସରକାରୀ ଜମିରୁ ମାଟି ବେଆଇନ ଭାବେ ଖୋଳା ଯିବାକୁ ନେଇ ତହସିଲ,ଖଣି ବିଭାଗ ପକ୍ଷରୁ କେତେକ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ରହିଛି । ଯାହାକୁ



କି ପାଳନ କରିବା ବିଧେୟ। ହେଲେ କେତେକ ଅମାନିଆ ଗାଡି ମାଲିକ ତାହାକୁ ନ ମାନି ନିଜ ମର୍ଜିରେ ମାଟି ବୋହୁଛନ୍ତି। ଏ ସମ୍ପର୍କରେ କନିକା ତହସିଲଦାର ଭାନୁମତୀ ମାଝିଙ୍କୁ ପଚାରିଲାରୁ ସେ କିଛି ଜାଣନ୍ତି ନାହିଁ କହିବା ସହ ସ୍ଥାନୀୟ ରାଜସ୍ୱ ନିରିକ୍ଷକ କରୁଣାକର ମଲିକ ବି ଏନେଇ ଅବଗତ ନାହାନ୍ତି ବୋଲି କହିଥିଲେ । ହେଲେ ଦୁଇ ରାଜସ୍ୱ ଅଧିକାରୀଙ୍କ ବିନା ଅନୁମତିରେ ସରକାରୀ ଗୋଚର ଅନାବାଦୀ ଜମିରୁ ବେଆଇନ ଭାବେ ମାଟି ଉଠାଣକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଧ୍ୱଂସାଭିମୁଖୀ ଐତିହ୍ୟବାହୀ ବରାହଜୀ ମନ୍ଦିର

### ବର୍ଷାରେ ଛାତରୁ ଗଳୁଛି ପାଣି

### ନୀତିକାନ୍ତି ପାଇଁ ସର୍ବନିମ୍ନ ଅର୍ଥର ଅଭାବ

### ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟିଛି ମନ୍ଦିର ପଛରେ ଥିବା ପୋଖରୀ



ଯାଜପୁର ଟାଉନ,୧୬।୩ (ସଂଚାର ବ୍ୟୁରୋ): ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ଜୀବନ୍ତ ସାକ୍ଷୀ ହେଉଛି ବିଭିନ୍ନ ପୁରାତନ ମନ୍ଦିର ଓ ମଠ। ଏହାର ସୁରକ୍ଷା ଓ ବିକାଶ ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ ହେଉଥିବାବେଳେ ଯାଜପୁର ଜିଲ୍ଲାର ପ୍ରସିଦ୍ଧ ବରାହଜୀ ମନ୍ଦିର ଏବେ ଅବହେଳିତ ଅବସ୍ଥାରେ ଧ୍ୱଂସାଭିମୁଖୀ। ଚତୁର୍ଥ ଶତାବ୍ଦୀ ସମୟରେ ନିର୍ମିତ ଏହି ପ୍ରାଚୀନ ମନ୍ଦିରରେ ବର୍ତ୍ତମାନ ଗଭୀର ଫାଟ ଦେଖାଦେଇଛି। ବର୍ଷା ହେଲେ ଛାତରୁ ପାଣି ଗଳୁଥିବା ସହ ଗର୍ଭଗୃହରେ ସିଂହାସନ ନିକଟରେ ପାଣି ଜମି ରହୁଛି। ପାଣି ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ମନ୍ଦିରର ସ୍ଥିତି ଦିନକୁଦିନ ଦୟନୀୟ ହେଉଛି। ଏପରି ପରିସ୍ଥିତିରେ ଠାକୁରଙ୍କ ଦୈନନ୍ଦିନ ନୀତିକାନ୍ତି ବନ୍ଦ ହେବାର ଆଶଙ୍କା ସୃଷ୍ଟି ହୋଇଛି।

ପୁଣ୍ୟତୋୟା ବୈତରଣୀ ନଦୀ କୂଳରେ ଅବସ୍ଥିତ ଏହି ପୁରାତନ ବରାହଜୀ ମନ୍ଦିରର ଦୟନୀୟ ଅବସ୍ଥା ନେଇ ବାରମ୍ବାର ଉଦ୍‌ବେଗ ପ୍ରକାଶ ପାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଗୁରୁତର ପଦକ୍ଷେପ ନିଆଯାଇନାହିଁ। ପ୍ରତ୍ନତତ୍ତ୍ୱ ବିଭାଗ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଥିଲେ ମଧ୍ୟ ଆଖି ଦୃଶିଆ ଉନ୍ନତି ହୋଇନଥିବା ଅଭିଯୋଗ ଉଠିଛି।

ସୂଚନା ଅନୁସାରେ ମନ୍ଦିରରେ ଶ୍ୱେତ ବରାହ ଓ ଯଜ୍ଞ ବରାହ ମୂର୍ତ୍ତି ପୂଜା ପାଉଥିବାବେଳେ ଲକ୍ଷ୍ମୀ ଓ ଜଗନ୍ନାଥଙ୍କର ମଧ୍ୟ ନୀତିକାନ୍ତି ଚାଲିଆସୁଛି। କିନ୍ତୁ ଆଦି ବରାହ ମୂର୍ତ୍ତି ସମ୍ପର୍କରେ ବିଭିନ୍ନ ମତ ରହିଛି। କେତେକଙ୍କ ମତାନୁସାରେ ଏହା ଚୋରି ହୋଇଥିବାବେଳେ ଅନ୍ୟମାନେ କହୁଛନ୍ତି ଏହା ପାତାଳଗାମୀ ହୋଇଛି। ଲକ୍ଷ୍ମୀ ବରାହ ମୂର୍ତ୍ତି ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି ଅଞ୍ଚଳରେ ପୂଜା ପାଉଥିବା ସୂଚନା ମିଳିଛି। ମନ୍ଦିର ପରିସରରେ ଥିବା ଆଣ୍ଠୁଆ ଗୋପାଳ, ବିମଳା, ନବଗ୍ରହ ଓ ଚୈତନ୍ୟ ପାଦୁକା ସ୍ଥାନ ପାଇଥିବା ପାର୍ଶ୍ୱ ମନ୍ଦିରଗୁଡ଼ିକର କବାଟ ମଧ୍ୟ ନଷ୍ଟ ହେବାକୁ ବସିଲାଣି। ମନ୍ଦିର ପଛପଟରେ ଥିବା ପୋଖରୀ ଦୀର୍ଘଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହି ଏହା ଏବେ ନିଶାସକ୍ତ ଯୁବକମାନଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଥିବା ଅଭିଯୋଗ ମଧ୍ୟ ଉଠିଛି।

ମନ୍ଦିରର ଦୈନନ୍ଦିନ ନୀତିକାନ୍ତି ପାଇଁ ଆବଶ୍ୟକ ସର୍ବନିମ୍ନ ଅର୍ଥର ବ୍ୟବସ୍ଥା ନଥିବାରୁ ପରିଚାଳନାରେ ଘୋର ସମସ୍ୟା ସୃଷ୍ଟି ହେଉଛି। ଏହି ମନ୍ଦିର ପ୍ରତି ଅବହେଳାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ, ଭକ୍ତ ଓ ପୂଜକ ପରିବାର ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ପରିସ୍ଥିତିରେ ଏହି ମନ୍ଦିରର ତୁରନ୍ତ ମରାମତି ଓ ଉନ୍ନତି ପାଇଁ ଜିଲ୍ଲା ପ୍ରଶାସନ ଓ ସରକାର ତତ୍କାଳ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ବ୍ୟାସ-ସରୋବରରେ ପୁଲିସ୍ ବିଟ୍ ହାଉସ୍ ନିର୍ମାଣ ଦାବି

ଯାଜପୁର ରୋଡ଼, ୧୬।୩ (ସଂଚାର ବ୍ୟୁରୋ): ବ୍ୟାସନଗରରେ ଅପରାଧୀମାନଙ୍କ ପେଣ୍ଠସ୍ଥଳୀକୁ ନଷ୍ଟ କରିବା ଓ ବେଆଇନ ନିଶା କାରବାରରେ ଜଡିତ ମାଫିଆଙ୍କ ସାମ୍ରାଜ୍ୟରେ ବ୍ରେକ ଲଗାଇବା ଲାଗି ଯାଜପୁର ରୋଡ଼ ଥାନା ପକ୍ଷରୁ ସହରରେ ଚାଲିଥିବା କଡା ପାଟ୍ରୋଲିଂ ଯୋଗୁଁ ଅପରାଧୀ ଓ ମାଫିଆମାନେ ବ୍ୟାସ-ସରୋବର ଐତିହାସିକ ଧର୍ମ-ପୀଠର ଏରିଆକୁ ନିଜର ଠିକଣା ରୂପେ ଏବେ ବ୍ୟବହାର କରୁଥିବା ନେଇ ଆଲୋଚନା ଚାଲିଛି। ତେଣୁ ଏଠାରେ ଏକ ପୁଲିସ ବିଟ୍ ହାଉସ୍ ନିର୍ମାଣ ଲାଗି ବିଭିନ୍ନ ମହଲରୁ ଦାବି ହେଉଛି।

ଏହି ସ୍ଥାନକୁ ଅଂଚଳବାସୀମାନେ ବିଭିନ୍ନ କାର୍ଯ୍ୟକ୍ରମ କରିବା ଲାଗି ଅନେକ ସମୟରେ ବ୍ୟବହାର କରନ୍ତି। ଏଠାରେ ମୁହଁଅନ୍ଧାର ହେଲାମାତ୍ରେ ନିଶାଡ଼ି, ଅସାମାଜିକ ବ୍ୟକ୍ତିମାନେ ଏକାଠି ହୋଇ ଅପରାଧର ଯୋଜନାମାନ ପ୍ରସ୍ତୁତ କରିବା ପାଇଁ ନିରାପଦ ସ୍ଥାନରୂପେ ବାଛିଥାନ୍ତି। ଫଳରେ ଲୋକେ ସଂନ୍ଧ୍ୟା ପରେ ଏହି ଐତିହ ପୀଠସ୍ଥାନକୁ ଯିବାକୁ ଭୟ କରନ୍ତି । ଏହି ସ୍ଥାନରେ



ଜଗନ୍ନାଥ ମନ୍ଦିର, ଅଲେଖବାବା ମହିମା ମଠ, ପାର୍କ, ଜଙ୍ଗଲ, ଆମ୍ବତୋଟା, କମ୍ପୋଟିଂ ସେଟର ଓ ଗଣ୍ଡାନାଳ ପ୍ରଭୃତି ସ୍ଥାନ ରହିଛି । ଯାହାଦ୍ୱାରା ବହୁ ସଂଖ୍ୟକ ଜନସାଧାରଣ ପର୍ବପର୍ବାଣି ଓ ନବବର୍ଷ ଆସିଲେ ଏହି ସ୍ଥାନକୁ ଘୁରିବାକୁ ଆସିଥାନ୍ତି। ତେବେ ଏହି ଅଂଚଳରେ ବେଆଇନ ନିଶା କାରବାର ବଢ଼ି ଚାଲିଥିବାରୁ ମଦୁଆ, ଧଳା ଜହର ସେବନକାରୀଙ୍କ ଚରାଭୂମି ଏହି ସ୍ଥାନଟି ଏବେ ପାଲଟୁଥିବା କଥା ଧିରେଧିରେ ପଦାରେ ପଡୁଛି। ଏଭଳି ସ୍ଥିତିରେ ଏଠାରେ ଏକ ପୁଲିସ୍ ଆଉପୋଷ୍ଟ ତଥା ପୁଲିସ ବିଟ୍ ହାଉସ୍ ସ୍ଥାପନ ଆବଶ୍ୟକତା ରହିଥିବା ନେଇ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।



ସୋମବାର ଓଡ଼ିଶା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି। ଏନେଇ ପ୍ରଧାନମନ୍ତ୍ରୀ 'ଏକ୍ସ'ରେ ସୂଚନା ଦେଇଛନ୍ତି।

### ରଥଯାତ୍ରା ନିୟନ୍ତ୍ରିତ କରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

# ବଡ଼ଦାଣ୍ଡରେ ୮ ସ୍ଥାନରେ ରହିବ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର

ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ଆଗାମୀ ଜୁନ୍‌ରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ତୃତୀୟ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟାରେ ଲୋକସେବା ଭବନସ୍ଥିତ ସମ୍ମିଳନୀରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ରଥଯାତ୍ରା ପ୍ରସ୍ତୁତି ସଂପର୍କରେ ଆଗୁଆ ପଦକ୍ଷେପ ନେବାକୁ ଗତ ଜାନୁଆରୀ ମାସ ୧୩ ତାରିଖରେ ପ୍ରଥମ ବୈଠକ ଓ ଫେବୃଆରୀ ୧୭ ତାରିଖରେ ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ବୈଠକମାନଙ୍କର ନିଷ୍ପତ୍ତି କେତେଦୂର କାର୍ଯ୍ୟକାରୀ ହୋଇଛି ସେ ସଂପର୍କରେ ବୈଠକରେ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି।



ରଥଯାତ୍ରା ସମୟରେ ପୁରୀ ବଡ଼ଦାଣ୍ଡରେ ଉଭୟ ପଟରେ ପ୍ରମୁଖ ୮ ଟି ସ୍ଥାନରେ ଅସ୍ଥାୟୀ ଡ଼ାକ୍ତରୀ ଚିକିତ୍ସା ସୁବିଧା ସେବା କେନ୍ଦ୍ର ରହିବ। ସେଠାରେ ଜରୁରୀ ଆବଶ୍ୟକତା ସେବା ପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞ ରହିବେ। ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ପାଇଁ କେବଳ ଗୋଟିଏ ପଟକୁ ଆମ୍ବୁଲାନ୍ସ ନିର୍ଦ୍ଦିଷ୍ଟ ପଟରେ ଥିବା ଚିକିତ୍ସା କେନ୍ଦ୍ରକୁ ଯାଇପାରିବ। ଏପଟସେପଟ ହୋଇ ଅନ୍ୟ ଦିଗକୁ ଗତି କରିବାକୁ ପଡ଼ିବ ନାହିଁ, ଫଳରେ ଜନଗହଳିରେ ଅସୁବିଧା କମାଇବ। ଆମ୍ବୁଲାନ୍ସ ସେବା ମଧ୍ୟ ପୃଥକ୍ ଭାବେ ଜିଲ୍ଲା ମୁଖ୍ୟାଳୟ ଏବଂ ଆଇଡିଏଚ୍, ପୁରୀକୁ ବିଭିନ୍ନ ଦିଗରେ ହସ୍ପିଟାଲ ସୁବିଧା ପାଇଁ ଗତି କରିପାରିବେ।

**ନୀତିକାନ୍ତି ଓ ଭିଡ଼ ନିୟନ୍ତ୍ରଣ ପାଇଁ ୭୦ଟି ଏଲଇଡି ଟିଭି**

ସେହିପରି ଅତ୍ୟଧିକ ବର୍ଷା ସମୟରେ ଜଳ ନିଷ୍କାସନ ବ୍ୟବସ୍ଥା ପରିଚାଳନା ପାଇଁ କମିଟି ଗଠନ କରାଯାଇଛି। ପୁରୀ ସହର ଓ ସଂଲଗ୍ନ ରାସ୍ତାର ଉନ୍ନତିକରଣ, ଆବଶ୍ୟକ ବିଦ୍ୟୁତିକରଣ କାର୍ଯ୍ୟ, ରେଳବାଇ ତରଫରୁ ଯାତ୍ରୀ ପରିବହନ ସୁବିଧା ନେଇ ସ୍ୱତନ୍ତ୍ର ପଦକ୍ଷେପ, ଜନଗହଳି ନିୟନ୍ତ୍ରଣ, ଟ୍ରାଫିକ୍ ପରିଚାଳନା, ରଥକାଠ ସୁବିଧା, ପାର୍କିଂ ଓ ଅତିରିକ୍ତ ପାର୍କିଂ ବ୍ୟବସ୍ଥା, ସମନ୍ୱିତ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର ପରିଚାଳନା, ସିସିଟିଭି ବ୍ୟବସ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

ଶ୍ରୀଜିଉଙ୍କ ନୀତିକାନ୍ତି, ଭିଡ଼ ନିୟନ୍ତ୍ରଣ, ରଥଯାତ୍ରା ସମ୍ପର୍କିତ ସୂଚନା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ୭୦ଟି ପ୍ରମୁଖ ସ୍ଥାନରେ ଏଲଇଡି ଟିଭି ଲଗାଯିବ। ରଥଯାତ୍ରା ପୂର୍ବରୁ ପୁରୀରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିର୍ମାଣାଧୀନ ରାସ୍ତା କାର୍ଯ୍ୟ ରଥଯାତ୍ରା ପୂର୍ବରୁ ସାରିବା ପାଇଁ କୁହାଯାଇଛି। ବୈଠକରେ ପୁରୀରେ ମୋବାଇଲ ନେଟୱର୍କ ଉନ୍ନତିକରଣ, ଅଗ୍ନିଶମ ସେବା ଓ ଜରୁରୀକାଳୀନ ସୁବିଧା, ଜରୁରୀ ସ୍ଥଳେ ସ୍ୱେଚ୍ଛାସେବୀ ମୁତୟନ ଓ ସେମାନଙ୍କୁ ପ୍ରଶିକ୍ଷଣ, ପୁଲିସ୍ କର୍ମଚାରୀମାନଙ୍କ ପାଇଁ ଓ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ଅସ୍ଥାୟୀ ଆଶ୍ରୟସ୍ଥଳ ପ୍ରସ୍ତୁତି, ସିସିଟିଭି ବ୍ୟବସ୍ଥା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ରଥଯାତ୍ରା ପାଇଁ ଆସନ୍ତା ୨୭ ଶ୍ରୀରାମ ନବମୀରେ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ।

## ଏସ୍‌ସିବିରେ ଆହତ ରୋଗୀଙ୍କୁ ଭେଟିଲେ ନବୀନ



ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ):ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜି ସନ୍ଧ୍ୟାରେ କଟକ ଯାଇ ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତ ଏସ୍‌ସିବି ମେଡିକାଲ କଲେଜର ଆଇସିୟୁ ବୁଲି ଦେଖିବା ସହ ସ୍ଥାନାନ୍ତର ହୋଇଥିବା ଆହତ ରୋଗୀମାନଙ୍କୁ ଭେଟିଛନ୍ତି। ଏଥିସହ ସେ ସେମାନଙ୍କ ଚିକିତ୍ସା ସମ୍ପର୍କରେ ଡାକ୍ତରମାନଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି। କଟକ ବଡ଼ ଡାକ୍ତରଖାନା ପରି ଦେଶର ଏକ ପ୍ରତିଷ୍ଠିତ ସ୍ୱାସ୍ଥ୍ୟାନୁଷ୍ଠାନର ଆଇସିୟୁରେ ଏଭଳି ଦୁର୍ଘଟଣା ଘଟିଥିବାରୁ ଏନେଇ ଶ୍ରୀ ପଟ୍ଟନାୟକ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ବିରୋଧୀ ଦଳ ନେତାଙ୍କ ସହ କଟକ ମେୟର ସୁବାସ ସିଂଙ୍କ ସମେତ ବିଜେଡିର ନେତୃବର୍ଗ ମଧ୍ୟ ଥିଲେ।

## ରାଜ୍ୟସଭାକୁ ନିର୍ବାଚିତ ବିଜେପି ପ୍ରାର୍ଥୀଙ୍କୁ ଧର୍ମେନ୍ଦ୍ରଙ୍କ ଶୁଭେଚ୍ଛା



ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ):ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ସୁଜିତ୍ କୁମାର ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି। 'ଏକ୍ସ'ରେ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ଆମ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ସାଂସଦ ସୁଜିତ କୁମାର ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିବା ଦିଲ୍ଲୀପ ରାୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଆପଣଙ୍କର ଏହି ବିଜୟ ଓଡ଼ିଶାବାସୀଙ୍କ ଆଶା ଓ ଭରସାକୁ ପ୍ରତିଫଳିତ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ସବ କା ସାଥ୍, ସବ କା ବିକାଶ, ସବ କା ବିଶ୍ୱାସ ଓ ସବ କା ପ୍ରୟାସ' ଧାରାରେ ଓଡ଼ିଶାର ସ୍ୱାର୍ଥ ଓ ଅଧିକାର ସଂସଦରେ ସୁରକ୍ଷିତ ରହିବା ସହ ରାଜ୍ୟର ବିକାଶ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହେବ। ସମସ୍ତଙ୍କର ସଫଳ କାର୍ଯ୍ୟକାଳ ପାଇଁ ମୋର ଶୁଭେଚ୍ଛା।

## ଗାଡ଼ି ଚେକିଂ ବେଳେ ୪ କିଲୋ ଗଞ୍ଜେଇ ସହ ବେପାରୀ ଅଟକ

ଭଦ୍ରକ,୧୬।୩(ସଂଚାର ବ୍ୟୁରୋ):ଜିଲ୍ଲାର ଧାମନଗର ଥାନାରେ ନୂଆ ଅଧିକାରୀ ଯୋଗ ଦେବା ପରେ ବେଆଇନ ଦେଶୀ ବିଦେଶୀ ମଦ ଓ ଗଞ୍ଜେଇ ବେପାରୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଧାମନଗର ଥାନା ଚୁଡ଼ାକୁଟି ରାସ୍ତା ପଣ୍ଡୁବଜାର ଛକରେ ପୋଲିସ ପକ୍ଷରୁ ଗାଡି ଚେକିଂ ସମୟରେ ୪ କିଲୋ ଗଞ୍ଜେଇ ଜବତ ସହ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଥିବା ସୂଚନା ଦିଆଯାଇଛି। ଅଟକ ବ୍ୟକ୍ତି ହେଲା ଭଦ୍ରକ ରୁରାଲ ଥାନା ଅର୍ଣ୍ଣପୋଳ ଅଧିନ ମଧୁସୂଦନପୁର ଗ୍ରାମର ବିଜୟ ସାହୁ ବୋଲି ପୋଲିସ ଠାରୁ ସୂଚନା ମିଳିଛି। ଯୁବକ ଜଣକ ଏକ ମୋଟରସାଇକେଲରେ ଗଞ୍ଜେଇ ନେଇ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ପଣ୍ଡୁବଜାର ଛକରେ ଧାମନଗର ଥାନା ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ଏସଆଇ ମହେଶ୍ୱର ପ୍ରଧାନଙ୍କ ସନ୍ଦେହ ହେବାରୁ ତାଙ୍କୁ ଅଟକାଇ ଚେକିଂ କରିଥିଲେ। ସେହି ସମୟରେ ତାଙ୍କ ପାଖରୁ ପ୍ରାୟ ୪ କିଲୋ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଅତିରିକ୍ତ ତହସିଲଦାର ପଲ୍ଲୀ ଭାରତ ମହାଳିକ, ଏସଆଇ ସସ୍ମିତା ମଲ୍ଲିକଙ୍କ ଉପସ୍ଥିତରେ ଗଞ୍ଜେଇକୁ ଜବତ କରିବା ସହ ବିଜୟଙ୍କୁ ପୋଲିସ ଥନାକୁ ନେଇ ଅଟକ ରଖି ପଚରାଉଚରା ଜାରି ରହିଛି ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସୁବ୍ରଜିତ ଦାଶ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

# ଧର୍ମଶାଳାରେ ପଥର ମାଫିଆଙ୍କ ଜଙ୍ଗଲରାଜ

ଯାଜପୁର,୧୬।୩(ସଂଚାର ବ୍ୟୁରୋ): ଧର୍ମଶାଳାରେ ଚାଲିଛି ପଥର ମାଫିଆଙ୍କ ରାବଣରାଜ। ଏହାର ଜ୍ୱଳନ୍ତ ଚିତ୍ର ଆଜି ଧର୍ମଶାଳାର ଚକ୍ରଧରପୁର ମୌଜାର କୁସୁନପୁର ପାହାଡ଼ରେ ଦେଖିବାକୁ ମିଳିଛି। ଏଠାରେ ବେଆଇନ୍ କଳାପଥର ଲୁଟ୍ ପ୍ରତିବାଦରେ ଆନ୍ଦୋଳନ କରୁଥିବା ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ତଥା ସାମ୍ବାଦିକ ସତୀଶ ବିଶ୍ୱାଳଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ତାଙ୍କ ସହ ଥିବା ଅନେକ ମହିଳାଙ୍କୁ ଉଲଗ୍ନ କରି ମାଡ଼ ମରାଯିବା ସହ ଅନ୍ୟ କେତେକ ପୁରୁଷଙ୍କୁ ପ୍ରବଳ ମାଡ଼ ମରାଯାଇଥିବା ସେ ଅଭିଯୋଗ କରିଛନ୍ତି। ବେଆଇନ ପଥର ଖନନକୁ ବିରୋଧ କରୁଥିବା କିଛି ବ୍ୟକ୍ତିଙ୍କ ମୋବାଇଲ, ସତୀଶଙ୍କ କାରରୁ ହାର୍ଡଡିସ୍କ ଓ ପେନ୍ ଡ୍ରାଇଭ୍ ନିଆଯିବା ସହ କାର୍‌ର ବ୍ୟାପକ କ୍ଷତି କରିଥିବା ଅଭିଯୋଗ ହୋଇଛି। ଆକ୍ରମଣକାରୀମାନେ ନିଜକୁ ଧର୍ମଶାଳା ବିଧାୟକ ହିମାଂଶୁ ସାହୁଙ୍କ ଲୋକ ବୋଲି ଦାବି କରୁଥିବା ସତୀଶ ଅଭିଯୋଗ କରିଛନ୍ତି।




● ଯୁବନେତା ସତୀଶଙ୍କୁ ଆକ୍ରମଣ
● ମହିଳାଙ୍କୁ ବି ଛାଡ଼ିଲେନି

ପ୍ରକାଶ ଯେ ଧର୍ମଶାଳା ତହସିଲର ଚକ୍ରଧରପୁର ମୌଜାର ଖାତା ନଂ-୪୭୫, ପ୍ଲଟ ନଂ-୧୫୯୮ରେ ବେଆଇନ ଭାବେ କଳାପଥର ଲୁଟ୍ ହେଉଛି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଧର୍ମଶାଳା ତହସିଲଦାର, ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଜମିର ମାଲିକମାନଙ୍କ ନିକଟରେ ପଟ୍ଟା ଥିଲେ ମଧ୍ୟ ଏହାକୁ ବାତିଲ କରାଯାଇଛି। ଏହା ବିରୋଧରେ ଚାଷୀମାନେ କୋର୍ଟରେ ମାମଲା ବି ରୁଜୁ କରିଛନ୍ତି। ଫଳତଃ ଏହି ଜମିରେ ୧୪୪ ଜାରି ହୋଇଛି। ଲୋକଙ୍କ ଅଭିଯୋଗ ଆଧାରରେ



ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହାସତ୍ତ୍ୱେ ସେଠାରେ ପଥର ଖନନ ହେଉଥିବାରୁ ସେଠାରେ ଆଜି ସତୀଶ ପହଞ୍ଚିଥିଲେ। ସେ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରୁଥିବା ସମୟରେ କେତେକ ମାଫିଆ ଠେଙ୍ଗାବାଡ଼ି, ଶାବଳ ଆଦି ଧରି ସତୀଶ ଓ ତାଙ୍କ ସହ ଥିବା ଲୋକମାନଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଜେନାପୁର ଥାନାରେ ଦୁଇଟି ପୃଥକ ଏତଲା ଦିଆଯାଇଛି। ଏ ଦିଗରେ ପୁଲିସ୍ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶ ଦାବି ହୋଇଛି।

## ପୁରୀ ସମୁଦ୍ରରେ ଛାତ୍ର ନିଖୋଜ

ପୁରୀ,୧୬।୩(ସଂଚାର ବ୍ୟୁରୋ): ପୁଣି ପୁରୀ ବେଳାଭୂମିରେ ସ୍ନାନ କରିବା ସମୟରେ ଛାତ୍ର ନିଖୋଜ ହୋଇଯିବା ଘଟଣା ସାମ୍ନାକୁ ଆସିଛି। ନିଖୋଜ ହୋଇଯାଇଥିବା ଛାତ୍ର ଜଣଙ୍କ ଭୁବନେଶ୍ୱର ସୋଆ ବିଶ୍ୱବିଦ୍ୟାଳୟର ବିଟେକ୍ କମ୍ପ୍ୟୁଟର ସାଇନ୍ସର ଦ୍ୱିତୀୟ ବର୍ଷ ଛାତ୍ର ଅନିମେଶ୍ ସା ବୋଲି ଜଣାପଡ଼ିଛି। ଗତକାଲି ଅନିମେଶ ଭୁବନେଶ୍ୱରରୁ ତାଙ୍କର କେତେକ ସାଙ୍ଗଙ୍କ ସହ ପୁରୀ ବୁଲିବାକୁ ଆସି ଅପରାହ୍ନରେ ୧୦ ନମ୍ବର ସେକ୍ଟର ତଥା ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ସ୍ନାନ କରୁଥିଲେ। ତେବେ ସ୍ନାନ କରିବା ସମୟରେ ଅନିମେଶ ଗଭୀର ସମୁଦ୍ର ଭିତରକୁ ଚାଲିଯାଇଥିଲେ। ଉଚ୍ଚ ଜୁଆର ମାଡ ଓ ରିପ୍ କରେଣ୍ଟ ଯୋଗୁଁ ଅନିମେଶ ଗଭୀର ସମୁଦ୍ର ଭିତରକୁ ଚାଲିଯାଇ ନିଖୋଜ ହୋଇଯାଇଥିବା ଅନୁମାନ କରାଯାଉଛି। ତେବେ ଗତକାଲିଠାରୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁରୀ ବେଳାଭୂମି ସମେତ ପେଣ୍ଟକଟା ବେଳାଭୂମି,, ନୂଆନଈ ବେଳାଭୂମି, ବେଲେଶ୍ୱର ବେଳାଭୂମି, ରାମଚଣ୍ଡୀ ବେଳାଭୂମି ଓ ଚନ୍ଦ୍ରଭାଗା ବେଳାଭୂମିରେ ଲାଇଫ୍ ଗାର୍ଡମାନେ ଅହରହ ଅନିମେଶଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ଠାବ କରାଯାଇପାରିନାହିଁ କି ତାଙ୍କର କୌଣସି ପତ୍ତା ମିଳିପାରିନାହିଁ। ପୁରୀ ବେଳାଭୂମିରେ ନିୟମିତ ଅଘଟଣ ଘଟୁଥିବାରୁ ପର୍ଯ୍ୟାପ୍ତ ପରିମାଣରେ ଲାଇଫ ଗାର୍ଡଙ୍କୁ ମୁତୟନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।



## ସୂଚନା ଅଧିକାର ଆଇନ ସମ୍ବନ୍ଧୀୟ ଦକ୍ଷତା ବିକାଶ ତାଲିମ ଓ କର୍ମଶାଳା

ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ):ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଅଧିକାର ଆଇନ-୨୦୦୫ ସମ୍ବନ୍ଧୀୟ ଏକ ଚାରିଦିନିଆ ଦକ୍ଷତା ବିକାଶ ତାଲିମ୍ ତଥା କର୍ମଶାଳା ଆଜି ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପୂର୍ବତନ ସୂଚନା ଆୟୁକ୍ତ ଦିଲ୍ଲୀପ୍ କୁମାର ବିଷୋୟୀ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ନୋଡାଲ୍ ପିଆଇଓ (ପିଆଇଓ), ପ୍ରଥମ ଅପିଲ୍ କର୍ତ୍ତୃପକ୍ଷ ଓ ଅଧିକାରୀମାନଙ୍କୁ ସୂଚନା ଅଧିକାର ଆଇନ୍ ସମ୍ବନ୍ଧୀୟ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗର ସମ୍ମିଳନୀ କକ୍ଷରେ କର୍ମଶାଳାର ଉଦ୍‌ଘାଟନୀରେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ ଓ ସମବାୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଉଷାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ଏହି ଅବସରରେ ଶ୍ରୀ ବିଶୋୟୀ ସୂଚନା ଅଧିକାର ଆଇନ-୨୦୦୫ର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଆଇନ ନାଗରିକମାନଙ୍କୁ ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇବାକୁ କ୍ଷମତା ଦିଏ ଏବଂ ଦାୟିତ୍ୱପୂର୍ଣ୍ଣ ପ୍ରଶାସନକୁ ପ୍ରୋତ୍ସାହିତ କରେ। ସରକାରୀ କର୍ତ୍ତୃପକ୍ଷଙ୍କୁ ଦକ୍ଷ କରିବା ପାଇଁ ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅତ୍ୟନ୍ତ ଆବଶ୍ୟକ ବୋଲି ସେ କହିଛନ୍ତି। ସେହିପରି ସୂଚନା ଅଧିକାର ଆଇନର ବିଭିନ୍ନ ଧାରା, ଏହାର କାର୍ଯ୍ୟପ୍ରଣାଳୀ ଓ ନିଜ ଅନୁଭବ ଆଧାରିତ ଅନେକ ଉଦାହରଣ ମାଧ୍ୟମରେ ସେ ଅଂଶଗ୍ରହଣକାରୀମାନଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି।

ସେହିପରି ନିର୍ଦ୍ଦେଶକ ଶ୍ରୀ ଦାସ ପଟ୍ଟନାୟକ ସୂଚନା ଅଧିକାର ଆଇନର ଗୁରୁତ୍ୱ ଉପରେ ଆଲୋକପାତ କରି ସରକାରୀ ପ୍ରଶାସନର ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧିରେ ଏହି ଆଇନର ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ। ସେହିପରି ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ ଆରଟିଆଇ ଆବେଦନ ଗ୍ରହଣ କରିବା ଓ ଉଚିତ ସମୟରେ ଉତ୍ତର ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। କର୍ମଶାଳାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଅଧିକାରୀ ଓ କର୍ମଚାରୀ ଅଂଶଗ୍ରହଣ କରିବେ। ୪ଟି ପର୍ଯ୍ୟାୟରେ ସମସ୍ତ ବିଭାଗର କର୍ତ୍ତୃପକ୍ଷଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ।

### ଏସ୍‌ସିବିରେ ଅଗ୍ନିକାଣ୍ଡ ଘଟଣା

## ପ୍ରଶାସନିକ ଅବହେଳାର ଚରମ ନିଦର୍ଶନ: କଂଗ୍ରେସ

ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ଏସ୍‌ସିବି ବଡ଼ ମେଡିକାଲରେ ଅଗ୍ନିକାଣ୍ଡରେ ୧୧ ଜଣ ଚିକିତ୍ସାଧୀନ ରୋଗୀଙ୍କର ହୃଦୟ ବିଦାରକ ମୃତ୍ୟୁ ଘଟିଥିବା ବେଳେ ଏହା ପଛରେ ପ୍ରଶାସନିକ ଅବହେଳାକୁ ଦାୟୀ କରିଛି କଂଗ୍ରେସ ପ୍ରତିନିଧିମଣ୍ଡଳୀ। ଆଜି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଘଟଣାସ୍ଥଳରେ ପହଞ୍ଚି ଏପରି ଅଭିଯୋଗ କରାଯାଇଛି। ପ୍ରତିନିଧିମଣ୍ଡଳୀ ଆଜି ପୂର୍ବାହ୍ନରେ ବଡ଼ ମେଡିକାଲରେ ପହଞ୍ଚି ଅଗ୍ନିକାଣ୍ଡ ସ୍ଥଳ ବୁଲି ଦେଖିବା ସହ ମୃତକଙ୍କ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେଇଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ୧ କୋଟି ଟଙ୍କାର ସହାୟତା ରାଶି ସରକାର ତୁରନ୍ତ ପ୍ରଦାନ କରିବା ସହ ପରିବାରର ଜଣଙ୍କୁ ଚାକିରି ଦେବା ସକାଶେ ସେମାନେ ଦାବି କରିଛନ୍ତି। ଏଥିସହ ଏପରି ଦାୟିତ୍ୱହୀନତାରେ ସମ୍ପୃକ୍ତ ଅଧିକାରୀମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ।



ସେହିପରି ଡାକ୍ତରଖାନାର ଭିତ୍ତିଭୂମି ବିକାଶ ଓ ସଠିକ୍ ପରିଚାଳନା ହେଉ ନ ଥିବାରୁ ଏଥିସକାଶେ ସ୍ୱାସ୍ଥ୍ୟ ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ, ନଚେତ୍ ମୁଖ୍ୟମନ୍ତ୍ରୀ ତାଙ୍କୁ ବହିଷ୍କାର କରିବା ସକାଶେ ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ସଂଯୋଜନା ରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିନିଧି ମଣ୍ଡଳୀର ଅଧ୍ୟକ୍ଷ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ନଗେନ୍ଦ୍ର କୁମାର ପ୍ରଧାନ, ପୂର୍ବତନ ବିଧାୟକ ରବୀନ୍ଦ୍ର କୁମାର ମଲ୍ଲିକ, ବରିଷ୍ଠ ନେତା ସୁରେଶ ମହାପାତ୍ର, ବିଶ୍ୱଜିତ ଦାସ, ତ୍ରିଲୋଚନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଧରାପଡ଼ିଲା ୨୭ ଲକ୍ଷର ବ୍ରାଉନସୁଗର

ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ବାଲେଶ୍ୱରରୁ ଭୁବନେଶ୍ୱର ବ୍ରାଉସୁଗର ଚାଲାଣ ବେଳେ ଶିଶୁ ଭବନ ଛକରେ ଅବକାରୀ ଟିମ୍ ହାତରେ ଧରାପଡ଼ିଛି ବିପୁଳ ପରିମାଣର ବ୍ରାଉନସୁଗର ପୁଡ଼ିଆ। ବାଇକ ଯୋଗେ ବ୍ରାଉସୁଗର ପୁଡିଆ ଧରି ଆସୁଥିବା ବେପାରୀ ତପୁକୁ ଗିରଫ କରାଯାଇଛି। ଉକ୍ତ ବେପାରୀ ଜଣଙ୍କ ପୁଳା ପୁଳା ପୁଡ଼ିଆରେ ପ୍ୟାକେଟ କରି ଭୁବନେଶ୍ୱର ଆଣୁଥିଲେ। ଏହି ବ୍ରାଉନ୍‌ସୁଗର୍‌ର ବଜାର ମୂଲ୍ୟ ୨୭ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ। । ତପୁ ବ୍ରାଉନ୍‌ସୁଗର୍‌କୁ ଏକ ଷ୍ଟିଲ ବକ୍ସରେ ପୂରାଇ ବ୍ୟାଗରେ ଆଣୁଥିବା ଖବରପାଇ ଅବକାରୀ ଟିମ୍ ଧରିବାକୁ ଯୋଜନା କରିଥିଲା। ଷ୍ଟାର ଚିହ୍ନ ଥିବା ବାଇକ ଶିଶୁ ଭବନ ଛକରେ ପହଞ୍ଚିବା ପରେ ଚାଳକଙ୍କୁ ମାଡ଼ି ବସିଥିଲା ଅବକାରୀ ଟିମ୍। ତାଠାରୁ ଏକ ପଲସର ୨୨୦ ବାଇକ ମଧ୍ୟ ଜବତ ହୋଇଛି।



## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଜାତୀୟ ଭାସ୍କର୍ଯ୍ୟକଳା କର୍ମଶାଳା




ଭୁବନେଶ୍ୱର, ୧୬।୩ (ସଂଚାର ବ୍ୟୁରୋ) : ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଭାସ୍କର୍ଯ୍ୟକଳା ବିଭାଗ ପକ୍ଷରୁ ଦଶଦିନିଆ ଦକ୍ଷତାଭିତ୍ତିକ ଜାତୀୟ ଭାସ୍କର୍ଯ୍ୟକଳା 'ଆର୍ଟିଷ୍ଟ ଇନ୍ ରେସିଡେନ୍ସ' କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ପ୍ରସ୍ତର ଓ ଶିଳାଲେଖ କିପରି ଗୋଟିଏ ଜାତିର ଇତିହାସର ସ୍ମାରକୀ ପାଲଟିଯାଏ, ସେ ସଂପର୍କରେ ଉଲ୍ଲେଖ କରିଥିଲେ । ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଭାସ୍କର୍ଯ୍ୟଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଗଡ଼ନାୟକ ଯୋଗଦେଇ ପ୍ରସ୍ତର କେବଳ ବସ୍ତୁ ନୁହେଁ, ବରଂ ଆମ ବିଶ୍ୱାସ, ଆଧ୍ୟାତ୍ମିକତାର ପରିଚୟ ବୋଲି ମତବ୍ୟକ୍ତ କରିବା ସହ ଶ୍ରୀଜଗନ୍ନାଥଙ୍କ ସମ୍ମୁଖରେ ଗରୁଡ଼ ସ୍ତମ୍ଭର ବୈଶିଷ୍ଟ ସଂପର୍କରେ ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ ତଥା ମୁମ୍ବାଇର ବିଶିଷ୍ଟ ଭାସ୍କର୍ଯ୍ୟବିତ୍ ବିକ୍ରାନ୍ତ ବାବୁରାଓ ମଞ୍ଜେରକର ଓଡ଼ିଶାର ଭାସ୍କର୍ଯ୍ୟକଳା ସମଗ୍ର ବିଶ୍ୱକୁ କିପରି ଅଭିଭୂତ କରିଛି ଓ କୋଣାର୍କ ଭାସ୍କର୍ଯ୍ୟ ଶିଳ୍ପ କିପରି ଏହାର ନିଦର୍ଶନ ବୋଲି ଉଲ୍ଲେଖ କରିଥିଲେ । ଅନ୍ୟତମ ଅତିଥି ଭାବେ କୁଳସଚିବ ଅନାମିକା ଅଧିକାରୀ ପଥର କିପରି ପ୍ରାଚୀନ ହେଲେ ଦେବତ୍ୱର ସୃଷ୍ଟିକରେ ତାହା ବର୍ଣ୍ଣନା କରିଥିଲେ । ଏହି ଉତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ବିତ୍ତ ନିୟନ୍ତ୍ରକ ସୁନନ୍ଦା ଷଡ଼ଙ୍ଗୀ, ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା, ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ନିଜ ନିଜର ବକ୍ତବ୍ୟ ରଖିଥିଲେ । ଭାସ୍କର୍ଯ୍ୟକଳା ବିଭାଗର ସହକାରୀ ପ୍ରଫେସର ତଥା କର୍ମଶାଳା ଆବାହକ ଅଞ୍ଜନ କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହଯୋଗୀ ପ୍ରଫେସର ଡ. ଉମେଶ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ ।

# ହୋଇପାରୁନି ଓଡ଼ିଆ ଭାଷା ପ୍ରତିଷ୍ଠାନ ଦପ୍ତର

ଭୁବନେଶ୍ୱର,୧୬।୩: ଓଡ଼ିଆ ଭାଷା ପ୍ରତିଷ୍ଠାନର ନିଜସ୍ୱ ସୌଧ ନିର୍ମାଣ ଲାଗି ରାଜ୍ୟ ସରକାର ଜମି ଯୋଗାଇଦେବା ସହ ଅର୍ଥ ବରାଦ କରିଥିଲେ ମଧ୍ୟ ଦୀର୍ଘବର୍ଷ ଧରି ଏହା ନିର୍ମିତ ହୋଇପାରୁନାହିଁ। ଫଳରେ ଓଡ଼ିଆ ଅସ୍ମିତାର ବାହକ ଏହି ଗୁରୁତ୍ୱପୂର୍ଣ୍ଣ ସରକାରୀ ସଂସ୍ଥାନ ବାରଦୁଆର ଶୁଣ୍ଢିପିଣ୍ଡା ହେଉଛି।

ଓଡ଼ିଆ ଭାଷା ପ୍ରତିଷ୍ଠାନ ପ୍ରଥମେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିଲା। ପରବର୍ତ୍ତୀ ସମୟରେ ଏହାକୁ ସଂସ୍କୃତି ବିଭାଗକୁ ଅଣାଯାଇଛି। ରାଜଧାନୀର ବିଭାଗୀୟ ମୁଖ୍ୟ ଦପ୍ତର କଡ଼କୁ ଥିବା ଜନଶିକ୍ଷା ସାଧନ କେନ୍ଦ୍ର କୋଠାରେ ଏହି ପ୍ରତିଷ୍ଠାନ କିଛିବର୍ଷ ଧରି ଚାଲୁଥିଲା। ପରବର୍ତ୍ତୀ ସମୟରେ ଏହି ସଂସ୍ଥାନକୁ ସଂସ୍କୃତ ବିଭାଗ ଅଧୀନକୁ ଅଣାଗଲା ଏବଂ ଏକ ପ୍ରକାର ଜନଶିକ୍ଷା ସାଧନ କେନ୍ଦ୍ରକୁ ସମାଧି ଦିଆଯିବାରୁ ଓଡ଼ିଆ ଭାଷା ପ୍ରତିଷ୍ଠାନ ଭଞ୍ଜକଳା ମଣ୍ଡପ ପଛରେ ଥିବା ସଂସ୍କୃତି ନିର୍ଦ୍ଦେଶାଳୟର ସଂସ୍କୃତି ଭବନ ପରିସରରେ ରହିଛି। ଓଡ଼ିଆ ଭାଷା ପ୍ରତିଷ୍ଠାନ ଲାଗି ନିଜସ୍ୱ ସୌଧ ନିର୍ମାଣ ପାଇଁ ବିଜେଡି-ବିଜେପି ମେଣ୍ଟ ସରକାର ସମୟରେ ରାଜଧାନୀର ଖାରବେଳ ନଗର ମୌଜାରେ ସରକାର ଏକ ଜମି ଯୋଗାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ଜମିରେ ଭାଷା ପ୍ରତିଷ୍ଠାନର ନିଜସ୍ୱ ସୌଧ ନିର୍ମାଣ ଲାଗି ମଧ୍ୟ ଅର୍ଥ ବ୍ୟବସ୍ଥା ହୋଇଥିଲା। ଭାଷା ପ୍ରତିଷ୍ଠାନ କର୍ତ୍ତୃପକ୍ଷ ଏହାର ନିର୍ମାଣ କାର୍ଯ୍ୟ ଲାଗି ଇଡ୍‌କୋ ସମେତ ଅନ୍ୟ ସରକାରୀ ସଂସ୍ଥାଗୁଡ଼ିକ ସହିତ ଯୋଗାଯୋଗ କରିଥିଲେ। ଏମିତିକି ଭାଷା ପ୍ରତିଷ୍ଠାନର ଜମିରେ ତାହାର ସୌଧ ନିର୍ମାଣ ପାଇଁ ପ୍ଲାନ ମଞ୍ଜୁରୀ ମିଳିଥିଲା ଏବଂ ଏହା ଉପରେ ପ୍ରଶାସନିକ ମଞ୍ଜୁରୀ ମୋହର ବସିବା ପରେ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ତେବେ ସ୍ମାର୍ଟ ସିଟି କର୍ତ୍ତୃପକ୍ଷ ଏଥିରେ ଆପତ୍ତି ଉଠାଇବାରୁ ଭାଷା ଭବନ ନିର୍ମିତ ହୋଇପାରି ନାହିଁ ଏବଂ ଏଥିପାଇଁ ଆବଣ୍ଟିତ ଜମି ଅନ୍ୟମାନଙ୍କ ଜବରଦଖଲରେ ରହିଛି। ୨୦ବର୍ଷରୁ ଅଧିକ ସମୟ ଧରି ଭାଷା ଭବନର ଜମି ଉପରେ ଇଟାଟିଏ ମଧ୍ୟ ସରକାର ଯୋଡ଼ି ପାରିନାହାନ୍ତି। ଦୀର୍ଘବର୍ଷ ଧରି ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ଥାୟୀ ନିର୍ଦ୍ଦେଶକ ରହୁନାହାନ୍ତି। ବିଭିନ୍ନ ସଂସ୍ଥାର ଅଧିକାରୀମାନଙ୍କୁ ଏହାର ଦାୟିତ୍ୱରେ ଅସ୍ଥାୟୀ ଭାବେ ରଖାଯାଉଛି। ଏବେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଓଡ଼ିଆ ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଦାୟିତ୍ୱ ଅତିରିକ୍ତ ଭାବେ ତୁଲାଉଛନ୍ତି। ବିଧିବ୍ୟବସ୍ଥା ଅନୁଯାୟୀ ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ଥାୟୀ କମିଟି ମଧ୍ୟ ନାହିଁ। ସଂସ୍କୃତି ନିର୍ଦ୍ଦେଶାଳୟ ସୌଧରେ ମୁଣ୍ଡ ଗୋଞ୍ଜିଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ଅଧିକାଂଶ ପଦପଦବୀ ଖାଲି ପଡିଛି।

ଭାଷା ପ୍ରତିଷ୍ଠାନ ଜମିରେ ସୌଧ ନିର୍ମାଣ ନକରି ସଚିବାଳୟର ପଛପଟରେ ନିର୍ମାଣ କରାଯାଉଥିବା ଖାରବେଳ ଭବନର ଗୋଟିଏ ମହଲା ଭାଷା ପ୍ରତିଷ୍ଠାନକୁ ଦିଆଯିବ ବୋଲି ଏକଦା ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ନିଷ୍ପତ୍ତିକୁ ସରକାର କାର୍ଯ୍ୟକାରୀ ନକରିବା ଦୁର୍ଭାଗ୍ୟଜନକ ବୋଲି ବହୁ ଭାଷା ପ୍ରେମୀ ଅଭିଯୋଗ କରୁଛନ୍ତି। ତୁରନ୍ତ ରାଜଧାନୀର କେନ୍ଦ୍ରସ୍ଥଳରେ ଓଡ଼ିଆ ଭାଷା ପ୍ରତିଷ୍ଠାନର ସୁଦୃଶ୍ୟ ସୌଧ ନିର୍ମାଣ ସହିତ ଓଡ଼ିଆ ଭାଷାର ସମୃଦ୍ଧି ଏବଂ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ପ୍ରୟୋଗ ଲାଗି ଏହି ପ୍ରତିଷ୍ଠାନକୁ ଉପଯୋଗ କରିବା ଏବଂ ଓଡ଼ିଶା ସରକାରୀ ଭାଷା ଆଇନ୍-୧୯୫୪ର ଠିକଣା ଅନୁପାଳନ ଲାଗି ମଧ୍ୟ ଭାଷାବିତ୍‌ମାନେ ଗୁରୁତ୍ୱାରୋପ କରୁଛନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ମଙ୍ଗଳବାର ୧୭ ମାର୍ଚ୍ଚ ୨୦୨୬, ଭୁବନେଶ୍ୱର

Tuesday 17 March 2026, Bhubaneswar


# ଟ୍ରମ୍ପ୍‌ଙ୍କ ପାଇଁ ବିପଦରେ ବିଶ୍ୱ

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମାର୍ଚ୍ଚ ୧, ୨୦୨୬ ତାରିଖରେ ଇରାନ ବିରୋଧରେ 'ଅପରେସନ୍ ଏପିକ୍ ଫ୍ୟୁରି' ନାମକ ଏକ ବିଧ୍ୱଂସୀ ସାମରିକ ଅଭିଯାନ ଆରମ୍ଭ କରିଛନ୍ତି। ଏହାକୁ ସେ ନିଜ ସ୍ୱପ୍ନ ଏବଂ ଇଚ୍ଛାନୁସାରେ ଘୋଷଣା କରିଛନ୍ତି, କଂଗ୍ରେସର କୌଣସି ଅନୁମୋଦନ ବିନା। ଏହି ନିଷ୍ପତ୍ତି କେବଳ ଆମେରିକାର ସମ୍ବିଧାନକୁ ଅଣଦେଖା କରିନାହିଁ, ବରଂ ବିଶ୍ୱ ଶାନ୍ତିକୁ ଏକ ବଡ଼ ଧକ୍କା ଦେଇଛି। ଯେଉଁ ଟ୍ରମ୍ପ ୨୦୨୪ ନିର୍ବାଚନରେ 'ଯୁଦ୍ଧ ସମାପ୍ତ କରିବି' ବୋଲି ପ୍ରତିଶ୍ରୁତି ଦେଇଥିଲେ, ସେ ଆଜି ଏକ ନୂତନ ଯୁଦ୍ଧର ଦ୍ୱାର ଖୋଲିଦେଇଛନ୍ତି। ଏହି ଏକପାଖିଆ ଏବଂ ଅପରିପକ୍ୱ ନିଷ୍ପତ୍ତି ଉପରେ ବିଶ୍ୱବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି।



ଟ୍ରମ୍ପଙ୍କ ଏହି ଯୁଦ୍ଧ ଘୋଷଣାର ପ୍ରଥମ ଅପରାଧ ହେଉଛି କଂଗ୍ରେସର ଅନୁପସ୍ଥିତି। ଆମେରିକାର ସମ୍ବିଧାନ ଅନୁଯାୟୀ ଯୁଦ୍ଧ ଘୋଷଣା କରିବା କଂଗ୍ରେସର ଅଧିକାର। କିନ୍ତୁ ଟ୍ରମ୍ପ ମାର୍-ଏ-ଲାଗୋରୁ ବସି ଏକ ଏକତରଫା ନିଷ୍ପତ୍ତି ନେଇଛନ୍ତି। ଏସିଏଲ୍ୟୁ ଏବଂ ଅନ୍ୟାନ୍ୟ ମାନବାଧିକାର ସଂଗଠନ ଏହାକୁ 'ଅସମ୍ବିଧାନିକ' ବୋଲି ନିନ୍ଦା କରିଛନ୍ତି। ନ୍ୟୁୟର୍କ ଟାଇମ୍ସ ଏବଂ ସିଏନ୍ଏନ୍ ପରି ମିଡିଆ ପ୍ରଶ୍ନ ଉଠାଇଛନ୍ତି - ଏହି ଯୁଦ୍ଧ କେତେ ଦିନ ଚାଲିବ? କେତେ ଜୀବନ ନଷ୍ଟ ହେବ? ଏହାର ଖର୍ଚ୍ଚ କେତେ? ଟ୍ରମ୍ପ କହୁଛନ୍ତି, "ଯୁଦ୍ଧ ଶୀଘ୍ର ଶେଷ ହେବ।" କିନ୍ତୁ ବାସ୍ତବତା ଭିନ୍ନ। ହର୍ମୁଜ୍ ପ୍ରଣାଳୀ ବନ୍ଦ ହୋଇଯାଇଛି, ବିଶ୍ୱର ଏକ ପଞ୍ଚମାଂଶ ତୈଳ ସଞ୍ଚାର ବନ୍ଦ ହୋଇଛି। ତୈଳ ମୂଲ୍ୟ ଆକାଶଛୁଆଁ ହୋଇଛି। ଭାରତ ପରି ଦେଶଗୁଡ଼ିକର ଅର୍ଥନୀତି ଏହାର ପ୍ରଭାବରେ ଝଟକା ଖାଇବ। ଭାରତର ତୈଳ ଆମଦାନିର ବହୁ ଅଂଶ ଏହି ପ୍ରଣାଳୀ ଉପରେ ନିର୍ଭର କରେ। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି କେବଳ ମଧ୍ୟପ୍ରାଚ୍ୟକୁ ନୁହେଁ, ଗୋଟିଏ ଗୋଟିଏ ଦେଶର ସାଧାରଣ ନାଗରିକଙ୍କ ଜୀବନକୁ ପ୍ରଭାବିତ କରୁଛି।

ଦ୍ୱିତୀୟତଃ, ଏହି ଯୁଦ୍ଧ ଟ୍ରମ୍ପଙ୍କ ପୂର୍ବ ପ୍ରତିଶ୍ରୁତିର ସମ୍ପୂର୍ଣ୍ଣ ବିରୋଧ। ସେ ବାରମ୍ବାର କହୁଥିଲେ, "ମୁଁ ଯୁଦ୍ଧ ଆରମ୍ଭ କରିବି ନାହିଁ, ଯୁଦ୍ଧ ଶେଷ କରିବି।" କିନ୍ତୁ ଇରାନ ସହିତ କୌଣସି କୂଟନୀତିକ ପ୍ରୟାସ ନ କରି ସିଧାସଳଖ ବୋମାବର୍ଷଣ କରିଛନ୍ତି। ଏହା କେବଳ ଅପରିପକ୍ୱତା ନୁହେଁ, ବରଂ ଏକ ବ୍ୟକ୍ତିଗତ ଇଗୋର ପ୍ରତିଫଳନ। ଇରାନର ନ୍ୟୁକ୍ଲିୟାର କାର୍ଯ୍ୟକ୍ରମକୁ ନିଷ୍କ୍ରିୟ କରିବା ନାମରେ ହଜାର ହଜାର ନିରୀହ ଇରାନୀ ନାଗରିକଙ୍କ ଜୀବନ ନଷ୍ଟ ହେଉଛି। ଇସ୍ରାଏଲ୍ ସହିତ ମିଳିତ ଭାବେ ଏହି ଅଭିଯାନ ଚାଲୁଥିବାରୁ ମଧ୍ୟପ୍ରାଚ୍ୟରେ ଏକ ନୂତନ ଯୁଦ୍ଧ ଅଗ୍ନି ଜଳିଉଠିଛି। ଟ୍ରମ୍ପ କହୁଛନ୍ତି ଯୁଦ୍ଧ "ଶୀଘ୍ର ଶେଷ ହେବ", କିନ୍ତୁ ଇରାନ କହୁଛି ଏହା ଦୀର୍ଘସ୍ଥାୟୀ ହେବ। ଏହି ଦ୍ୱନ୍ଦ୍ୱ ବିଶ୍ୱକୁ ଆତଙ୍କିତ କରିଦେଇଛି।

ତୃତୀୟତଃ, ଏହି ନିଷ୍ପତ୍ତିର ଅର୍ଥନୈତିକ ଏବଂ ମାନବୀୟ ପରିଣାମ ଭୟଙ୍କର। ହର୍ମୁଜ୍ ପ୍ରଣାଳୀ ବନ୍ଦ ହେବାରୁ ଭାରତ, ଚୀନ୍, ଇୟୁରୋପ୍ ଏବଂ ଆମେରିକାର ସାଧାରଣ ଜନତା ମହଙ୍ଗା ତୈଳ ଏବଂ ମୂଲ୍ୟବୃଦ୍ଧିର ଶିକାର ହେବେ। ଭାରତରେ ପେଟ୍ରୋଲ୍-ଡିଜେଲ୍ ମୂଲ୍ୟ ବଢ଼ିଲେ କୃଷକ, ବ୍ୟବସାୟୀ ଏବଂ ସାଧାରଣ ମଧ୍ୟବିତ୍ତ ବର୍ଗ ପ୍ରଭାବିତ ହେବେ। ଏହା ଛଡ଼ା ଲକ୍ଷ ଲକ୍ଷ ଶରଣାର୍ଥୀ ସମସ୍ୟା, ଆତଙ୍କବାଦୀ ସଂଗଠନର ଉତଥାନ ଏବଂ ବିଶ୍ୱ ଅର୍ଥନୀତିର ଅସ୍ଥିରତା ସୃଷ୍ଟି ହେବ। ଟ୍ରମ୍ପଙ୍କ ଏହି ମନମୁଡ଼ି ନିଷ୍ପତ୍ତି କେବଳ ଆମେରିକାର ସୁରକ୍ଷା ନୁହେଁ, ବିଶ୍ୱର ସମସ୍ତ ଦେଶର ସୁରକ୍ଷାକୁ ବିପନ୍ନ କରିଛି।

ଆମେ ଭାରତୀୟ ହୋଇ ଏହି ଯୁଦ୍ଧର ପ୍ରତ୍ୟକ୍ଷ ପ୍ରଭାବ ଅନୁଭବ କରୁଛୁ। ଆମର ବୈଦେଶିକ ନୀତି ଶାନ୍ତିପୂର୍ଣ୍ଣ ସମାଧାନର ପକ୍ଷରେ। କିନ୍ତୁ ଟ୍ରମ୍ପଙ୍କ ଏହି ଏକତରଫା ଆକ୍ରମଣ ଆମକୁ ଚିନ୍ତିତ କରୁଛି। ଜାତିସଂଘ ଏବଂ ଆନ୍ତର୍ଜାତିକ ସମ୍ପ୍ରଦାୟ ଏହି ଯୁଦ୍ଧକୁ ତୁରନ୍ତ ବନ୍ଦ କରିବାକୁ ଡାକ ଦେବା ଉଚିତ୍। କୂଟନୀତି ଏବଂ ଆଲୋଚନା ମାଧ୍ୟମରେ ସମାଧାନ ଖୋଜା ଯାଉ। ଯୁଦ୍ଧ କେବଳ ବିନାଶ ଆଣେ, ଶାନ୍ତି ନୁହେଁ। ଟ୍ରମ୍ପଙ୍କ ଯୁଦ୍ଧ ଘୋଷଣା ବିଶ୍ୱକୁ ଏକ ନୂତନ ସଙ୍କଟରେ ପକାଇଛି। ଏହା କେବଳ ଏକ ରାଷ୍ଟ୍ରପତିର ବ୍ୟକ୍ତିଗତ ଇଚ୍ଛା ନୁହେଁ, ବରଂ ଲକ୍ଷ ଲକ୍ଷ ନାଗରିକଙ୍କ ଜୀବନ ଏବଂ ବିଶ୍ୱ ଅର୍ଥନୀତିର ସହିତ ଜଡ଼ିତ। ଆମେ ସମସ୍ତ ଶାନ୍ତିପ୍ରିୟ ଦେଶ ଏହି ଅସନ୍ତୋଷ ପ୍ରକାଶ କରି କହିବା ଉଚିତ୍ - ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁଛୁ। ଟ୍ରମ୍ପଙ୍କ ନିଷ୍ପତ୍ତି ଇତିହାସରେ ଏକ କଳଙ୍କ ରୂପେ ଚିହ୍ନିତ ହେବ। ବିଶ୍ୱ ଏହାର ପ୍ରତିବାଦ କରୁଛି ଏବଂ ଏହି ଅସନ୍ତୋଷ କ୍ରମଶଃ ବଢ଼ୁଛି। ଶାନ୍ତି ହିଁ ଏକମାତ୍ର ବିକଳ୍ପ।

# ସମ୍ମାନ ସହ ଇଚ୍ଛାମୃତ୍ୟୁ ଅଧିକାର



ଡକ୍ଟର ଲକ୍ଷ୍ମଣ ସାହୁ

ଗତ ୨୦୨୬ ମାର୍ଚ୍ଚ ୧୧ , ବୁଧବାର ସୁପ୍ରିମକୋର୍ଟ ସାମ୍ବିଧାନିକ ଆଲୋଚନାରେ ଏକ ନୂତନ ପୃଷ୍ଠା ବଦଳାଇ ଦେଇଛନ୍ତି। ଏହା ଏକ ଐତିହାସିକ ରାୟ ପ୍ରଦାନ କରି ଗାଜିଆବାଦର ୩୧ ବର୍ଷୀୟ ହରିଶ ରାଣାଙ୍କୁ ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ପ୍ରଦାନ କରିଛନ୍ତି। ଏହି ନିଷ୍ପତ୍ତି ସମ୍ବିଧାନର ନ୍ୟାୟିକ ବ୍ୟାଖ୍ୟାର ଏକ ମୁହୂର୍ତ୍ତକୁ ଚିହ୍ନିତ କରେ। ଯେଉଁଠାରେ ସମ୍ବିଧାନ, ମାନବୀୟ କରୁଣା ଓ ଚିକିତ୍ସାର ବାସ୍ତବତା ପରସ୍ପରକୁ ଛେଦ କରେ।

ହରିଶ ରାଣାଙ୍କ ଜୀବନ ଦୀର୍ଘ ତେର ବର୍ଷ ଧରି ଏକ ଯନ୍ତ୍ରଣାଦାୟକ ଅନିଶ୍ଚିତତା ମଧ୍ୟରେ ଫସି ରହିଛି। ୨୦୧୩ ମସିହାରେ, ଚଣ୍ଡିଗଡ଼ରେ ପାଠପଢ଼ୁଥିବା ସମୟରେ, ସେ ଏକ କୋଠାର ଚତୁର୍ଥ ମହଲାରୁ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଦୁର୍ଘଟଣା ପରଠାରୁ ସେ କୋମାରେ ଅଛନ୍ତି। ଡାକ୍ତରମାନେ କହିଛନ୍ତି ଯେ ତାଙ୍କର ସୁସ୍ଥ ହେବାର ସମ୍ଭାବନା ପ୍ରାୟତଃ ଶେଷ ହୋଇଯାଇଛି। ସେ କେବଳ ଜୀବନ ସମର୍ଥନରେ ବଞ୍ଚିଛନ୍ତି। ତାଙ୍କର ନିରନ୍ତର ଶଯ୍ୟାବନ୍ଦୀ ତାଙ୍କୁ କ୍ଷତଚିହ୍ନ ଦେଇଛି। ଏହି ପରିସ୍ଥିତିରେ ପୁନର୍ବାସର କୌଣସି ବାସ୍ତବିକ ସମ୍ଭାବନା ନଥିବାରୁ ତାଙ୍କ ପିତାମାତା ତାଙ୍କ ପୁଅକୁ ଇଚ୍ଛାମୃତ୍ୟୁ ଦେବାକୁ କୋର୍ଟଙ୍କୁ ଅନୁରୋଧ କରିଥିଲେ।

ମାମଲାର ଶୁଣାଣି କରି, ବିଚାରପତି ଜେ.ବି. ପାରଦିୱାଲା ଓ କେ.ଭି. ବିଶ୍ୱନାଥନଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟର ଏକ ଖଣ୍ଡପୀଠ ଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନକୁ ହରିଶ ରାଣାଙ୍କୁ ପାଲିଏଟିଭ୍ କେୟାରରେ ଭର୍ତ୍ତି କରିବାକୁ ଓ ଚିକିତ୍ସା ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ଜୀବନ-ସହଯୋଗ ଉପକରଣ ଅପସାରଣ ପ୍ରକ୍ରିୟା ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାଲିଏଟିଭ୍ କେୟାର ହେଉଛି ଏକ ଚିକିତ୍ସା ବ୍ୟବସ୍ଥା ଯାହା ଚିକିତ୍ସା ସମାପ୍ତ ହୋଇଗଲେ ମାରାତ୍ମକ ରୋଗରେ ପୀଡିତ ରୋଗୀଙ୍କୁ ଆରାମ ଓ ସମ୍ମାନ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଏହି ନିଷ୍ପତ୍ତିରେ ପହଞ୍ଚିବା କୋର୍ଟ ପାଇଁ ସହଜ ନଥିଲା। ଜଷ୍ଟିସ୍ ପାରଡିୱାଲା ପରିସ୍ଥିତିକୁ ଅତ୍ୟନ୍ତ ଦୁଃଖଦ ବୋଲି ବର୍ଣ୍ଣନା କରି କହିଛନ୍ତି ଯେ ଏହା କୋର୍ଟ ପାଇଁ ମଧ୍ୟ ଏକ କଷ୍ଟକର ନିଷ୍ପତ୍ତି ଥିଲା। କିନ୍ତୁ ଜଣେ ବ୍ୟକ୍ତିଙ୍କୁ ଅନନ୍ତ ଅସହ୍ୟ ଯନ୍ତ୍ରଣାରେ ରଖିବା ଯଥାର୍ଥ ନୁହେଁ। ସୁପ୍ରିମକୋର୍ଟ ସ୍ୱୀକାର କରି କହିଥିଲେ ଯେ ଯେପରି ପ୍ରତ୍ୟେକ ନାଗରିକଙ୍କର ସମ୍ମାନର ସହିତ ବଞ୍ଚିବାର ଅଧିକାର ଅଛି, ସେହିପରି ସମ୍ମାନର ସହିତ ମରିବାର ଅଧିକାରକୁ ମଧ୍ୟ ସମାନ କ୍ରମରେ ବିଚାର କରାଯିବା ଉଚିତ୍।

ଏହି ନିଷ୍ପତ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହାର ସାମ୍ବିଧାନିକ ଆଧାର। ଭାରତୀୟ ସମ୍ବିଧାନର ୨୧ ଧାରାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ସୁନିଶ୍ଚିତ କରେ। ସମୟ ସହିତ, ନ୍ୟାୟପାଳିକା ଏହି ଧାରାଟିର ବ୍ୟାଖ୍ୟାକୁ ବ୍ୟାପକ କରିଛି। ଏହାକୁ ଏକ ମର୍ଯ୍ୟାଦାପୂର୍ଣ୍ଣ ଜୀବନର ଅଧିକାର ସହିତ ଯୋଡ଼ିଛି। ଏହି ସାମ୍ବିଧାନିକ ଆଭିମୁଖ୍ୟ ଇଚ୍ଛାମୃତ୍ୟୁ ପ୍ରସଙ୍ଗକୁ ନ୍ୟାୟିକ ବିତର୍କର ବିଷୟ କରିଛି। ଭାରତରେ ଇଚ୍ଛାମୃତ୍ୟୁ ସମ୍ପର୍କରେ ନ୍ୟାୟିକ ବିଚାର ଧୀରେ ଧୀରେ ବିକଶିତ ହୋଇଛି। ୨୦୧୧ ମସିହାରେ ଅରୁଣା ଶାନବାଗ ନିଷ୍ପତ୍ତିରେ, ସୁପ୍ରିମକୋର୍ଟ ପ୍ରଥମେ ନିଷ୍କ୍ରିୟ ଇଚ୍ଛାମୃତ୍ୟୁକୁ ଅନୁମତି ଦେଇଥିଲେ। ପରବର୍ତ୍ତୀ ସମୟରେ, କମନ କଜ୍ ବନାମ ଇଣ୍ଡିଆ ୟୁନିଅନ୍ ମାମଲାରେ ୨୦୧୮ ମସିହାରେ ଐତିହାସିକ ନିଷ୍ପତ୍ତିରେ, କୋର୍ଟ ନିଷ୍କ୍ରିୟ ଇଚ୍ଛାମୃତ୍ୟୁକୁ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ କରିଥିଲେ ଓ ଏକ ଜୀବନ୍ତ ଇଚ୍ଛାମୃତ୍ୟୁର ଧାରଣାକୁ ସ୍ୱୀକୃତି ଦେଇଥିଲେ। ଏହି ବ୍ୟବସ୍ଥା ଅନୁଯାୟୀ, ଜଣେ ବ୍ୟକ୍ତି ଲିଖିତ ଭାବରେ ଘୋଷଣା କରିପାରିବେ ଯେ କୌଣସି ମରଣାକାଳୀନ ରୋଗ କିମ୍ବା ସାଧାରଣ ଜୀବନ ଅସମ୍ଭବ ପରିସ୍ଥିତିରେ କୃତ୍ରିମ ଜୀବନ ସମର୍ଥନ ଉପକରଣ ଦ୍ୱାରା ତାଙ୍କୁ ଜୀବିତ ରଖାଯିବ ନାହିଁ।

ହରିଶ ରାଣା ମାମଲା ଏହି ବିକଶିତ ସାମ୍ବିଧାନିକ ଢାଞ୍ଚାର ଏକ ସମ୍ବେଦନଶୀଳ ଉଦାହରଣ। କୋର୍ଟ କେବଳ ଏକ ଆଇନଗତ ପ୍ରଶ୍ନର ସମ୍ମୁଖୀନ ହୋଇନଥିଲେ, ବରଂ ଏକ ପରିବାରର ଦୁଃଖ, ଏକ ଯୁବ ଜୀବନର ଅସହାୟତା ତଥା ଚିକିତ୍ସା ବିଜ୍ଞାନର ସୀମାବଦ୍ଧତା ମଧ୍ୟ ସାମ୍ନା କରିଥିଲେ। ଯାହା ଫଳରେ କୋର୍ଟ ତାଙ୍କ ନିଷ୍ପତ୍ତିରେ ଏହି ସମସ୍ତ ଦିଗକୁ ବିଚାରକୁ ନେଇଥିଲେ। ଏହି ମାମଲା ନିଷ୍କ୍ରିୟ ଓ ସକ୍ରିୟ ନ୍ୟାୟ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମାହାର ଉପସ୍ଥାପନ କରିଥିଲା।




ଇଚ୍ଛାମୃତ୍ୟୁର ଦୁଇଟି ପଦ୍ଧତି ମଧ୍ୟରେ ପାର୍ଥକ୍ୟ ମଧ୍ୟ ସ୍ପଷ୍ଟ କରାଯାଇଥିଲା। ନିଷ୍କ୍ରିୟ ଇଚ୍ଛାମୃତ୍ୟୁ ଅର୍ଥ ହେଉଛି ରୋଗୀକୁ ଜୀବିତ ରଖିବା ପାଇଁ କୃତ୍ରିମ ଜୀବନ ସହାୟକ ପ୍ରଣାଳୀକୁ ବାହାର କରିଦେବା। ଯାହା ସେମାନଙ୍କୁ ପ୍ରାକୃତିକ ଭାବରେ ମୃତ୍ୟୁବରଣ କରିବାକୁ ଅନୁମତି ଦିଏ। ବିପରୀତରେ ସକ୍ରିୟ ଇଚ୍ଛାମୃତ୍ୟୁ ଔଷଧ କିମ୍ବା ଅନ୍ୟ ଉପାୟରେ ମୃତ୍ୟୁକୁ ଅନ୍ତର୍ଭୁକ୍ତ କରେ। ଭାରତରେ ସକ୍ରିୟ ଇଚ୍ଛାମୃତ୍ୟୁ ଏପର୍ଯ୍ୟନ୍ତ ଅବୈଧ, ଯେତେବେଳେ ନ୍ୟାୟିକ ନିର୍ଦ୍ଦେଶାବଳୀ ଅନୁଯାୟୀ ନିଷ୍କ୍ରିୟ ଇଚ୍ଛାମୃତ୍ୟୁକୁ ଅନୁମତି ଦିଆଯାଇଛି। ଏହି ସମ୍ବେଦନଶୀଳ ଶୁଣାଣି ସମୟରେ ଜଷ୍ଟିସ୍ କେ.ଭି. ବିଶ୍ୱନାଥନ ଏକ ପ୍ରସିଦ୍ଧ ସଂସ୍କୃତ ଶ୍ଳୋକ ମଧ୍ୟ ଉଦ୍ଧୃତ କରିଥିଲେ। " ଚିନ୍ତାୟାଶ୍ଚ ଚିନ୍ତାୟାଶ୍ଚ ବିନ୍ଦୁମାତ୍ରଂ ବିଶିଷ୍ୟତେ /ଚିତା ଦହତି ନିର୍ଜିବଂ ଚିନ୍ତା ଦହତି ଜୀବନମ୍" ଯାହାର ଆକ୍ଷରିକ ଭାବ ହେଉଛି ଚିନ୍ତାର ବିନ୍ଦୁ ହେଉଛି ଏକମାତ୍ର ଅଦୃଶ୍ୟ ଶକ୍ତି ଯାହା ବିଶେଷ, ଅଗ୍ନିରେ ନିର୍ଜୀବ ଜଳେ , ଚିନ୍ତାରେ ଜୀବନ ଜଳେ। ଅର୍ଥାତ୍, ଚିନ୍ତା ଓ ଶବଦାହ ଚିତା ମଧ୍ୟରେ କେବଳ ଗୋଟିଏ ପାର୍ଥକ୍ୟ ଅଛି। ଯେଭଳି ଶବଦାହ ଚିତା ମୃତ ଶରୀରକୁ ଜାଳିଦିଏ, ସେଭଳି ଚିନ୍ତା ଜୀବିତ ବ୍ୟକ୍ତିର ଜୀବନକୁ ଭିତରୁ ଜାଳିଦିଏ। ଏହି ପଦ୍ୟଟି କେବଳ ଏକ ସାହିତ୍ୟିକ ଉଦ୍ଧୃତି ନଥିଲା, ବରଂ ହରିଶ ରାଣାଙ୍କ ପରିବାର ଗତ ତେର ବର୍ଷ ଧରି ସହ୍ୟ କରୁଥିବା ଦୁଃଖର ଏକ ହୃଦୟ ବିଦାରକ ସନ୍ଦର୍ଭ ଥିଲା।

ଏହି ନିଷ୍ପତ୍ତି ଭାରତୀୟ ସମାଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ମଧ୍ୟ ଉଠେ। ଜୀବନର ଅଧିକାର କେବଳ ନିଶ୍ୱାସ ନେବା ପର୍ଯ୍ୟନ୍ତ ସୀମିତ କି ନା। ଏଥିରେ ମାନବିକ ମର୍ଯ୍ୟାଦା ଓ ଦୁଃଖରୁ ମୁକ୍ତି ମଧ୍ୟ ଅନ୍ତର୍ଭୁକ୍ତ। କୋର୍ଟ ତାଙ୍କ ନିଷ୍ପତ୍ତିରେ ସ୍ପଷ୍ଟ ଭାବରେ ସୂଚାଇ ଦେଇଛନ୍ତି ଯେ ସମ୍ବିଧାନ ମାନବିକ ମର୍ଯ୍ୟାଦାକୁ ସର୍ବାଧିକ ଗୁରୁତ୍ୱ ଦିଏ। ଯେତେବେଳେ ଜୀବନ ଅସହ୍ୟ ଯନ୍ତ୍ରଣାର ସମାର୍ଥକ ହୋଇଯାଏ, ସେତେବେଳେ ସାମ୍ବିଧାନିକ ବ୍ୟବସ୍ଥା ଏହାକୁ ମାନବିକ ସମ୍ବେଦନଶୀଳତା ସହିତ ବିଚାର କରିବା ଉଚିତ୍। ସେହି ସମୟରେ ଏହି ନିଷ୍ପତ୍ତି ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ପାଇଁ ଅନେକ ଚ୍ୟାଲେଞ୍ଜ ମଧ୍ୟ ଉପସ୍ଥାପନ କରେ। ଭାରତରେ ଉପଶାଳୀ ଯତ୍ନ ସୀମିତ ରହିଛି। ଦୁରାରୋଗ୍ୟ ରୋଗରେ ପୀଡିତ ଅନେକ ରୋଗୀ ପର୍ଯ୍ୟାପ୍ତ ଯନ୍ତ୍ରଣା ଉପଶମ ଓ ମାନସିକ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ଯଦି ସ୍ୱାସ୍ଥ୍ୟ ନୀତି ଏହି କ୍ଷେତ୍ରରେ ଅଧିକ ସମ୍ବେଦନଶୀଳ ଓ ଦୃଢ଼ ହୋଇପାରିବ, ତେବେ ଅନେକ ରୋଗୀ ଓ ସେମାନଙ୍କ ପରିବାର ପ୍ରବଳ ଦୁଃଖରୁ ମୁକ୍ତି ପାଇପାରିବେ।

ହରିଶ ରାଣା ମାମଲା ଶେଷରେ କେବଳ ଏକ ଆଇନଗତ ନିଷ୍ପତ୍ତି ନୁହେଁ, ବରଂ ଏକ ମାନବିକ କାହାଣୀ ମଧ୍ୟ କୁହାଯାଇପାରେ। ଜଣେ ଯୁବକଙ୍କ କାହାଣୀ ଯାହାଙ୍କ ଜୀବନ, ଏକ ଦୁର୍ଘଟଣା ପରେ, ତେର ବର୍ଷ ଧରି ଏକ ନୀରବ ସଂଘର୍ଷରେ ପରିଣତ ହୋଇଥିଲା। ଏହି ନିଷ୍ପତ୍ତି ସମ୍ବିଧାନର ସର୍ବଶ୍ରେଷ୍ଠ ଶକ୍ତି, ଏହାର ସମ୍ବେଦନଶୀଳତା ଉପରେ ପ୍ରତିଫଳିତ କରିବାକୁ ପ୍ରେରଣା ଦିଏ। ଯେତେବେଳେ ନ୍ୟାୟପାଳିକା ଜୀବନର ଅଧିକାରର ବ୍ୟାଖ୍ୟାର କେନ୍ଦ୍ରରେ , ସେତେବେଳେ ମାନବିକ ମର୍ଯ୍ୟାଦା ଓ କରୁଣାକୁ ସ୍ଥାନିତ କରେ। ଏହା କେବଳ ଆଇନକୁ ସମର୍ଥନ କରେ ନାହିଁ ବରଂ ସମାଜକୁ ଏକ ଅଧିକ ସମ୍ବେଦନଶୀଳ ଓ ମାନବିକ ଦିଗଦର୍ଶନ ମଧ୍ୟ ପ୍ରଦାନ କରେ। ବାସ୍ତବରେ ହରିଶ ରାଣା ମାମଲାର ନିଷ୍ପତ୍ତି ଏହି ସାମ୍ବିଧାନିକ କରୁଣାର ଉଦାହରଣ ଦିଏ। ଯେଉଁଠାରେ ଏକ ତ୍ରିକୋଣୀୟ ସମବାହୁ ତ୍ରିଭୁଜସମ ଏହା ନ୍ୟାୟ, କରୁଣା ଓ ମାନବିକ ମର୍ଯ୍ୟାଦାର ସହାବସ୍ଥାନ କରେ...!!!!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪, ମୋବାଇଲ୍: ୯୦୪୦୧୫୧୪୭୫**

# ବିଶ୍ୱ ଦୃଷ୍ଟିରେ ଓଡ଼ିଆ ସାହିତ୍ୟର ସ୍ଥାନ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଓଡ଼ିଆ ସାହିତ୍ୟ ଭାରତର ପ୍ରାଚୀନ ଏବଂ ସମୃଦ୍ଧ ସାହିତ୍ୟ ପରମ୍ପରାମାନଙ୍କ ମଧ୍ୟରୁ ଗୋଟିଏ। ଏହା କେବଳ ଓଡ଼ିଶାର ଲୋକଜୀବନ, ସଂସ୍କୃତି ଓ ପରମ୍ପରାକୁ ଅଭିବ୍ୟକ୍ତ କରିନାହିଁ, ବରଂ ବିଶ୍ୱ ମଞ୍ଚରେ ମଧ୍ୟ ନିଜର ଅସ୍ତିତ୍ୱ ସୃଷ୍ଟି କରିପାରିଛି। ଓଡ଼ିଆ ସାହିତ୍ୟର ଐତିହ୍ୟ ପ୍ରାଚୀନ କାଳରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଏକ ସମୃଦ୍ଧ ଧାରା ଭାବେ ଚାଲିଆସୁଛି। କବିତା, ଗଳ୍ପ, ଉପନ୍ୟାସ, ନାଟକ, ନିବନ୍ଧ ଓ ଲୋକସାହିତ୍ୟ ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପରିଚିତ ହୋଇଛି। ଓଡ଼ିଆ ସାହିତ୍ୟର ଆରମ୍ଭ ପ୍ରାୟ ୧୪ଶ ଶତାବ୍ଦୀରୁ ଦେଖାଯାଏ। ଏହି ସମୟରେ ଧାର୍ମିକ ଓ ଭକ୍ତିମୂଳକ ସାହିତ୍ୟ ବିଶେଷ ଭାବରେ ଲିଖାଯାଇଥିଲା। ସେହି ସମୟରେ ଅନେକ କବି ଓ ସନ୍ତମାନେ ଓଡ଼ିଆ ଭାଷାକୁ ଉନ୍ନତ କରିଥିଲେ। ସେମାନଙ୍କ ମଧ୍ୟରୁ ସାରଳା ଦାସ ବିଶେଷ ଭାବରେ ପରିଚିତ। ସେ ଓଡ଼ିଆ ଭାଷାରେ ମହାଭାରତ ରଚନା କରି ଓଡ଼ିଆ ସାହିତ୍ୟକୁ ଏକ ନୂତନ ଦିଗ ଦେଇଥିଲେ। ତାଙ୍କର ରଚନାରେ ଲୋକଜୀବନ ଓ ଧାର୍ମିକ ଚେତନାର ସୁନ୍ଦର ସମନ୍ୱୟ ଦେଖାଯାଏ। ପରବର୍ତ୍ତୀ କାଳରେ ଭକ୍ତି ଆନ୍ଦୋଳନର ପ୍ରଭାବରେ ଅନେକ ସାହିତ୍ୟ ସୃଷ୍ଟି ହୋଇଥିଲା। ଏହି ସମୟରେ "ପଞ୍ଚସଖା" ନାମରେ ପରିଚିତ ପାଞ୍ଚ ଜଣ କବି ଓଡ଼ିଆ ସାହିତ୍ୟର ଉନ୍ନତିରେ ଅସାଧାରଣ ଭୂମିକା ନିଅଥିଲେ। ସେମାନଙ୍କ ମଧ୍ୟରେ ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ ଆଦି ପ୍ରମୁଖ। ସେମାନେ ଧାର୍ମିକ ଓ ଦାର୍ଶନିକ ଚିନ୍ତାଧାରାକୁ ସାଧାରଣ ଲୋକଙ୍କ ପାଖକୁ ପହଞ୍ଚାଇଥିଲେ।

ମଧ୍ୟଯୁଗରେ ଓଡ଼ିଆ ସାହିତ୍ୟରେ କବିତା ଓ ଭକ୍ତି ସାହିତ୍ୟର ଅଧିକ ପ୍ରଭାବ ଦେଖାଯାଏ। ଏହି ସମୟରେ ଉପେନ୍ଦ୍ର ଭଞ୍ଜ ଓଡ଼ିଆ କବିତାକୁ ନୂତନ ରୂପ ଦେଇଥିଲେ। ସେ ଅଳଙ୍କାର ଓ ଶୈଳୀର ସୁନ୍ଦର ବ୍ୟବହାର କରି କବିତାକୁ ଅତ୍ୟନ୍ତ ସୁନ୍ଦର କରିଥିଲେ। ତାଙ୍କର କବିତାରେ ସୌନ୍ଦର୍ଯ୍ୟ, ପ୍ରେମ ଓ ଭାବନାର ଅଦ୍ଭୁତ ଚିତ୍ରଣ ମିଳେ। ଏହି କାଳରେ ଓଡ଼ିଆ ସାହିତ୍ୟରେ ନାଟକ ଓ ଗୀତିକାବ୍ୟ ମଧ୍ୟ ଉନ୍ନତି କରିଥିଲା। ଲୋକସାହିତ୍ୟ ମାଧ୍ୟମରେ ଗାନ, କାହାଣୀ ଓ ପ୍ରବଚନମାନେ ଲୋକମାନଙ୍କ ମଧ୍ୟରେ ବିସ୍ତାର ପାଇଥିଲେ। ଉନିଶତମ ଶତାବ୍ଦୀରେ ଓଡ଼ିଆ ସାହିତ୍ୟ ଏକ ନୂତନ ଦିଗକୁ ଗତି କରିଲା। ଏହି ସମୟରେ ଉପନ୍ୟାସ, ଗଳ୍ପ ଓ ନିବନ୍ଧ ଭଳି ନୂତନ ସାହିତ୍ୟ ଶୈଳୀ ଉଦ୍ଭବ ହେଲା। ଏହି ଯୁଗରେ ଫକୀର ମୋହନ ସେନାପତି ଓଡ଼ିଆ ସାହିତ୍ୟର ପ୍ରମୁଖ ନାମ। ସେ ଓଡ଼ିଆ ଉପନ୍ୟାସର ପ୍ରବର୍ତ୍ତକ ଭାବରେ ପରିଚିତ। ତାଙ୍କର "ଛ ମାଣ ଆଠ ଗୁଣ୍ଠ" ଉପନ୍ୟାସ ଓଡ଼ିଆ ସାହିତ୍ୟରେ ଏକ ଅମୂଲ୍ୟ ସୃଷ୍ଟି। ଏହି ସମୟରେ ରାଧାନାଥ ରାୟ ଓ ମଧୁସୂଦନ ରାଓ ମଧ୍ୟ ଓଡ଼ିଆ ସାହିତ୍ୟରେ ଅସାଧାରଣ ଅବଦାନ ରଖିଥିଲେ। ସେମାନେ ଆଧୁନିକ କବିତା ଶୈଳୀକୁ ପ୍ରଚଳିତ କରିଥିଲେ ଏବଂ ସମାଜିକ



ସଚେତନତାକୁ ସାହିତ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ବିଶ୍ୱ ଦୃଷ୍ଟିରେ ଓଡ଼ିଆ ସାହିତ୍ୟର ଗୁରୁତ୍ୱ ଦିନକୁ ଦିନ ବଢ଼ୁଛି। ଓଡ଼ିଆ ସାହିତ୍ୟର ଅନେକ କୃତି ଅନ୍ୟ ଭାଷାକୁ ଅନୁବାଦ ହୋଇ ବିଶ୍ୱର ବିଭିନ୍ନ ଦେଶରେ ପଢ଼ାଯାଉଛି। ଏହା ଫଳରେ ଓଡ଼ିଆ ସାହିତ୍ୟର ଚିନ୍ତାଧାରା ଓ ସଂସ୍କୃତି ବିଶ୍ୱରେ ପ୍ରଚାର ପାଉଛି। ଆଧୁନିକ ଯୁଗରେ ଗୋପୀନାଥ ମହାନ୍ତି, ସଚିଦାନନ୍ଦ ରାଉତରାୟ ଓ ପ୍ରତିଭା ରାୟ ଭଳି ସାହିତ୍ୟିକମାନେ ଓଡ଼ିଆ ସାହିତ୍ୟକୁ ଆନ୍ତର୍ଜାତୀୟ ମଞ୍ଚରେ ପରିଚିତ କରାଇଛନ୍ତି। ସେମାନଙ୍କ ରଚନାରେ ମାନବତା, ସମାଜ, ସଂସ୍କୃତି ଓ ଜୀବନର ଗଭୀର ଅନୁଭୂତି ଦେଖାଯାଏ। ଓଡ଼ିଆ ସାହିତ୍ୟର ଏହି ସମୃଦ୍ଧ ଐତିହ୍ୟକୁ ମାନ୍ୟତା ଦେଇ ଭାରତ ସରକାର ଓଡ଼ିଆ ଭାଷାକୁ ୨୦୧୪ ମସିହାରେ "କ୍ଲାସିକାଲ ଲାଙ୍ଗୁଏଜ" ଭାବରେ ସ୍ୱୀକୃତି ଦେଇଥିଲେ। ଏହା ଓଡ଼ିଆ ଭାଷା ଓ ସାହିତ୍ୟର ଗୌରବକୁ ବିଶ୍ୱ ମଞ୍ଚରେ ବଢ଼ାଇଛି। ଓଡ଼ିଆ ସାହିତ୍ୟର ମୁଖ୍ୟ ବିଶେଷତା ହେଉଛି ଏହାର ସରଳ ଭାଷା, ଗଭୀର ଭାବନା ଓ ସାମାଜିକ ଜୀବନର ସତ୍ୟ ଚିତ୍ରଣ। ଓଡ଼ିଆ ସାହିତ୍ୟରେ ଗ୍ରାମୀଣ ଜୀବନ, ପ୍ରକୃତିର ସୌନ୍ଦର୍ଯ୍ୟ, ଧାର୍ମିକ ଆସ୍ଥା ଓ ମାନବୀୟ ମୂଲ୍ୟବୋଧ ସୁନ୍ଦର ଭାବରେ ପ୍ରକାଶ ପାଇଛି। ଏହା ସହ ଓଡ଼ିଆ ସାହିତ୍ୟରେ ଲୋକସାହିତ୍ୟର ମଧ୍ୟ ଅତ୍ୟନ୍ତ ମହତ୍ତ୍ୱ ଅଛି। ଲୋକଗୀତ, ପାଲା, ଦାସକଥିଆ ଓ ଲୋକକାହାଣୀମାନେ ଓଡ଼ିଆ ସଂସ୍କୃତିର ଅମୂଲ୍ୟ ଧନ। ଓଡ଼ିଆ ସାହିତ୍ୟ ଏକ ସମୃଦ୍ଧ ଓ ଗୌରବମୟ ପରମ୍ପରା। ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଅନେକ ସାହିତ୍ୟିକ ତାଙ୍କର ଅଦ୍ଭୁତ କୃତି ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ଉନ୍ନତ କରିଛନ୍ତି। ବିଶ୍ୱ ଦୃଷ୍ଟିରେ ମଧ୍ୟ ଏହାର ମହତ୍ତ୍ୱ ଦିନକୁ ଦିନ ବଢ଼ୁଛି। ଅନୁବାଦ, ଗବେଷଣା ଓ ଆନ୍ତର୍ଜାତୀୟ ସାହିତ୍ୟ ମଞ୍ଚରେ ଅଂଶଗ୍ରହଣ ମାଧ୍ୟମରେ ଓଡ଼ିଆ ସାହିତ୍ୟ ଆହୁରି ବିଶ୍ୱବ୍ୟାପୀ ହେଉଛି। ଓଡ଼ିଆ ସାହିତ୍ୟ କେବଳ ଏକ ଅଞ୍ଚଳୀୟ ସାହିତ୍ୟ ନୁହେଁ, ବରଂ ବିଶ୍ୱ ସାହିତ୍ୟର ଏକ ଗୌରବମୟ ଅଂଶ। ଭବିଷ୍ୟତରେ ନୂତନ ଲେଖକ ଓ ସୃଷ୍ଟିଶୀଳ ଚିନ୍ତାଧାରା ମାଧ୍ୟମରେ ଓଡ଼ିଆ ସାହିତ୍ୟ ଆହୁରି ଉଚ୍ଚ ସ୍ଥାନ ଅଧିକାର କରିବ ବୋଲି ଆଶା କରାଯାଏ।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ:୮୨୪୯୫୦୨୭୭୬**

# ରେଡକ୍ରସ୍ ଆଦର୍ଶ ସମଗ୍ର ଜାତିର ମୂଳମନ୍ତ୍ର ହେଉ

ତପନ କୁମାର ପରିଡା

ମାନବର ସେବା ସମସ୍ତଙ୍କର ବଡ଼ କର୍ତ୍ତବ୍ୟ ହେବା ଉଚିତ୍। କାରଣ ଯେଉଁଠି ଯନ୍ତ୍ରଣା ଅଛି, ସେଠି ସହାୟତା ପହଞ୍ଚିବା ଦରକାର। ସତ୍ୟ ଓ ଅହିଂସା ସହ ମାନବର ସେବା ହିଁ ଜୀବନର ସର୍ବୋଚ୍ଚ ଧର୍ମ ହେବା ଦରକାର। ମାନବତା ଓ ସହାନୁଭୂତି ବିନା ସଭ୍ୟତାର ଅର୍ଥ ନାହିଁ। ସେବା ଓ ଭଲପାଇବା ଦ୍ୱାରା ଆମେ ଜଗତକୁ ଶାନ୍ତି ଦେଇପାରିବା।ଯୁବପିଢ଼ି ଯଦି ସେବା ଓ ସହଯୋଗ ମନୋଭାବ ଗ୍ରହଣ କରି କାର୍ଯ୍ୟ କରନ୍ତି, ତେବେ ଦେଶ ଓ ବିଶ୍ୱର ଉନ୍ନତି ସୁନିଶ୍ଚିତ। ଯେଉଁ ସେବା ଓ ସହଯୋଗ ମନୋଭାବକୁ ଆଜିର ସମୟରେ ରେଡ କ୍ରସ ପ୍ରେରଣା ଦେଉଅଛି। ରେଡ କ୍ରସ ଯୁଦ୍ଧ ଓ ଦୁର୍ବିପାକ ସମୟରେ ମାନବତାର ଦୀପଶିଖା ଭଳି କାମ କରେ। କାରଣ ମାନବ ସେବା ହିଁ ମାଧବ ସେବା। ଦୁଃଖୀ ଓ ପୀଡ଼ିତଙ୍କୁ ସହାୟତା କରିବା ହେଉଛି ରେଡକ୍ରସର ମୂଳମନ୍ତ୍ର। ଅତୀତର ଇତିହାସର ପୃଷ୍ଠାକୁ ଉନ୍ମୋଚନ କଲେ ଆମେ ଦେଖିବାକୁ ପାଇବା ଯେ, ଯୁଦ୍ଧ, ଦୁର୍ଘଟଣା, ପ୍ରାକୃତିକ ବିପଦ, ଦାରିଦ୍ର୍ୟ, ଦୁଃଖ ଓ ରୋଗ କିପରି ମାନବଜାତିକୁ ପ୍ରପୀଡ଼ିତ କରିଛି। ଏହି ସମୟରେ ମାନବତାର ରଶ୍ମି ରୂପେ ଉଭା ହୋଇଛି ସେବା। ଏହି ମହାନ ମୂଲ୍ୟବୋଧକୁ ବିଶ୍ୱ ସ୍ତରରେ ପ୍ରଚାର କରିବା ପାଇଁ ଯେଉଁ ସଂଗଠନଟି ଅସାଧାରଣ ଭୂମିକା ଗ୍ରହଣ କରିଛି, ତାହାର ନାମ ହେଉଛି ରେଡ୍ କ୍ରସ୍। ସ୍ୱାସ୍ଥ୍ୟ ସେବା ଓ ବିଶ୍ୱ ବନ୍ଧୁତାର ନୀତିରେ ରେଡ୍ କ୍ରସ୍ ଉଦଭାସିତ। ରେଡ୍ କ୍ରସର ଏହି ନୀତି କେବଳ ରେଡ୍ କ୍ରସ୍ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱର ପ୍ରତ୍ୟେକ ଜାତିର ମୂଳମନ୍ତ୍ର ହେବା ଦରକାର। ଏହି ରେଡ୍ କ୍ରସ୍ ଜନ୍ମନିଏ ଏକ ଯୁଦ୍ଧର ବିଭୀଷିକାରୁ। ଯାହାର ନାମ ଥିଲା ସଲଫୋରିନୋ ଯୁଦ୍ଧ। ଏହି ଯୁଦ୍ଧ ୧୮୫୯ ମସିହାରେ ଇଟାଲୀର ଲମ୍ବାର୍ଡି ଅଞ୍ଚଳର ଥିବା ସଲଫେରିନୋ ନାମକ ସ୍ଥାନରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଦ୍ଧରେ ହଜାର ହଜାର ଆହତ ସୈନିକମାନଙ୍କ ଦୁଃଖଦ ଅବସ୍ଥା ଦେଖି ଭାବବିହ୍ୱଳ ହୋଇଯାଇଥିଲେ ଯୁବ ବ୍ୟବସାୟୀ ହେନେରୀ ଡୁନାଣ୍ଟ। ଆହତ ସୈନିକମାନଙ୍କର ଆର୍ତ୍ତଚିତ୍କାରକୁ ସହ୍ୟ କରି ନ ପାରି ରାତ୍ରିର ଘନ ଅନ୍ଧାକାରରେ ନିକଟସ୍ଥ ଗ୍ରାମକୁ ଯାଇ ଲୋକମାନଙ୍କୁ ଡାକି ପ୍ରାଥମିକ ଚିକିତ୍ସା ଦେବା ଆରମ୍ଭ କରିଥିଲେ। ପରେ ଏହି ଅନୁଭବ ତାଙ୍କୁ ପ୍ରେରିତ କଲା ଏମିତି ଏକ ସଂସ୍ଥା ଗଠନ କରିବାକୁ, ଯାହା ଯୁଦ୍ଧ ଓ ବିପଦ ସମୟରେ ମାନବ ସେବାରେ ନିୟୁକ୍ତ ହେବ। ୧୮୬୪ ମସିହାରେ ପ୍ରତିଷ୍ଠା ହେଲା ଆନ୍ତର୍ଜାତୀୟ ରେଡ୍ କ୍ରସ୍ ସମିତି। ଏହାପରେ ଏହା ବିଶ୍ୱରେ ଏକ ବିଶାଳ ମାନବାଦୀ ଆନ୍ଦୋଳନରେ ପରିଣତ ହେଲା। ବର୍ତ୍ତମାନ ରେଡ୍ କ୍ରସ୍ ସାତଟି ମୂଳ ନୀତି ଉପରେ କାର୍ଯ୍ୟ କରୁଛି। ଏହି ନୀତିଗୁଡିକ ହେଉଛି — ମାନବତା, ନିରପେକ୍ଷତା, ପକ୍ଷପାତହୀନତା, ସ୍ୱାଧୀନତା, ସେବା, ଏକତା ଓ ସାର୍ବଜନୀନତା। ମାନବତା ରେଡ୍ କ୍ରସ୍ର ପ୍ରଥମ ଓ ସର୍ବପ୍ରଧାନ ନୀତି। ଯେଉଁଠି ମାନବ ଅସୁବିଧାରେ ରହିଛି, ସେଠି ସେବା ଦେବା ଏହାର ପ୍ରଧାନ ଲକ୍ଷ୍ୟ। ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ରାଷ୍ଟ୍ରର ଭେଦଭାବ ଭୁଲି ମାନବତାକୁ ସେବା କରିବା ଏହାର ମୂଳମନ୍ତ୍ର ଅଟେ। ରେଡ୍ କ୍ରସ୍ କୌଣସି ଦଳ, ଧର୍ମ କିମ୍ବା ରାଷ୍ଟ୍ର ପ୍ରତି ପକ୍ଷପାତ କରେ ନାହିଁ। ଯେଉଁଠାରେ ଆବଶ୍ୟକତା ରହିଛି, ସେଠାରେ ରେଡ୍ କ୍ରସ୍ ସେବା ଯୋଗାଏ। ଏହି ନୀତି ଯୋଗୁଁ ରେଡ୍ କ୍ରସ୍ ଆଜି ବିଶ୍ୱରେ ବିଶେଷ ପ୍ରାସଙ୍ଗିକ ହୋଇପାରିଛି।ନିରପେକ୍ଷତା ରେଡ୍ କ୍ରସର ଏକ ମହାନ ଅସ୍ତ୍ର। ଏହାକୁ ପ୍ରୟୋଗ କରି ସେ ସମଗ୍ର ବିଶ୍ୱରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଛି। ଯଦିଓ ରେଡ୍ କ୍ରସ୍ ସରକାରଙ୍କ ସହ କାମ କରେ, ତଥାପି ସେ ସବୁ କାର୍ଯ୍ୟରେ ନିଜର ସ୍ୱାଧୀନତାକୁ ବଜାଇ ରଖିଥାଏ, ଯାହା ଆଜିର ଲୋକତାନ୍ତ୍ରିକ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଆବଶ୍ୟକ। ସେବା ହେଉଛି ରେଡ୍ କ୍ରସର ଆତ୍ମା। ସ୍ୱେଚ୍ଛାକୃତ ସେବା ଦ୍ୱାରା ଏହାର କାର୍ଯ୍ୟ ସର୍ବଦା ଚାଲିଥାଏ। ଯାହାଫଳରେ ଅନେକ ଜଟିଳ ସମସ୍ୟାର ସମାଧାନ ଅତି ସହଜରେ ହୋଇପାରେ। ପ୍ରତ୍ୟେକ ଦେଶରେ ଏକମାତ୍ର ସଂଗଠନ ରେଡ୍ କ୍ରସ୍ ଯାହା ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖି ନିଜର କାର୍ଯ୍ୟ କରେ। ଏହି ନୀତି ଜାତୀୟ ଏକତା ଓ ସାମ୍ପ୍ରଦାୟିକ ସମ୍ମିଳନୀ ପାଇଁ ପ୍ରେରଣା ଯୋଗାଇଥାଏ। ସେହିପରି, ରେଡ୍ କ୍ରସ୍ ବିଶ୍ୱର ଏକ ଏପରି ସଂଗଠନ, ଯାହା ସମସ୍ତ ଦେଶକୁ ଏକପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ମାନବବାଦକୁ ଏକ ପରିବାରର ଧାରଣା ଦେଇଥାଏ। ଅଧୁନା ବିଶ୍ୱରେ ଯୁଦ୍ଧ, ଆତଙ୍କବାଦ, ସୀମା ବିବାଦ, ମହାମାରୀ ପରି ଅନେକ ସମସ୍ୟା ଦେଖା ଦେଉଛି। ଏହି ସମସ୍ୟାଗୁଡ଼ିକର ସମାଧାନ କେବଳ ଧନ ଦ୍ୱାରା ସମ୍ଭବ ନୁହେଁ, ବରଂ ସେବା, ସହଯୋଗ ଓ ମାନବବାଦ ଦ୍ୱାରା ସମ୍ଭବ। ଯଦି ପ୍ରତ୍ୟେକ ଜାତି ରେଡ୍ କ୍ରସ୍ର ନୀତିକୁ ମୂଳମନ୍ତ୍ର ରୂପେ ଗ୍ରହଣ କରି କାର୍ଯ୍ୟ କରିବେ, ତେବେ ସେମାନଙ୍କ ଦେଶର ନାଗରିକମାନଙ୍କ ମଧ୍ୟରେ ସହାନୁଭୂତି ଓ ସହଯୋଗ ବୃଦ୍ଧି ପାଇବା ସହିତ ସାମ୍ପ୍ରତିକ ହିଂସା ମଧ୍ୟ କମିବ।ବିଦ୍ୟାଳୟ ଓ କଲେଜଗୁଡ଼ିକରେ ରେଡ୍ କ୍ରସ୍ର ନୀତିଗୁଡ଼ିକର ଶିକ୍ଷା ଦେବା ଅତ୍ୟନ୍ତ ଜରୁରୀ ଅଟେ, କାରଣ ଛାତ୍ରଛାତ୍ରୀମାନେ ଛୋଟଦିନରୁ ସେବା ଓ ମାନବବାଦର ମୂଲ୍ୟ ବୁଝିପାରିବେ। ସେମାନେ ସଚେତନ ହୋଇ ଦେଶ ଓ ଜାତି ପାଇଁ କାର୍ଯ୍ୟ କରିବେ। ପ୍ରାକୃତିକ ବିପର୍ଯ୍ୟୟ ଯଥା ବାତ୍ୟା, ବନ୍ୟା, ମରୁଡ଼ି, ମହାମାରୀ ଆଦି ସମୟରେ ରେଡ୍ କ୍ରସ୍ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ସମୟରେ ଲୋକମାନଙ୍କୁ ଖାଦ୍ୟ, ବସ୍ତ୍ର, ଔଷଧ ଓ ଆଶ୍ରୟ ଯୋଗାଇବା ଏହାର ପ୍ରଧାନ କାର୍ଯ୍ୟ ଅଟେ। ଏହି ଆଦର୍ଶକୁ ଯଦି ପ୍ରତ୍ୟେକ ରାଷ୍ଟ୍ର ଅନୁସରଣ କରି କାର୍ଯ୍ୟ କରିବେ, ତେବେ ସେମାନେ ଦୁର୍ଘଟନା ସମୟରେ ଜନସେବା କାର୍ଯ୍ୟରେ ଅଧିକ ସକ୍ଷମ ହୋଇପାରିବେ।ରେଡ୍ କ୍ରସ୍ ସମାଜର ସ୍ୱାସ୍ଥ୍ୟ, ସଚେତନତା, ରକ୍ତଦାନ, ପ୍ରାଥମିକ ଚିକିତ୍ସା, ଶିକ୍ଷା ଓ ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଏ। ଯଦି ପ୍ରତ୍ୟେକ ରାଷ୍ଟ୍ର ଏହି ନୀତିଗୁଡ଼ିକୁ ଅପଣାଇ ନେଇଥାନ୍ତେ, ତେବେ ସେ ରାଷ୍ଟ୍ରର ଲୋକମାନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ସମ୍ଭବ ହୋଇପାରିବ। ବିଶ୍ୱ ଶାନ୍ତି ପାଇଁ କେବଳ ଚୁକ୍ତିନାମା ବା ସମ୍ମିଳନୀ ସକ୍ଷମ ନୁହେଁ; ସେଥିପାଇଁ ମାନବ ମନରେ ସହାନୁଭୂତି ଓ ସମ୍ମାନ ରହିବା ଆବଶ୍ୟକ। ରେଡ୍ କ୍ରସ୍ ଏହି ନୀତିମାନଙ୍କର ବିକାଶ କରେ, ଯାହା ଦ୍ୱାରା ଦେଶଗୁଡ଼ିକ ମଧ୍ୟରେ ବିଶ୍ୱାସ ଓ ସମ୍ମାନ ବଜାୟ ରହିପାରେ।ଭାରତରେ ୧୯୨୦ ମସିହାରେ ରେଡ୍ କ୍ରସ୍ର ସ୍ଥାପନା ହୋଇଥିଲା। ସ୍ୱାଧୀନତା ପରେ ଦେଶର ଦୁର୍ଦ୍ଦିନ ସମୟରେ ଏହା ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସୁଛି। ବିଶେଷ କରି ଓଡ଼ିଶା ପରି ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟରେ ଏହାର କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ। ଯଦି ଆଜିର ଯୁବପିଢ଼ି ରେଡ୍ କ୍ରସ୍ର ଆଦର୍ଶରେ ଅନୁପ୍ରେରିତ ହେବେ, ତେବେ ସମାଜରେ ଏକ ନୂଆ ଆଶାର କିରଣ ସଞ୍ଚାରିତ ହେବ। ସମାଜର ଉନ୍ନତି କେବଳ ଆର୍ଥିକ ବିକାଶରେ ସୀମିତ ନୁହେଁ। ରେଡ୍ କ୍ରସ୍ର ସାତୋଟି ନୀତି ପ୍ରତ୍ୟେକ ରାଷ୍ଟ୍ର ବା ଜାତି ପାଇଁ ଏକ ଆଦର୍ଶ ମାର୍ଗଦର୍ଶିକା।ଯଦି ସମସ୍ତେ ଏହାକୁ ଗ୍ରହଣ କରନ୍ତି, ତେବେ ବିଶ୍ୱରେ ଶାନ୍ତି, ସହଯୋଗ ଓ ମାନବବାଦର ଏକ ନୂଆ ଯୁଗ ସୃଷ୍ଟି ହେବ। ତେଣୁ ଆମେ ସମସ୍ତେ ରେଡ୍ କ୍ରସ୍ର ନୀତିକୁ ଜୀବନରେ ଅନୁସରଣ କରିବା ଉଚିତ ଓ ମାନବବାଦକୁ ଜୀବନର ସବୁଠୁ ବଡ଼ ଧର୍ମ ଭାବେ ଗ୍ରହଣ କରି କାର୍ଯ୍ୟ କରିବା ଉଚିତ।

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ
**ଗୁମୁଡା, କୋଟପାଡ଼, କୋରାପୁଟ**
**ମୋବାଇଲ୍:୯୬୯୨୮୩୫୩୭୮**

# ଇସ୍ରାଏଲ ଉପରେ ଇରାନର ଅସୁର ମିସାଇଲ୍ ମାଡ଼



**ତେହେରାନ,୧୬।୩:** ଆମେରିକା ଏବଂ ଇରାନ ମଧ୍ୟରେ ଭୟଙ୍କର ଯୁଦ୍ଧ ଜାରି ରହିଥିବାବେଳେ ଇସ୍ରାଏଲ ଉପରେ ଇରାନ୍ ଶକ୍ତିଶାଳୀ ଅସୁର ମିସାଇଲ୍ ମାଡ଼ କରିଛି। ଯେଉଁଥିରେ ଆଡଭାନ୍ସଡ୍ ଫିଚର୍ସ ରହିଛି। ଆମେରିକାର ସାମରିକ ଘାଟିକୁ ଏଥିରେ ଟାର୍ଗେଟ୍ କରାଯାଇଛି। ପ୍ରଥମ ଥର ପାଇଁ ଯୁଦ୍ଧରେ ଏହି ମିସାଇଲ ବ୍ୟବହାର କରାଯାଇଛି। ଇରାନ ଯେଉଁ ମିସାଇଲ ମାଡ଼ କରିଛି ତାହା ହେଲା ସେଜିଲ୍ ମିସାଇଲ୍। ଏହାକୁ ଇରାନ ନିଜ ଦେଶରେ ପ୍ରସ୍ତୁତ କରିଛି। ଏହା ଏକ ଟୁ ଷ୍ଟେଜ୍ ବାଲିଷ୍ଟିକ୍ ମିସାଇଲ୍। ଏହାକୁ ଅସୋରା ଏବଂ ଅସୁର ମିସାଇଲ୍ ମଧ୍ୟ କୁହାଯାଏ।

ତେହେରାନର ସେଜିଲ୍ ମିସାଇଲ ଏକ ମିଡିୟମ ରେଞ୍ଜ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର। ଏହାର ଲକ୍ଷ୍ୟଭେଦୀ କ୍ଷମତା ୨ ହଜାର କିଲୋମିଟର। ଏହା ୭୦୦ କେଜିର ପ୍ଲେଲୋଡ୍ ନେଇପାରିବ। ଅଧିକ ଉଚ୍ଚତାକୁ ଯାଉଥିବାରୁ ଏହାକୁ ଡ୍ୟାନ୍ସିଂ ମିସାଇଲ ମଧ୍ୟ କୁହାଯାଏ। ସେଜିଲ୍ ଅନ୍ୟ ଦେଶର ମିସାଇଲ ଡିଫେନ୍ସ ସିଷ୍ଟମକୁ ଚକମା ଦେବାରେ ସକ୍ଷମ। ଇରାନ୍ ଗଣମାଧ୍ୟମ ଅନୁସାରେ, ଅସୁର ମିସାଇଲର ଲମ୍ବ ୧୮ ମିଟର। ଏହାର ଡାଏମିଟର ୧.୨୫ ମିଟର ଏବଂ ଓଜନ ୨୩ ହଜାର ୬୦୦ କେଜି। ୧୯୯୦ ମସିହାରେ ଏହାକୁ ତିଆରି କରାଯାଇଥିଲା। ୨୦୦୮ରେ ମିସାଇଲର ପ୍ରଥମ ପରୀକ୍ଷଣ ହୋଇଥିଲା। ଯାହା ୮୦୦ କିମି ଦୂରରେ ଥିବା ଟାର୍ଗେଟ୍‌କୁ ଭେଦ କରିଥିଲା। ୨୦୦୯ରେ ଆଉ ଥରେ ଏହାର ପରୀକ୍ଷଣ କରାଯାଇଥିଲା।। ଯେଉଁଥିରେ ନାଭିଗେସନ ସିଷ୍ଟମ ରହିଛି।

ଯୁଦ୍ଧର ୧୬ ତମ ଦିନରେ ଇରାନ ଏହି ମିସାଇଲ ଲଞ୍ଚ୍ କରିଛି। ଫେବ୍ରୁଆରୀ ୨୮ରେ ପ୍ରଥମ ଥର ଇରାନ ଉପରେ ଆକ୍ରମଣ କରାଯାଇଥିଲା। ଯେଉଁଥିରେ ସର୍ବୋଚ୍ଚ ନେତା ଆୟତୁଲ୍ଲାହ ଖାମେନି ନିହତ ହୋଇଥିଲେ। ଏହା ପରେ ଇରାନ ପ୍ରତିଶୋଧ ନେବା ଆରମ୍ଭ କରିଛି।

## ନାଟୋକୁ ନାଲିଆଖି ଦେଖାଇଲେ ଟ୍ରମ୍ପ




**ତେହେରାନ,୧୬।୩:** ନାଟୋକୁ ନାଲିଆଖି ଦେଖାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ଭବିଷ୍ୟତ ପାଇଁ ସତର୍କ କରାଇଛନ୍ତି। ଇରାନ ସହ ଯୁଦ୍ଧ ମଧ୍ୟରେ ନାଟୋର ଆଚରଣ ଉପରେ ଟ୍ରମ୍ପ୍ ପ୍ରଶ୍ନ କରିଛନ୍ତି। ଏହାସହ ଆଗକୁ ନାଟୋ ଭୟଙ୍କର ବିପଦର ସାମ୍ନା କରିବ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି।

ରିପୋର୍ଟ ଅନୁସାରେ, ନିକଟରେ ଷ୍ଟ୍ରେଟ୍ ଅଫ୍ ହର୍ମୋଜକୁ ନେଇ ଟ୍ରମ୍ପ୍ ନୂଆ ଯୋଜନା କରିଥିଲେ। ବିଭିନ୍ନ ଦେଶକୁ ଏଠାରେ ନିଜର ଯୁଦ୍ଧ ଜାହାଜ ମୁତୟନ କରିବାକୁ ସେ କହିଥିଲେ। ଏପରିକି ନାଟୋ ଦେଶଙ୍କୁ ସହଯୋଗ ମାଗିଥିଲେ। ୟୁରୋପୀୟ ଦେଶ ଆମେରିକାର ଉଦ୍ୟମକୁ ସମର୍ଥନ କରନ୍ତୁ ବୋଲି ସେ କହିଥିଲେ। କିନ୍ତୁ ନାଟୋ ପକ୍ଷରୁ ସେପରି କିଛି ସହଯୋଗ ମିଳିନାହିଁ। ଏବେ ଟ୍ରମ୍ପ୍ କହିଛନ୍ତି ଯେ, ରୁଷ-ୟୁକ୍ରେନ ଯୁଦ୍ଧରେ ନାଟୋକୁ ଆମେରିକା ସହଯୋଗ କରିଛି। ଆଗକୁ ମଧ୍ୟ କରିବ। ବ୍ରିଟେନ ମଧ୍ୟ ନିଜର ସୈନ୍ୟ ବେସ୍ ବ୍ୟବହାର କରିବାକୁ ଆମେରିକାକୁ ଦେଉ ନାହିଁ। ନାଟୋ ଯାହା କରୁଛି ଭବିଷ୍ୟତ ପାଇଁ ତାହା ଭଲ ନୁହେଁ। ୟୁକ୍ରେନ ଆମେରିକାଠୁ ହଜାରେ କିଲୋମିଟର ଦୂରରେ ରହିଛି। ତଥାପି ଆମେରିକା ସାହାଯ୍ୟ କରୁଛି। ସେ ନାଟୋ ପାଇଁ ସଦାବେଳେ ଅଛନ୍ତି। କିନ୍ତୁ ନାଟୋ ହାତ ଛାଡି ଦେଉଛି। ଟ୍ରମ୍ପ୍ ୟୁରୋପର କମାଣ୍ଡୋ ଇରାନରେ ପଶି ଆକ୍ରମଣ କରିବାକୁ ଚାହୁଁଛନ୍ତି। ହେଲେ ୟୁରୋପ ତରଫରୁ ସେପରି କିଛି ସହଯୋଗ ମିଳୁନି। ଷ୍ଟ୍ରେଟ୍ ଅଫ୍ ହର୍ମୋଜର ସୁରକ୍ଷା ପାଇଁ ୟୁରୋପର ଆବଶ୍ୟକତା ରହିଛି। କିନ୍ତୁ ସେମାନେ ଏଥିରୁ ବିରତ ରହୁଛନ୍ତି। ଆମେରିକା ସହାବେଳେ ସାହାଯ୍ୟ ପାଇଁ ପ୍ରସ୍ତୁତ ଅଛି। ସେମାନଙ୍କଠୁ ମଧ୍ୟ ସାହାଯ୍ୟ ଆଶା ରଖୁଛି। ହେଲେ ଏହା ସମ୍ଭବ ହେଉନି।

ସେ ଆହୁରି କହିଛନ୍ତି ଯେ, ଷ୍ଟ୍ରେଟ୍ ଅଫ୍ ହର୍ମୋଜ୍ ଦେଇ୭ଟି ବଡ ଦେଶକୁ ତୈଳ ଯୋଗାଣ ହୁଏ। ଏହି ସବୁ ଦେଶ ଏଠାକୁ ଆସି ନିଜ ଜାହାଜର ସୁରକ୍ଷା କରିବା ଜରୁରୀ। କାରଣ ଏହା ସେମାନଙ୍କ ଅଞ୍ଚଳ। ସେ ରବିବାର ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କ ସହ ଏବାବଦରେ କଥା ହୋଇଥିଲେ। ବ୍ରିଟେନ୍ ଆମେରିକାର ସବୁଠୁ ଭଲ ବନ୍ଧୁ। କିନ୍ତୁ ଏବେ ସେମାନେ ପଛଘୁଞ୍ଚା ଦେଉଛନ୍ତି। ଆହୁରି ମଧ୍ୟ ଖୁବ୍ ଶୀଘ୍ର ସେ ଇରାନ କବଳରୁ ଷ୍ଟ୍ରେଟ୍ ଅଫ୍ ହର୍ମୋଜକୁ ମୁକ୍ତ କରିବେ ବୋଲି ଦାବି କରିଛନ୍ତି।

## ଇରାନ ସମର୍ଥନରେ ଭିଡିଓ ପୋଷ୍ଟ କରି ୟୁଏଇରେ ବନ୍ଧାହେଲେ ୧୯ ଭାରତୀୟ



**ଦୁବାଇ,୧୬।୩:** ସୋସିଆଲ ମିଡିଆରେ ଇରାନ ସମର୍ଥନରେ ଭିଡିଓ ପୋଷ୍ଟ୍ କରି ୧୯ ଭାରତୀୟ ଗିରଫ ହୋଇଥିବା ସୂଚନା ମିଳିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ସୋସିଆଲ ମିଡିଆରେ କିଛି ମିଛ ଏବଂ ସମ୍ବେଦନଶୀଳ ଭିଡିଓ ପୋଷ୍ଟ୍ କରିବା ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଛି।

ୟୁଏଇ ଅଧିକାରୀଙ୍କ କହିବାନୁସାରେ, ଗତ ଫେବ୍ରୁଆରୀ ୨୮ରୁ ମଧ୍ୟପ୍ରାଚ୍ୟ ଅଶାନ୍ତ ରହିଛି। ଯାହାର ଅନେକ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏହା ମଧ୍ୟରୁ ଅନେକ ମିଛ ଏବଂ ଫେକ୍ ଭିଡିଓ। ଯାହାକୁ ଜାଣିଶୁଣି ପ୍ରସ୍ତୁତ କରାଯାଇଛି। କିଛି ବ୍ୟକ୍ତି ବିଭିନ୍ନ ପ୍ଲାଟଫର୍ମରେ ଏପରି ଅନେକ ଫେକ୍ ଭିଡିଓକୁ ଭାଇରାଲ କରୁଛନ୍ତି। ଏହି ଘଟଣାରେ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପ୍ରଥମେ୨୫ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରେ୧୭ଜଣ ଭାରତୀୟ ରହିଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ୧୦ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଦୁଇ ଜଣ ଭାରତୀୟ ରହିଛନ୍ତି। ୟୁଏଇ ଆଟର୍ଣ୍ଣି ଜେନେରାଲ ହମାଦ୍ ସୈଫ ଅଲ୍ ସାମସ୍ କହିଛନ୍ତି ଯେ, ଡିଜିଟାଲ ପ୍ଲାଟଫର୍ମ ଉପରେ ସ୍ୱତନ୍ତ୍ର ଧ୍ୟାନ ରଖାଯାଇଛି। କିଛି ବ୍ୟକ୍ତି ମିଛ ସୂଚନା ଦେଉଛନ୍ତି। ଫେକ୍ ଭିଡିଓ ପୋଷ୍ଟ୍ କରୁଛନ୍ତି। ଏହାଦ୍ୱାରା ସେମାନେ ଶାନ୍ତିଶୃଙ୍ଖଳା ଭଙ୍ଗ କରିବାକୁ ଚେଷ୍ଟା କରୁଛନ୍ତି। କିଛି ବ୍ୟକ୍ତି ସଠିକ୍ ଭିଡିଓ ପୋଷ୍ଟ କରୁଛନ୍ତି। ଯାହା ଦ୍ୱାରା ସାଧାରଣ ଲୋକେ ଭୟଭୀତ ହେଉଛନ୍ତି। ଏପରି ଭିଡିଓ ପୋଷ୍ଟ କରୁଥିବା୧୦ଜଣଙ୍କୁ ଗିରଫ କରାଯାଇଛି। ସେହିପରି୭ଜଣ ବ୍ୟକ୍ତି ଫେସବୁକରେ ଏଆଇ ଭିଡିଓ ପୋଷ୍ଟ୍ କରିଥିଲେ। ବାହାର ଦେଶର ଘଟଣାକୁ ନିଜ ଦେଶର କହି ସେୟାର କରୁଥିଲେ। ଯାହା ଜନତାଙ୍କୁ ମିଛ ସୂଚନା ଦେଉଛି। ଅନ୍ୟ ଦିଗରେ ୬ ଜଣ ଇରାନକୁ ସମର୍ଥନ କଲା ଭଳି ଭିଡିଓ ସେୟାର କରିଛନ୍ତି। ସେମାନେ ଇରାନ ତଥା ଏହାର ନେତାଙ୍କୁ ପ୍ରଶଂସା କରିଛନ୍ତି। ଏସମସ୍ତଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଭାରତ, ଚାଇନା, ପାକିସ୍ତାନ ଏବଂ ନେପାଳ ଭଳି ଦେଶର ନାଗରିକ ମଧ୍ୟ ରହିଛନ୍ତି।

ସୂଚନାଯୋଗ୍ୟ, ୟୁଏଇରେ ଏହି ଘଟଣା ପାଇଁ ଏକ ବର୍ଷର ଜେଲ୍ ଦଣ୍ଡ ଏବଂ ଏକ ଲକ୍ଷ ୟୁଏଇ କରେନ୍ସିର ଜରିମନା ଦେବାକୁ ହୋଇଥାଏ। ଜରିମନା ନଦେଇ ପାରିଲେ ଦୋଷୀମାନେ ଅତିରିକ୍ତ ଜେଲଦଣ୍ଡ ଭୋଗିଥାନ୍ତି।

## ଦୁବାଇ ବିମାନ ବନ୍ଦରରେ ବିସ୍ଫୋରଣ

### ସବୁ ଉଡ଼ାଣ ବାତିଲ



**ଦୁବାଇ,୧୬।୩:** ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଉତ୍ତେଜନା ମଧ୍ୟରେ ସୋମବାର ଦିନ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଏକ ବଡ଼ ଧରଣର ବିସ୍ଫୋରଣ ଏବଂ ଅଗ୍ନିକାଣ୍ଡ ଘଟିଛି। ଇରାନର ଡ୍ରୋନ୍ ମାଡ଼ ଯୋଗୁଁ ବିମାନବନ୍ଦର ନିକଟସ୍ଥ ଏକ ଇନ୍ଧନ ଟ୍ୟାଙ୍କରେ ନିଆଁ ଲାଗିଯାଇଛି। ଏହି ଘଟଣା ପରେ ସୁରକ୍ଷା ଦୃଷ୍ଟିରୁ ଦୁବାଇ ବିମାନବନ୍ଦରରେ ସମସ୍ତ ବିମାନ ଉଡ଼ାଣକୁ ସାମୟିକ ଭାବେ ବାତିଲ କରିଦିଆଯାଇଛି। ଦୁବାଇ ସିଭିଲ୍ ଡିଫେନ୍ସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଏହି ଘଟଣାରେ କୌଣସି ବ୍ୟକ୍ତି ମୃତାହତ ହୋଇନଥିବା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଡ୍ରୋନ୍ ଆକ୍ରମଣରେ ଗୋଟିଏ ଇନ୍ଧନ ଟ୍ୟାଙ୍କ କ୍ଷତିଗ୍ରସ୍ତ ହୋଇଛି ଏବଂ ଆଖପାଖ ଅଞ୍ଚଳରେ ଜରୁରୀକାଳୀନ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ନିଆଁ ସମ୍ପୂର୍ଣ୍ଣ ଆୟତ୍ତରେ ଅଛି।" ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ଆକାଶମାର୍ଗରୁ ଏକ ବସ୍ତୁ ଆସି ଟ୍ୟାଙ୍କରେ ବାଜିବା ପରେ କଳା ଧୂଆଁ ଏବଂ ବିଶାଳ ଅଗ୍ନିଶିଖା ବାହାରୁଥିବା ଦେଖିବାକୁ ମିଳିଛି। ଏହି ଆକ୍ରମଣ ପରେ ଦୁବାଇ ସିଭିଲ୍ ଆଭିଏସନ୍ ଅଥରିଟି ବିମାନବନ୍ଦରରେ ସମସ୍ତ ବିମାନ ଚଳାଚଳକୁ ସାମୟିକ ଭାବେ ବନ୍ଦ କରିଦେଇଛନ୍ତି।

## ଆର୍ମେନିଆ ଦେଇ ୫୫୦ ଭାରତୀୟ ଉଦ୍ଧାର




**ତେହେରାନ, ୧୬।୩:** ପଶ୍ଚିମ ଏସିଆରେ ଯୁଦ୍ଧ ଲାଗି ରହିଥିବାବେଳେ ଭାରତ ଏହାର ନାଗରିକଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ସମସ୍ତ ପ୍ରୟାସ ଜାରି ରଖିଛି। ଇତିମଧ୍ୟରେ ଇରାନରୁ ୫୫୦ରୁ ଅଧିକ ଭାରତୀୟଙ୍କୁ ଫେରାଇ ଅଣାଯାଇଛି। ଆର୍ମେନିଆ ଦେଇ ଭାରତୀୟମାନେ ନୂଆଦିଲ୍ଲୀ ଫେରିଛନ୍ତି। ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ସୋମବାର ସ୍ଥଳ ସୀମା ପରିବହନକୁ ସହଜ କରିବା ପାଇଁ ଆର୍ମେନିଆର ସରକାର ଏବଂ ଲୋକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଜୟଶଙ୍କର ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ କରି ଏପରି କଷ୍ଟକର ସମୟରେ ସହାୟତା କରିଥିବାରୁ ଆର୍ମେନିଆର ପ୍ରଶଂସା କରିଥିଲେ। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ତେହେରାନ ସ୍ଥିତ ଭାରତୀୟ ଦୂତାବାସ ଭାରତୀୟ ନାଗରିକଙ୍କ ନିରାପଦ ସ୍ଥାନାନ୍ତର ପାଇଁ ସୀମାରେ ଭିସା ଏବଂ ପ୍ରବାସନ ଔପଚାରିକତାରେ ସହାୟତା କରିଥିଲା।

ଆର୍ମେନିଆ ବ୍ୟତୀତ, ଦୂତାବାସର ସହାୟତାରେ ପ୍ରାୟ ୯୦ ଜଣ ଭାରତୀୟ ନାଗରିକ ମଧ୍ୟ ଇରାନରୁ ଆଜରବୈଜାନକୁ ପ୍ରବେଶ କରିଛନ୍ତି। ଇରାନରୁ ଆସିଥିବା ୫୫୦ ଲୋକଙ୍କ ଭିତରେ ୨୮୪ ଜଣ ଶ୍ରଦ୍ଧାଳୁ ଅଛନ୍ତି। ଜୟସ୍ୱାଲ କହିଛନ୍ତି, ଯୁଦ୍ଧସ୍ଥିତି ମଧ୍ୟରେ ତେହେରାନରେ ଥିବା ଭାରତୀୟ ଦୂତାବାସ ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି ଓ ତେହେରାନ ବାହାରେ ଥିବା ଭାରତୀୟଙ୍କୁ ସୁରକ୍ଷିତ ସ୍ଥାନକୁ ଆଣିବାରେ ସାହାଯ୍ୟ କରୁଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ଏହାପୂର୍ବରୁ କହିଥିଲା ଯେ, ୯୦୦୦ ଭାରତୀୟ ବର୍ତ୍ତମାନ ଇରାନରେ ଅଛନ୍ତି। ସେମାନଙ୍କ ମଧ୍ୟରେ ଅଧିକାଂଶ ଛାତ୍ର, ନାବିକ, ବ୍ୟବସାୟୀ, ପ୍ରଫେସନାଲ ଓ ତୀର୍ଥଯାତ୍ରୀ। ଦୂତାବାସ ପକ୍ଷରୁ ସ୍ୱଦେଶ ଫେରିବାକୁ ଚାହୁଁଥିବା ଭାରତୀୟ ନାଗରିକଙ୍କୁ ଆର୍ମେନିଆ କିମ୍ବା ଆଜରବାଇଜାନ୍ ଦେଇ ଆସିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ଗଲ୍ଫ ଦେଶରୁ ୨୦,୦୦୦ ଭାରତୀୟ ସ୍ୱଦେଶ ଫେରିଛନ୍ତି। ବୈଦେଶି ମନ୍ତ୍ରଣାଳୟ ଯୁଗ୍ମ ସଚିବ (ଗଲ୍ଫ ଦେଶ) ଅସୀମ୍ ମହାଜନ କହିଛନ୍ତି, ବାୟୁସୀମାରେ କଟକଣା ସତ୍ତ୍ୱେ ଅନେକ ଦେଶର ବିମାନ ସେବା ଜାରି ରହିଛି। ସାଉଦି ଆରବର ବିଭିନ୍ନ ସ୍ଥାନରୁ ଭାରତକୁ ବିମାନ ସେବା ଜାରି ରହିଛି। ଓମାନରୁ ଭାରତକୁ ବିମାନ ସେବା ଜାରି ରହିଥିବାବେଳେ କତାର ବାୟୁସୀମା ଆଂଶିକ ଖୋଲା ରହିଛି। ତେବେ କୁଏତ୍ ବାୟୁସୀମା ୨୮ ଫେବ୍ରୁଆରିରୁ ବନ୍ଦ ରହିଛି। ବାହାରିନ ଓ ଇରାକରୁ ଭାରତକୁ ବିମାନ ଚଳାଚଳ ବନ୍ଦ ରହିଥିବାବେଳେ ସାଉଦି ଆରବ ଦେଇ ଲୋକଙ୍କୁ ଅଣାଯାଉଛି। ସୋମବାର ଜାରି ହୋଇଥିବା ଆଡଭାଇଜରିରେ, ଦୂତାବାସ ମାର୍ଚ୍ଚ ୯ ରେ ଜାରି ହୋଇଥିବା ଏହାର ପୂର୍ବ ମାର୍ଗଦର୍ଶିକାକୁ ଦୋହରାଇଛି ଏବଂ ଭାରତୀୟମାନଙ୍କୁ ସ୍ଥଳପଥ ଦେଇ ଦେଶ ବାହାରକୁ ଯାତ୍ରା ଯୋଜନା କରିବା ପୂର୍ବରୁ ସ୍ପଷ୍ଟ ଅନୁମୋଦନ ନେବାକୁ ଅନୁରୋଧ କରିଛି।

## ଭାରତରେ ପହଞ୍ଚିଲା ୫୪ ହଜାର ଟନ୍ ଏଲ୍‌ପିଜି




ମୁନ୍ଦ୍ରା ପୋର୍ଟରେ ଲାଗିଲା ଶିବାଳିକ୍

**ଗାନ୍ଧି ନଗର, ୧୬।୩:** ଇସ୍ରାଏଲ-ଇରାନ ଯୁଦ୍ଧ ଯୋଗୁ ଭାରତରେ ରୋଷେଇ ଗ୍ୟାସ୍ ସଂକଟ ଉପୁଜିଛି। ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ପରେ ହୋର୍ମୁଜ ପ୍ରଣାଳୀରେ ଜାହାଜ ଯାତାୟାତ ବାଧିତ ହୋଇଛି। ଏଣୁ ବିଶ୍ୱରେ ତୈଳ ଓ ଏଲପିଜି ସଂକଟ ଗଭୀର ହୋଇଛି। ହେଲେ ଏବେ ଭାରତରେ ଏଲପିଜି ସଂକଟ ଖୁବ୍ ଶୀଘ୍ର ଟଳିବ। ଯୁଦ୍ଧ ମଧ୍ୟରେ ଭାରତର ଏଲପିଜି ବୋଝେଇ ଜାହାଜ ଶିବାଲିକ୍ ସୋମବାର ଭାରତ ପହଞ୍ଚିଛି। ଏହା ଗୁଜରାଟର ମୁନ୍ଦ୍ରା ବନ୍ଦରରେ ଲାଗିଛି। ଏଥିରେ ୫୪ ହଜାର ଟନ ଗ୍ୟାସ୍ ବୋଝେଇ ଅଛି। ହୋର୍ମୁଜ ରାସ୍ତା ବନ୍ଦ କାରଣରୁ ଏଲପିଜି ବୋଝେଇ ଜାହାଜ ସେଠାରେ ଫଶି ରହିଥିଲେ। ଭାରତର ବୈଦେଶିକ ଓ ଇରାନ ବୈଦେଶିକ ମନ୍ତ୍ରାଳୟ ମଧ୍ୟରେ ଆଲୋଚନା ପରେ ଭାରତର ଦୁଇଟି ଜାହାଜ ଶିବାଲିକ ଓ ନନ୍ଦା ଦେବୀକୁ ହୋର୍ମୁଜ ଅତିକ୍ରମ କରିବାକୁ ଅନୁମତି ଦିଆଯାଇଥିଲା। ଏବେ ଶିବାଲିକ ପହଞ୍ଚି ସାରିଥିବା ବେଳେ ଅନ୍ୟ ଜାହାଜଟି ଆଜି ଅପରାହ୍ନ ଅଥବା କାଲି ସକାଳ ସୁଦ୍ଧା ଭାରତ ଉପକୂଳକୁ ପହଞ୍ଚିବ। ଏଣୁ ଦେଶରେ ଉପୁଜିଥିବା ରନ୍ଧନ ଗ୍ୟାସ୍ ସଂକଟ ଅନେକାଂଶରେ ପ୍ରସମିତ ହେବ ବୋଲି ଆଶା କରାଯାଉଛି। ରୋଷେଇ ଗ୍ୟାସ ଅଭାବ ଖବରରେ ଦୁଇ ଜାହାଜ ଭାରତ ପହଞ୍ଚିବା ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଇରାନ-ଇସ୍ରାଏଲ ଯୁଦ୍ଧ ଯୋଗୁ ସାମୁଦ୍ରୀକ ରାସ୍ତା ଏବେ ସମ୍ପୂର୍ଣ୍ଣ ବନ୍ଦ। ବହୁ ସଂଖ୍ୟାରେ ଜାହାଜ ଏବେବି ସମୁଦ୍ରରେ ଫଶି ରହିଛନ୍ତି। ତେବେ ଭାରତକୁ ଇରାନ ନିଜର ବନ୍ଧୁ ବୋଲି କହିଛି। ଜାହାଜଙ୍କୁ ସୁରକ୍ଷିତ ମାର୍ଗ ଦେବା ପ୍ରସଙ୍ଗରେ ଭାରତରେ ଇରାନ ରାଜଦୂତ ମହମଦ ଫତହାଲୀ କହିଥିଲେ ଯେ ମୋର ଭରସା ରହିଛି ଯେ ଭାରତ ଓ ଇରାନ ବନ୍ଧୁ, କାରଣ ଆମର ଗୋଟିଏ ହୀତ। ଏହା ପରେ ଜାହାଜଙ୍କୁ ଯାତ୍ରା ଅନୁମତି ଦିଆଯାଇଥିଲା।

## ମମତାଙ୍କ ବିପକ୍ଷରେ ଲଢ଼ିବେ ଶୁଭେନ୍ଦୁ



### ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ୧୪୪ ପ୍ରାର୍ଥୀ ଘୋଷଣା କଲା ବିଜେପି

**କୋଲକାତା, ୧୬।୩:** ବିଜେପି ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ପ୍ରଥମ ପର୍ଯ୍ୟାୟରେ ବିଜେପି ୧୪୪ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସେମାନଙ୍କ ମଧ୍ୟରୁ ମୁଖ୍ୟତଃ ଶୁଭେନ୍ଦୁ ଅଧିକାରୀଙ୍କୁ ଭବାନୀପୁର ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ମମତା ବାନାର୍ଜୀ ମଧ୍ୟ ସେହି ଆସନରୁ ନିର୍ବାଚନ ଲଢ଼ିପାରନ୍ତି। ଶୁଭେନ୍ଦୁ କେବଳ ଭବାନୀପୁର ନୁହଁନ୍ତି ଏହାସହ ନନ୍ଦିଗ୍ରାମରୁ ବି ନିର୍ବାଚନ ଲଢ଼ିବେ। ଏହି ୧୪୪ ଜଣିଆ ତାଲିକାରେ ବିଜେପି ୧୦ ଜଣ ମହିଳାଙ୍କୁ ସ୍ଥାନ ଦେଇଛି। ଦିଲ୍ଲୀପ ଘୋଷ ଖଡ଼ଗପୁର ସଦରରୁ ନିର୍ବାଚନ ଲଢ଼ିବେ, ଅଭିନେତା ରୁଦ୍ରାନିଲ ଘୋଷ ଶିବପୁର, ବିଜେପିର ପୂର୍ବତନ ସାଂସଦ ଅର୍ଜୁନ ସିଂଙ୍କ ପୁଅ ପବନ ସିଂ ଭାଟପରା ପୂର୍ବ, ଅଗ୍ନିମିତ୍ରା ପାଲ ଆସନସୋଲ ଦକ୍ଷିଣ, ଫାସିଦେବାରୁ ଦୁର୍ଗା ମୁର୍ମୁ, ତାରକେଶ୍ୱର ଆସନ ପାଇଁ ଶାନ୍ତନୁ ପାନ ନିର୍ବାଚନ ଲଢ଼ିବେ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଏଥର ଶୁଭେନ୍ଦୁ ଅଧିକାରୀ ଦୁଇଟି ଆସନରୁ ନିର୍ବାଚନ ଲଢ଼ିବେ। ଏଥିରୁ ଅନୁମାନ, ଯଦି ପଶ୍ଚିମବଙ୍ଗରେ ବିଜେପିକୁ ବହୁମତ ମିଳେ ତେବେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ହେବେ। ୨୦୨୧ ବିଧାନସଭା ନିର୍ବାଚନରେ ନନ୍ଦିଗ୍ରାମ ଆସନରୁ ଶୁଭେନ୍ଦୁ ଅଧିକାରୀ ମମତା ବାନାର୍ଜୀଙ୍କୁ ପରାଜିତ କରିଥିଲେ। ସେପଟେ ଭବାନୀପୁର ହେଉଛି ମମତାଙ୍କ ଗଡ଼, ଏଥର ସେଠାରେ ବି ମମତାଙ୍କୁ ଶୁଭେନ୍ଦୁ ଟକ୍କର ଦେବେ। ସେପଟେ ଭାରତୀୟ କ୍ରିକେଟ ଟିମର ପୂର୍ବତନ ଖେଳାଳି ଅଶୋକ ଡିଣ୍ଡାଙ୍କୁ ବିଜେପି ମୋୟନା ବିଧାନସଭା ସିଟରୁ ପ୍ରାର୍ଥୀ କରିଛି।

## ମହାମେଣ୍ଟକୁ ଝଟକା, ଏନଡିଏର ୫ ପ୍ରାର୍ଥୀ ବିଜୟୀ



ବିହାର ରାଜ୍ୟସଭା ନିର୍ବାଚନ

**ପାଟନା, ୧୬।୩:** ବିହାର ରାଜ୍ୟସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ବିହାରର ସମସ୍ତ ପାଞ୍ଚ ଜଣ ଏନଡିଏ ପ୍ରାର୍ଥୀ ରାଜ୍ୟସଭା ନିର୍ବାଚନରେ ବିଜୟୀ ହୋଇଛନ୍ତି। ବିଧାନସଭା ନିର୍ବାଚନ ପରେ, ମହାଗଠବନ୍ଧନ ଏବେ ରାଜ୍ୟସଭା ନିର୍ବାଚନରେ ମଧ୍ୟ ପରାଜୟ ବରଣ କରିଛି। ଉଲ୍ଲେଖନୀୟ ଯେ, ବିହାରରୁ ଖାଲି ପଡ଼ିଥିବା ୫ଟି ରାଜ୍ୟସଭା ଆସନ ପାଇଁ ଏନଡିଏ ବିହାର ମୁଖ୍ୟମନ୍ତ୍ରୀ ଏବଂ ଜନତା ଦଳ ୟୁନାଇଟେଡ୍ (ଜେଡିୟୁ) ମୁଖ୍ୟ ନୀତୀଶ କୁମାର ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କ ସହିତ କେନ୍ଦ୍ରମନ୍ତ୍ରୀ ରାମନାଥ ଠାକୁର, ରାଷ୍ଟ୍ରୀୟ ଲୋକମୋର୍ଚ୍ଚା (ଆରଏଲଏମ) ମୁଖ୍ୟ ଉପେନ୍ଦ୍ର କୁଶୱାହା (ଉଭୟ ବର୍ତ୍ତମାନର ରାଜ୍ୟସଭା ସଦସ୍ୟ) ଏବଂ ବିଜେପିର ଶିବେଶ କୁମାରଙ୍କୁ ପ୍ରାର୍ଥୀ କରିଥିଲା। ସମସ୍ତେ ଜିତିଛନ୍ତି। ୫ଟି ଆସନ ପାଇଁ ହୋଇଥିବା ରାଜ୍ୟସଭା ନିର୍ବାଚନରେ, ୨୦୨ ଜଣ ଏନଡିଏ ବିଧାୟକ ଭୋଟ ଦେଇଥିଲେ। ମହାମେଣ୍ଟରୁ ୩୭ ଜଣ ବିଧାୟକ ଭୋଟିଂରେ ସାମିଲ ହୋଇଥିଲେ। ତେବେ କଂଗ୍ରେସର ୩ ବିଧାୟକ ଏବଂ ଆରଜେଡିର ଜଣେ ବିଧାୟକ ଅନୁପସ୍ଥିତ ଥିଲେ। ବିହାରରେ ମୋଟ ବିଧାୟକଙ୍କ ସଂଖ୍ୟା ୨୪୩। ୫ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଏହି ୫ଟି ଆସନ ପାଇଁ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଫଳସ୍ୱରୂପ, ସମସ୍ତଙ୍କ ନଜର ରାଜ୍ୟସଭା ନିର୍ବାଚନର ଫଳାଫଳ ଉପରେ ଥିଲା। ବିହାରରେ ଏନଡିଏର ୨୦୨ ବିଧାୟକ ଥିବା ବେଳେ ମହାଗଠବନ୍ଧନର ୩୫ ବିଧାୟକ ଅଛନ୍ତି।

ବିଧାୟକଙ୍କ ସଂଖ୍ୟା ଆଧାରରେ ଏହା ସ୍ପଷ୍ଟ ଥିଲା ଯେ, ଏନଡିଏ ସହଜରେ ଚାରୋଟି ରାଜ୍ୟସଭା ଆସନ ଜିତିବ। ପ୍ରକୃତ ପ୍ରତିଯୋଗୀତା ପଞ୍ଚମ ଆସନ ପାଇଁ ଥିଲା। ବିହାରରେ ଜଣେ ରାଜ୍ୟସଭା ପ୍ରାର୍ଥୀଙ୍କୁ ଜିତିବା ପାଇଁ ୪୧ ବିଧାୟକଙ୍କ ଭୋଟ ଆବଶ୍ୟକ ଥିଲା। ଫଳସ୍ୱରୂପ, ଏନଡିଏକୁ ଚାରୋଟି ଆସନ ଜିତିବା ପାଇଁ ୧୬୪ ବିଧାୟକଙ୍କ ଆବଶ୍ୟକତା ଥିଲା। ଏହା ପରେ, ଏନଡିଏ ପାଖରେ ୩୮ ବିଧାୟକ ଥିଲେ। ପଞ୍ଚମ ଆସନ ଜିତିବା ପାଇଁ, ଏନଡିଏକୁକୁ ଆଉ ତିନି ଜଣ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିଲା। ଏନଡିଏ ୩ ବିଧାୟକଙ୍କ ସମର୍ଥନ ସହଜରେ ହାସଲ କରି ନେଇଥିଲା। ତେଣୁ ଏନଡିଏର ୫ ଜଣ ପ୍ରାର୍ଥୀ ବିଜୟୀ ହୋଇଛନ୍ତି।

## ପଶ୍ଚିମବଙ୍ଗ ଡିଜିପିଙ୍କ ସମେତ ୪ ଆଇପିଏସ ଅଫିସରଙ୍କୁ ବଦଳି




### ନିର୍ବାଚନ କମିଶନଙ୍କ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ, ୧୬।୩:** ପଶ୍ଚିମବଙ୍ଗରେ ନିର୍ବାଚନ ତାରିଖ ଘୋଷଣା ପରେ ଏବେ ପୁରା ଆକ୍ସିଭରେ ଭାରତର ନିର୍ବାଚନ କମିଶନ। ନିର୍ବାଚନ ଘୋଷଣାର ମାତ୍ର ଦିନକ ଭିତରେ ପୋଲିସ ବିଭାଗରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ପଶ୍ଚିମବଙ୍ଗର ମୁଖ୍ୟ ସଚିବ ଏବଂ ଗୃହ ସଚିବଙ୍କୁ ବଦଳି କରିବା ପରେ ନିର୍ବାଚନ କମିଶନ ଏବେ ଚାରି ଜଣ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ମଧ୍ୟ ଟ୍ରାନ୍ସଫର କରିଛନ୍ତି। ଟ୍ରାନ୍ସଫର ନେଇ କମିଶନ ସେମାନଙ୍କର ନିର୍ଦ୍ଦିଷ୍ଟ ପୋଷ୍ଟିଂ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ପଶ୍ଚିମବଙ୍ଗ ସରକାରଙ୍କ ଅଧୀନରେ ୧୯୯୨ ବ୍ୟାଚର ଆଇପିଏସ ସିଦ୍ଧନାଥ ଗୁପ୍ତାଙ୍କୁ ପୋଲିସ ମହାନିର୍ଦ୍ଦେଶକ ଏବଂ ଇନ୍ସପେକ୍ଟର ଜେନେରାଲ ଇନଚାର୍ଜ ଭାବରେ ନିଯୁକ୍ତି ଦିଆଯିବ। ୧୯୯୧ ବ୍ୟାଚର ଆଇପିଏସ ନଟରାଜନ ରମେଶ ବାବୁଙ୍କୁ ପଶ୍ଚିମବଙ୍ଗ ସରକାରଙ୍କ ଅଧୀନରେ ସଂଶୋଧନ ସେବା ମହାନିର୍ଦ୍ଦେଶକ ଭାବରେ ନିଯୁକ୍ତି ଦିଆଯିବ। ୧୯୯୫ ବ୍ୟାଚର ଆଇପିଏସ ଅଜୟ ମୁକୁନ୍ଦ ରାନାଡେଙ୍କୁ ପଶ୍ଚିମବଙ୍ଗ ସରକାରଙ୍କ ଅତିରିକ୍ତ ନିର୍ଦ୍ଦେଶକ ଏବଂ ପୋଲିସ ମହାନିର୍ଦ୍ଦେଶକ (ଆଇନ ଏବଂ ଶୃଙ୍ଖଳା) ଭାବରେ ନିଯୁକ୍ତି ଦିଆଯିବ।

ସେହିପରି ୧୯୯୬ ବ୍ୟାଚର ଆଇପିଏସ ଅଜୟ କୁମାର ନନ୍ଦଙ୍କୁ କୋଲକାତାର ପୋଲିସ କମିଶନର ଭାବରେ ନିଯୁକ୍ତି ଦିଆଯିବ। କମିଶନଙ୍କ ନିର୍ଦ୍ଦେଶାବଳୀ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପଡିବ ଏବଂ ମାର୍ଚ୍ଚ ୧୬ ସୁଦ୍ଧା ଦାୟିତ୍ୱ ଗ୍ରହଣ କରୁଥିବା ଅଧିକାରୀମାନଙ୍କ ସମ୍ପର୍କରେ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ପଡିବ। ନିର୍ବାଚନ କମିଶନରଙ୍କ ଅନୁଯାୟୀ, ଗତକାଲି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତାଙ୍କ ସାମ୍ବାଦିକ ସମ୍ମିଳନୀରେ ପ୍ରତିଶ୍ରୁତି ଦେଇଥିଲେ ଯେ ପଶ୍ଚିମବଙ୍ଗରେ ନିର୍ବାଚନ ହିଂସାମୁକ୍ତ ଏବଂ ଶାନ୍ତିପୂର୍ଣ୍ଣ ହେବ। ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ, ନିର୍ବାଚନ କମିଶନ ରାଜ୍ୟର ଡିଜିପି ଏବଂ କୋଲକାତା ପୋଲିସ କମିଶନରଙ୍କ ସମେତ ପଶ୍ଚିମବଙ୍ଗର ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ବଦଳି କରିଛନ୍ତି।

## ସୁପ୍ରିମକୋର୍ଟ ଗଲେ ଅରବିନ୍ଦ କେଜ୍ରିୱାଲ





**ନୂଆଦିଲ୍ଲୀ,୧୬।୩:** ଆମ ଆଦମୀ ପାର୍ଟି ମୁଖ୍ୟ ତଥା ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଥିତ ଦିଲ୍ଲୀ ଅବକାରୀ ନୀତି ମାମଲାରେ ସିବିଆଇ ବିରୋଧରେ କରାଯାଇଥିବା ଟିପ୍ପଣୀ ଉପରେ ହାଇକୋର୍ଟ ଲଗାଇଥିବା ରୋକ୍ ଏବଂ ବେଞ୍ଚ୍ ପରିବର୍ତ୍ତନ ଆବେଦନ ଖାରଜ ହେବା ନିଷ୍ପତ୍ତିକୁ ସେ ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିଛନ୍ତି। ସମ୍ବିଧାନର ଧାରା ୩୨ ଅଧୀନରେ ମୌଳିକ ଅଧିକାର କ୍ଷୁଣ୍ଣ ହୋଇଥିବା ଦର୍ଶାଇ କେଜ୍ରିୱାଲ ଏହି ପିଟିସନ୍ ଦାୟର କରିଛନ୍ତି। ଏହି ମାମଲାର ଶୁଣାଣି କରୁଥିବା ବିଚାରପତିଙ୍କୁ ବଦଳାଇବା ପାଇଁ ସେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଅନୁରୋଧ କରିଥିଲେ, ଯାହାକୁ ଖାରଜ କରିଦିଆଯାଇଥିଲା। ଏହି ଖାରଜ ଆଦେଶକୁ ସେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

ମାର୍ଚ୍ଚ ୧୧ ତାରିଖରେ କେଜ୍ରିୱାଲଙ୍କ ନେତୃତ୍ୱରେ ଏକ ଗୋଷ୍ଠୀ ହାଇକୋର୍ଟର ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟଙ୍କୁ ଆବେଦନ କରି ଏହି ମାମଲାକୁ ଅନ୍ୟ ଜଣେ 'ନିରପେକ୍ଷ' ବିଚାରପତିଙ୍କୁ ହସ୍ତାନ୍ତର କରିବାକୁ ଅନୁରୋଧ କରିଥିଲେ। ତେବେ ମାର୍ଚ୍ଚ ୧୩ ତାରିଖରେ ହାଇକୋର୍ଟର ରେଜିଷ୍ଟ୍ରାର୍ ଜେନେରାଲ୍ ଏକ ପତ୍ର ମାଧ୍ୟମରେ ସ୍ପଷ୍ଟ କରିଥିଲେ ଯେ ମୁଖ୍ୟ ବିଚାରପତି ଏହି ଦାବିକୁ ଅଗ୍ରାହ୍ୟ କରିଦେଇଛନ୍ତି। ମାମଲା ହସ୍ତାନ୍ତର ପାଇଁ କୌଣସି ପ୍ରଶାସନିକ କାରଣ ନାହିଁ ଏବଂ କେବଳ ସମ୍ପୃକ୍ତ ବିଚାରପତି ହିଁ ନିଜେ ଏହି ମାମଲାରୁ ଓହରିବା ନେଇ ନିଷ୍ପତ୍ତି ନେଇପାରିବେ। ଗତ ମାର୍ଚ୍ଚ ୯ ତାରିଖରେ ଅବକାରୀ ନୀତି ମାମଲାର ତଦନ୍ତ କରିଥିବା ସିବିଆଇ ଅଧିକାରୀଙ୍କ ବିରୋଧରେ ତଦନ୍ତ କରିବାକୁ ଥିବା ଟ୍ରାଏଲ୍ କୋର୍ଟ (ନିମ୍ନ ଅଦାଲତ) ଙ୍କ ନିର୍ଦ୍ଦେଶ ଉପରେ ରୋକ୍ ଲଗାଇଥିଲେ।

କେଜ୍ରିୱାଲ ଏବଂ ଅନ୍ୟ ୨୨ ଜଣଙ୍କୁ ଦୋଷମୁକ୍ତ କରିବା ସମୟରେ ଟ୍ରାଏଲ୍ କୋର୍ଟ ଦେଇଥିବା କିଛି ଟିପ୍ପଣୀକୁ ମଧ୍ୟ ହାଇକୋର୍ଟ ତ୍ରୁଟିପୂର୍ଣ୍ଣ ଦର୍ଶାଇଥିଲେ ଏବଂ ମନି ଲଣ୍ଡରିଂ ମାମଲାର କାର୍ଯ୍ୟାନୁଷ୍ଠାନକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଦିନ ନ୍ୟାୟମୂର୍ତ୍ତି ସ୍ୱର୍ଣ୍ଣା କାନ୍ତା ଶର୍ମା କେଜ୍ରିୱାଲ, ତାଙ୍କର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏବଂ ଏହି ମାମଲାରେ ଅନ୍ୟ ଅଭିଯୁକ୍ତଙ୍କୁ ମୁକ୍ତ କରାଯିବା ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସିବିଆଇ ପକ୍ଷରୁ ଦାୟର ଆବେଦନର ଶୁଣାଣି କରିବାର କାର୍ଯ୍ୟକ୍ରମ ରହିଛି।



ବିଜେଡି ବିଧାୟକ ମନୋହର ରନ୍ଧାରୀ ଆଜି ରାଜ୍ୟସଭା ନିର୍ବାଚନରେ ଭାଗ ନେବା ସକାଶେ ହ୍ୱିଲ୍ ଚେୟାର୍‌ରେ ବିଧାନସଭାରେ ପହଞ୍ଚିଥିଲେ।

# ମିଛ କହିଲେ ଦାଶରଥୀ, ରମେଶ, ଚକ୍ରମଣି



**ମାଷ୍ଟରମାଇଣ୍ଡ ଥିଲେ ରମେଶ**

ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ରାଜ୍ୟସଭା କ୍ରସ ଭୋଟିଂକୁ ନେଇ କଂଗ୍ରେସ ବିଧାୟକ ଦାଶରଥୀ ଗମାଙ୍ଗ, ରମେଶ ଜେନା ଓ ବିଜେଡି ବିଧାୟକ ଚକ୍ରମଣି କହଁରଙ୍କ ନାଁ ଗତ ଦୁଇ ଦିନ ହେଲା ଚର୍ଚ୍ଚା ହେଉଥିଲା। ରବିବାର ପର୍ଯ୍ୟନ୍ତ ଦାଶରଥୀଙ୍କ ସହ କଥା ହୋଇପାରୁ ନ ଥିଲେ ପିସିସି ସଭାପତି କି ଏଆଇସିସି ପର୍ଯ୍ୟବେକ୍ଷକ। ଯେଉଁଥିପାଇଁ ତାଙ୍କୁ ଦଳର ଶୃଙ୍ଖଳା କମିଟି କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ରବିବାର ବିଳମ୍ବିତ ସନ୍ଧ୍ୟାରେ ସେ ନିଜ ଉତ୍ତର ରଖିବା ସହ କଂଗ୍ରେସ ଉପରେ ବର୍ଷିଥିଲେ। ସେଥିରୁ ସେ କ୍ରସ ଭୋଟିଂ କରିବେ ବୋଲି ଆଶଙ୍କା କରାଯାଉଥିଲା। ଆଉ ତା' ହେଲା ମଧ୍ୟ। ସେହିଭଳି ରମେଶ ଜେନା ମଧ୍ୟ କ୍ରସ ଭୋଟିଂ କରିବେ ବୋଲି ଆଶଙ୍କା କରାଯାଉଥିଲା। ହେଲେ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ତିନି ବିଧାୟକ ନିଜ ନିଜର ଭୋଟ ଦେଇ ବିଧାନସଭାରୁ ଯିବା ସମୟରେ ଗଣମାଧ୍ୟମକୁ ମିଛ କହି ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିଲେ। ଦାଶରଥୀ ଓ ରମେଶ ଜେନା ବୈଦ୍ୟୁତିକ ଗଣମାଧ୍ୟମକୁ ପ୍ରତିକ୍ରିୟାରେ କହିଲେ ଯେ ସେମାନେ ଦଳୀୟ ନିଷ୍ପତ୍ତି ଅନୁସାରେ ଭୋଟ ଦେଇଛନ୍ତି। ଚକ୍ରମଣି କହଁର ବିଧାନସଭାରୁ ଭୋଟ ଦେଇ ଯିବା ସମୟରେ ସେ ଯେପରି ମିଡିଆକୁ କିଛି ନ କହିବେ ସେଥିପାଇଁ ତାଙ୍କୁ ସରକାରୀ ମୁଖ୍ୟ ସଚେତକ ସରୋଜ ପ୍ରଧାନ ଓ ବିଜେପି ବିଧାୟକ ଆଶ୍ରିତ ପଟ୍ଟନାୟକ ଏସକର୍ଟ କରିନେଇଗଲେ। ହେଲେ ଘରେ ପହଞ୍ଚି ଚକ୍ରମଣି କିଛି ଗଣମାଧ୍ୟମକୁ କହିଲେ ଯେ ସେ ନିଜ ଦଳର ସଭାପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୋଟ ଦେଇଛନ୍ତି। ହେଲେ ଏହି ତିନି ଜଣଯାକ ବିଧାୟକ କ୍ରସ ଭୋଟିଂ କରିଥିବା ଶେଷରେ ଧରାପଡ଼ିଲା। ପ୍ରଶ୍ନ ଉଠୁଛି, ଯଦି କ୍ରସ ଭୋଟିଂ କରିଥିଲେ ତେବେ ମିଡିଆକୁ ମିଛ କହିବାର ଆବଶ୍ୟକତା କ'ଣ ଥିଲା? ଅବଶ୍ୟ ସେ ନିଜ ଦଳୀୟ ନିଷ୍ପତ୍ତି ଅର୍ଥ ଯଦି ବିଜେପିକୁ ବୁଝାଉଥିବେ, ତା' ହେଲେ ଭିନ୍ନ କଥା।

## ଦୀର୍ଘ ସାଢ଼େ ୫ ଘଣ୍ଟା ପରେ ଜାତୀୟ ରାଜପଥରେ ସ୍ୱାଭାବିକ ହେଲା ଗାଡ଼ି ଚଳାଚଳ

ପଟ୍ଟାଙ୍ଗି,୧୬।୩(ସଂଚାର ବ୍ୟୁରୋ): କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ଆନ୍ଧ୍ର ଓଡ଼ିଶା ସୀମାନ୍ତ ରାଜପଥ ଦୀର୍ଘ ସମୟ ଧରି ଅବରୋଧ ରହିଥିଲା । ତେବେ ଉକ୍ତ ରାଜପଥରେ ଏବେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ସୂଚନା ଅନୁସାରେ, ବ୍ଲକର ସୁଙ୍କି ଥାନା ଅଧୀନସ୍ଥ ଆନ୍ଧ୍ର ଓଡ଼ିଶା ସୀମାନ୍ତ ୨୬ନଂ ଜାତୀୟ ରାଜପଥର ବୁଲାଣିଆ ରାସ୍ତାରେ ଏକ ଟ୍ରଲର୍ ଗାଡ଼ି ପଟ୍ଟାଙ୍ଗି ଅଭିମୁଖେ ଆସୁଥିବା ସମୟରେ ଟ୍ରଲର୍ ଗାଡ଼ିରେ ଲୋଡ ହୋଇଥିବା ଭାରି ଯନ୍ତ୍ରାଂଶ ଗୁଡ଼ିକ ରାସ୍ତା ତଥା ଉକ୍ତ ବୁଲାଣିଆ ସ୍ଥାନରେ ଖସି ପଡିଥିଲା ।

### ବିଜେଡି-କଂଗ୍ରେସ ଅସାଧୁ ମେଣ୍ଟ

## ମୁଁ ବିଜେଡି ପଛରେ ଗୋଡ଼ାଇବିନି:ସନା



ଭୁବନେଶ୍ୱର,୧୬।୩ (ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନ ଦେଖାଇଦେଲା। ନବୀନଙ୍କ ପ୍ରତି ଦଳୀୟ ନେତାଙ୍କର ଆଉ ପୂର୍ବଭଳି ଆନୁଗତ୍ୟ ନାହିଁ। ୨୦୨୪ ନିର୍ବାଚନ ପୂର୍ବରୁ ନବୀନଙ୍କୁ ଭଗବାନ ବୋଲି କହୁଥିବା ନେତାମାନେ ଏବେ ସେମାନଙ୍କ ରାଜନୈତିକ ଭବିଷ୍ୟତ ଖୋଜୁଛନ୍ତି। ଯେଉଁଥିପାଇଁ ଦଳର ହ୍ୱିପକୁ ଖୋଲାଖୋଲି ଚ୍ୟାଲେଞ୍ଜ ଦେଇ କ୍ରସ ଭୋଟିଂ କରିଛନ୍ତି ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ। ନିଜେ ମୁହଁ ଖୋଲି ଦେବୀ କହିଛନ୍ତି ଯେ ସେ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇଛନ୍ତି। କେବଳ ସେତିକି ନୁହେଁ, ବିଜେଡି ଓ କଂଗ୍ରେସର ବୁଝାମଣାକୁ 'ଅସାଧୁ ମେଣ୍ଟ' କହି ଦଳ ଉପରେ ବର୍ଷିଛନ୍ତି ଦେବୀ। ବିଜୁ ଲିଗାସୀକୁ ଆଗକୁ ନେବା ପାଇଁ ସେ ଦିଲ୍ଲୀପ ରାୟଙ୍କୁ ସମର୍ଥନ କରିଥିବା ବେଳେ ଦଳ କାହିଁକି କଂଗ୍ରେସ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ଭୋଟ ଦେବାକୁ କହିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିଭଳି ବିଜେଡିରୁ ନିଲମ୍ବିତ ବିଧାୟକ ସନାତନ ମହାକୁଡ଼ ମଧ୍ୟ ଦିଲ୍ଲୀପଙ୍କୁ ଭୋଟ ଦେବା ସହ ବିଜେଡିର ଏଜେଣ୍ଟ ପ୍ରତାପ ଦେବଙ୍କୁ ତାଙ୍କ ବାଲାଟ ପେପର ଦେଖାଇବାକୁ ସିଧା ସିଧା ମନା କରିଦେଇଥିଲେ। ସେ କହିଥିଲେ ଯେ ରାଜ୍ୟର ସ୍ୱାର୍ଥ ପାଇଁ ଯିଏ କାମ କରିବ ତାଙ୍କୁ ଭୋଟ ଦେଇଛି। ବିଜେଡିର କେହି ବି ତାଙ୍କ ସହ ଯୋଗାଯୋଗ କରିନାହାନ୍ତି। ତାଙ୍କୁ ଅଣଦେଖା କରାଯିବା ସହ ସିଟ ବଦଳାଗଲା। ସେ ବିଜେଡି ପଛରେ ଗୋଡ଼ାଇବେନି ବୋଲି ସନାତନ ରୋକଠୋକ ଶୁଣାଇଛନ୍ତି।

## ସାମ୍ବାଦିକ କ୍ଲବର ଫଟୋ ପ୍ରଦର୍ଶନୀ



କୋଲକାତା,୧୬।୩(ସଂଚାର ବ୍ୟୁରୋ): କୋଲକାତା ସାମ୍ବାଦିକ କ୍ଲବର ୯ମ ଅନ୍ତର୍ଜାତୀୟ ଫଟୋଗ୍ରାଫି ପ୍ରଦର୍ଶନୀ ଏବଂ ପ୍ରତିଯୋଗିତା ରବିବାର ଶେଷ ହୋଇଯାଇଛି। ପ୍ରଦର୍ଶନୀଟି ଗତ ଶୁକ୍ରବାର ଆଇସିସିଆର୍‌ର ନନ୍ଦଲାଲ ବୋଷ ଏବଂ ଜାମିନୀ ରାୟ ଗ୍ୟାଲେରୀରେ ଆରମ୍ଭ ହୋଇଥିଲା। ପ୍ରଦର୍ଶନୀରେ ଦେଶ ଏବଂ ବିଦେଶରୁ ମୋଟ ୪୪୩ଟି ଫଟୋଗ୍ରାଫି ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ୧୩୮ ଜଣ ଫଟୋଗ୍ରାଫର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ଚାରୋଟି ବର୍ଗରେ ଅନୁଷ୍ଠିତ ହୋଇଥିଲା। ଏକକ, ବନ୍ୟପ୍ରାଣୀ, ଲୋକ ଏବଂ ରାସ୍ତା, ଏବଂ ପ୍ରକୃତି ଏବଂ ଭୂଦୃଶ୍ୟ। କ୍ଲବ ପକ୍ଷରୁ ସଫଳ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୋଟ ପୁରସ୍କାର ରାଶି ୪୬ ହଜାର ଟଙ୍କା ଥିଲା। ଏହା ସହିତ, ସମସ୍ତ ଅଂଶଗ୍ରହଣକାରୀ ଫଟୋଗ୍ରାଫରଙ୍କୁ ସ୍ମାରକୀ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପଶ୍ଚିମବଙ୍ଗରେ ପ୍ରଶାସନର ରାଜନୀତିକରଣ: ଶମିକ ଭଟ୍ଟାଚାର୍ଯ୍ୟ



କୋଲକାତା,୧୬।୩ (ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ନିର୍ବାଚନ ଘୋଷଣା ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ରାଜ୍ୟର ଶୀର୍ଷ ପ୍ରଶାସନିକ ପଦବୀରେ ପରିବର୍ତ୍ତନ କରାଯାଇଥିଲା। ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ମୁଖ୍ୟ ସଚିବ ପଦରୁ ହଟାଇ ଦିଆଯାଇଛି, ରାଜ୍ୟ ଗୃହ ସଚିବ ଜଗଦୀଶ ପ୍ରସାଦ ମୀନାଙ୍କୁ ମଧ୍ୟ ତାଙ୍କ ଦାୟିତ୍ୱରୁ ମୁକ୍ତ କରାଯାଇଛି। ସୋମବାର ସକାଳେ ଏହି ପଦକ୍ଷେପ ଉପରେ ପ୍ରତିକ୍ରିୟା ଦେଇ ବିଜେପି ରାଜ୍ୟ ସଭାପତି ତଥା ସାଂସଦ ଶମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ପଶ୍ଚିମବଙ୍ଗରେ ପ୍ରଶାସନର ରାଜନୀତିକରଣ କରାଯାଉଛି। ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଅନୁପସ୍ଥିତ। ଲୋକଙ୍କ ସ୍ୱର ଶୁଣାଯାଉନାହିଁ। ନିର୍ବାଚନ ପୂର୍ବରୁ ଏବଂ ପରେ ଏଠାରେ ହିଂସା ଜାରି ରହୁଛି ଏବଂ ଜନସାଧାରଣ ପଶ୍ଚିମବଙ୍ଗ ପ୍ରଶାସନର ଦାୟିତ୍ୱ ବିଷୟରେ ଭଲ ଭାବରେ ଜାଣନ୍ତି। ତେଣୁ, ସୁରକ୍ଷା ଦୃଷ୍ଟିକୋଣରୁ ନିର୍ବାଚନ କମିଶନ ଏହି ପଦକ୍ଷେପ ନେଇଛନ୍ତି।

# ଭୂମିକମ୍ପରେ ଥରିଲା ତିନି ରାଜ୍ୟ



ନୂଆଦିଲ୍ଲୀ,୧୬।୩: ଭୂମିକମ୍ପରେ ଥରିଛି ଭାରତର କେତେକ ରାଜ୍ୟ । ସୋମବାର ସକାଳେ ତିନୋଟି ସ୍ଥାନରେ ଭୂମିକମ୍ପର ଝଟକା ଲାଗିଥିବା ସୂଚନା ମିଳିଛି । ତେବେ ଏଥିରେ କେତେ ପରିମାଣରେ କ୍ଷୟକ୍ଷତି ହୋଇଛି ସେନେଇ ସୂଚନା ମିଳିପାରିନାହିଁ ।

ସୂଚନା ଅନୁସାରେ, ସୋମବାର ସକାଳେ ପ୍ରଥମେ ମଣିପୁରରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ସକାଳ ୫ଟା ୫୧ରେ ମଣିପୁର ଥରିଥିଲା । ଚନ୍ଦେଲ ପାଖରେ ଭୂମିକମ୍ପର କେନ୍ଦ୍ରସ୍ଥଳୀ ଥିଲା । ଯାହା ଭୂମି ତଳେ ୬ କିଲୋମିଟର ଗଭୀରରେ ସୃଷ୍ଟି ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୫ରେକର୍ଡ କରାଯାଇଛି । ମଣିପୁର ପରେ ଥରିଥିଲା ମେଘାଳୟ। ସକାଳ ୭ଟା ୫ମିନିଟରେ ରାଜ୍ୟର ବିଭିନ୍ନ ଜାଗାରେ ଲୋକଙ୍କୁ ଝଟକା ଲାଗିଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ଥିଲା୩.୪। ଏଠାରେ ଥିବା ଖାସି ପାହାଡରୁ୧୦କିଲୋମିଟରର ଭିତରେ ଭୂମିକମ୍ପର କେନ୍ଦ୍ରସ୍ଥଳୀ ଥିବା ପାଣିପାଗ ବିଭାଗ କହିଛି। ସେହିପରି ସୋମବାର ସକାଳ୮ଟା୩୨ମିନିଟରେ ଆସାମରେ ଭୂମିକମ୍ପର ଝଟକା ଲାଗିଛି । ଯାହାର ତୀବ୍ରତା୨.୯। ଉଦଲଗୁରୀର ୧୦କିଲୋମିଟର ଭିତରେ ଏହାର କେନ୍ଦ୍ରସ୍ଥଳୀ ରହିଥିଲା। ତେବେ ଏହି ସବୁ ଝଟକା ସାମାନ୍ୟ ଥିଲା। ତେଣୁ କୌଣସି ବଡ ଧରଣର କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନାହିଁ। କିନ୍ତୁ ଝଟକା ଲାଗିବା ପରେ ଲୋକେ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ। ଖାଲି ଭାରତ ନୁହେଁ ଆମେରିକା ଏବଂ ଚିଲିରେ ମଧ୍ୟ ଭୂମିକମ୍ପର ଝଟକା ଅନୁଭୂତ ହୋଇଛି । ଆମେରିକାର କାଲିଫର୍ଣ୍ଣିଆ ଏବଂ ଚିଲିର ମଟିଲାରେ ଝଟକା ଲାଗିଛି । ଯାହାର ତୀବ୍ରତା୪.୧ରହିଥିବା ରେକର୍ଡ କରାଯାଇଛି ।

### ୭୦ ଦୋକାନୀ ପାଇଲେ ଚାବି

## ବଡ଼ୋ କଚେରୀ ମନ୍ଦିରରେ ଅଭିଷେକ



କୋଲକାତା,୧୬।୩(ସଂଚାର ବ୍ୟୁରୋ): ପ୍ରାୟ ଦେଢ଼ ବର୍ଷ ପୂର୍ବେ, ବଡୋ କଚେରୀ ମନ୍ଦିର ସଂଲଗ୍ନ ୭୦ଟି ଦୋକାନ ଅଗ୍ନିକାଣ୍ଡରେ ନଷ୍ଟ ହୋଇଯାଇଥିଲା। ଏହି ଦୋକାନଗୁଡ଼ିକୁ ପୁନଃନିର୍ମାଣ କରାଯାଇଛି ଏବଂ ଶେଷରେ ସେମାନଙ୍କର ଚାବି ହିତାଧିକାରୀମାନଙ୍କୁ ହସ୍ତାନ୍ତର କରାଯାଇଛି। ରବିବାର ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା ପୂର୍ବରୁ ଦୋକାନ ମାଲିକମାନେ ଡାଇମଣ୍ଡ ହାର୍ବର ଲୋକସଭା ନିର୍ବାଚନ ମଣ୍ଡଳୀର ସାଂସଦ ଅଭିଷେକ ବାନାର୍ଜୀଙ୍କଠାରୁ ସେମାନଙ୍କର ଚାବି ଏବଂ ପ୍ରମାଣପତ୍ର ଗ୍ରହଣ କରିଥିଲେ। ହସ୍ତାନ୍ତର ପୂର୍ବରୁ, ଅଭିଷେକ ନବନିର୍ମିତ ଷ୍ଟଲଗୁଡ଼ିକ ମଧ୍ୟ ବୁଲି ଦେଖିଥିଲେ। ତାଙ୍କ ଉଦ୍ୟମରେ ମନ୍ଦିର ପରିସରକୁ ପୁନର୍ଜୀବିତ କରାଯାଇଛି। ଉତ୍ସବ ପରେ, ସେ ପ୍ରସ୍ଥାନ କରିବା ପୂର୍ବରୁ ମନ୍ଦିରରେ ପୂଜା ଦେଇଥିଲେ। ସାଂସଦଙ୍କ ବ୍ୟତୀତ, ଏହି କାର୍ଯ୍ୟକ୍ରମରେ ଦକ୍ଷିଣ ୨୪ ପ୍ରଗଣାର ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ, ଯେଉଁଥିରେ ସାତଗାଛିଆ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ମୋହନ ନସ୍କର ମଧ୍ୟ ସାମିଲ ଥିଲେ। ଅନ୍ୟପକ୍ଷରେ, ବଡୋ କଚେରୀ ମନ୍ଦିର କ୍ରସିଂରେ, ଜଣେ ବୃଦ୍ଧ ବ୍ୟକ୍ତି ହଠାତ୍ ତାଙ୍କ ସାଇକେଲରୁ ଖସି ପଡ଼ିଥିଲେ।

# ୫ କିମି ପାହାଡ଼ ଚଢ଼ି ପହଞ୍ଚିଲେ ଦୁଇ ଯୁବ ଆଇଏଏସ୍

ଗୁଣୁପୁର,୧୬।୩(ସଂଚାର ବ୍ୟୁରୋ): ଦୁର୍ଗମ ଅଞ୍ଚଳରେ ଆଜି ବି ସ୍ୱାଧୀନତାର ସ୍ୱାଦ ଚାଖିନାହାଁନ୍ତି ରାୟଗଡା ଜିଲ୍ଲାର ଅନେକ ଗ୍ରାମ। ଏପରି ଅନେକ ଗ୍ରାମ ରହିଛି ଯେଉଁଠି ପ୍ରଶାସନର ପାଦ ପଡିନି। କିନ୍ତୁ ଆଜି ଏକ ଭିନ୍ନ ଏକ ଦୃଶ୍ୟ ଦେଖିବାକୁ ମିଳିଛି। ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଓ ଗୁଣୁପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ୍ ଆଜି ଗୁଡାରି ବ୍ଲକରେ ଥିବା ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥିଲେ। ଏହାପରେ ଦୁଇ ଯୁବ ଆଇଏଏସ୍ ଗୁଡାରି ବ୍ଲକର ମଧୁବନ ପଞ୍ଚାୟତର ଦୁର୍ଗମ ଅଞ୍ଚଳ କର୍ଲାଗୁଡି, ରେଙ୍ଗଲପଦର କେପିଟିରେ ଥିବା ତିନୋଟି ଗ୍ରାମକୁ ୫ କିମି ପାହାଡ ଚଢି ପହଞ୍ଚିଥିଲେ। ଜଙ୍ଗଲ ମଧ୍ୟରେ ପଥୁରିଆ ପାଦଚଲା ରାସ୍ତାରେ ବୋହି ଯାଉଥିବା ଝରଣାରେ



ଜିଲ୍ଲାପାଳ ମୁହଁ ଧୋଇଥିଲେ । ଗ୍ରାମରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥିଲେ।

ଜିଲ୍ଲା ଗଠନ ହେବା ଠାରୁ ଏହି ଦୁର୍ଗମ ଅଞ୍ଚଳରେ ପ୍ରଥମ ଥର ପ୍ରଶାସନିକ ଅଧିକାରିଙ୍କ ପାଦ ପଡିଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ରାସ୍ତା ଘାଟର ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ରାସ୍ତା କାମ ସାମିଲ କରିବା ପାଇଁ ବିଭାଗୀୟ ଅଧିକାରିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାସ୍ତା ନଥିବାରୁ ଗ୍ରାମରେ ବିଦ୍ୟୁତ୍ ପହଞ୍ଚି ପାରିନି। ସୋଲାର ଲାଇଟ୍ ମାଧ୍ୟମରେ ବିଦ୍ୟୁତ୍ ସେବା ଗ୍ରାମବାସୀ ପାଉଥିବା ଜାଣିବାକୁ ପାଇଥିଲେ। ସରକାରଙ୍କ ବିଭିନ୍ନ ଯୋଜନା କଣ ପହଞ୍ଚିଛି ପଚାରି ବୁଝିଥିଲେ। ସ୍ୱାଧିନତାର ଦୀର୍ଘ ବର୍ଷପରେ ବି ସେମାନଙ୍କ ପାଖରେ ଆଧାରକାର୍ଡ, ରେସନ କାର୍ଡ ନଥିବା ଜାଣିବାକୁ ପାଇଥିଲେ। ବିଦ୍ୟୁତ୍ ସେବା ଶିକ୍ଷା ,ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ମିଳି ନାହିଁ। ଏପରିକି ଅଙ୍ଗନବାଡି, ବିଦ୍ୟାଳୟ କାର୍ଯ୍ୟ ତୁରନ୍ତ କରିବା ପାଇଁ ଜିଲ୍ଲାପାଳ କହିଥିଲେ। ଦୁର୍ଗମ ଗ୍ରାମାଞ୍ଚଳରେ ମୌଳିକ ସୁବିଧା ପହଞ୍ଚି ନଥିବାରୁ ଜିଲ୍ଲାପାଳ ସମସ୍ତ ପ୍ରଶାସନ ଅଧିକାରିଙ୍କୁ ତାଗିଦ କରିଥିଲେ। ଆଧାରକାର୍ଡ ନଥିବାରୁ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ରହୁଛନ୍ତି ଗ୍ରାମବାସୀ। ଏମାନଙ୍କ ପାଇଁ ସରକାରଙ୍କ ସମସ୍ତ ଯୋଜନା ଉପହାସ ପାଲଟିଥିବା ବେଳେ ଆବାସ ଘର ସ୍ୱପ୍ନ ପାଲଟିଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ତାଗିଦ୍ କରିବା ସହ କ୍ୟାମ୍ପ କରି ଲୋକଙ୍କ ସେବା ଯୋଗାଇବା ପାଇଁ କହିଥିଲେ। ଯୁବ ଆଇଏଏସ୍ ରାୟଗଡା ଜିଲ୍ଲାପାଳ ଓ ଗୁଣୁପୁର ଉପଜିଲ୍ଲାପାଳଙ୍କ ଗସ୍ତ ସମୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଡାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରା, ଗୁଡାରି ତହସିଲଦାର ଆଡାଲା ସ୍ନେହଲତା, ଗୁଡାରି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ମଧୁବନ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଗସ୍ତ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନବୀନ...

ଭୋଟ ମିଳିଥିବା ବେଳେ ବିଜେଡିର ସଂନ୍ତୃପ୍ତ ମିଶ୍ରଙ୍କୁ ୩୧ଖଣ୍ଡ (୩୧୦୦ ଭୋଟ ମୂଲ୍ୟ) ବିଧାୟକଙ୍କ ଭୋଟ ମିଳିଥିଲା। ସେହିପରି ବିଜେଡି-କଂଗ୍ରେସ-ସିପିଆଇଏମ୍ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କୁ ୨୩ ଜଣ(୨୩୦୦ ଭୋଟ ମୂଲ୍ୟ) ବିଧାୟକଙ୍କ ଭୋଟ ମିଳିଥିଲା। ବିଜେପି ସମର୍ଥିତ ଦିଲ୍ଲୀପ ରାୟଙ୍କୁ ମଧ୍ୟ ସେହିଭଳି ୨୩ ଜଣ (୨୩୦୦ ଭୋଟ ମୂଲ୍ୟ) ବିଧାୟକଙ୍କ ଭୋଟ୍ ମିଳିଥିଲା।

ତେବେ ଦ୍ୱିତୀୟ ପସନ୍ଦର ଭୋଟ ହିଁ ଦିଲ୍ଲୀପଙ୍କୁ ବୃହତ୍ ବିଜୟ ଆଡ଼କୁ ନେଇଯାଇଥିଲା। ଦ୍ୱିତୀୟ ପସନ୍ଦର ଭୋଟ ଭାବେ ଦିଲ୍ଲୀପଙ୍କ ସପକ୍ଷରେ ଭୋଟ୍ ୧୧୧୮ ପଡ଼ିବା ପରେ ତାଙ୍କର ମୋଟ୍ ଭୋଟ ମୂଲ୍ୟ ୩୪୧୮ ହୋଇଥିଲା। ଆଉ ଡାକ୍ତର ହୋତାଙ୍କୁ ପଛରେ ପକାଇ ସେ ବିଜୟ ଲାଭ କରିଛନ୍ତି। ଦିଲ୍ଲୀପଙ୍କ ଜିତିବାରେ ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକଙ୍କ କ୍ରସଭୋଟିଂ ବିଶେଷ ସହାୟକ ହୋଇଛି।

ବିଜେପି ନିଜର ଦୁଇ ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ କୁମାରଙ୍କୁ ପ୍ରଥମ ପସନ୍ଦର ୭୦ ଜଣ ବିଧାୟକଙ୍କ ଭୋଟ୍ ଦେଇଦେବା ପରେ ଦିଲ୍ଲୀପଙ୍କ ସପକ୍ଷରେ ମାତ୍ର ୧୨ ଜଣ ବିଧାୟକଙ୍କ ପ୍ରଥମ ପସନ୍ଦ ଭୋଟ୍ ରହିଥିଲା। ଆଉ ବିଜେଡି ଓ କଂଗ୍ରେସର ୧୧ ଜଣ ବିଧାୟକଙ୍କ ପ୍ରଥମ ପସନ୍ଦ ଭୋଟରେ ଦିଲ୍ଲୀପଙ୍କୁ ୨୩ ଜଣ ବିଧାୟକଙ୍କ ଭୋଟ ମିଳିଥିଲେ ମଧ୍ୟ ଦ୍ୱିତୀୟ ପସନ୍ଦର ଭୋଟଗୁଡ଼ିକ ଦିଲ୍ଲୀପଙ୍କ ପାଖକୁ ଚାଲିଯାଇଥିବାରୁ ସେ ସହଜରେ ୩୪୧୮ ଭୋଟ୍ ପାଇ ବିଜୟୀ ହୋଇଛନ୍ତି।

## ରାଜ୍ୟରେ...

ଅସନ୍ତୋଷକୁ ପରିପ୍ରକାଶ କଲେ। କାଚ ଘରେ ସ୍ୱପ୍ନ ଦେଖୁଥିବା ଲୋକ, ଆଗ ନିଜର ଛବିକୁ ଆଇନାରେ ଦେଖନ୍ତୁ। ସମୟ ଆସିଛି ନବୀନ ପଟ୍ଟନାୟକ ତର୍ଜମା କରିବା ଦରକାର। ଦଳରେ କୌଣସି ପରିବର୍ତ୍ତନ ଆଣିବାକୁ ଚାହୁଁନାହିଁ ଦଳ। ବିଜେଡି ଦଳପତିଙ୍କ ଉପରେ ଦଳୀୟ ନେତା ବିଶ୍ୱାସ କରୁନାହାନ୍ତି। ଆଗକୁ ବିଜେଡିରେ ଅଧିକ କ୍ଷତି ହେବ ବୋଲି ସେ ଚେତାଇ ଦେଇଛନ୍ତି। ସେ କହିଛନ୍ତି ଯେ ଏବେ ସବୁ ବିଜୁପ୍ରେମୀ ଏକାଠି ହୋଇପାରନ୍ତି। ଆମେ ହାରିବା ପାଇଁ ଲଢୁନଥିଲୁ, ଜିତିବା ପାଇଁ ନିର୍ବାଚନ ଲଢୁଥିଲୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ବିରୋଧୀ...

ନିଜ ନିର୍ବାଚନମଣ୍ଡଳୀରେ ଜନସାଧାରଣଙ୍କ ସ୍ୱାର୍ଥ ଓ ରାଜ୍ୟର ବିକାଶକୁ ପ୍ରାଥମିକତା ଦେଇ ନିଜର ମତ ସାବ୍ୟସ୍ତ କରିଛନ୍ତି, ସେମାନଙ୍କୁ ଅପରାଧୀ କହିବା ଅର୍ଥ ହେଉଛି ସେମାନଙ୍କୁ ନିର୍ବାଚିତ କରିଥିବା ହଜାର ହଜାର ଭୋଟରଙ୍କୁ ଅପମାନିତ କରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ କୌଣସି ବ୍ୟକ୍ତିବିଶେଷଙ୍କ ପାଖରେ ବନ୍ଧା ନୁହଁନ୍ତି, ସେମାନେ କେବଳ ସମ୍ବିଧାନ ଓ ନିଜ ଲୋକଙ୍କ ପାଖରେ ଉତ୍ତରଦାୟୀ। ଯେତେବେଳେ ଏକ ଆଞ୍ଚଳିକ ଦଳ ମଧ୍ୟରେ ଆନ୍ତରିକ ଗଣତନ୍ତ୍ରର ଅଭାବ ପରିଲକ୍ଷିତ ହୁଏ ଏବଂ ନେତୃତ୍ୱ କେବଳ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ହାତବାରେସୀ ହୋଇଯାଏ, ସେତେବେଳେ ସ୍ୱାଭିମାନୀ ଜନପ୍ରତିନିଧିମାନେ ସ୍ୱର ଉତ୍ତୋଳନ କରିବା ସ୍ୱାଭାବିକ। ନବୀନବାବୁ ବୋଧହୁଏ ଭୁଲିଯାଉଛନ୍ତି ଯେ ଯେଉଁମାନଙ୍କୁ ସେ ଆଜି ଅପରାଧୀ କହୁଛନ୍ତି, ସେମାନେ କିଛି ଦିନ ପୂର୍ବରୁ ତାଙ୍କ ଦଳର ସମ୍ପତ୍ତି ଥିଲେ ଏବଂ ସେମାନଙ୍କ ପାଇଁ ସେ ନିଜେ ପ୍ରଚାର ମଧ୍ୟ କରିଥିଲେ। ସେତେବେଳେ ସେମାନଙ୍କ ପରିବାର ପୃଷ୍ଠଭୂମି ତାଙ୍କୁ ସ୍ୱଚ୍ଛ ଦେଖାଯାଉଥିଲା କି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

ଆଜି ହାରିଯିବା ପରେ ଏଭଳି ଅପରିପକ୍ୱ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ। ଓଡ଼ିଶାର ବିକାଶ ପଥରେ ଯିଏ ରହିବ ନାହିଁ, ଜନସାଧାରଣଙ୍କଠାରେ ତାକୁ ପରିବର୍ତ୍ତନ କରିବାର ଶକ୍ତି ଅଛି। ବିଜେପି ନୂଆ ସରକାର ଗଠନ କରିବା ପରେ ଲୋକଙ୍କ ସରକାର ଭାବେ ଓଡ଼ିଶାର ସମୃଦ୍ଧି ଓ ବିକାଶକୁ ଆଗକୁ ନେବା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରୁଛନ୍ତି। ଲୋକମାନେ ନିଃସ୍ୱାର୍ଥ ସମର୍ଥନ ଦେଉଛନ୍ତି। ତା'ର ପ୍ରତିଫଳନ ଆଜି ରାଜ୍ୟସଭା ନିର୍ବାଚନରେ ଦେଖିବାକୁ ମିଳିଲା। ଆଜିର ଏହି ଫଳାଫଳ ହିଁ ଆଗାମୀ ଦିନରେ ଓଡ଼ିଶାକୁ ସମୃଦ୍ଧ କରିବ। ଆଜି ଓଡ଼ିଶା ଇତିହାସରେ ଏକ ସ୍ମରଣୀୟ ଦିନ। ରାଜ୍ୟସଭା ନିର୍ବାଚନରେ ବିଜେପି ଓ ବିଜେପି-ସମର୍ଥିତ ପ୍ରାର୍ଥୀଙ୍କ ଏହି ପ୍ରଚଣ୍ଡ ବିଜୟ କେବଳ ଦଳୀୟ ସଫଳତା ନୁହେଁ, ବରଂ ଏହା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଦୃଢ଼ ନେତୃତ୍ୱ ଓ ଦୂରଦର୍ଶୀ ମାର୍ଗଦର୍ଶନର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ବିଧାୟକଙ୍କୁ...

ସପକ୍ଷରେ ଭୋଟ୍ କରିବାକୁ ନେଇ ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ବିଜେପି ବିଧାୟକମାନେ ଭିଡ଼ାଓଟରା ହେବା ଘଟଣା ଆଜି ଓଡ଼ିଶା ବିଧାନସଭାରେ ସବୁଠାରୁ ଚର୍ଚ୍ଚାର ବିଷୟ ପାଲଟିଛି। ଆଜି ବିଧାନସଭାରେ ରାଜ୍ୟସଭା ନିର୍ବାଚନ ଲାଗି ସୁରୁଖୁରୁରେ ଭୋଟିଂ ଚାଲିଥିବା ବେଳେ ଅପରାହ୍ନରେ ଏକ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ଜୟଦେବ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ନବ କିଶୋର ମଲ୍ଲିକ ଜଣେ ବାହାର ଲୋକଙ୍କ ସହ ଭୋଟ ଦେବାକୁ ଆସିବା ନେଇ ବିଜେଡି ବିଧାୟକମାନେ ବିରୋଧ କରିଥିଲେ। ଠିକ୍ ସମୟରେ ନବଙ୍କୁ ବିଜେପି ବିଧାୟକମାନେ ଭୋଟଦାନ କକ୍ଷକୁ ନେବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ବିଜେଡି ଓ ବିଜେପି ବିଧାୟକଙ୍କ ମଧ୍ୟରେ ପ୍ରଥମେ କଥା କଟାକଟି ଓ ପରେ ବିଧାନସଭା ୫୪ ନମ୍ବର ପ୍ରକୋଷ୍ଠ ସାମ୍ନାରେ ଭିଡ଼ାଭିଡ଼ି ହୋଇଥିବା ଦେଖିବାକୁ ମିଳିଥିଲା। ନବ ମଲ୍ଲିକଙ୍କୁ ନେଇ ଦୁଇ ଦଳର ବିଧାୟକମାନେ ମୁହାଁମୁହିଁ ହେବା ସହ ହୋହାଲ୍ଲା ହୋଇଥିଲେ।

ବିଜେଡି ବିଧାୟକ ତୁଷାରକାନ୍ତି ବେହେରା ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଜଣେ ଅଜଣା ବ୍ୟକ୍ତି (ସେ ବିଧାୟକ ନୁହେଁ)ଙ୍କୁ ବିଧାନସଭାକୁ ଆଣିଥିଲେ। ସେ ଭୋଟ ଦେବାକୁ ଲାଇନରେ ଛିଡ଼ା ହୋଇଥିବା ବେଳେ ତାଙ୍କ ହାତକୁ ଧରି ଟାଣିଲେ। ଆମେ ତାଙ୍କୁ ଟଙ୍କା ଦେଇଛୁ ବୋଲି କହି ଭୋଟ ଦେବାକୁ ଚାପ ପକାଇଥିଲେ। ବିଜେଡି ସଦସ୍ୟମାନେ ଏହି କଥାକୁ ନେଇ ଆପତ୍ତି ଉଠାଇଲେ। ଏହାକୁ ଗଣତନ୍ତ୍ରର ହତ୍ୟା ବୋଲି ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି। ଏତେ ସୁରକ୍ଷା ଥିବା ସତ୍ତ୍ୱେ ବିଧାନସଭା ପରିସରକୁ ଜଣେ ଅଜଣା ବ୍ୟକ୍ତି ପଶିବା ଓ ଘୋଡ଼ା ବେପାର କଥା କହିବାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମନୋରଞ୍ଜନ ଦ୍ୟାନ ସାମନ୍ତରାୟ କହିଥିଲେ ଯେ ଆମେ ବିଧାୟକଙ୍କୁ ସୁରକ୍ଷା ଦେଇଥିଲୁ। ବିଜେଡି ବିଧାୟକମାନେ ତାଙ୍କୁ ଧମକ ଦେଉଥିଲେ।

## ଅଷ୍ଟମାଶ୍ଚର୍ଯ୍ୟ...

ଦେଇ ବାହାରକୁ ଆସି ଗଣମାଧ୍ୟମକୁ ମଧ୍ୟ କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ରାର୍ଥୀଙ୍କୁ ଭୋଟ ଦେଇଛି। ହେଲେ ସେ କ୍ରସ ଭୋଟିଂ କରିଥିବା ବିଜେଡି ଏଜେଣ୍ଟ ତଥା ବିଧାୟକ ପ୍ରତାପ ଦେବ ସ୍ପଷ୍ଟ କରିଛନ୍ତି। ସୁବାସିନୀଙ୍କ ଏଭଳି କାର୍ଯ୍ୟକୁ ନେଇ ବିଜେଡି ବିଧାୟକମାନେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି।

## ଉପାସନା...

ସମ୍ପର୍କରେ ଜଣାଇଥିଲେ। ଆଇନର ତର୍ଜମା ପରେ ତାଙ୍କୁ ଦ୍ୱିତୀୟ ବାଲାଟ ଦିଆଯାଇଥିଲା। ତେବେ ଏଥିପାଇଁ ପ୍ରାୟ ଅଧଘଣ୍ଟା ଧରି ଭୋଟିଂ ବନ୍ଦ ରହିଥିଲା। ନିର୍ବାଚନ କମିଶନ୍‌ଙ୍କ ପରାମର୍ଶ ଆଧାରରେ ତାଙ୍କୁ ଦ୍ୱିତୀୟ ବାଲାଟ ପେପର ଦିଆଯାଇଥିଲା। ପୂର୍ଣ୍ଣଚନ୍ଦ୍ର ସେଠୀ ମଧ୍ୟ ନିଜ ବାଲାଟ ପେପରରେ ପ୍ରିଣ୍ଟିଂ ଠିକ୍ ହୋଇ ନ ଥିବା ଦର୍ଶାଇ ଦ୍ୱିତୀୟ ବାଲାଟ ପେପର ନେଇଥିଲେ। ସୂଚନାନୁଯାୟୀ, ଓଡ଼ିଶାର ୧୪୭ ବିଧାୟକଙ୍କ ଭୋଟ ପାଇଁ ୧୪ ଖଣ୍ଡ ଅତିରିକ୍ତ ବାଲାଟ ପେପର ନିର୍ବାଚନ କମିଶନ୍ ପ୍ରଦାନ କରିଥିଲେ।

## ବହିଷ୍କୃତ...

ବସିଥିଲେ। ତା' ବାଦ୍ ବି ସେ ଦଳୀୟ ନିଷ୍ପତ୍ତିକୁ ମାନିନାହାଁନ୍ତି। ରିୟଲ ଇଷ୍ଟେଟ, ମଦ ମାଫିଆ ଓ ବାଲି ମାଫିଆଗିରି ପାଇଁ ସରକାରୀ ଦଳର ସହାୟତା ଲୋଭରେ ଏହି ୩ ବିଧାୟକ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି ବୋଲି ଭକ୍ତ ଅଭିଯୋଗ କରିଛନ୍ତି।

ଏହି ୩ ନେତାଙ୍କ ଦଳ ବିରୋଧୀ କାର୍ଯ୍ୟ ନେଇ ଏଆଇସିସିକୁ ଅବଗତ କରାଯାଇଛି। ଆସନ୍ତାକାଲି ଏହି ୩ ଜଣଙ୍କୁ ଦଳରୁ ବହିଷ୍କାର କରାଯିବ ବୋଲି ଭକ୍ତ କହିଛନ୍ତି। ଏଥିସହ ସେ କହିଛନ୍ତି ଯେ ସୋଫିଆଙ୍କ ବାପାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ହେଲେ ତାଙ୍କୁ ଦଳ ବିଶ୍ୱାସକୁ ନେଇଥିଲା। ସେ ଜଣେ ଶିକ୍ଷିତା ଓ ତାଙ୍କର ରାଜନୈତିକ ଭବିଷ୍ୟତ ମଧ୍ୟ ଉଜ୍ଜ୍ୱଳ ଥିଲା। ହେଲେ ସେ ମଧ୍ୟ ଦଳବିରୋଧୀ କାର୍ଯ୍ୟ କରି ବଡ଼ ଭୁଲ କରିଛନ୍ତି। ସେମାନଙ୍କ ବିରୋଧରେ ଦଳୀୟ କାର୍ଯ୍ୟାନୁଷ୍ଠାନ ସହ ସେମାନଙ୍କ ସଭ୍ୟପଦ ରଦ୍ଦ କରିବାକୁ ଦଳ ଆଇନଗତ ଲଢ଼େଇ କରିବ ବୋଲି ସେ କହିଛନ୍ତି।

## ବାପାଙ୍କ...

ସମ୍ପତ୍ତି ଠାବ ହୁଏ। ଆମ ଘରେ ଚଢ଼ାଉ ବେଳେ କ'ଣ ବାହାରିଲା, ସେନେଇ କାହିଁକି କିଛି ସ୍ପଷ୍ଟ କରାଗଲାନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଗତ ୧୮/୧୯ ବର୍ଷ ଧରି ସେ ଦଳ ପାଇଁ ବହୁତ ପରିଶ୍ରମ କରିଛନ୍ତି ଓ ହଇରାଣ ମଧ୍ୟ ହୋଇଛନ୍ତି। ଚିଟଫଣ୍ଡ୍ ଚୋରି କରିବ କିଏ, ଅଠା ତାଙ୍କ ବାପାଙ୍କ ମୁଣ୍ଡରେ ବୋଳାଗଲା। ମେ' ୧୯ ବିଜେଡି ବିଭାଜନ ଚକ୍ରାନ୍ତ କଲା କିଏ, ତାଙ୍କ ବାପାଙ୍କ ମୁଣ୍ଡରେ ଅଠା ବୋଳାଗଲା। ତାଙ୍କ ବାପାଙ୍କ ପ୍ରତି କିଛି ବିଜେଡି ନେତା ଅସହିଷ୍ଣୁ ଥିଲେ। ସେଥିପାଇଁ ତାଙ୍କୁ ଜାଣିଶୁଣି ଅପମାନିତ କରାଯାଉଥିଲା ବୋଲି ସୌଭିକ ଅଭିଯୋଗ କରିଛନ୍ତି। ସୌଭିକଙ୍କ ପତ୍ନୀ ବି ବିଜେଡି ଉପରେ ବର୍ଷିଛନ୍ତି। ବିଜେଡି ପାଇଁ ତାଙ୍କ ଶ୍ୱଶୁରଙ୍କ ରାଜନୈତିକ କ୍ୟାରିୟର ନଷ୍ଟ ହୋଇଯାଇଛି। ଦଳର କିଛି ନେତା ଉଦ୍ଦେଶ୍ୟମୂଳକ ଭାବେ ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରୁଥିଲେ। ଏ ଦଳ ପାଇଁ ତାଙ୍କ ଶ୍ୱଶୁର ବହୁତ କିଛି ସହିଛନ୍ତି ବୋଲି ସେ ଆକ୍ଷେପ କରିଛନ୍ତି।

## ନବୀନଙ୍କ...

ଏହାର ବହୁଗୁଣ ଅପମାନ ସହିବାକୁ ପଡୁଛି। ଆଲୋଚନା ହେଉଛି ଯେ ଦଳୀୟ ବିଧାୟକମାନେ ଠିକ୍ ନବୀନଙ୍କ ଷ୍ଟାଇଲରେ ନବୀନଙ୍କୁ ଧୋକ୍କା ଦେଇଛନ୍ତି। ନବୀନ ଯେଭଳି ଘରକୁ ଡାକି ଆଲୋଚନା କରିବା ପରେ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରନ୍ତି ଓ ପଦପଦବୀ ନେଇଯା'ନ୍ତି, ଠିକ୍ ସେହି ଫର୍ମୁଲାରେ କିଛି ବିଧାୟକ ରାତିରେ ନବୀନ ନିବାସରେ ଲୁଙ୍ଗି ପିନ୍ଧି ଭୋଜି ଖାଇବା ପରେ ସକାଳେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ କ୍ରସ ଭୋଟିଂ କରି ତାଙ୍କୁ ଚକ୍‌ମା ଦେଇଛନ୍ତି। ବଡ଼ କଥା ହେଉଛି, କିଛି ପ୍ରାର୍ଥୀ ଏମିତି କରିବେ ବୋଲି ନବୀନ ବି ଟେର ପାଇ ନ ଥିଲେ। ସେହିଭଳି ବିଧାୟକ ହେଲେ ରମାକାନ୍ତ ଭୋଇ ଓ ଦେବୀ ରଞ୍ଜନ ତ୍ରିପାଠୀ।

ରାଜନୈତିକ ବିଶ୍ଳେଷକମାନଙ୍କ କହିବା କଥା ଯେ ବିଜେଡି ଦୁର୍ଗର ପତନ ଏବେଠାରୁ ଆରମ୍ଭ ହେଲା। ପୂର୍ବରୁ ଦୁଇ ଜଣ ନିଲମ୍ବିତ ହୋଇଥିବା ବେଳେ ଏବେ ଯଦି ନବୀନ କ୍ରସ ଭୋଟିଂ କରିଥିବା ଆଉ ୬ ଜଣଙ୍କୁ ନିଲମ୍ବନ କରନ୍ତି, ତା'ହେଲେ ବିଧାନସଭାରେ ଦଳର ସଦସ୍ୟଙ୍କ ସଂଖ୍ୟା ୪୨କୁ ହ୍ରାସ ପାଇବ। ଏହାକୁ ନେଇ ଆଉ କିଛି ବିଦ୍ରୋହୀ ମଧ୍ୟ ବାହାରିବେ। କ୍ରସଭୋଟିଂ କରିଥିବା ବିଧାୟକମାନେ ଏବେ ଖୋଲାଖୋଲି ମନ୍ତବ୍ୟ ଦେବା ସହ ମେଳି ହେବାରେ ଲାଗିଛନ୍ତି। ଏମାନଙ୍କ ପଛରେ ଆଉ କିଛି ବିଜେଡି ନେତାଙ୍କ ସମର୍ଥନ ଥିବା କୁହାଯାଉଛି। ଆଗାମୀ ଦିନରେ ଏମାନେ ଆଉ କିଛି ବଡ଼ ପଦକ୍ଷେପ ନେବେ ବୋଲି ଆଶଙ୍କା ମଧ୍ୟ ପ୍ରକାଶ ପାଇଲାଣି।

ବିଜେଡି ଆଉ ବେଶୀ ଦିନ ତିଷ୍ଠିବ ନାହିଁ ବୋଲି ବିଜେପିର କିଛି ନେତା ଜୋର୍ ଦେଇ କହୁଥିବା ବେଳେ ଦଳର ଛ' ଛ' ଜଣ ବିଧାୟକ ନବୀନଙ୍କୁ ବେଖାତିର କରି କ୍ରସ ଭୋଟିଂ କରିବା ଓ ନବୀନ ରାଗରେ ସେମାନଙ୍କୁ ଅପରାଧି ବୋଲି କହିବାକୁ ଏବେ ରାଜନୈତିକ ମହଲରେ ସହଜରେ ଗ୍ରହଣ କରାଯାଇପାରୁନାହିଁ। ଆଗାମୀ ଦିନରେ ବିଜେଡିକୁ ଏହା ନିଶ୍ଚିତ କ୍ଷତି ପହଞ୍ଚାଇବ ବୋଲି ଆକଳନ କରାଗଲାଣି।

## ବିଜେପିର...

ହୋତା ପାଇଥିବା ପ୍ରଥମ ପସନ୍ଦ ଭୋଟ ମଧ୍ୟରେ କେବଳ କଂଗ୍ରେସର ୧୨ ଖଣ୍ଡ ଭୋଟ ରହିଛି। ବିଧାନସଭାରେ କଂଗ୍ରେସର ୧୪ ଜଣ ବିଧାୟକ ଥିବା ବେଳେ ସହଯୋଗୀ ସିପିଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ରହିଛନ୍ତି। ଦିଲ୍ଲୀପ ରାୟଙ୍କ ସପକ୍ଷରେ କଂଗ୍ରେସର ୩ ବିଧାୟକ କ୍ରସ୍ ଭୋଟିଂ କରିବାରୁ ଅବଶିଷ୍ଟ ୧୧ ଖଣ୍ଡ ଭୋଟ୍ ସହ ଲକ୍ଷ୍ମଣଙ୍କ ଗୋଟିଏ ଭୋଟ ମିଶି ମୋଟ ୧୨ ଖଣ୍ଡ ପ୍ରଥମ ପସନ୍ଦ ଭୋଟ ଦତ୍ତେଶ୍ୱରଙ୍କ ସପକ୍ଷରେ ଯାଇଛି।

## ବିଜୟ...

ପାଇଁ ବିଜୟ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ସେଥିପାଇଁ ନବୀନ ତାଙ୍କ ପୁଅକୁ ମଧ୍ୟ ଦଳରୁ ନିଲମ୍ବନ କରିଥିଲେ। ସେ ବିଜେପିରେ ନ ଥିଲେ ମଧ୍ୟ ବିଜୁ ପରିବାରର ସଦସ୍ୟ ଭାବେ ଦିଲ୍ଲୀପଙ୍କୁ ସହଯୋଗ କରିଆସୁଛନ୍ତି। ଆଜି କେବଳ ଦିଲ୍ଲୀପ ରାୟ ନୁହଁନ୍ତି, ଅମର ଶତପଥୀ ଓ ପ୍ରଭାତ ତ୍ରିପାଠୀ ବିଜୟଙ୍କ ଘରକୁ ଯାଇ ପରବର୍ତ୍ତୀ ରଣନୀତି ପ୍ରସ୍ତୁତ କରିଛନ୍ତି।

# ଶିଶୁ ସମନ୍ୱିତ ଯୋଜନା ଦିଗହରା

## ଅଙ୍ଗନବାଡି କେନ୍ଦ୍ରର ନାହିଁ ସ୍ଥାୟୀ ଗୃହ, ନାହାନ୍ତି ସହାୟିକା

ଯାଜପୁର,୧୬।୩ (ସଂଚାର ବ୍ୟୁରୋ): ନୟାଗଡ଼ ସମେତ ରାଜ୍ୟର ବେତେକ ସ୍ଥାନରେ ଅଙ୍ଗନବାଡି କେନ୍ଦ୍ରର ଦୁର୍ଦ୍ଦଶା ପରେ ରାଜ୍ୟ ସରକାର ଅଙ୍ଗନବାଡି କେନ୍ଦ୍ରର ସ୍ଥାୟୀ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନେଇଥିଲେ। ଯାହାକି ଅଙ୍ଗନବାଡି ପାଇଁ ପକ୍କା ଗୃହ ନିର୍ମାଣ କରିବାକୁ ସରକାର ଯୋଜନା ପ୍ରସ୍ତୁତ କରିଥିଲେ। ଦୀର୍ଘ ୧୧ ବର୍ଷ ପରେ ମଧ୍ୟ ସାରା ଯାଜପୁର ଜିଲ୍ଲାର ୧୦ଟି ବ୍ଲକର ଅନେକ ଅଙ୍ଗନବାଡି କେନ୍ଦ୍ରରେ ସ୍ଥାୟୀ ଗୃହ ନିର୍ମାଣ ହୋଇନାହିଁ। ଯାହାକୁ ସ୍ଥାନୀୟ ଲୋକେ ଅଧିକାଂଶ ସମୟରେ ପ୍ରତିବାଦର ସ୍ୱର ଉଠାଉଛନ୍ତି। ହେଲେ ଫଳ ଶୂନ। କେବଳ ଦାନଗଦୀ ବ୍ଲକକୁ ନଜରକୁ ନେଲେ ଏହାର ସ୍ପଷ୍ଟ ଚିତ୍ର ମିଳିବ। କାରଣ ଅନେକ ସ୍ଥାନରେ ଏହାର ସ୍ଥାୟୀ ଗୃହ ନ ଥିବାରୁ ସ୍କୁଲ ବାରଣ୍ଡା, ଗଛ ତଳେ, କ୍ଲବ ଘରମାନଙ୍କରେ ଅଙ୍ଗନବାଡି କେନ୍ଦ୍ର ଚାଲିଛି। ଯାହାକି କେବଳ ଦାନଗଦୀ ବ୍ଲକରେ ମୋଟ ୨୦୧ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ମୋଟ ୨୦୧ଟି ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ ୪୫ଟି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବା ବିଭାଗୀୟ ଅଧିକାରୀଙ୍କ ଠାରୁ ଜଣାପଡ଼ିଛି। ଯାହାକି ଏହା ଅସ୍ଥାୟୀ କେନ୍ଦ୍ରରେ ଚାଲିଛି।

ତେବେ ସମସ୍ତ କେନ୍ଦ୍ରରେ ଅଙ୍ଗନବାଡି କର୍ମୀ ଥିବାବେଳେ ୩ଟି କେନ୍ଦ୍ରରେ ସହାୟିକା ନାହାନ୍ତି। ଯାହାକି ନିଜସ୍ୱ ଗୃହ ନ ଥିବା କେନ୍ଦ୍ର ଗୁଡିକ ସ୍କୁଲ ଏବଂ କ୍ଲବ ମାନଙ୍କରେ ବିଭିନ୍ନ ସମସ୍ୟା ମଧ୍ୟରେ ଚାଲିଥିବା ଶିଶୁ ସମନ୍ୱିତ ବିଭାଗ ପକ୍ଷରୁ ଜଣାପଡ଼ିଛି। ତେବେ ଅଙ୍ଗନବାଡି ସହାୟିକା ନ ଥିବା କେନ୍ଦ୍ର ଗୁଡିକ କିପରି କୋମଳମତି ଶିଶୁମାନଙ୍କୁ ସେବା ଯୋଗାଉଥିବେ ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ସବୁଠୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଉଛି, ସ୍ଥାୟୀ ଗୃହ ନିର୍ମାଣ କେବେ ଶେଷ ହେବ ତାହା ପ୍ରଶାସନର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ହୋଇଛି।

ଏ ସମ୍ପର୍କରେ ଦାନଗଦୀ ବ୍ଲକ ଶିଶୁ ସମନ୍ୱିତ ଅଧିକାରୀଙ୍କ କହିବା ହେଲା, ଦାନଗଦୀ ବ୍ଲକରେ ୨୦୧ ଅଙ୍ଗନବାଡି କେନ୍ଦ୍ରରୁ ୪୫ଟି ଅସ୍ଥାୟୀ ଗୃହରେ ଚାଲିଛି।

## ଗିରଫ ହେବେ ଆଇନଜୀବୀ

### ବିନାୟକଙ୍କ ବିରୁଦ୍ଧରେ ଜାମିନ ବିହୀନ ଗିରଫ ପରୱାନା

ସତ୍ୟବାଦୀ,୧୬।୩ (ସଂଚାର ବ୍ୟୁରୋ): ବାରମ୍ବାର ନୋଟିସ ସତ୍ତ୍ୱେ ବ୍ୟକ୍ତିଗତ ହାଜର ହେଲେନି ଆଇନଜୀବୀ ବିନାୟକ ପ୍ରସାଦ ମହାନ୍ତି। ପୂର୍ବରୁ ସେ ବ୍ୟକ୍ତିଗତ ହାଜିର ନହୋଇ ଓକିଲ ମାଧ୍ୟମରେ ହାଜିରା ଦେଉଥିଲେ। କିନ୍ତୁ ସାକ୍ଷୀଗୋପାଳ ବିଦ୍ୟୁତ ଉପଖଣ୍ଡ କର୍ମଚାରୀଙ୍କୁ ଧମକ ଚମକ ଦେଉଥିବା ଥାନାରେ ଅଭିଯୋଗ ହେବାପରେ ତତ୍କାଳୀନ ତହସିଲଦାର ତାଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନୋଟିସ ଦେଇଥିଲେ। ନଚେତ ତାଙ୍କୁ ଗିରଫ କରାଯିବ ବୋଲି ମଧ୍ୟ ଉଲ୍ଲେଖ କରିଥିଲେ। ତେଣୁ ଆଜି ସେ ତହସିଲଦାରଙ୍କ କୋର୍ଟରେ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ନହେବାରୁ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ତଥା ତହସିଲଦାର ଅଶୋକ କୁମାର ପାଣିଗ୍ରାହୀ ତାଙ୍କ ବିରୁଦ୍ଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି। ତେଣୁ ଶାନ୍ତିଭଙ୍ଗ ହେବାର ବେଶ ସମ୍ଭାବନା ଉପଲବ୍ଧି କରି ଆଜି ତହସିଲଦାର ଏହି ଜାମିନ ବିହୀନ ଗିରଫ ପରୱାନା ଜାରି କରିବା ସହିତ ସତ୍ୟବାଦୀ ପୋଲିସକୁ ମଧ୍ୟ ତୁରନ୍ତ କାର୍ଯ୍ୟାନୁଷ୍ଠାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ମୃତ୍ୟୁ ଏମିତି ବି ଆସେ

## ସାଙ୍ଗମାନଙ୍କ ସହ ଗାଧୋଇବା ବେଳେ ପାଣିରେ ବୁଡ଼ି ଚାଲିଗଲା ଜୀବନ



ନୀଳଗିରି,୧୬।୩ (ସଂଚାର ବ୍ୟୁରୋ): ମୃତ୍ୟୁ ଏମିତି ବି ଆସେ। ସାଙ୍ଗ ମାନଙ୍କ ସହିତ ଗାଧୋଇବା ବେଳେ ଅଘଟଣ।ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ। ଏଭଳି ହୃଦୟ ବିଦାରକ ଘଟଣା ଘଟିଛିମିରିଗିଣି ଅଞ୍ଚଳ ର ଖଣ୍ଡିଆ ହୁଡ଼ି ପଥର ଖଣି ରେ ।ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଶେରଗଡ଼ ଅଞ୍ଚଳର, ଜ୍ୟୋତିଶଙ୍କର ଦାଶ ତାଙ୍କ ତିନି ଜଣଙ୍କ ସାଙ୍ଗଙ୍କ ସହିତ ମିରିଗିଣି ଖଣ୍ଡିଆହୁଡ଼ି ପାହାଡକୁ ବୁଲିବା ପାଇଁ ଯାଇଥିଲେ। ବୁଲାବୁଲି ପରେ ପରିତ୍ୟକ୍ତ ପଥର ଖାଦାନ ମଝିରେ ଜଳପ୍ରପାତରେ ଗାଧୋଉଥିଲେ ହଠାତ ଜ୍ୟୋତିଶଙ୍କର ଗୋଡ଼ ଖସି ଯିବାରୁ ସେ ଗଭୀର ଜଳରାଶି ମଧ୍ୟକୁ ଚାଲିଯାଇଥିଲେ ଏବଂ ନିଜକୁ ଆୟତ୍ତ ନ କରିପାରି ପାଣିରେ ବୁଡ଼ିଯାଇଥିଲେ। ପାଖରେ ଥିବା ସାଙ୍ଗ ମାନେ ବହୁ ଖୋଜା ଖୋଜା କରିଥିଲେ ମଧ୍ୟ ଜୋତିଶଙ୍କରଙ୍କୁ ପାଇନଥିଲେ। ସ୍ଥାନୀୟ ଗ୍ରାମବାସୀ ଖବର ପାଇ ଆସି ଜ୍ୟୋତିଶଙ୍କରଙ୍କୁ ଉଦ୍ଧାର କରି ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏଭଳି ଘଟଣା ଦେଖି ବାପା ସରୋଜ ଦାଶ ଓ ପରିବାର ଲୋକ ପୁଅର ଶବ ଆଗରେ ମୁଣ୍ଡ ବାଡେଇ କାନ୍ଦିବା ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଯାହାକୁ ଦେଖି ଏବେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଏହି ଖାଦାନ ଖଣି ରେ ପୂର୍ବରୁ ଏକାଧିକ ଅଘଟଣ ଘଟିଥିବାରୁ ସ୍ଥାନୀୟ ଲୋକଙ୍କ କହିବାକଥା ଜିଲ୍ଲାପାଳ ଦୃଷ୍ଟି ଦେଇ ଖାଦାନ ଚାରିପାଖ ଲୁହାକଣ୍ଟା ତାର ରେ ବାଡ଼ ଘେରି ଦେଲେ ଆଗକୁ ଆଉ ଏଭଳି ଅଘଟଣ ଘଟିବ ନାହିଁ ବୋଲି କହିଛନ୍ତି।

## ପିଲା ଚୋର ସନ୍ଦେହରେ ବୃଦ୍ଧଙ୍କୁ ପିଟିପିଟି ହତ୍ୟା

ନବରଙ୍ଗପୁର, ୧୬।୩ (ସଂଚାର ବ୍ୟୁରୋ):ନବରଙ୍ଗପୁର ଜିଲ୍ଲା ସଦର ଥାନା ମାଳିଗୁଡା ଓ ଖଣ୍ଡିଗୁଡା ଗ୍ରାମର ନିକଟରେ ପିଲା ଚୋର ସନ୍ଦେହରେ ଜଣେ ଅଜଣା ବୃଦ୍ଧଙ୍କୁ ପିଟିପିଟି ହତ୍ୟା କରିଛନ୍ତି ଗ୍ରାମବାସୀ ମାନେ, ନବରଙ୍ଗପୁର ପୋଲିସ ଖବର ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛନ୍ତି। ଅପରାଧୀ ମାନେ ବୃଦ୍ଧ ଙ୍କୁ ମାଡ଼ ମାରୁଥିବା ଭିଡିଓ କରି ବିଭିନ୍ନ ସାମାଜିକ ଗଣ ମାଧ୍ୟମ ରେ ପ୍ରଚାର ମଧ୍ୟ କରିଥିଲେ। ମୃତ ବୃଦ୍ଧ ଙ୍କ ଶବ ର ବର୍ତ୍ତମାନ ପର୍ଯ୍ୟନ୍ତ କେହି ଦାବିଦାର ନଥିବା ଯୋଗୁଁ ଆସନ୍ତା ୯୪ ଘଣ୍ଟା ଯାଏ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ଶବ ସଂରକ୍ଷଣ ଗୃହରେ ରଖାଯିବ ଯଦି କେହି ଦାବିଦାର ନ ଆସିବେ ତେବେ ଶବ ସଂସ୍କାର କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି। ଦେଖାଯାଉଛି ବିଗତ କିଛି ଦିନ ଶିବ ନବରଙ୍ଗପୁର ଜିଲ୍ଲାରେ ପିଲା ଚୋରି ଅଭିଯୋଗ ଆଣି ଗ୍ରାମାଞ୍ଚଳ ଗୁଡିକରେ ସନ୍ଦେହରେ ଅଜଣା ବ୍ୟକ୍ତି ମାନଙ୍କୁ ହଠାତ ଆକ୍ରମଣ କରୁଛନ୍ତି। କେଉଁଠି ହାତଗୋଡ଼ ବାନ୍ଧି ପିଟୁଛନ୍ତି ତ କେଉଁଠି ଗଛ ଖୁଣ୍ଟରେ ବାନ୍ଧି ରଖୁଛନ୍ତି। ଆଇନକୁ ହାତକୁ ନେଇ ଅପରାଧ ଘଟଉଛନ୍ତି। ନିୟମିତ ଏହି ପ୍ରକାର ଘଟଣା ଦେଖିବାକୁ ମିଳୁଛି। ବିଶେଷ କରି ସାମାଜିକ ଗଣମାଧ୍ୟମରେ ଚୋରି ଡକାୟତି ଭଳି ଗୁଜବ ବହୁଳ ମାତ୍ରାରେ ପ୍ରଚାର ପ୍ରସାର ହେଉଛି ଯାହାକୁ ବହୁତ ଜଲଦି ଲୋକ ଗ୍ରହଣ କରୁଛନ୍ତି ମିଛ ଓ ଗୁଜବ ପ୍ରଚାର ଯୋଗୁଁ ଅଧିକାଂଶ ସମୟରେ ନିରୀହ ଲୋକ ହଇରାଣ ହେଉଛନ୍ତି। ନବରଙ୍ଗପୁର ଏସ୍‌ଡିପିଓ ଏହି ପ୍ରକାର ମିଥ୍ୟା ଗୁଜବ କୁ ଧ୍ୟାନ ନ ଦେବାକୁ ଲୋକଙ୍କୁ ଅପିଲ କରୁଛନ୍ତି।

## ଉମାଦେଇବ୍ରହ୍ମପୁରରେ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ବାଲିଅନ୍ତା,୧୬।୩ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମପଞ୍ଚାୟତରେ ବିକାଶର ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ଥାନୀୟ ସରପଞ୍ଚ ରମାଲତା ନାୟକଙ୍କ ଦ୍ୱାରା ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ଯଶୁଆପୁର ଭୋଇ ସାହି ଢଳେଇ ରାସ୍ତା ନିର୍ମାଣ ପାଇଁ ୧ ଲକ୍ଷ ୭୦ ହଜାର, ପଣ୍ଡା ସାହି ଢଳେଇ ରାସ୍ତା ନିର୍ମାଣ ପାଇଁ ୧ ଲକ୍ଷ , ବେହେରା ସାହି ଢଳେଇ ରାସ୍ତା ନିର୍ମାଣ ପାଇଁ ୧ ଲକ୍ଷ ୧୫ ହଜାର , ରଘୁଶ୍ରୀରାମପୁର ଢଳେଇ ରାସ୍ତା ନିର୍ମାଣ ପାଇଁ ୧ ଲକ୍ଷ ଓ ଯଶୁଆପୁର-୧ ଅଙ୍ଗନବାଡ଼ି ଗୃହର ନବୀକରଣ ପାଇଁ ୧ ଲକ୍ଷ ଟଙ୍କାର ପ୍ରକଳ୍ପ ଗୁଡ଼ିକର ଶୁଭ ଦିଆଯାଇଛି ।

## ସାମାଜିକ କର୍ମୀଙ୍କ ପକ୍ଷରୁ ମାଗଣା ଶିକ୍ଷାଦାନ ଆରମ୍ଭ



ଆନନ୍ଦପୁର,୧୬।୩ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଜଳସୁଆଁ ଗ୍ରାମରେ ଅସହାୟ ଓ ଗରିବ ପିଲାମାନଙ୍କ ପାଇଁ ମାଗଣା ଶିକ୍ଷାଦାନ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲାର ସାମାଜିକ କର୍ମୀ ଏବଂ ଯୁବ କବି ରୁକଚନ୍ ମାଝି ବିଭିନ୍ନ ଜିଲ୍ଲାରେ ଅସହାୟ ପିଲାମାନଙ୍କ ପାଇଁ ମାଗଣା ଶିକ୍ଷାଦାନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ତାଙ୍କର ସହଯୋଗରେ ଚଳିତ ମାସ ପହିଲାରୁ ଜଳସୁଆଁ ଗ୍ରାମରେ ମମସ୍ମିତା ସାଙ୍କ ଦ୍ୱାରା ଏହି ମାଗଣା ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ ହୋଇଛି।ଏଠାରେ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ମାଗଣାରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଉଛନ୍ତି। ବିଶେଷ କରି ଗରିବ, ଆଦିବାସୀ ଓ ଅସହାୟ ପରିବାରର ପିଲାମାନେ ଅର୍ଥଭାବରୁ ପାଠପଢ଼ାରୁ ବଞ୍ଚିତ ହେଉଥିବାରୁ ସେମାନଙ୍କୁ ଶିକ୍ଷା ସ୍ରୋତରେ ସାମିଲ କରିବା ପାଇଁ ରୁକଚନ୍ ମାଝିଙ୍କ ଏହି ମହତ୍ୱପୂର୍ଣ୍ଣ ପ୍ରୟାସ ଜାରି ରହିଛି। ଏହି ଅବସରରେ ପ୍ରାୟ କୋଡ଼ିଏ ଜଣ ଛାତ୍ରଛାତ୍ରୀଙ୍କୁ ଖାତା, ବହି, ପେନ୍, ଚକ୍ ଓ ସିଲେଟ୍ ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ରୁକଚନ୍ ମାଝିଙ୍କ ଏହି ମହତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ବିଭିନ୍ନ ମହଲରୁ ପ୍ରଶଂସା ହେଉଥିବା ବେଳେ ସାମ୍ବାଦିକ ଗଣେଶ୍ୱର ସା ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## କୂଅରୁ ମିଳିଲା ନିଖୋଜ ରେଳ ଅଧିକାରୀଙ୍କ ମୃତଦେହ



ଛତ୍ରପୁର,୧୬।୩ (ସଂଚାର ବ୍ୟୁରୋ): ଗଞ୍ଜାମ ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ନିକଟରେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏକ କୂଅରୁ ଜଣେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସେ ବ୍ରହ୍ମପୁର ଗୋଶାଣୀନୂଆଗାଁ ଥାନା ଅନ୍ତର୍ଗତ ହିଲାପଟଣା ଗ୍ରାମର ବାସିନ୍ଦା ଥିବା ସହ ରେଳ ବିଭାଗରେ ସିନିୟର ଏଡୁକେସନ୍ ଏକ୍ସଟେନସନ୍ ଅଫିସର ଭାବେ ଭୁବନେଶ୍ୱରରେ କାର୍ଯ୍ୟରତ ଥିଲେ।

ସୂଚନା ଅନୁଯାୟୀ, ସୋମବାର ସକାଳେ ସ୍ଥାନୀୟ ଲୋକେ କୂଅ ଭିତରେ ଏକ ମୃତଦେହ ଭାସୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଗଞ୍ଜାମ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ପରେ ସାଇଣ୍ଟିଫିକ ଟିମ ଓ ଛତ୍ରପୁର ଅଗ୍ନିଶମ ବିଭାଗ କୂଅରୁ ମୃତଦେହକୁ ଉଦ୍ଧାର କରିଥିଲା। ଗଞ୍ଜାମ ଥାନା ଆଇଆଇସି ସୁମିତ୍ରା ବେହେରାଙ୍କ ନେତୃତ୍ୱରେ ତଦନ୍ତ କାର୍ଯ୍ୟ ଚାଲିଥିବା ବେଳେ ଥାନାର ଏଏସଆଇ ପ୍ରତୀପ୍ତ କୁମାର ବେହେରା ଏହି ଘଟଣାର ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ନେଇଛନ୍ତି। ଏହାସହ ସେକେଣ୍ଡ ଅଫିସର ଅନିରୁଦ୍ଧ ସ୍ୱାଇଁ, ଏଏସଆଇ ସୁପ୍ରଭା ସାହୁ,ଅରକ୍ଷିତ ଶବର ଓ ପ୍ରଭାତ ନାୟକ ଘଟଣାସ୍ଥଳରେ ଉପସ୍ଥିତ ଥିବା ଜଣାପଡ଼ିଛି। ପରେ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ମୃତଦେହକୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଶବ ବ୍ୟବଛେଦ କରାଯାଇଥିଲା। ପୋଷ୍ଟମର୍ଟମ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ ଯେ, ଅରବିନ୍ଦ ବେହେରା ଗତ ୧୨ ତାରିଖରୁ ଭୁବନେଶ୍ୱରରୁ ନିଖୋଜ ଥିଲେ। ଏନେଇ ପରିବାର ପକ୍ଷରୁ ଭୁବନେଶ୍ୱର ଇନ୍‌ଫୋସିଟି ଥାନାରେ ମିସିଂ କେସ୍ ନମ୍ବର- ୨୧/୨୦୨୬ରେ ଏକ ରିପୋର୍ଟ ଦାଖଲ କରାଯାଇଥିଲା।

ଏହି ସଂକ୍ରାନ୍ତରେ ଗଞ୍ଜାମ ଥାନାରେ କେସ୍ ନମ୍ବର ୦୩/୨୦୨୬ ରେ ମାମଲା ରୁଜୁ ହୋଇଥିବା ବେଳେ ଘଟଣାର ପ୍ରକୃତ କାରଣ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଗତ ଜାନୁୟାରୀ ମାସରେ ପିତାଙ୍କୁ ହରାଇବା ପରେ ସେ ମାନସିକ ଭାବେ ଚିନ୍ତାଗ୍ରସ୍ତ ଥିଲେ ବୋଲି ପରିବାର ପକ୍ଷରୁ କୁହାଯାଇଛି।

## ହୋମଗାର୍ଡଙ୍କ ମାଡ଼ରେ ନବମ ଶ୍ରେଣୀ ଛାତ୍ର ଗୁରୁତର

### ଏସ୍‌ପିଙ୍କ ଅଫିସ ଘେରିଲେ ଗ୍ରାମବାସୀ



ଢେଙ୍କାନାଳ,୧୬।୩ (ସଂଚାର ବ୍ୟୁରୋ): ହୋଲି ରଙ୍ଗ ଲାଗିଯିବାରୁ ଉନ୍ମତ୍ତ ହୋଇ [illegible] ଘଟାଇଛନ୍ତି ଜଣେ ପୁଲିସ ହୋମ ଗାର୍ଡ। ଏପରିକି ହୋମଗାର୍ଡ ଜଣଙ୍କ ସ୍କୁଲ ଭିତରେ ପଶି ପିଲାଙ୍କୁ ଗୋଡ଼ାଇ ଗୋଡ଼ାଇ ଏକ ଲୁହା ରଡ଼ରେ ମାଡ଼ ମାରିଛନ୍ତି। ଫଳରେ ଜଣେ ନବମ ଶ୍ରେଣୀ ଛାତ୍ର ଗୁରୁତର ହୋଇ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଛାତ୍ର ଜଣଙ୍କ ଅନିମେଷ ମଲ୍ଲିକ ବୋଲି ଜଣାପଡିଛି। ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ବଉଲପୁର ଗ୍ରାମରେ ଘଟିଛି ଏପରି ଅମାନୁଷିକ କାଣ୍ଡ। ଏହି ଘଟଣା ପରେ ଅଭିଯୁକ୍ତ ହୋମ ଗାର୍ଡ ବଉଲପୁର ଗ୍ରାମର ମାନସ ବେହେରାଙ୍କୁ ତୁରନ୍ତ ଗିରଫ ପାଇଁ ବଉଲପୁର ଗ୍ରାମବାସୀ ଢେଙ୍କାନାଳ ଏସପି ଅଫିସ ଘେରାଉ କରିଛନ୍ତି। ତେବେ ବୁଝାସୁଝା ଓ ପ୍ରତିଶ୍ରୁତି ପରେ ଗ୍ରାମବାସୀମାନେ ଗାଁକୁ ଫେରି ଯାଇଥିଲେ ମଧ୍ୟ ବଉଳପୁର ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ସ୍କୁଲ ପିଲାମାନେ ପରୀକ୍ଷା ଶେଷ ପରେ ରଙ୍ଗ ଖେଳୁଥିବା ବେଳେ ମାନସ ବେହେରାଙ୍କ ଉପରେ ପଡ଼ିଯିବାରୁ ସେ ପିଲାଙ୍କୁ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ସଦର ଥାନାରେ ଅଭିଯୋଗ ପରେ ମଧ୍ୟ ସଦର ପୁଲିସ ଚୁପ ହୋଇ ବସିପଡିଛି। ଏହାର ପ୍ରତିବାଦରେ ଗ୍ରାମବାସୀ ଜିଲ୍ଲାପାଳ ଓ ପରେ ଏସପି ଅଫିସ ଘେରାଉ କରିଥିଲେ।

## ୩୪ ଲିଟର ମଦ ଜବତ, ବେପାରୀ ଗିରଫ



ଯାଜପୁର,୧୬।୩ (ସଂଚାର ବ୍ୟୁରୋ): ଟମକା ପୁଲିସ କିଆଝର ଗଗାଁ ଉପରେ ଚଢ଼ାଉ କରି ୩୪ ଲିଟର ଦେଶୀ ମଦ ଜବତ କରିଛି । ଏହିଁ ଘଟଣାରେ ପେସାଦାର ମଦ ବେପାରୀ ଅର୍ଜୁନ ମହାନ୍ତ (୪୪)ଙ୍କୁ ଗିରଫ କରିଛି । ଏହାର କେସ ନଂ ୩୩/୧୬.୩.୩୦୩୬ ଅବକାରୀ ନିୟମରେ ମାମଲା ରୁଜୁ କରିଛି । ଉଲ୍ଲେଖ ଯୋଗ୍ୟ ଯେ, ଅର୍ଜୁନ ତାଙ୍କ ଘର ପାଖରେ ମଦ ବିକୁ ଥିବାର ଟମକା ପୋଲିସ ଖବର ପାଇଥିଲା । ପୋଲିସ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ୧୭ ଟି ମଦ ଭର୍ତ୍ତି ପ୍ଲାଷ୍ଟିକ ବୋତଲଜବତ କରିଥିଲେ । ସେଥିରେ ୩୪ ଲିଟର ଦେଶୀ ମଦ ଥିଲା । କିନ୍ତୁ ପୋଲିସ ପହଞ୍ଚିବା ଆଗରୁ ସେ ଖସି ପଳେଇଥିଲା। ପରେ ପୋଲିସ ଟିମ ବିଭିନ୍ନ ସ୍ଥାନ ଚଢ଼ାଉ କରି ମଦ ବେପାରୀ ଅର୍ଜୁନଙ୍କୁ ଧରିବାରେ ସକ୍ଷମ ହୋଇଥିଲେ । ଏହି ଘଟଣା କୁ ଆଧାର କରି ଆସାମୀକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଏ ଏସ ଆଇ ଅମିତ ପଣ୍ଡାଙ୍କ ଠାରୁ ସୂଚନା ମିଳିଛି ।

## ବଡ଼ଗାଁ ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



ସୁନ୍ଦରଗଡ଼, ୧୬।୩ (ସଂଚାର ବ୍ୟୁରୋ): ବଡ଼ଗାଁ ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତ ପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।

ମୋଟ ୮୧ ଗୋଟି ଅଭିଯୋଗ ମଧ୍ୟରୁ ୫୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୨୪ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୩ ଗୋଟି ଅଭିଯୋଗ ଗୁଡ଼ିକର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୪ ଗୋଟି ଆବେଦନ ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ୩ ଗୋଟି ଆବେଦନ ରହିଥିଲା।

ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ,ସଦର ଉପ ଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

### ସୋଆରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

## ବିକାଶ ଓ ସଶକ୍ତୀକରଣ କ୍ଷେତ୍ରରେ ମହିଳାଙ୍କ ନେତୃତ୍ୱ ନେଇ ସୋଆ ବଦ୍ଧପରିକର



ଭୁବନେଶ୍ୱର, ୧୬।୩ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ରେ କାର୍ଯ୍ୟରତ ମହିଳାମାନଙ୍କ ପକ୍ଷରୁ ସୋମବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ସୋଆର ଉପସଭାପତି ଶାଶ୍ୱତୀ ଦାସ ସୋଆର ମହିଳା କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଏହି ଅବସରରେ ଶ୍ରୀମତି ଦାସ ନିଜର ଅଭିଭାଷଣରେ କହିଛନ୍ତି ଯେ ପ୍ରତ୍ୟେକ ଅନୁଷ୍ଠାନର ସ୍ୱତନ୍ତ୍ର ଭୂମିକା ରହିଛି। ଶୈକ୍ଷିକ ଉତ୍କର୍ଷତା, ବିକାଶ ଓ ସଶକ୍ତୀକରଣ କ୍ଷେତ୍ରରେ ମହିଳାଙ୍କ ନେତୃତ୍ୱ ନେଇ ସୋଆ ବଦ୍ଧପରିକର। ମହିଳାମାନେ ସବୁ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇପାରୁଥିବା ବେଳେ ପରସ୍ପରକୁ ସାହାଯ୍ୟ ଓ ସହଯୋଗ କରିବାର ଆବଶ୍ୟକତା ରହିଛି। କେବଳ ଶିକ୍ଷା କିମ୍ବା ସ୍ୱାସ୍ଥ୍ୟ କ୍ଷେତ୍ରରେ ନୁହେଁ ବରଂ ବିଭିନ୍ନ ବିଭାଗରେ ମହିଳାମାନେ ନିଜର ବହୁମୂଲ୍ୟ ଯୋଗଦାନ ଦେଇ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି ଦୃଷ୍ଟିରୁ ସେମାନେ ବିଶ୍ୱବିଦ୍ୟାଳୟ ପାଇଁ ଉଦାହରଣ ପାଲଟିଛନ୍ତି ବୋଲି ଆନନ୍ଦ ବ୍ୟକ୍ତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି, ସୋଆର କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ସୋଆ ଓ ସୁମା ରିୟଲ ମିଡିଆର ମହିଳା ନେତୃବର୍ଗ ନିଜର ବକ୍ତବ୍ୟରେ ନାରୀ ସଶକ୍ତୀକରଣ ଏବଂ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ରୁଚି ଭୂୟାଁ, ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ ଓ ଏସ୍‌ଏନ୍‌ସି -୧ର ଡିନ୍ ପ୍ରଫେସର ସସ୍ମିତା ଦାସଙ୍କ ସମେତ ବିଭିନ୍ନ ବିଭାଗୀୟ ମୁଖ୍ୟ, ପ୍ରଫେସର, ଫ୍ୟାକଲ୍‌ଟି, କାର୍ଯ୍ୟରତ ମହିଳା କର୍ମଚାରୀ ଏବଂ ସୁମା ରିୟଲ୍ ମିଡିଆ ପ୍ରାଇଭେଟ ଲିମିଟେଡ୍‌ର ମହିଳା ସାମ୍ବାଦିକମାନେ ଯୋଗ ଦେଇଥିଲେ।

## ଆତ୍ମରକ୍ଷା କୌଶଳ ହିଁ ଭବିଷ୍ୟତର ରକ୍ଷା କବଚ

### ଛାତ୍ରୀ ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ



କାକଟପୁର/ଅସ୍ତରଙ୍ଗ,୧୬।୩ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଡିଗ୍ରୀ ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ୍ ଶିବିର ସୋମବାର ଦିନ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷା କୁନି ଲତା ରାଉତଙ୍କ ସଭାପତିତ୍ୱରେ ଏହା ଉଦ୍‌ଯାପିତ ହୋଇଛି। ଛାତ୍ରୀ ମାନେ କିଭଳି ନିଜକୁ ନିଜେ ପ୍ରାଥମିକ ସ୍ତରରେ ସୁରକ୍ଷା ଦେଇପାରିବେ, ସେଥିନେଇ ଆଲୋଚନା କରିଥିଲେ। ଛାତ୍ରୀ ଆତ୍ମରକ୍ଷା କୌଶଳ ହିଁ ବାସ୍ତବରେ ଭବିଷ୍ୟତ ଜୀବନ ପାଇଁ ସେମାନଙ୍କ ରକ୍ଷା କବଚ। ନାରୀ ନିଜକୁ ସୁରକ୍ଷିତ ରଖିଲେ ସମାଜ ଶୃଙ୍ଖଳିତ ରହିବ। ବର୍ତ୍ତମାନ ସମାଜରେ ନାରୀ ହିଂସା ଓ ନିର୍ଯାତନା ବଢ଼ି ଚାଲିଥିବା ସହ ଛାତ୍ରୀ ମାନଙ୍କ ସୁରକ୍ଷା ମଧ୍ୟ ସମସ୍ୟାର ବିଷୟ ହୋଇଛି। ଛାତ୍ରୀ ମାନଙ୍କ ସୁରକ୍ଷା ପାଇଁ ଏକ ଆତ୍ମରକ୍ଷା କୌଶଳ ଜାଣିବା ଜରୁରୀ ବୋଲି ସେ ପ୍ରକାଶ କରିଥିଲେ। କଲେଜର ସମସ୍ତ ଛାତ୍ରୀଙ୍କୁ ନେଇ ଶିବିରଟି ୮ଦିନ ଧରି ଚାଲିଥିଲା। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ଅଧ୍ୟାପକ ସାଗର କୁମାର ଜେନା, ଅଧ୍ୟାପିକା ମୋନାଲିସା ଶ୍ରୀଚନ୍ଦନ ସିଂ, ସୁଜାତା ଦାସ, ସରସ୍ୱତୀ ପରିଡା, କବିତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଫଳତା ମୟୂରଭଞ୍ଜ ଜିଲ୍ଲାରେ ପ୍ରତିଫଳିତ

ବେତନଟୀ,୧୬।୩ (ସଂଚାର ବ୍ୟୁରୋ): ରାଜ୍ୟର ସର୍ବବୃହତ ଏବଂ ଆଦିବାସୀ ବହୁଳ ଜିଲ୍ଲା ଭାବେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ଯେପରି ଅବହେଳିତ ସ୍ୱାସ୍ଥ୍ୟ ଓ କୃଷି ଜଳସେଚନ ଏବଂ ଆତ୍ମ ନିଯୁକ୍ତି କ୍ଷେତ୍ରରେ ଆଦୌ କୌଣସି ସୁଯୋଗ ନ ଥିବା ଦାଦନ ଶ୍ରମିକଙ୍କ ଜିଲ୍ଲା ଭାବେ ଶ୍ରମିକ ମାନଚିତ୍ରରେ ସ୍ଥାନିତ। ଏହି ଜିଲ୍ଲାରେ ମୋଟ ୨୬ଟି ବ୍ଲକ ଥିବା ବେଳେ ରାଜ୍ୟର ଅନ୍ୟ କୌଣସି ଜିଲ୍ଲାରେ ଏତିକି ବ୍ଲକ ନାହିଁ । ସେହିପରି ସ୍କୁଲ କ୍ଷେତ୍ରରେ ମାନ୍ୟ ପାଞ୍ଚଟି ଶ୍ରେଣୀ ପାଇଁ ଦୁଇ ଜଣ ଶିକ୍ଷକ ଥିବା ବେଳେ ଦୁଇଟି ଶ୍ରେଣୀ କକ୍ଷ ଥିବା ବେଳେ ଅପର ପ୍ରାଇମେରୀ ସ୍କୁଲ କ୍ଷେତ୍ରରେ ଆଠଟି ଶ୍ରେଣୀ ପାଇଁ ତିନି ଜଣରୁ ଚାରି ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବାର ଉଦାହରଣ ଯଥେଷ୍ଟ। ବିଶାଳ ଭୌଗଳିକ ଆୟତନ ବିଶିଷ୍ଟ ଜିଲ୍ଲାରେ ଜଣେ ମାତ୍ର ଶିକ୍ଷାଧିକାରୀ କାର୍ଯ୍ୟ କରୁଥିବା ବେଳେ ବର୍ଷର ମୋଟ କାର୍ଯ୍ୟ ଦିବସ ମଧ୍ୟରେ ସମସ୍ତ ଉଚ୍ଚ ବିଦ୍ୟାଳୟ ଗୁଡିକ ପରିଦର୍ଶନ କରିବା ମଧ୍ୟ ତାଙ୍କ ପକ୍ଷେ ସମ୍ଭବ ନୁହେଁ।

ସେହିପରି ସବୁଠାରୁ ଉଦବେଗ ଓ ଚିନ୍ତାଜନକ ବିଷୟ ହେଲା ମୋଟ ୨୬ଟି ବ୍ଲକ ମଧ୍ୟରୁ ୧୫ଟି ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ଥିବାବେଳେ ୧୧ଟି ବ୍ଲକରେ ଆଦୌ ଶିକ୍ଷା ଅଧିକାରୀ ନାହାନ୍ତି । ଯେଉଁ ୧୧ଟି ବ୍ଲକରେ ଶିକ୍ଷା ଅଧିକାରୀ ନାହାନ୍ତି ସେଗୁଡିକ ହେଲା ରାସଗୋବିନ୍ଦପୁର ତିରିଂ ଜାମଦା ଶୁକୁଳି ବଡ଼ସାହି ଠାକୁରମୁଣ୍ଡା ଜିଲ୍ଲା ହେଡ କ୍ୱାଟାର ବ୍ଲକ ବାରିପଦା ବିଜାତଳା କପ୍ତିପଦା ସବଡିଭିଜନ ହେଡ କ୍ୱାଟାର କରଞ୍ଜିଆ ବ୍ଲକ ଏବଂ କୁସୁମୀ ବ୍ଲକ । ସ୍କୁଲମାନଙ୍କରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ନ ଥିବା ବେଳେ ବ୍ଲକ ଶିକ୍ଷାକୁ ପରିଚାଳନା କରୁଥିବା ବ୍ଲକ ସ୍ତରରେ ଶିକ୍ଷା ଅଧିକାରୀ ପଦବୀ ସହିତ ୧୫ରୁ ଅଧିକ ବ୍ଲକରେ ମଧ୍ୟ ଆବଶ୍ୟକ ସଂଖ୍ୟକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାହାନ୍ତି। ଯାହାଫଳରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକାରୀ ହେବାରେ ବ୍ୟାଘାତ ସୃଷ୍ଟି ହେଉଛି।

ସେହିପରି ବେତନଟୀ ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ଥିବା ବେଳେ ତିନି ଜଣ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କ ସ୍ଥାନରେ ଜଣେ ମାତ୍ର ଅତିରିକ୍ତ ଶିକ୍ଷା ଅଧିକାରୀ କାର୍ଯ୍ୟ କରୁଛନ୍ତି । ବିଜେଡି ସରକାରର ଚବିଶ ବର୍ଷ ଶାସନ କାଳ ମଧ୍ୟରେ ଏହି ଅବ୍ୟବସ୍ଥା ସ୍କୁଲ ଓ ଗଣଶିକ୍ଷା ବିଭାଗର ସଜଡା ଯାଇ ପାରି ନ ଥିବା ବେଳେ ବିଜେପିର ଡବଲ ଇଞ୍ଜିନ ସରକାର କ୍ଷମତା ଦଖଲ କରିଥିଲେ ବି ଏବଂ ଜିଲ୍ଲାରେ ନଅଟି ଯାକ ବିଧାନ ସଭା ଆସନ ସହିତ ସାଂସଦ ପଦବୀ ମଧ୍ୟ ବିଜେପି ଦଖଲରେ ଥିବା ସତ୍ତ୍ୱେ ଜିଲ୍ଲାର ୧୧ ଟି ବିଇଓ ପଦବୀ ଓ ୪୦ ରୁ ଅଧିକ ଅତିରିକ୍ତ ବିଇଓ ପଦବୀ ଖାଲି ପଡିଥିଲେ ସୁଦ୍ଧା ପୂରଣ କରାଯାଇ ନ ପାରିବା ମୋଦି ସରକାରର ଅଚ୍ଛା ଦିନ ଆଏଗା - ସବ କା ସାଥ ସବ କା ବିକାଶ ଏବଂ ସବ କା ପ୍ରୟାସ ଫାଙ୍କା ଆୱାଜ ବୋଲି ଚର୍ଚ୍ଚା ହେଉଛି । ସମଗ୍ର ରାଜ୍ୟରେ ମୋଟ ୩୧୪ଟି ବ୍ଲକ ମଧ୍ୟରୁ ୧୦୬ଟି ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ନ ଥିବା ଉଦବେଗର ବିଷୟ ହୋଇଛି।

### ସମ୍ପାଦକ ଓ ଦଲାଲଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ମଣ୍ଡି

## ସଲାସୁତରାରେ ମଣ୍ଡିରୁ ଉଠୁଛି ଧାନ



ବାଲିଆପାଳ,୧୬।୩ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସମବାୟ ସମିତିରେ ପ୍ରକୃତ ଚାଷୀ ମଣ୍ଡିରେ ଧାନ ଦେଇପାରୁ ନଥିବା ବେଳେ ବଡ଼ବଡ଼ ଜମିମାଲିକଙ୍କ ନାଁରେ ଦଲାଲ ଧାନଦେଇ ସୋସାଇଟି, ଜମି ମାଲିକ ଓ ଦଲାଲ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଗତବର୍ଷ ବନ୍ୟାରେ ଧାନଚାଷ ବ୍ୟାପକ ମାତ୍ରାରେ ନଷ୍ଟ ହୋଇଥିବା ବେଳେ ଏ ବାବଦରେ ସରକାର ଲକ୍ଷାଧିକ ଟଙ୍କା କ୍ଷତିପୂରଣ ଆକାରରେ ଚାଷୀଙ୍କୁ ଦେଇଛନ୍ତି କିନ୍ତୁ ମଣ୍ଡିରେ ଶହଶହ କୁଇଣ୍ଟାଲ ଧାନ ମିଲରକୁ ଦେବାକୁ ନେଇ ଅନେକ କଥା ଶୁଣିବାକୁ ମିଳୁଛି।

ସୂଚନାରୁ ପ୍ରକାଶ ବାଲିଆପାଳ ବ୍ଲକରେ ୧୬ଟି ସମବାୟ ସମିତିରୁ ମିଲରମାନେ ଚାଷୀଙ୍କଠାରୁ ଧାନ କିଣୁଛନ୍ତି। ସରକାରଙ୍କ ତରଫରୁ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ଚାଷୀଙ୍କଠାରୁ ଧାନ କିଣାଯିବାର ପ୍ରତିଶ୍ରୁତି ଦିଆଯାଇଥିବା ବେଳେ ଦୁଃଖର କଥା ସମିତିର ସମ୍ପାଦକ ଛୋଟ ଓ ମଧ୍ୟମ ଧରଣର ଚାଷୀଙ୍କ ରେସନକାର୍ଡ କଟିଯିବାର ଆଳ ଦେଖାଇ ସେମାନଙ୍କଠାରୁ ଧାନ ନେଉ ନଥିବା ବେଳେ ଅନେକ ବଡ଼ବଡ଼ ଜମି ମାଲିକଙ୍କ ନାଁରେ ଦଲାଲଙ୍କଠାରୁ ସୋସାଇଟ ଜରିଆରେ ମିଲରମାନେ ଧାନ ନେଉଛନ୍ତି ଓ ଏ ବାବଦରେ କୁଇଣ୍ଟାଲ ପିଛା ୮/୯ କେଜି କଟନି ଛଟନି ହେଉଛି। ପ୍ରକୃତ ଛୋଟ ଭାଗଚାଷୀମାନେ ମଣ୍ଡିରେ ଧାନଦେଇ ନ ପାରି ଲୋକଙ୍କ ଧାରକରଜ ଟଙ୍କା ସୁଝିବା ପାଇଁ ଶେଷରେ ଦଲାଲଙ୍କୁ କୁଇଣ୍ଟାଲ ପିଛା ୧୭୦୦/୧୮୦୦ ଟଙ୍କାରେ ବିକ୍ରି କରୁଛନ୍ତି। ସେହିପରି ୩/୪ ଏକରରୁ ଅଧିକ ସମ୍ପତି ଥିବା ଜମିମାଲିକ ଏକର ପିଛା ୬/୭ ହଜାର ଟଙ୍କା ପ୍ରତ୍ୟେକ ଫସଲ ଉପରୁ ନେଇ ଭାଗଚାଷୀଙ୍କୁ ଜମି ଖଜଣା ଆକାରରେ ଦେଉଛନ୍ତି।

ଧାନର ସହାୟକ ମୂଲ୍ୟ ସରକାର ୩୧୦୬ ଟଙ୍କା ଧାର୍ଯ୍ୟ କରିଥିବାରୁ ଦଲାଲମାନେ ଚାରିଆଡ଼େ ଘୁରି ବୁଲି ଶହ ଶହ କୁଇଣ୍ଟାଲ ଧାନ ସଂଗ୍ରହ କରି ଜମିମାଲିକ ନାଁରେ ମଣ୍ଡିରେ ଦେଉଛନ୍ତି। ସପ୍ତାହେ ପରେ ଜମିମାଲିକ ଆକାଉଣ୍ଟକୁ ଟଙ୍କା ଆସିବା ପରେ ହଜାରେ ଟଙ୍କାରେ ଶହେ ଟଙ୍କା ହିସାବରେ ଜମିମାଲିକ କାଟି ବାକି ତକ ଟଙ୍କା ଉଠାଇ ଦଲାଲଙ୍କୁ ଦେଉଛନ୍ତି। ଏହି ହିସାବରେ ଜମି ମାଲିକ ଜମି ଖଜଣା ଆକାରରେ ଦେଇ ଭାଗଚାଷୀଙ୍କଠାରୁ ଅର୍ଥ ପାଇବା ସହିତ ମଣ୍ଡିରେ ଦଲାଲଙ୍କଠାରୁ ଭଲ ଆକାରରେ ଅର୍ଥ ଘରେ ବସି ପାଉଛନ୍ତି।

ଏ ଦିଗରେ ବାଲେଶ୍ୱର ଜିଲ୍ଲାପାଳ ଦୃଷ୍ଟିଦେବା ସହିତ ତଦନ୍ତରେ ସଚ୍ଛତା ଆଣିବା ପାଇଁ ସୋସାଇଟି ସମ୍ପାଦକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେଲେ ମଣ୍ଡିରେ ଧାନକିଣାରେ ହେଉଥିବା କଳାବଜାରୀ ସମ୍ପୂର୍ଣ୍ଣ ରୋକାଯାଇପାରନ୍ତ ବୋଲି ସାଧାରଣରେ ଆଲୋଚନା ହେଉଛି।

କଟକ ଏସସିବି ଆଇସିୟୁରେ ଭୟାବହ ଅଗ୍ନିକାଣ୍ଡ

# ୧୦ ରୋଗୀ ମୃତ

ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

- ହସ୍ପିଟାଲ୍‌ରେ ପହଞ୍ଚି ସ୍ଥିତି ପରଖିଲେ ମୁଖ୍ୟମନ୍ତ୍ରୀ
- ରାଷ୍ଟ୍ରପତି ଓ କେନ୍ଦ୍ରମନ୍ତ୍ରୀଙ୍କ ଶୋକ ପ୍ରକାଶ
- ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି
- ୬ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠିତ
- ମୃତକଙ୍କୁ ୨୫ ଲକ୍ଷ ଲେଖାଏଁ ସହାୟତା ଘୋଷଣା
- ମୋହନଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ
- ୨ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୋଦି



କଟକ,୧୬।୩(ସଂଚାର ବ୍ୟୁରୋ): ଗତକାଲି ମଧ୍ୟରାତ୍ରରେ ଏସ୍‌ସିବି ମେଡିକାଲ୍ ଆଇସିୟୁରେ ଭୟାବହ ଅଗ୍ନିକାଣ୍ଡ ଘଟିବା ଫଳରେ ୧୦ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ଏଥିସହ ୫ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଶର୍ଟ ସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଥିବା ବେଳେ ରାତି ପ୍ରାୟ ୩ଟା ସମୟରେ ପ୍ରଥମ ମହଲାରେ ନିଆଁ ଲାଗିଥିଲା। ଏନେଇ ଖବର ପାଇ ବଡ଼ ମେଡିକାଲର ଦମକଳ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲା। ପରେ ଆଉ ୩ଟି ଦମକଳ ଗାଡ଼ି ପହଞ୍ଚିଥିଲେ। ତୁରନ୍ତ ଆଇସିୟୁରୁ ରୋଗୀମାନଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ଗୁରୁତର ରୋଗୀମାନଙ୍କୁ ନ୍ୟୁ ମେଡିସିନ ଆଇସିୟୁକୁ ସ୍ଥାନାନ୍ତର କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏସସିବିରେ ପହଞ୍ଚିବା ପରେ ପ୍ରଥମେ ନ୍ୟୁ ମେଡିସିନ ୱାର୍ଡକୁ ଯାଇଥିଲେ।। ତାଙ୍କ ସହ ସ୍ୱାସ୍ଥ୍ୟ ସଚିବ, କଟକ ଜିଲ୍ଲାପାଳ, କଟକ ଡିସିପି ଘଟଣାସ୍ଥଳରେ ମହଜୁଦ ଥିଲେ। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ମୃତକଙ୍କ ପରିବାର ସକାଶେ ୨୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିବା ସହ ପ୍ରତି ଆହତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି କହିଛନ୍ତି। ଏଥିସହ ଏହି ସମ୍ବେଦନଶୀଳ ଘଟଣା ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଲୋଚନା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନିଜେ ସୋସିଆଲ୍ ମିଡିଆ 'ଏକ୍ସ'ରେ ସୂଚନା ଦେଇଛନ୍ତି। ଏସସିବି ମେଡିକାଲ କଲେଜରେ ଘଟିଥିବା ଅଭାବନୀୟ ଦୁର୍ଘଟଣାରେ ପ୍ରଭାବିତଙ୍କ ପାଇଁ ଗ୍ରହଣ କରାଯାଇଥିବା ଜରୁରୀକାଳୀନ ପଦକ୍ଷେପ, ସ୍ଥାନାନ୍ତର ପ୍ରକ୍ରିୟା ଓ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ସ୍ୱତନ୍ତ୍ର ଚିକିତ୍ସା ସେବା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅବଗତ କରିଛନ୍ତି। ଏଥିସହ ଏହି ସମ୍ବେଦନଶୀଳ ଘଟଣାରେ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ବ୍ୟକ୍ତ କରିଛନ୍ତି। ସେମାନେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ୬ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିବା ସହ ମାମଲାର ବିଚାର ବିଭାଗୀୟ ତଦନ୍ତ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ଅଧ୍ୟକ୍ଷ ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହ ରହିଥିବା ବେଳେ ଅଗ୍ନିଶମ ବିଭାଗ ଆଇଜି ଡଃ ଉମାଶଙ୍କର ଦାଶ, ଚିଫ୍ ଇଲେକ୍ଟ୍ରିକାଲ ଇନସ୍ପେକ୍ଟର ବରଦା ପ୍ରସନ୍ନ ଦାଶ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ବିଭାଗ ଇଆଇସି ବିରଞ୍ଚି ନାରାୟଣ ପ୍ରଧାନ, ଚିଫ ଇଞ୍ଜିନିୟର (କୋଠାବାଡ଼ି) ପ୍ରିୟବ୍ରତ ସାମନ୍ତରାୟ ଏବଂ ମେଡିକାଲ ଏଜୁକେଶନ ଓ ଟ୍ରେନିଂ ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ସନ୍ତୋଷ କୁମାର ମିଶ୍ର ସଦସ୍ୟ ରହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ହସ୍ପିଟାଲ୍‌ରେ ପହଞ୍ଚି ଅଗ୍ନିକାଣ୍ଡରେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅନ୍ୟ ରୋଗୀମାନଙ୍କୁ ତୁରନ୍ତ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତରିତ କରି ଚିକିତ୍ସା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଚିକିତ୍ସିତ ହେଉଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ଭେଟି ଆଶ୍ୱାସନା ଦେଇଥିଲେ। ଆଇସିୟୁରୁ ସ୍ଥାନାନ୍ତର ହୋଇଥିବା ଅନ୍ୟ ରୋଗୀମାନଙ୍କୁ ସର୍ବୋତ୍ତମ ଚିକିତ୍ସା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗ ତଥା ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ ରାଜ୍ୟର ସମସ୍ତ ହସ୍ପିଟାଲରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ବଜେଟ୍‌ରେ ମଧ୍ୟ ଏଥିପାଇଁ ୩୨୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ହସ୍ପିଟାଲଗୁଡ଼ିକରେ ଅଗ୍ନି ନିର୍ବାପକ କାମ ଜାରି ରହିଛି। ଏସସିବି ମେଡିକାଲ ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରି ତୁରନ୍ତ ଫାୟାର୍ କମ୍ପ୍ଲେଣ୍ଟ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଗ୍ନିଶମ ବିଭାଗ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ୍ (ଏନ୍‌ଏଚ୍‌ଆର୍‌ସି) ୧୫ ଦିନ ଭିତରେ ଘଟଣା ନେଇ ରିପୋର୍ଟ ପ୍ରଦାନ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଥିବା ରୋଗୀମାନଙ୍କ ପରିଚୟ ମିଳିଛି। ସେମାନେ ହେଲେ ରମେଶ ପରିଡ଼ା, ଦାଶରୁ ମୁଣ୍ଡା, ଏମ୍‌ଡି ନ୍ୟୁମ୍, ଗୌରାଙ୍ଗ ବାରିକ, ଏସ୍‌କେ ଅବଦୁଲ ସତାର, ମଧୁସୂଦନ ଦଳାଇ , କୃଷ୍ଣଚନ୍ଦ୍ର ବିଶ୍ୱାଳ ଓ ରବୀନ୍ଦ୍ର ଦାସ, ଚେରୁ ପରିଡ଼ା ଓ ମେନକା ରାଉତ।





## ଏସ୍‌ସିବି ପିଛା ଛାଡୁନି ନିଆଁ

ନ୍ୟୁ ମେଡିସିନ ୱାର୍ଡରେ ଅଗ୍ନିକାଣ୍ଡ

ଏସ୍‌ସିବି ଟ୍ରମା କେୟାର ଆଇସିୟୁରେ ଅଗ୍ନିକାଣ୍ଡ ଘଟଣାର ମାତ୍ର କେଇ ଘଣ୍ଟା ପରେ ନ୍ୟୁ ମେଡିସିନ ୱାର୍ଡରେ ନିଆଁ ଲାଗିଥିବା ଜଣାପଡ଼ିଛି। ଅବଶ୍ୟ ଠିକ୍ ସମୟରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ସେଠାରେ ମଧ୍ୟ ଶର୍ଟ ସର୍କିଟ୍ ଯୋଗୁ ନିଆଁ ଲାଗିଥିବା କୁହାଯାଉଛି।

## ଚାଲିଗଲେ କୃଷ୍ଣଚନ୍ଦ୍ର



କେଇ ଘଣ୍ଟା ପରେ ଡିସ୍‌ଚାର୍ଜ ହୋଇଥାନ୍ତେ

ଧର୍ମଶାଳା ଥାନା ଚୋରମୁହାଁ ପଞ୍ଚାୟତ ନାଉପାଳ ଗ୍ରାମର କୃଷ୍ଣଚନ୍ଦ୍ର ବିଶ୍ୱାଳ (୭୩ ବର୍ଷ)ଙ୍କ ମୁଣ୍ଡରେ ରକ୍ତ ଜମାଟ ବାନ୍ଧିଥିବାରୁ ଗତ ୯ ତାରିଖରେ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଗତ ୧୨ରେ ତାଙ୍କର ଅପରେସନ ହୋଇଥିଲା ଓ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ସେ ଧୀରେ ଧୀରେ ସୁସ୍ଥ ହେଉଥିବା ବେଳେ ଆଜି ଡିସ୍‌ଚାର୍ଜ ହୋଇଥାନ୍ତେ। କିନ୍ତୁ ବିଧିର ବିଧାନ ଥିଲା ଅଲଗା। ଜୀବନ ନେଇଗଲା ଡାକ୍ତରଖାନାରେ ଲାଗିଥିବା ନିଆଁ। ଟ୍ରମା କେୟାର ସେଣ୍ଟର ଆଇସିୟୁରେ ହଠାତ୍ ନିଆଁ ଲାଗିଯିବା ଫଳରେ ମୃତ୍ୟୁବରଣ କରିଥିବା ୧୦ ରୋଗୀଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ମଧ୍ୟ ଥିଲେ। ଏନେଇ ତାଙ୍କ ପୁଅ ପରମାନନ୍ଦ କହିଛନ୍ତି ଯେ ଅଗ୍ନିକାଣ୍ଡ ସମୟରେ ସେ ଆଇସିୟୁ ୱାର୍ଡ ବାହାରେ ଥିଲେ। ନିଆଁ ଲାଗିବା ସୁରକ୍ଷାକର୍ମୀମାନେ ତାଙ୍କ ସହ ଅନ୍ୟମାନଙ୍କୁ ସେଠାରୁ ପଳାଇଯିବାକୁ କହିଥିଲେ। ସମସ୍ତେ ମଧ୍ୟ ଭୟରେ ବାହାରକୁ ଚାଲିଯାଇଥିଲେ। ତାଙ୍କ ବାପା ବି ଆସିପାରିଥାନ୍ତେ, କାହିଁକି ନା ସେ ଚାଲିପାରୁଥିଲେ। କିନ୍ତୁ ଭିତରକୁ ଯିବାକୁ ସୁରକ୍ଷାକର୍ମୀମାନେ ସୁଯୋଗ ଦେଲେନାହିଁ। ସକାଳେ ଆଧାର କାର୍ଡ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଦେଖାଇବା ପରେ ସେମାନେ ବାପାଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଥିଲେ ବୋଲି ପରମାନନ୍ଦ କହିଛନ୍ତି। ତେବେ କେଇ ଘଣ୍ଟା ପରେ ଡିସ୍‌ଚାର୍ଜ ହେବାକୁ ଥିବା କୃଷ୍ଣଚନ୍ଦ୍ରଙ୍କ ଆୟୁଷ ସେତିକି ହିଁ ଥିଲା ବୋଲି ଲୋକେ କୁହାକୁହି ହେଉଛନ୍ତି।

## ଦକ୍ଷତା ବନାମ ଦମ୍ଭୋକ୍ତି: ଓଡ଼ିଶା ଅଗ୍ନିଶମ ସେବାର ଅସଲ ଚେହେରା



ଅଗ୍ନିଶମ ବିଭାଗର ମୂଳ ଲକ୍ଷ୍ୟ ହେଉଛି 'ଜୀବନ ରକ୍ଷା'। କିନ୍ତୁ ଏବେ ଓଡ଼ିଶାରେ ବିଭାଗୀୟ ଦକ୍ଷତା ଅପେକ୍ଷା ପ୍ରଚାରର ଚମକ ଅଧିକ ଜଳ ଜଳ ଦିଶୁଛି। ଚକ୍‌ଚକିଆ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ, ବଡ଼ ବଡ଼ ସମୟସୀମାର ଘୋଷଣା କିମ୍ବା କୋଟି କୋଟି ଟଙ୍କାର ଯନ୍ତ୍ରପାତିର ପ୍ରଦର୍ଶନ— ଏସବୁ କେବଳ କାଗଜପତ୍ର ଓ ପ୍ରେସ୍ ବିବୃତ୍ତିରେ ସୀମିତ ରହିଯାଇଛି କି? କଟକ ଏସସିବି ଆଇସିୟୁରୁ ଭୁବନେଶ୍ୱରର ଲିଙ୍ଗିପୁର, ନିକଟ ଅତୀତର ଘଟଣାବଳୀ ବ୍ୟବସ୍ଥାର ଅସଲ ସ୍ଥିତିକୁ ପଦାରେ ପକାଇ ଦେଇଛି।

### ୨ ଘଣ୍ଟାର ଦାବି, ୨୨ ଘଣ୍ଟାର ବାସ୍ତବତା

ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଅନେକ ସମୟରେ ଦାବି କରିଛନ୍ତି ଯେ ଓଡ଼ିଶା ଅଗ୍ନିଶମ ସେବା ଦେଶର ଅନ୍ୟତମ ଅତ୍ୟାଧୁନିକ ବିଭାଗ ଓ ଯେକୌଣସି ବଡ଼ ନିଆଁକୁ ୨ ଘଣ୍ଟା ମଧ୍ୟରେ ନିୟନ୍ତ୍ରଣ କରାଯାଇପାରିବ। କିନ୍ତୁ ଲିଙ୍ଗିପୁର ସୁପରମାର୍କେଟ ଅଗ୍ନିକାଣ୍ଡ ଏହି ଦାବି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୪ ମହଲା ବିଶିଷ୍ଟ ଏହି କୋଠାରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ପାଇଁ ବିଭାଗକୁ ୨୨ ଘଣ୍ଟା ସଂଘର୍ଷ କରିବାକୁ ପଡ଼ିଲା। ସେଦିନ ଯଦି ବର୍ଷା ହୋଇ ନ ଥାନ୍ତା, ତେବେ ପରିସ୍ଥିତି କ'ଣ ହୋଇଥାନ୍ତା, ତାହା ନ କହିବା ଭଲ। ରାଜଧାନୀରେ ୨୦ ମହଲା ବିଶିଷ୍ଟ ଆପାର୍ଟମେଣ୍ଟ ସଂଖ୍ୟା ବଢୁଥିବା ବେଳେ ଏଭଳି ଧିମା ପ୍ରସ୍ତୁତି ସାଧାରଣ ଲୋକଙ୍କୁ ଶଙ୍କିତ କରିଛି।

### ୪୧ କୋଟିର 'ଅକାମୀ' ରୋବଟ୍?

ବିଭାଗ ପକ୍ଷରୁ ପ୍ରାୟ ୪୧ କୋଟି ଟଙ୍କା ବ୍ୟୟରେ ୨୪ଟି ଅଗ୍ନିଶମ ରୋବଟ୍ କିଣାଯାଇଥିଲା। ଗୋଟିଏ ଗୋଟିଏ ରୋବଟ୍‌ର ମୂଲ୍ୟ ପ୍ରାୟ ୨ କୋଟି ଟଙ୍କା। ଦାବି କରାଯାଇଥିଲା ଯେ ଏହି ରୋବଟ୍ ମଣିଷ ପହଞ୍ଚି ପାରୁନଥିବା ବିପଜ୍ଜନକ ସ୍ଥାନକୁ ଯାଇ ନିଆଁ ଲିଭାଇବ। ମାତ୍ର ଲିଙ୍ଗିପୁରରେ ଦେଖିବାକୁ ମିଳିଲା ଏକ ବିଚିତ୍ର ଦୃଶ୍ୟ। ରୋବଟ୍‌ଟି ସାମାନ୍ୟ ଉଚ୍ଚା ସ୍ଥାନକୁ ଚଢ଼ିବାକୁ ଅସମର୍ଥ ହେବାରୁ ଅଗ୍ନିଶମ କର୍ମଚାରୀମାନେ ତାକୁ କାନ୍ଧରେ ବୋହି ୪ର୍ଥ ମହଲାକୁ ନେଇଥିଲେ। ଯଦି ରୋବଟ୍‌କୁ କର୍ମଚାରୀମାନେ ହିଁ ବିପଦ ଶଙ୍କୁଳ ସ୍ଥାନକୁ ବୋହିକି ନେବେ, ତେବେ ଏତେ ଟଙ୍କା ବ୍ୟୟ କରିବାର ମାନେ କ'ଣ? ଆଧୁନିକୀକରଣ କେବଳ କ୍ରୟ ପ୍ରକ୍ରିୟାରେ ନୁହେଁ, ବରଂ କାର୍ଯ୍ୟକ୍ଷେତ୍ରରେ ପ୍ରମାଣିତ ହେବା ଦରକାର।

### ଏସସିବିରେ ଦୁର୍ଘଟଣା ନା ଅବହେଳା?

କଟକ ଏସସିବି ମେଡିକାଲରେ ରୋଗୀଙ୍କ ମୃତ୍ୟୁ ଏକ ଅପୂରଣୀୟ କ୍ଷତି। ଯେଉଁ ରୋଗୀମାନେ ଭେଣ୍ଟିଲେଟରରେ ଥାନ୍ତି, ସେମାନଙ୍କ ପାଇଁ ଗୋଟିଏ ସେକେଣ୍ଡ୍ ସମୟ ମଧ୍ୟ ମୂଲ୍ୟବାନ। ସେଠାରେ ଲାଗିଥିବା ନିଆଁ ଓ ପରବର୍ତ୍ତୀ ମୃତ୍ୟୁ ସୂଚାଉଛି ଯେ ହସ୍ପିଟାଲ୍ ଭଳି ସମ୍ବେଦନଶୀଳ ସ୍ଥାନରେ ଥିବା ସେଫ୍ଟି ସିଷ୍ଟମ୍ କାମ କରୁନାହିଁ। ଜୀବନ ରକ୍ଷା କେବଳ ଦାମୀ ମେସିନ୍ କିମ୍ବା ସାମ୍ବାଦିକ ସମ୍ମିଳନୀ କରିଦେଲେ ହୁଏନାହିଁ। ଓଡ଼ିଶାବାସୀ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ଅଗ୍ନିଶମ ସେବା ଚାହାଁନ୍ତି। ଯେତେବେଳେ ହସ୍ପିଟାଲ୍ ଭିତରେ ନିଆଁ ଲାଗେ, ସେତେବେଳେ ସାଧାରଣ ଜନତାଙ୍କ ବିଶ୍ୱାସ ମଧ୍ୟ ସେହି ନିଆଁରେ ଜଳିଯାଏ। ଏହି ବିଶ୍ୱାସ ଫେରାଇ ଆଣିବାକୁ ହେଲେ କାଗଜରୁ ବାହାରି ବାସ୍ତବରେ କାମ କରିବାକୁ ପଡ଼ିବ।

# ଝଡ଼ବର୍ଷା ନେଇ ପାଣିପାଗ କେନ୍ଦ୍ର ସତର୍କତା



ଭୁବନେଶ୍ୱର, ୧୬।୩ (ସଂଚାର ବ୍ୟୁରୋ) : ରାଜ୍ୟରେ କିଛିଦିନ ହେବ ଜାରି ରହିଥିବା ଖରା ଓ ଗରମରେ ବ୍ରେକ୍ ଲାଗିଛି। ଝଡ଼ବର୍ଷା ଯୋଗୁ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇଛି। ରବିବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କୋରାପୁଟ ଆଦି ଜିଲାର ବିଭିନ୍ନ ସ୍ଥାନରେ ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଛି। ସୋମବାର ମଧ୍ୟ ରାଜ୍ୟର ବିଭିନ୍ନ ଜିଲାକୁ ଝଡ଼ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ବିଶେଷକରି ମୟୂରଭଞ୍ଜ ଜିଲାକୁ ଘଡ଼ଘଡ଼ି ବିଜୁଳି ସହିତ ପ୍ରବଳ ଝଡ଼ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିପରି ବର୍ଷା ସମୟରେ ୫୦ରୁ ୬୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ଆବଶ୍ୟକ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଏହାବାଦ୍ ସୁନ୍ଦରଗଡ଼, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ରାୟଗଡ଼ା, କୋରାପୁଟ, ମାଲକାନାଗିରି, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ହେବା ନେଇ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରବିବାର ନୂଆପଡ଼ାରେ ସର୍ବାଧିକ ତାପମାତ୍ରା ୩୮.୨ ଡିଗ୍ରୀ ରେକର୍ଡ ହୋଇଥିଲା। ସେହିପରି ବରଗଡ଼ରେ ୩୮ ଡିଗ୍ରୀ, ବଲାଙ୍ଗୀର ୩୮ ଡିଗ୍ରୀ, ଝାରସୁଗୁଡ଼ା ୩୭.୭ ଡିଗ୍ରୀ, ଭବାନୀପାଟଣା ୩୭.୫ ଡିଗ୍ରୀ, ଟିଟିଲାଗଡ଼ ୩୭.୫ ଡିଗ୍ରୀ ଏବଂ ସୁନ୍ଦରଗଡ଼ରେ ୩୭ ଡିଗ୍ରୀକୁ ଖସି ଆସିଥିଲା ତାପମାତ୍ରା। ଆସନ୍ତା ୫ଦିନ ମଧ୍ୟରେ ତାପମାତ୍ରା ଆହୁରି ୩ରୁ ୫ ଡିଗ୍ରୀ ହ୍ରାସ ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ଖଡ଼ଗପୁର-ଟାଙ୍ଗୀ-ବିଶାଖାପାଟଣା-ବିଜୟୱାଡ଼ା ହାଇସ୍ପିଡ୍ କରିଡର ନେଇ ବୈଠକ

# ଓଡ଼ିଶାରେ ନିର୍ମାଣ ହେବ ୫୨୨ କିମି ହାଇସ୍ପିଡ୍ କରିଡର

- ଖଣି ଓ ଶିଳ୍ପ ଅଞ୍ଚଳକୁ ସଂଯୋଗ ସହଜ ହେବ
- ୯ଟି ଜିଲ୍ଲାର ୨୭ ସହରକୁ କରିବ ସଂଯୋଗ



ଭୁବନେଶ୍ୱର,୧୬।୩ (ସଂଚାର ବ୍ୟୁରୋ): ଖଡ଼ଗପୁର-ଟାଙ୍ଗୀ-ବିଶାଖାପାଟଣା-ବିଜୟୱାଡ଼ା ଏକ୍ସପ୍ରେସ୍ ୱେ ତଥା ହାଇସ୍ପିଡ୍ କରିଡର ନିର୍ମାଣ ନେଇ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଲୋକସେବା ଭବନଠାରେ ଅନୁଷ୍ଠିତ ହୋଇଛି। ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ରାଜ୍ୟ ମଧ୍ୟ ଦେଇ ନିର୍ମାଣ ହେବାକୁ ଥିବା ୬ ଲେନ୍‌ବିଶିଷ୍ଟ ଏହି ନୂତନ ଗ୍ରିନ୍‌ଫିଲଡ ହାଇସ୍ପିଡ୍ କରିଡର ନେଇ ପ୍ରସ୍ତାବିତ ନକ୍ସା, ଜିଲ୍ଲା, ଅର୍ଥନୈତିକ ଅଞ୍ଚଳ ଓ ସହର ସଂଯୋଗୀକରଣ ସହ ଜମି ଅଧିଗ୍ରହଣ ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା।

ଓଡ଼ିଶା ମଧ୍ୟ ଦେଇ ମୋଟ ୫୨୨ କିମି ଦୀର୍ଘ ଏହି ନୂଆ ଗ୍ରିନ୍‌ଫିଲଡ କରିଡର ମୟୂରଭଞ୍ଜ, କେଉଁଝର, ଢେଙ୍କାନାଳ, କଟକ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା ଓ କୋରାପୁଟ ଆଦି ୯ଟି ଜିଲ୍ଲାର ୨୭ଟି ସହରକୁ ସଂଯୋଗ କରିବ। ଏଥିସହ ଏହି କରିଡର ରାଜ୍ୟର ଖଣିଜ ତଥା ଅର୍ଥନୈତିକ ଅଞ୍ଚଳକୁ ଯୋଗାଯୋଗ ସୁଦୃଢ଼ କରିବା ସହ ରାଜ୍ୟର ବିକାଶକୁ ନୂଆ ଦିଗ ପ୍ରଦାନ କରିବ। ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ଦେଇ ଯାଉଥିବା ୧୧୦୨ କିମି ରାସ୍ତାରୁ ଓଡ଼ିଶାରେ ହେବାକୁ ଥିବା ୫୨୨ କିମି ରାସ୍ତା ସମ୍ପୂର୍ଣ୍ଣ ନୂତନ ଭାବେ ନିର୍ମାଣ ହେବ। ଏଥିରୁ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୯୭ କିମି ରାସ୍ତା ନିର୍ମାଣ ହେବାକୁ ଥିବା ବେଳେ ଢେଙ୍କାନାଳରେ ୮୮ କିମି, ମୟୂରଭଞ୍ଜ ଓ କେଉଁଝରରେ ୮୬ କିମି ଏବଂ ରାୟଗଡ଼ା ଜିଲ୍ଲାରେ ୫୩ କିମି ରାସ୍ତା ନିର୍ମିତ ହେବ ବୋଲି ବୈଠକର ଆଲୋଚନା ହୋଇଛି। ବୈଠକରେ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ସିଭିଲ୍ ତଥା ରୋଡ୍‌ସ-୨) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍‌ସ-୧) ଇଂ ଧ୍ୟାନଚାନ୍ଦ ନାୟକ, କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଆଞ୍ଚଳିକ ଅଧିକାରୀ ସୁନୀଲ କୁମାର, ମୁଖ୍ୟ ଯନ୍ତ୍ରୀ (ରାସ୍ତାଘାଟ) ଇଂ ଶିବବ୍ରତ ତରିଆ, ମୁଖ୍ୟଯନ୍ତ୍ରୀ (ଜାତୀୟ ରାଜପଥ) ଇଂ ନାରାୟଣ ପଟେଲଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

- ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

## ଦୁଇ ମହିଳା ଓ ଡ୍ରାଇଭର ମୃତ



ପିପିଲି,୧୬।୩(ସଂଚାର ବ୍ୟୁରୋ): ମର୍ଣ୍ଣିଂ ୱାକ୍ ସମୟରେ ଘଟିଛି ଅଘଟଣ। ଦୁଇ ଜଣ ମହିଳାଙ୍କୁ ଏକ କାର୍ ଧକ୍କା ଦେଇଥିବା ବେଳେ ଏଥିରେ ସେମାନଙ୍କ ସହ ଗାଡ଼ିର ଡ୍ରାଇଭର୍‌ଙ୍କର ମୃତ୍ୟୁ ଘଟିଛି। ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥର କୃପାଜଳ ଇଞ୍ଜିନିୟରିଂ କଲେଜ (କେଇସି) ନିକଟରେ ଏହି ଅଭାବନୀୟ ଘଟଣା ଘଟିଛି। ଦୁଇ ମହିଳାଙ୍କୁ ଧକ୍କା ଦେବା ପରେ କାରଟି ଏକ ବିଦ୍ୟୁତ ଖୁଣ୍ଟ ସହ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଖବର ପାଇ ପିପିଲି ଓ କୌଶଲ୍ୟାଗଙ୍ଗ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ମିଳିଥିବା ସୂଚନାନୁସାରେ, ପ୍ରାତଃ ପ୍ରାୟ ୫ଟା ବେଳେ ଉତ୍ତରା ଅଞ୍ଚଳର ଦୁଇ ଜଣ ମହିଳା ସବୁ ଦିନ ପରି ଆଜି ସକାଳୁ ମର୍ଣ୍ଣିଂ ୱାର୍କ କରୁଥିବା ସମୟରେ ଅଚାନକ ଭୁବନେଶ୍ୱର ପଟୁ ପୁରୀ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା କଳା ରଙ୍ଗର ଏକ କାର୍ ଭାରସାମ୍ୟ ହରାଇ ସେମାନଙ୍କୁ ଧକ୍କା ଦେଇଥିଲା। ଏଥିରେ ଉଭୟ ମହିଳା ରାସ୍ତା କଡ଼କୁ ଛିଟିକି ପଡ଼ିଥିବା ବେଳେ କାର୍‌ର ଚାଳକ ମଧ୍ୟ ବାହାରକୁ ଛିଟିପଡ଼ିଥିଲା। ଘଟଣାସ୍ଥଳରେ ତିନିଜଣଯାକର ମୃତ୍ୟୁ ହୋଇଥିବା ବେଳେ କାର୍‌କୁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ଦୁଇଟି ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ୍‌କୁ ନେଇଥିଲା। ମୃତକମାନେ ହେଲେ ଧଉଳି ଥାନା ବସନ୍ତପୁର ଶାସନର ସନ୍ତୋଷ କୁମାର ସାହୁଙ୍କ ଧର୍ମପତ୍ନୀ ବବିଲତା ସାହୁ (୬୦), ଯାଜପୁର ଅଧଲିଆ ଅଞ୍ଚଳର ଯଯାତି କେଶରୀ ରାଉତଙ୍କ ଧର୍ମପତ୍ନୀ ଦୀପାଞ୍ଜଳି ରାଉତ (୩୮) ଏବଂ ରାଜସ୍ଥାନର କଲାନି ଅଞ୍ଚଳର ଚାଳକ ରୋନକ୍। ଦୀପାଞ୍ଜଳି ଓ ବବିଲତା ପୂବାଶାସନ ଅଞ୍ଚଳରେ ରହୁଥିଲେ । ଅନ୍ୟପକ୍ଷରେ ରୋନକଙ୍କ ବାପା ପାରାଦୀପରେ ଚାକିରି କରିଥିବା ବେଳେ ରୋନକ ଏକ ଘରୋଇ କଲେଜର ଛାତ୍ର ଥିଲେ ବୋଲି ଜଣାପଡ଼ିଛି। ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରି ଅନୁସନ୍ଧାନ ଜାରି ରଖିଛନ୍ତି।

ଯୁବତୀଙ୍କ ବେକକାଟି ହତ୍ୟା ଉଦ୍ୟମ ଘଟଣା

## ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ

ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ପ୍ରେମରେ ବିଫଳ ହେବାରୁ ଜଣେ ଯୁବକ ଶୋ'ରୁମ୍ ଭିତରେ ପଶି ଜନୈକା ଯୁବତୀଙ୍କ ବେକ କାଟିଦେଇଛି। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶୋ'ରୁମ୍ କର୍ମଚାରୀ ଓ ଆଖପାଖ



ଲୋକେ ମିଶି ପ୍ରେମିକକୁ କାବୁକରି କ୍ୟାପିଟାଲ ଥାନା ପୁଲିସ ଜିମା ଦେଇଛନ୍ତି। ତା'ର ନାମ ଦୀପକ କୁମାର ସିଂହସାମନ୍ତ, ଘର ଖୋର୍ଦ୍ଧା ଜଙ୍କିଆ ଥାନା ଡମଣଭୂଇଁ। ଦୀପକ ନିକଟରୁ ଏକ ଅପରେସନ୍‌ରେ ବ୍ୟବହୃତ ହେଉଥିବା ବ୍ଲେଡ୍ ଓ ରକ୍ତଭିଜା କପଡ଼ା ଜବତ କରାଯାଇଛି। ସୂଚନାନୁଯାୟୀ, ଧଉଳି ଲିଙ୍ଗିପୁର ଅଞ୍ଚଳର ରିମାଲୀ (ଛଦ୍ମନାମ) ଅଶୋକ ନଗରସ୍ଥିତ ଶ୍ରୀ ଦୁର୍ଗା କପଡ଼ା ଷ୍ଟୋରରେ ସେଲ୍ସ ଗାର୍ଲ ଭାବେ କାମ କରୁଥିଲେ। ଦୀପକଙ୍କ ସହ ତାଙ୍କର ନିବିଡ଼ ସମ୍ପର୍କ ଥିଲା। ପରେ ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହେବାରୁ ଦୀପକ ରିମାଲୀଙ୍କୁ ଅନେକ ସମୟରେ ଧମକଚମକ ଦେଉଥିଲା। ଗତକାଲି ରିମାଲୀ ଶୋ' ରୁମ୍‌ରେ ଥିବା ସମୟରେ ଦିନ ପ୍ରାୟ ସାଢ଼େ ଗୋଟାଏ ବେଳେ ଅଚାନକ ଦୀପକ ସେଠାରେ ପହଞ୍ଚିଥିଲା। ରିମାଲୀଙ୍କୁ ଶୋ'ରୁମ୍ ବାହାରକୁ ଟାଣି ଆଣି ଦୀପକ ତାଙ୍କ ବେକକୁ ବ୍ଲେଡ୍‌ରେ କାଟିଦେଇଥିଲା। ରିମାଲୀଙ୍କ ଚିତ୍କାର ଶୁଣି ଆଖପାଖ ଦୋକାନୀ ଓ ସୋ'ରୁମ୍‌ର କର୍ମଚାରୀ ଦୀପକକୁ କାବୁକରି ନିସ୍ତୁକ ମାଡ଼ ମାରି କ୍ୟାପିଟାଲ ଥାନା ପୁଲିସ ଜିମା ଦେଇଥିଲେ। ରିମାଲୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରା ଯାଇଥିବା ବେଳେ ତାଙ୍କ ବେକରେ ୪୦ଟି ଷ୍ଟିଚ୍ ପଡ଼ିଛି ଓ ଅବସ୍ଥା ସଂକଟାପନ୍ନ ଅଛି। ରିମାଲୀଙ୍କ ବାପା ଏତଲାକୁ ଭିତ୍ତିକରି ଦୀପକକୁ ପୁଲିସ ଗିରଫ କରିଛି। ଆକ୍ରମଣରେ ବ୍ୟବହୃତ ବ୍ଲେଡ୍ ସହ ରିମାଲୀଙ୍କ ରକ୍ତଭିଜା କପଡ଼ା ଓ ଦୀପକର ରକ୍ତଭିଜା କପଡ଼ାକୁ ପୁଲିସ ଜବତ କରିବାସହ ଦୀପକକୁ କୋର୍ଟ ଚାଲାଣ କରାଯାଇଛି।

## ଗିରିଜା ବଳୀୟାରସିଂହଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର




ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ବିଶିଷ୍ଟ କବି ଗିରିଜା କୁମାର ବଳୀୟାରସିଂହ ପାଇବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। କବିତା ପୁସ୍ତକ 'ପାଦପୂରଣ' ପାଇଁ ୨୦୨୫ ମସିହା ସକାଶେ ସେ ଏହି ସମ୍ମାନଜନକ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ଆଜି ୨୪ଟି ଭାଷାରେ ପୁରସ୍କାର ପାଇଁ ମନୋନୀତ ପ୍ରତିଭାଙ୍କ ତାଲିକା ପ୍ରକାଶ ପାଇଛି। ଆସନ୍ତା ୩୧ ତାରିଖରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏହାକୁ ନେଇ ସାହିତ୍ୟିକ ମହଲରେ ଆନନ୍ଦ ପ୍ରକାଶ ପାଇଥିବା ବେଳେ ଶ୍ରୀ ବଳୀୟାରସିଂହଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

ଶ୍ରୀ ବଳୀୟାରସିଂହ ରାଜ୍ୟର ଜଣେ ଆଗଧାଡ଼ିର ଜଣାଶୁଣା କବି। ଜଣେ ଶବ୍ଦଭେଦୀ କାବ୍ୟପୁରୁଷ ଭାବେ ସେ ଓଡ଼ିଶାର ସାରସ୍ୱତ ଜଗତରେ ବେଶ୍ ପରିଚିତ। 'ଭାରତବର୍ଷ' କାବ୍ୟକୃତି ପାଇଁ ଗତ ୨୦୦୬ରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ୧୯୭୬ରୁ ୨୦୨୪ ପର୍ଯ୍ୟନ୍ତ ପ୍ରାୟ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ସେ ଦେଇସାରିଛନ୍ତି ୧୫ଟି କାବ୍ୟକୃତି। ଓଡ଼ିଆ ସନେଟ୍ ସାହିତ୍ୟରେ ସେ ଏକ ଅଭିନବ ଧାରାପ୍ରବାହର ପ୍ରବର୍ତ୍ତକ। ତାଙ୍କର ବହୁ ରଚନା ପାଠକଙ୍କୁ ବେଶ ବିମୁଗ୍ଧ କରି ଆସିଛି। ତାଙ୍କର ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଗିରିଜାଙ୍କ ଉପଲବ୍ଧି ଓଡ଼ିଆ ସାହିତ୍ୟକୁ ଜାତୀୟ ସ୍ତରରେ ନୂତନ ପରିଚୟ ପ୍ରଦାନ କରିଛି। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ରାଜଧାନୀରେ ଆସାମ ଯୁବତୀଙ୍କ ଆତ୍ମାହୁତି ଉଦ୍ୟମ



ହୋଟେଲ ମ୍ୟାନେଜରଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୧୬।୩(ସଂଚାର ବ୍ୟୁରୋ): ହୋଟେଲର ଚାକିରି କରିବା ସମୟରେ ମ୍ୟାନେଜରଙ୍କଠାରୁ ନିର୍ଯାତନା ସହିଥିଲେ। ପରେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ତାଙ୍କୁ ଚାକିରି ବି ହରାଇବାକୁ ପଡ଼ିଲା। ଏହି ଘଟଣାରେ ନ୍ୟାୟ ପାଇଁ ଧାଇଁ ଧାଇଁ ନୟାନ୍ତ ହେଲେଣି। ଶେଷରେ ନିର୍ଯାତନାର ଶିକାର ହୋଇଥିବା ଉକ୍ତ ଆସାମ ଯୁବତୀ ଜଣଙ୍କ ହୋଟେଲ ସାମ୍ନାରେ ଦେହରେ ପେଟ୍ରୋଲ ଢାଳି ଆତ୍ମାହୁତି ପାଇଁ ଉଦ୍ୟମ କରିଛନ୍ତି। ସ୍ଥାନୀୟ ମୈତ୍ରୀ ବିହାରର ଏକ ତାରକା ହୋଟେଲ ସାମ୍ନାରେ ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ଯୁବତୀ ଜଣଙ୍କ ହେଲେ ଆସାମର ସୁଚିତ୍ରା ରାୟ। ତାଙ୍କ ଅଭିଯୋଗ ମୁତାବକ, ଦୀର୍ଘ ୪ ବର୍ଷ ଧରି ସେ ଉକ୍ତ ହୋଟେଲରେ ରିସେପ୍ସନିଷ୍ଟ ଭାବେ ଚାକିରି କରୁଥିଲେ। ତେବେ ଚାକିରି କାଳରେ ହୋଟେଲର ମ୍ୟାନେଜର ଏସ୍. ପଟ୍ଟନାୟକ ତାଙ୍କୁ ନାନା ପ୍ରକାରେ ହଇରାଣ ହରକତ କରୁଥିଲେ। ହୋଟେଲର ନିଛାଟିଆ ଜାଗାକୁ ଡାକି ନାନାଦି ଅଶ୍ଳୀଳ ମନ୍ତବ୍ୟ ଦେଉଥିଲେ। ସୁଚିତ୍ରାଙ୍କ ପକ୍ଷେ ନିର୍ଯାତନା ଅସହ୍ୟ ହେବାରୁ ସେ ଏହା ବିରୋଧରେ ସ୍ୱର ଉଠାଇଥିଲେ। ୨ ମାସ ତଳେ ମ୍ୟାନେଜରଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ନିବେଦନ କରିଥିଲେ। କିନ୍ତୁ ହୋଟେଲ କର୍ତ୍ତୃପକ୍ଷ କାରସାଦି କରି ତାଙ୍କୁ ହୋଟେଲରୁ ବିଦା କରିଦେଲେ। ଏହାପରେ ସୁଚିତ୍ରା ଆସାମ ରାଜ୍ୟପାଳଙ୍କୁ ଭେଟି ନ୍ୟାୟ ପାଇଁ ଗୁହାରି କରିଥିଲେ। ଏଥିସହ ସେ ମୈତ୍ରୀ ବିହାର ଥାନାର ଦ୍ୱାରସ୍ଥ ହୋଇ ମ୍ୟାନେଜର୍‌ଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ପୁଲିସ ମଧ୍ୟ ୧୧୮/୨୬ରେ ଏକ ମାମଲା ରୁଜୁ କରିଛି। କିନ୍ତୁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ପ୍ରତିବାଦରେ ସୁଚିତ୍ରା ଗତକାଲିଠାରୁ ହୋଟେଲ ସାମ୍ନାରେ ଧାରଣା ଦେଇଥିଲେ। କୌଣସି ଦିଗରୁ ନ୍ୟାୟ ପାଇବା ଆଶା ହରାଇବା ପରେ ସେ ସନ୍ଧ୍ୟାରେ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ପାଇଁ ଉଦ୍ୟମ କରିଥିଲେ। ପୁଲିସ କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ତାଙ୍କୁ ଉଦ୍ଧାର କରାଯାଇଛି। ଏଥିସହ ହୋଟେଲ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ଜାରି ରହିଛି। ସୁଚିତ୍ରାଙ୍କ ଆତ୍ମାହୁତି ଉଦ୍ୟମ ପରେ ସମାଜସେବୀ ବିଦ୍ୟୁଜା ଉପାଧ୍ୟାୟ ହୋଟେଲ ସାମ୍ନାରେ ଅହୋରାତ୍ର ଧାରଣାରେ ବସିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ






### ସତର୍କ କରାଇଲେ ସେବି ମୁଖ୍ୟ

# ବଜାରକୁ ବିକୃତ କରୁଛନ୍ତି ଆର୍ଥିକ ପ୍ରଭାବକ

ମୁମ୍ବାଇ, ୧୬।୩: ଭାରତରେ ପଞ୍ଜୀକୃତ ଆର୍ଥିକ ପରାମର୍ଶଦାତାଙ୍କ ଘୋର ଅଭାବ ରହିଛି। ଏହାର ଫାଇଦା ଫିନ୍‌ଫ୍ଲୁଏନ୍‌ସର୍ ( ସାମାଜିକ ଗଣମାଧ୍ୟମରେ ନିବେଶ ପରାମର୍ଶ ଦେଉଥିବା ବ୍ୟକ୍ତି)ମାନେ ନେଉଛନ୍ତି। ସେମାନେ ବଜାରକୁ ବିକୃତ କରୁଛନ୍ତି। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷ ତୁହିନ କାନ୍ତ ପାଣ୍ଡେ ସୋମବାର ଏହା କହିଛନ୍ତି।ଦେଶରେ ପଞ୍ଜୀକୃତ ନିବେଶ ପରାମର୍ଶଦାତାଙ୍କ ସଂଖ୍ୟା ହ୍ରାସ ପାଇବା ସହ ସାମାଜିକ ଗଣମାଧ୍ୟମରେ ଆର୍ଥିକ ପ୍ରଭାବକଙ୍କ ପ୍ରଭାବ ବୃଦ୍ଧି ପାଉଥିବାରୁ ସେ ଚିନ୍ତା ବ୍ୟକ୍ତ କରିଛନ୍ତି। ୨୦୨୧ ମସିହାରୁ ପଞ୍ଜୀକୃତ ନିବେଶ ଉପଦେଷ୍ଟାଙ୍କ ସଂଖ୍ୟା କମିବାରେ ଲାଗିଛି। ଅନ୍ୟପକ୍ଷରେ ଦେଶରେ ନିବେଶକଙ୍କ ସଂଖ୍ୟା କିନ୍ତୁ ଦ୍ରୁତଗତିରେ ବୃଦ୍ଧି ପାଉଛି। ଏଥିପାଇଁ ଦେଶରେ ଅଧିକ ସଂଖ୍ୟକ ନିୟନ୍ତ୍ରିତ ପରାମର୍ଶଦାତାଙ୍କ ଆବଶ୍ୟକତା ରହିଛି ବୋଲି ପଞ୍ଜୀକୃତ ନିବେଶ ପରାମର୍ଶଦାତାଙ୍କ ସଂଘ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେବି ମୁଖ୍ୟ ଶ୍ରୀ ପାଣ୍ଡେ ଏହା କହିଛନ୍ତି। ଏହା ନହେଲେ ଫିନଫ୍ଲୁଏନସର୍ସ ଓ ପଞ୍ଜୀକୃତ ପରାମର୍ଶଦାତାଙ୍କ ସଂଖ୍ୟା ମଧ୍ୟରେ ପାର୍ଥକ୍ୟ ବଢ଼ିବ। ଏହି ଆର୍ଥିକ ପ୍ରଭାବକମାନେ ସେମାନଙ୍କ ମତାମତକୁ ବିଶେଷ ଜ୍ଞାନ ଏବଂ ଅନୁମାନକୁ ରଣନୀତି ଭାବେ ଉପସ୍ଥାପନ




କରିଥାନ୍ତି। ସେବି ମୁଖ୍ୟ କହିଥିଲେ ବର୍ତ୍ତମାନ ପ୍ରାୟ ୧୦୦୦ ପଞ୍ଜୀକୃତ ପରାମର୍ଶଦାତା ରହିଛନ୍ତି। ସେମାନଙ୍କ ମଧ୍ୟରୁ ୪୭୦ ଜଣ ବ୍ୟକ୍ତିବିଶେଷ ହୋଇଥିବାବେଳେ ୫୩୦ ଜଣ ଅଣବ୍ୟକ୍ତିବିଶେଷ। ବିଗତବର୍ଷ ଗୁଡ଼ିକରେ ପଞ୍ଜୀକୃତ ନିବେଶ ପରାମର୍ଶଦାତାଙ୍କ ସଂଖ୍ୟା ହ୍ରାସ ପାଇଛି। ସେବି ପକ୍ଷରୁ ହୋଇଥିବା ଏକ ନିବେଶକ ସର୍ଭେର ତଥ୍ୟ ଶ୍ରୀ ପାଣ୍ଡେ ଦର୍ଶାଇ କହିଥିଲେ ପ୍ରାୟ ୬୨ ପ୍ରତିଶତ ସମ୍ଭାବ୍ୟ ନିବେଶକ ଏ ପ୍ରକାର ଆର୍ଥିକ ପ୍ରଭାବକଙ୍କ ଦ୍ୱାରା ପ୍ରଭାବିତ ହେଉଛନ୍ତି, ଯାହା ହେବା ଉଚିତ ନୁହେଁ। ଏହା ନିବେଶକଙ୍କ ବ୍ୟବହାରକୁ ବିକୃତ କରିଥାଏ, ଶୃଙ୍ଖଳାକୁ ଦୁର୍ବଳ କରିଥା ଏବଂ ବିଶ୍ୱାସକୁ ନଷ୍ଟ କରିଥାଏ।

ସାମାଜିକ ଗଣମାଧ୍ୟମ ଆର୍ଥିକ ପ୍ରଭାବକଙ୍କ ପ୍ରତି ଲୋକେ ଢଳିବାର କାରଣ ସଂପର୍କରେ ସେ କହିଛନ୍ତି ଦେଶରେ ଏବେ ଦେୟଯୁକ୍ତ ବୃତ୍ତିଗତ ଆର୍ଥିକ ପରାମର୍ଶ ନେବାର ଅଭ୍ୟାସ ବିକାଶର ପ୍ରାଥମିକ ପର୍ଯ୍ୟାୟରେ ରହିଛି। ଏଥିପାଇଁ ଛୋଟ ଛୋଟ ନିବେଶକମାନେ ମାଗଣା ପରାମର୍ଶ ଆଡ଼କୁ ଆକର୍ଷିତ ହେଉଛନ୍ତି। ଏହା କେବଳ ଏକ ନିୟାମକ ସମସ୍ୟା ନୁହେଁ, ସାଂସ୍କୃତିକ ସମସ୍ୟା ମଧ୍ୟ। ତେଣୁ ଆମ ପାଇଁ ଆହ୍ୱାନ ହେଲା ଯୋଗ୍ୟ ପେସାଦାରମାନଙ୍କ ପାଇଁ ପଞ୍ଜୀକୃତ ପରାମର୍ଶ ମଡେଲ କିଭଳି ଆକର୍ଷଣୀୟ କରାଯାଇ ପାରିବ। ଏହା ପୂର୍ବରୁ ସେବି ମୁଖ୍ୟ କହିଥିଲେ ଅନିୟନ୍ତ୍ରିତ ଆର୍ଥିକ ପ୍ରଭାବକମାନେ ଲୋକଙ୍କୁ ସ୍ୱପ୍ନ ବିକ୍ରି କରନ୍ତି। ଅଧିକାଂଶ ସମୟରେ ମିଥ୍ୟା ଦାବି ସହ ଏହା କରାଯାଇଥାଏ। ଟ୍ରେଡିଂ ବୃଦ୍ଧିରେ ଏହାର ଯୋଗଦାନ ରହିଛି।



# ଯୁଦ୍ଧ କମାଇଲା ସୁନା ରୁପା ଦର

ନୂଆଦିଲ୍ଲୀ୧୬।୩: ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ଜାରି ରହିଛି। ସାରା ବିଶ୍ୱରେ ଏହାର ପ୍ରଭାବ ପଡୁଛି। କିନ୍ତୁ ଏହି ସମୟରେ ସମସ୍ତଙ୍କୁ ଚକିତ କରିଛି ସୁନା ଏବଂ ରୁପାର ଦାମ୍। ବିଶ୍ୱରେ କୌଣସି ସଙ୍କଟ ଦେଖାଗଲେ ସୁନା ଏବଂ ରୁପାର ଦାମ୍ ବୃଦ୍ଧି ପାଇଥାଏ। କିନ୍ତୁ ଇରାନ ଯୁଦ୍ଧରେ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ଯୁଦ୍ଧ ଆରମ୍ଭ ହେବା ପରଠୁ ଏବେଯାଏଁ ରୁପା ୨୩ ହଜାର ଟଙ୍କା ଶସ୍ତା ହୋଇଛି। ସୁନା ଦାମ୍ ମଧ୍ୟ ୩ ହଜାର ଟଙ୍କା କମିଛି। ଗତ ଫେବ୍ରୁଆରୀ ୨୮ ତାରିଖରେ ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିଥିଲେ। ସେହିଦିନ ଏମସିଏକ୍ସରେ ରୁପା ଦର କେଜି ପିଛା ୨ ଲକ୍ଷ ୮୨ ହଜାର ୬୪୪ ଟଙ୍କା ରହିଥିଲା। ଯାହା ଗତ ସପ୍ତାହର ଶେଷ କାରବାର ଦିନ ଅର୍ଥାତ ଶୁକ୍ରବାର ୨ ଲକ୍ଷ ୫୯ ହଜାର ୨୭୯ ଟଙ୍କାକୁ ଖସି ଆସିଛି। ଯୁଦ୍ଧ ଆରମ୍ଭ ହେବାର ୧୬ ଦିନ ବିତିଗଲାଣି। ଏହି ସମୟରେ ୧ କେଜି ରୁପାର ଦାମ୍ ପ୍ରାୟ ୨୩ ହଜାର ୩୬୫ ଟଙ୍କା ହ୍ରାସ ପାଇଛି। କେବଳ ରୁପା ନୁହେଁ ସୁନାର ଦାମ୍ ମଧ୍ୟ କମିଯାଇଛି। ଫେବ୍ରୁଆରୀ ୨୭ରେ ଏମସିଏକ୍ସରେ ସୁନା ୧୦ ଗ୍ରାମ୍ ପିଛା ୧ ଲକ୍ଷ ୬୨ ହଜାର ୧୦୪ ଟଙ୍କା ଥିଲା। ଯାହା ଏବେ ୩୭୦୪ ଟଙ୍କା ହ୍ରାସ ପାଇଛି। ଏବେ ସୁନାର ଦାମ୍ ଅଛି ୧ ଲକ୍ଷ ୫୮ ହଜାର ୪୦୦। ଏହା ନିଜର ସର୍ବୋଚ୍ଚ ସ୍ତର ୧ ଲକ୍ଷ ୯୩ ହଜାର ୯୬ ଟଙ୍କାରୁ ପ୍ରାୟ ୩୪ ହଜାର ୬୯୬ ଟଙ୍କା ହ୍ରାସ ପାଇଛି। କୁହାଯାଉଛି ଯେ, କ୍ରୁଡ୍ ଅଏଲ୍ ଦାମ୍ ବଢ଼ିବା ସହ ଡଲାର ଶକ୍ତିଶାଳୀ ହେବାରେ ଲାଗିଛି। ତେଣୁ ସୁନା ଏବଂ ରୁପାର ଅଭିବୃଦ୍ଧି ଉପରେ ବ୍ରେକ୍ ଲାଗିଛି। କିନ୍ତୁ ଆଗାମି ଦିନରେ ଏହି ଦୁଇ ଧାତୁର ଦାମ୍ ବଢ଼ିବ ବୋଲି ବିଶେଷଜ୍ଞମାନେ ଆଶା କରୁଛନ୍ତି।

# ନୂଆ ଟାରିଫ ଢାଞ୍ଚା ସ୍ପଷ୍ଟ ହେବା ପରେ ଆମେରିକା ସହ ଡିଲ୍ ହେବ ବୋଲି କହିଲା ଭାରତ

ନୂଆଦିଲ୍ଲୀ, ୧୬।୩:ଆମେରିକା ଓ ଭାରତ ମଧ୍ୟରେ ପ୍ରସ୍ତାବିତ ବାଣିଜ୍ୟ ଚୁକ୍ତି ନେଇ ସୋମବାର ଭାରତ ସରକାର ପକ୍ଷରୁ ପ୍ରତିକ୍ରିୟା ଆସିଛି। ୱାଶିଂଟନ ଦ୍ୱାରା ତିଆରି କରାଯାଉଥିବା ନୂଆ ଶୁଳ୍କ ଢାଞ୍ଚା ସ୍ପଷ୍ଟ ହେବା ପରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ ବୋଲି ସୋମବାର ଭାରତ ସରକାର କହିଛନ୍ତି। ଭାରତ ସରକାର ଓ ଆମେରିକା ମଧ୍ୟରେ ଚୁକ୍ତି ନେଇ ଏବେ ବି ଆଲୋଚନା ଜାରି ରହିଛି ବୋଲି ସଂକେତ ଦେଇଛନ୍ତି ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ। ଭାରତ ଏବଂ ଆମେରିକା ବର୍ତ୍ତମାନ ଚୁକ୍ତିର ସୂକ୍ଷ୍ମ ବିବରଣୀ ଉପରେ ଆଲୋଚନା କରୁଛନ୍ତି ବୋଲି ସେ କହିଛନ୍ତି। ଶ୍ରୀ ଅଗରୱାଲ କହିଛନ୍ତି "ଆମେ ବର୍ତ୍ତମାନ ଆମେରିକା ସହିତ ସବିଶେଷ ଆଲୋଚନା କରୁଛୁ। ନୂଆ ଟାରିଫ ଢାଞ୍ଚା ସ୍ପଷ୍ଟ ହେବା ପରେ ଚୁକ୍ତି ସ୍ୱାକ୍ଷରିତ ହେବ।" ଫେବୃଆରୀ ମାସ ଆରମ୍ଭରେ ଆମେରିକା ଓ ଭାରତ ଦ୍ୱିପାକ୍ଷିକ ଚୁକ୍ତି ଘୋଷଣା କରିଥିଲେ। ଏହା ପ୍ରଥମେ ମାର୍ଚ୍ଚ ମାସରେ ଶେଷ ହେବାର ଆଶା କରାଯାଉଥିଲା। ତେବେ ଆମେରିକା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଟ୍ରମ୍ପ ଲଗାଇଥିବା ବେଆଇନ ଶୁଳ୍କ ହଟିବା ପରେ ସବୁ ବିଗିଡ଼ି ଯାଇଥିଲା। ତେଣୁ ଭାରତ ମଧ୍ୟ ଡିଲ୍ର ପଛଘୁଞ୍ଚା ଦେଇଥିଲା। ସୁପ୍ରିମକୋର୍ଟରୁ ଝଟ୍କା ମିଳିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଜିଦ୍‌ରେ ରହି ଆମେରିକା ସମ୍ବିଧାନର ଧାରା ୧୨୨ ଅନୁସାରେ, ପୁଣିଥରେ ସବୁ ଦେଶଗୁଡ଼ିକ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ। ତେଣୁ ଏହାକୁ ନେଇ ପୁଣିଥରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା।

ଯାହାକୁ ନେଇ ଅଗ୍ରୱାଲ କହିଛନ୍ତି ଯେ ଭାରତ ଚୁକ୍ତି ସ୍ୱାକ୍ଷର କରିବା ପୂର୍ବରୁ ନୂଆ ଶୁଳ୍କ ବ୍ୟବସ୍ଥା ଉପରେ ସ୍ପଷ୍ଟତା ପାଇଁ ଅପେକ୍ଷା କରିବ। ତେବେ କିନ୍ତୁ ତା' ବାଟରେ ଜାରି ରହିଛି ବୋଲି ଅଗରୱାଲ କହିଛନ୍ତି। ସେ କହିଛନ୍ତି "ଡିଲ୍ ପ୍ରସ୍ତୁତ। ଏହାକୁ ବାତିଲ କରାଯାଇ ନାହିଁ ଏବଂ ଦୁଇ ରାଷ୍ଟ୍ର ମଧ୍ୟରେ ଅଚଳାବସ୍ଥା ଭଳି କିଛି ନାହିଁ।"

ଫେବୃଆରୀ ମାସରେ ଭାରତର ବାଣିଜ୍ୟ ସ୍ଥିତି ଉପସ୍ଥାପନ



କରିବା ସମୟରେ ଶ୍ରୀ ଅଗ୍ରୱାଲ ଏହି ମନ୍ତବ୍ୟ ଦେଇଛନ୍ତି। ସରକାରୀ ତଥ୍ୟ ଦର୍ଶାଉଛି ଯେ ଫେବ୍ରୁଆରୀ ମାସ ମଧ୍ୟରେ ମାର୍ଚାଣ୍ଡାଇଜ୍ ରପ୍ତାନି ବାର୍ଷିକ ଆଧାରରେ ୦.୮୧ ପ୍ରତିଶତ ହ୍ରାସ ପାଇ ୩୬.୮୧ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ହେଲେ ଆମଦାନୀ କିନ୍ତୁ ଦ୍ରୁତ ଗତିରେ ବଢ଼ିଛି। ଆମଦାନୀ ୨୪.୧୧ ପ୍ରତିଶତ ବୃଦ୍ଧି ପାଁଇ ୬୩.୭୧ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି, ଯାହା ଗତ ବର୍ଷର ସମାନ ମାସରେ ୫୧.୩୩ ବିଲିୟନ ଆମେରିକୀୟ ଡଲାର ଥିଲା। ଆମଦାନୀ ବୃଦ୍ଧି ସତ୍ତ୍ୱେ, ଫେବୃଆରୀରେ ଭାରତର ବାଣିଜ୍ୟ ନିଅଣ୍ଟ ୨୭.୧ ବିଲିୟନ ଆମେରିକୀୟ ଡଲାର ରହିଛି। ତେବେ ଆଶ୍ୱସ୍ତିକର କଥା ହେଲା ଏହି ବିତ୍ତୀୟ ନିଅଣ୍ଟ ବିଶ୍ଳେଷକମାନଙ୍କ ଆକଳନ ୨୮.୮ ବିଲିୟନ ଆମେରିକୀୟ ଡଲାର ତୁଳନାରେ କମ୍ ରହିଛି। ଏହାଛଡ଼ା ଜାନୁଆରୀ ମାସରେ ୩୪.୬୮ ବିଲିୟନ ଆମେରିକୀୟ ଡଲାର ବିତ୍ତୀୟ ନିୟଣ୍ଟ ହୋଇଥିଲା। ହେଲେ ଏହି ତୁଳନାରେ ଫେବ୍ରୁଆରୀ ମାସରେ ବିତ୍ତୀୟ ନିୟଣ୍ଟ ଯଥେଷ୍ଟ କମ୍ ରହିଛି। ଅନିଶ୍ଚିତତା ସତ୍ତ୍ୱେ, ଆମେରିକା ଭାରତର ସର୍ବବୃହତ ରପ୍ତାନି ଗନ୍ତବ୍ୟସ୍ଥଳ ହୋଇ ରହିଛି। ବାଣିଜ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ର ଏପ୍ରିଲ-ଫେବୃଆରୀ ଅବଧି ମଧ୍ୟରେ ଭାରତର ମୋଟାମୋଟି ରପ୍ତାନି ୧.୮୪ ପ୍ରତିଶତ ବୃଦ୍ଧି ପାଇ ୪୦୨.୯୩ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିଛି। ସମାନ ଅବଧୀ ମଧ୍ୟରେ ଆମଦାନୀ ୮.୫୩ ପ୍ରତିଶତ ବୃଦ୍ଧି ପାଇ ୭୧୩.୫୩ ବିଲିୟନ ଡଲାର ହୋଇଛି। ଆମେରିକାକୁ ରପ୍ତାନି ଆର୍ଥିକ ବର୍ଷ ୨୫ ଏପ୍ରିଲ-ଫେବୃଆରୀରେ ୭୬.୩୬ ବିଲିୟନ ଡଲାରରୁ ବୃଦ୍ଧି ପାଇ ୨୬ ଆର୍ଥିକ ବର୍ଷରେ ୭୯.୨୯ ବିଲିୟନ ଡଲାର ହୋଇଛି। ଭାରତୀୟ ରପ୍ତାନି ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ ଦ୍ୱିତୀୟ ସର୍ବବୃହତ ଗନ୍ତବ୍ୟସ୍ଥଳ ଭାବରେ ଉଭା ହୋଇଥିବା ବେଳେ ଚୀନ୍ ତୃତୀୟ ସ୍ଥାନରେ ରହିଛି। ଏହି ୩ ମାର୍କେଟ୍‌କୁ ଭାରତ ସର୍ବାଧିକ ସାମଗ୍ରୀ ରପ୍ତାନୀ କରୁଛି।

ଏହି ବାଣିଜ୍ୟ ଚୁକ୍ତିନାମାରେ ପରସ୍ପରର ବଜାରରେ ତୁଳନାତ୍ମକ ଏବଂ ଅଗ୍ରାଧିକାର ପ୍ରବେଶ ସୁରକ୍ଷିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପୂର୍ବରୁ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିଲେ। ସେଥିରେ ୨୫% ଦଣ୍ଡାତ୍ମକ ଟାରିଫ ଥିଲା, ଯାହା ଋଷ ଠାରୁ ତେଲ କିଣାଯାଉଥିବାରୁ ଲଗାଇଥିଲା ଆମେରିକା। ହେଲେ ଯେତେବେଳେ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟ ପାଇଁ ଢାଞ୍ଚା ଘୋଷଣା କରାଯାଇଥିଲା, ସେତେବେଳେ ଆମେରିକା ବଜାରରେ ପ୍ରବେଶ କରୁଥିବା ଭାରତୀୟ ସାମଗ୍ରୀ ପାଇଁ ପ୍ରସ୍ତାବିତ ଶୁଳ୍କ ସ୍ତର ପ୍ରାୟ ୧୮ ପ୍ରତିଶତ ଥିଲା। ଯାହା ପଡ଼ୋଶୀ ଚୀନ, ଭିଏତନାମ ଓ ଥାଇଲାଣ୍ଡ ଠାରୁ ତୁଳନାତ୍ମକ ଭାବେ କମ୍ ଥିଲା। ନୂଆ ଚୁକ୍ତିରେ ବି ପଡ଼ୋଶୀଙ୍କ ଠାରୁ ଭାରତ ତୁଳନାତ୍ମକ ଭାବେ ଲାଭ ପାଇବ ବୋଲି ଅଧିକାରୀମାନେ କହିଛନ୍ତି। ଏନେଇ ଜଣେ ଅଧିକାରୀ କହିଛନ୍ତି "ଯଦି ଅନ୍ୟ ଦେଶଗୁଡ଼ିକ ଉପରେ ଆମେରିକା ୧୯, ୨୦ କିମ୍ବା ୨୧ ପ୍ରତିଶତ ଶୁଳ୍କ ଲଗାଏ, ତେବେ ଭାରତ ୧୮ ପ୍ରତିଶତରେ ରହିପାରେ। କିନ୍ତୁ ଯଦି ଅନ୍ୟମାନଙ୍କ ପାଇଁ ଶୁଳ୍କ ହ୍ରାସ କରାଯାଏ, ତେବେ ଭାରତର ହାର ମଧ୍ୟ ପରିବର୍ତ୍ତନ ହୋଇପାରେ।"

## ଟଙ୍କା ସର୍ବନିମ୍ନ ସ୍ତରକୁ ଖସିଲା, ସେନସେକ୍ସ ବଢ଼ିଲା

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ପୁଞ୍ଜି ବଜାରଠାରୁ ଆରମ୍ଭ କରି ଅଶୋଧିତ ତେଲ, ସୁନା, ରୁପା ଏବଂ ମୁଦ୍ରା ବଜାର ଅସ୍ଥିର ରହିଛି। ଆଜି ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବକାଳୀନ ସର୍ବନିମ୍ନ ସ୍ତରକୁ ଖସିଛି। ୧ ଡଲାର ମୂଲ୍ୟ ୯୨.୪୦ ଟଙ୍କାରେ ବନ୍ଦ ହୋଇଛି। ଇଣ୍ଟରବ୍ୟାଙ୍କ ବିଦେଶୀ ମୁଦ୍ରା ବିନିମୟ ବଜାରରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୨.୪୪ରେ କାରବାର ଆରମ୍ଭ ହୋଇଥିଲା। ପରେ କାରବାର ମଝିରେ ଏହା ୯୨.୪୭ ଟଙ୍କା ସ୍ତରକୁ ଖସିଯାଇଥିଲା। କିନ୍ତୁ ଶେଷରେ ୯୨.୪୦ ଟଙ୍କାରେ ବନ୍ଦ ହୋଇଛି, ଯାହାକି ପୂର୍ବ ଦିନ ତୁଳନାରେ ୧୦ ପଇସା କମ୍। ହର୍ମୁଜ୍ ପ୍ରଣାଳୀ ପୁନର୍ବାର ସ୍ୱାଭାବିକ ହେବା ଆଶାରେ ଟଙ୍କା ବିନିମୟ ମୂଲ୍ୟରେ ଏହି ସୁଧାର ଆସିଛି ବୋଲି ବିଦେଶୀ ମୁଦ୍ରା ବିଶେଷଜ୍ଞମାନେ ମତ ଦେଇଛନ୍ତି। ଅଶୋଧିତ ତେଲ (ବ୍ରେଣ୍ଟ୍ କ୍ରୁଡ୍) ଦର ଆଜି ୧.୪୬ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପିଛା ୧୦୪.୬୯ ଡଲାରରେ ରହିଛି। ଅନ୍ୟପକ୍ଷରେ ସେନ୍‌ସେକ୍ସରେ ୯୩୮.୯୩ ପଏଣ୍ଟ ବା ୧.୨୬ ପ୍ରତିଶତ ବୃଦ୍ଧି ଘଟି ୭୫,୫୦୨.୮୫ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍‌ଟି ୨୫୭.୭୦ ପଏଣ୍ଟ୍ ବା ୧.୧୧ ପ୍ରତିଶତ ବୃଦ୍ଧି ଘଟି ୨୩,୪୦୮.୮୦ ପଏଣ୍ଟରେ ବନ୍ଦ ହୋଇଛି।



## ୧୧ ମାସରେ ରେକର୍ଡ ଭାଙ୍ଗିଲା ପାଇକାରୀ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ, ୧୬।୩: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଭାରତ ସମସ୍ୟା ଭୋଗୁଛି। ଦେଶରେ ଶକ୍ତି ସଂକଟ ସୃଷ୍ଟି ହୋଇଥିବା ବେଳେ ହୋଟେଲ ଶିଳ୍ପ ପ୍ରଭାବିତ ହୋଇଛି। ଦରଦାମ ବୃଦ୍ଧି ନେଇ ଖାଉଟି ଏବେ ଚିନ୍ତାରେ। ଯୁଦ୍ଧ ଯୋଗୁ ଦେଶରେ ଉତ୍ପାଦିତ ସାମଗ୍ରୀ ଓ ପ୍ରାଇମେରି କମୋଡିଟି(ପ୍ରାଥମିକ ସାମଗ୍ରୀ) ଉପରେ ମହଙ୍ଗା ଚାପ ବଢ଼ି ଯାଇଛି। ଫଳରେ ଫେବ୍ରୁଆରୀ ମାସରେ ପାଇକାରୀ ମୁଦ୍ରାସ୍ଫୀତି ଗତ ୧୧ ମାସ ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏନେଇ ସୋମବାର କେନ୍ଦ୍ର ସରକାର ରିପୋର୍ଟ ଜାରି କରି ସୂଚନା ଦେଇଛନ୍ତି। ହୋଲସେଲ ମୂଲ୍ୟ ସୂଚକାଙ୍କ (ଡବ୍ଲ୍ୟୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ଫେବୃଆରୀରେ ୨.୧୩%କୁ ବୃଦ୍ଧି ପାଇଛି ଯାହା ଜାନୁଆରୀରେ ୧.୮୧% ଏବଂ ଡିସେମ୍ବରରେ ୦.୯୬% ଥିଲା। ତେଣୁ ଦେଶରେ ଅର୍ଥନୀତିରେ ଧୀରେ ଧୀରେ ମୂଲ୍ୟ ବୃଦ୍ଧି ଚାପ ବୃଦ୍ଧି ପାଉଥିବା ସ୍ପଷ୍ଟ ଜଣାପଡ଼ିଛି। ମୁଦ୍ରାସ୍ଫୀତିର ସକାରାତ୍ମକ ହାର ମୁଖ୍ୟତଃ ଅନ୍ୟାନ୍ୟ ଉତ୍ପାଦନ, ମୌଳିକ ଧାତୁର ଉତ୍ପାଦନ, ଅଣ-ଖାଦ୍ୟ ସାମଗ୍ରୀ, ଖାଦ୍ୟ ସାମଗ୍ରୀ ଏବଂ ବୟନ ଇତ୍ୟାଦିର ମୂଲ୍ୟ ବୃଦ୍ଧି ଯୋଗୁ ହୋଇଥାଏ। ଫେବୃଆରୀ ମାସରେ ହୋଲସେଲ ମୁଦ୍ରାସ୍ଫୀତି ବୃଦ୍ଧିରେ ସର୍ବାଧିକ ଅବଦାନ ଉତ୍ପାଦିତ ସାମଗ୍ରୀର ମୂଲ୍ୟ ବୃଦ୍ଧି ଯୋଗୁ ହୋଇଛି। ଏହି ବର୍ଗରେ ମୁଦ୍ରାସ୍ଫୀତି ୨.୯୨ ପ୍ରତିଶତ ବଢ଼ିଛି। ଏହା ଜାନୁଆରୀର ୨.୮୬ ପ୍ରତିଶତ ଠାରୁ ସାମାନ୍ୟ ଅଧିକା ରହିଛି। ସେହିପରି ଡିସେମ୍ବରରେ ଉତ୍ପାଦିତ ସାମଗ୍ରୀରେ ମୁଦ୍ରାସ୍ଫୀତି ୨.୦୩ ପ୍ରତିଶତ ଥିଲା। ଫେବୃଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ୧.୮୫% ବୃଦ୍ଧି ପାଇଛି ଯାହା ଜାନୁଆରୀରେ ୧.୪୧% ଓ ଡିସେମ୍ବରରେ ୦.୨୧ ପ୍ରତିଶତ ଥିଲା। କୃଷି ସାମଗ୍ରୀ ଏବଂ ଖଣିଜ ପଦାର୍ଥ ସମେତ ପ୍ରାଥମିକ ସାମଗ୍ରୀର ମୁଦ୍ରାସ୍ଫୀତି ବାର୍ଷିକ ଆଧାରରେ ଦ୍ରୁତ ଗତିରେ ବଢ଼ିଛି। ଫେବୃଆରୀ ମାସରେ ଏହି କ୍ୟାଟେଗୋରୀରେ ପାଇକାରୀ ମୁଦ୍ରାସ୍ଫୀତି ୩.୨୭%ରେ ପହଞ୍ଚିଛି, ଯାହା ଜାନୁଆରୀରେ ୨.୨୧% ଏବଂ ଡିସେମ୍ବରରେ ମାତ୍ର ୦.୨୧% ଥିଲା। ଏହି ବର୍ଗରେ ବାର୍ଷିକ ବୃଦ୍ଧି ହୋଇଥିବା ବେଳେ ମାସିକ ହାରରେ ଏହା ୦.୫୨ % ହ୍ରାସ ପାଇଛି। ଯୁଦ୍ଧ ଯୋଗୁ ଦେଶରେ ମୁଦ୍ରାସ୍ଫୀତି ବଢ଼ିଥିବା ବେଳେ ବିଶେଷଜ୍ଞଙ୍କ କହିବା ଅନୁସାରେ,ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ ଦୀର୍ଘ ସମୟ ଧରି ଜାରି ରହିଲେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୫୦ ଡଲାର ପହଞ୍ଚିପାରେ।




## ବିମାନ ସେବା ଉପରେ ଯୁଦ୍ଧ ପ୍ରଭାବ ଦିନକୁ ଯାତ୍ରା କରୁଛନ୍ତି ୪.୭୯ ଲକ୍ଷ

ନୂଆଦିଲ୍ଲୀ, ୧୬।୩: ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ଭାରତର ବିମାନସେବା ଶିଳ୍ପ ଉପରେ ପଡ଼ିଛି। ଫେବ୍ରୁଆରି ୨୮ ତାରିଖରେ ହଠାତ୍ ଯୁଦ୍ଧ ଆରମ୍ଭ ହେବା କାରଣରୁ ସେଠାକାର ଅନେକ ଦେଶରେ ଆକାଶମାର୍ଗ ବନ୍ଦ ହୋଇଯାଇଥିଲା।



ଏଥିସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଫଳରେ ବିମାନ ଇନ୍ଧନ ବି ମହଙ୍ଗା ହୋଇଯାଇଥିଲା। ବିମାନ ସେବା ଶିଳ୍ପ ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଇଛି। ସୂଚନା ଅନୁଯାୟୀ ମାର୍ଚ୍ଚ ମାସର ପ୍ରଥମ ୧୫ ଦିନରେ ଭାରତରେ ବିମାନରେ ଯାତ୍ରା କରିଥିବା ଲୋକଙ୍କ ସଂଖ୍ୟା ଦୈନିକ ହାରାହାରି ୪,୭୯,୨୪୭ ରହିଛି। ଯୁଦ୍ଧ ପୂର୍ବ ୧୫ ଦିନରେ ଦୈନିକ ହାରାହାରି ୫,୦୮,୫୨୫ ଜଣ ବିମାନରେ ଯାତ୍ରା କରିଥିଲେ। ତେଣୁ ଯୁଦ୍ଧ ପୂର୍ବର ୧୫ ଦିନ ତୁଳନାରେ ଯୁଦ୍ଧ ପର ୧୫ ଦିନରେ ବିମାନଯାତ୍ରୀଙ୍କ ସଂଖ୍ୟା ୫.୮ ପ୍ରତିଶତ ହ୍ରାସ ପାଇଛି। ଅନ୍ତର୍ଜାତୀୟ ଉଡ଼ାଣରେ ଭାରତର ସ୍ଥିତି ଘରୋଇ ଉଡ଼ାଣ ତୁଳନାରେ ଅଧିକ ଖରାପ ରହିଛି। ଯୁଦ୍ଧ ପୂର୍ବରୁ ଦୈନିକ ହାରାହାରି ୧,୨୧,୧୪୪ ଜଣ ଅନ୍ତର୍ଜାତୀୟ ଉଡ଼ାଣ କରିଥିବାବେଳେ ଯୁଦ୍ଧ ପରେ ଏ କ୍ଷେତ୍ରରେ ଦୈନିକ ଯାତ୍ରୀ ସଂଖ୍ୟା ୮୦,୫୭୧କୁ ହ୍ରାସ ପାଇଛି। ଅର୍ଥାତ୍ ଅନ୍ତର୍ଜାତୀୟ ଉଡ଼ାଣ କରିଥିବା ଯାତ୍ରୀଙ୍କ ସଂଖ୍ୟା ପାଖାପାଖି ୩୩.୫ ପ୍ରତିଶତ କମିଯାଇଛି। ମାର୍ଚ୍ଚ ୩ ତାରିଖରେ ଏହି ସଂଖ୍ୟା ୬୨,୨୧୨ ଭଳି ସ୍ତରକୁ ଖସିଆସିଥିଲା। କିନ୍ତୁ ତାହା ପରଠାରୁ ଏହି ସଂଖ୍ୟାରେ ଉନ୍ନତି ଆସିଛି। ମାର୍ଚ୍ଚ ୧୫ରେ ଏହି ସଂଖ୍ୟା ୯୩,୪୯୧କୁ ବୃଦ୍ଧି ପାଇଛି।



## ଆଜିର ସୁନା ଦର

ସୁନା ଓ ରୁପା ଦରରେ ନିଆଁ। ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା। ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ୍ୟ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୭୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।

# ନୀଳାଚଳ ଇସ୍ପାତର ସମ୍ପ୍ରସାରଣକୁ ମିଳିଲା ପରିବେଶ ମଞ୍ଜୁରୀ

## ଏନଆଇଏନଏଲ୍ ଉତ୍ପାଦନ କ୍ଷମତା ୪.୮ ଏମଟିପିଏକୁ ବୃଦ୍ଧି ଘଟିବ

## ପ୍ରଦୂଷଣ ଆଶଙ୍କାକୁ ନେଇ ଚିନ୍ତାରେ କଳିଙ୍ଗନଗରବାସୀ



ଯାଜପୁର,୧୬।୩ (ସଂଚାର ବ୍ୟୁରୋ): ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଦେଶର ଇସ୍ପାତ ହବ କୁହାଯାଉଛି । ଯାହାଫଳରେ ନିବେଷକମାନେ କଳିଙ୍ଗନଗର କୁ ମୁହାଁ ଉଛନ୍ତି । ଯାହାକି ଏଠାରେ ଗୋଟିଏ ପରେ ଗୋଟିଏ ପ୍ରାୟ ୧୫ ରୁ ଉର୍ଦ୍ଧ ଛୋଟ ବଡ କାରଖାନା ଗଢି ଉଠିଲାଣି। ହେଲେ ପରିବେଶ ମଞ୍ଜୁରୀ ପାଇଁ ଜନଶୁଣାଣୀ ସମୟରେ କାରଖାନା ସ୍ଥାପନ ବା ସମ୍ପ୍ରସାରଣ ହେଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ର ସୁରକ୍ଷା ପ୍ରତି ପ୍ରଶାସନ ଓ କାରଖାନା ପଦାଧିକାରୀ ଗୁରୁତ୍ୱାରୋପ କରିଥାନ୍ତି। ହେଲେ ପରିବେଶ ମଞ୍ଜୁରୀ ମିଳିବା ପରେ ଦେଇଥିବା ପ୍ରତିଶୃତିକୁ କାରଖାନା ପଦାଧିକାରୀ ଭୁଲିଯାଉଛନ୍ତି ।

କଳିଙ୍ଗନଗର ସମେତ ସାରା ଜିଲାବାସୀ କେବଳ କାରଖାନାର ଧୂଳି ଧୂଆଁ ବା ପ୍ରଦୂଷଣର ଶିକାର ହେବାକୁ ପଡୁଥିବା ନଜିର ରହିଛି। କାରଣ ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧ ଏମଟିପିଏ (ମିଲିୟନ ଟନ) ଥିଲା। ପ୍ରଥମ ପର୍ଯ୍ୟାଳୟରେ ନୀଳାଚଳ କାରଖାନାର ବାର୍ଷିକ ଉତ୍ପାଦନ ୪.୮ ଏମଟିପିଏ କୁ ବୃଦ୍ଧି ଘଟିବ। ତେବେ ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ । ଏଥିପାଇଁ କମ୍ପାନୀ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରୁ ପରିବେଶ ମଞ୍ଜୁରୀ ମିଳିଛି। ଗତ ଜୁଲାଇ ୨୦୨୨ରେ ଟାଟା ଷ୍ଟିଲ୍ ଦ୍ୱାରା ନୀଳାଚଳ କାରଖାନାଟି ଅଧିଗ୍ରହଣ ହୋଇଥିଲା। ଏହି ସମ୍ପ୍ରସାରଣ ଯୋଜନାରେ ଏକ ସମ୍ପୂର୍ଣ୍ଣ ସମନ୍ୱିତ ଇସ୍ପାତ ଉତ୍ପାଦନ ବ୍ୟବସ୍ଥା ନିର୍ମାଣ କରାଯିବ। ଏଥିରେ କୋକ୍ ଓଭନ୍ ଏବଂ ବାଏ-ପ୍ରଡକ୍ଟ ପ୍ଲାଣ୍ଟ, ସିଣ୍ଟର୍ ପ୍ଲାଣ୍ଟ, ଏକ ନୂତନ ବ୍ଲାଷ୍ଟ ଫର୍ଣ୍ଣେସ୍, ରିବାର୍ ମିଲ୍, କଏଲ୍ ମିଲ୍ ଉତ୍ପାଦନ ହେବ ।

ଖୁବ ଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟରେ ଏକ ୱାୟାର୍ ରଡ୍ ମିଲ୍ ପ୍ଲାଣ୍ଟ ସ୍ଥାପନ ହେବ। ଏହା ବ୍ୟତୀତ ଡିସଲଫ୍ୟୁରାଇଜେସନ୍ ୟୁନିଟ୍, ଲାଇମ୍ କ୍ୟାଲସିନେସନ୍ ପ୍ଲାଣ୍ଟ ଏବଂ କାରଖାନା ପାଇଁ ଏକ ସ୍ୱତନ୍ତ୍ର ବିଦ୍ୟୁତ ପ୍ରକଳ୍ପ ମଧ୍ୟ ସ୍ଥାପନ କରିବ। କାରଣ କାରଖାନା ପାଶ୍ୱର୍ବ ବର୍ତ୍ତୀ ଗାଁ ଲୋକେ ଏବେ ୧ ଏମ ଟି ପି ଏ କ୍ଷମତା ଉତ୍ପାଦନ ଯୋଗୁ ପ୍ରଦୂଷଣରେ ଜର୍ଜରିତ ହେଉଥିବା ବେଳେ ଏବେ ପ୍ରଥମ ପର୍ଯ୍ୟାୟରେ ଉତ୍ପାଦନ କ୍ଷମତା ୪.୮ଏମ ଟି ପି ଏ କୁ ବୃଦ୍ଧି ଘଟିବ । ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ସ୍ଥାନୀୟ ଲୋକେ। କାରଣ ଉତ୍ପାଦନ କ୍ଷମତା ବୃଦ୍ଧି ଘଟିଲେ ପରିବେଶ ସୁରକ୍ଷାକୁ କାରଖାନା ପଦାଧିକାରୀ କେତେଦୂର ଧ୍ୟାନ ଦେବେ ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି । କିନ୍ତୁ କାରଖାନା ପଦାଧିକାରୀଙ୍କ କହିବା ହେଲା, କମ୍ପାନୀ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବ । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରେସିପିଟେଟର୍ସ, ସାଇକ୍ଲୋନ୍ ସେପାରେଟର୍ସ, ଡ୍ରାଏ-ଫଗ୍ ସିଷ୍ଟମ୍, ବ୍ୟାଗ୍ ଫିଲ୍ଟର୍ ଏବଂ ଯାନ୍ତ୍ରିକ ଜଳ ସିଞ୍ଚନ ଭଳି ଉନ୍ନତ ପ୍ରଦୂଷଣ ନିରୋଧକ ବ୍ୟବସ୍ଥା କରିବ । ଦ୍ୱିତୀୟ ପର୍ଯ୍ୟାୟରେ କମ୍ପାନୀ ଏହାର ଉତ୍ପାଦନ କ୍ଷମତାକୁ ୯.୫ ଏମଟିପିଏ କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି ।

ଏହି ସମ୍ପ୍ରସାରଣ କଳିଙ୍ଗନଗର ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବବୋଲି ପଦାଧିକାରୀଙ୍କ ଠାରୁ ସୂଚନା ମିଳିଛି ।

# ମହାଦିଆ ବିଦ୍ୟାଳୟକୁ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ କମ୍ପ୍ୟୁଟର ପ୍ରଦାନ



ଢେଙ୍କାନାଳ,୧୬।୩ (ସଂଚାର ବ୍ୟୁରୋ):ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଗୁଣଦେଇ ପଞ୍ଚାୟତ ଅନ୍ତର୍ଗତ ମହାଦିଆ ପ୍ରାଥମିକ ବିଦ୍ୟାଳୟ କୁ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ଗୋଟିଏ କମ୍ପ୍ୟୁଟର ସେଟ୍ ସହିତ ଇନ୍ ଭେଟର ଯୋଗାଇ ଦିଆଯାଇଥିବା ଜଣାପଡିଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ୍ୱିପ୍ରୱର ନାୟକ ଗ୍ରାମ ସଭାପତି ରମେଶ ଲେଙ୍କା,କମ୍ବୁନାଥ ଓ୍ୱରାଳ ଓ ପଦ୍ମଲୋଚନ ଲେଙ୍କା ଙ୍କ ଉପସ୍ଥିତି ରେ ପ୍ରଧାନ ଶିକ୍ଷକ ଟୁଟୁ ପାଣିଗ୍ରାହୀ ଙ୍କୁ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ପରିଚାଳକ ରମଣୀ ରଂଜନ, ବ୍ରଜ ମୋହନ ଦାସ ଓ ଅମିତ୍ କୁମାର ବେହେରା ପ୍ରଦାନ କରିଥିଲେ। ଏଥିପାଇଁ ଗ୍ରାମବାସୀ ତଥା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ରିଲାଏନ୍ସ ଫାଉଣ୍ଡେସନ କୃତଜ୍ଞତା ଜଣାଇଥିଲେ।

# ଡାକ୍ତର ନିଯୁକ୍ତିକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଆନନ୍ଦପୁର,୧୬।୩ (ସଞ୍ଚାର ବ୍ୟୁରୋ): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘଦିନ ଧରି ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀମାନେ ଭୋଗୁଛନ୍ତି ନାନା ସମସ୍ୟା। ଡାକ୍ତରଙ୍କ ପୁନଃ ନିଯୁକ୍ତି ଦାବୀ କରି ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଏକ ଲିଖିତ ଦାବୀପତ୍ର ପ୍ରଦାନ କରାଯାଇଛି। ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଦୀର୍ଘ ଦିନ ଧରି ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ନଥିବାରୁ ଦୁର୍ଘଟଣା ଓ ହାଡ଼ ସମ୍ପର୍କିତ ରୋଗୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ରୋଗୀଙ୍କୁ ବାଧ୍ୟହୋଇ କଟକ କିମ୍ବା କେନ୍ଦୁଝର ମେଡିକାଲକୁ ପଠାଯାଉଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ, ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଆନନ୍ଦପୁର ପ୍ରେସ ଫୋରମ୍ ସଭାପତିଙ୍କ ନେତୃତ୍ୱରେ ଏକ ଦାବୀପତ୍ର ପ୍ରଦାନ କରାଯାଇଛି । ଦାବୀପତ୍ରରେ ଆନନ୍ଦପୁର ମେଡିକାଲରେ ତୁରନ୍ତ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତରଙ୍କ ପୂର୍ଣ୍ଣ ନିଯୁକ୍ତି କରାଯିବା ସହ ଗ୍ୟାଷ୍ଟ୍ରୋଲୋଜିକ ଡାକ୍ତର, ଡାଇବେଟିସ ଡାକ୍ତର ଙ୍କୁ ନିଯୁକ୍ତି ଦାବୀ କରାଯାଇଛି, ଯାହା ଫଳରେ ଏଠାକାର ଲୋକମାନେ ସଠିକ୍ ଚିକିତ୍ସା ସୁବିଧା ପାଇପାରିବେ। ଏହି ଅଭିଯୋଗ ପାଇବା ପରେ ଜିଲ୍ଲାପାଳ ଏହାର ତୁରନ୍ତ ସମାଧାନ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ପରାମର୍ଶ ଦେଇଥିଲେ। ତେବେ ଯଦି ଶୀଘ୍ର ଡାକ୍ତରଙ୍କ ନିଯୁକ୍ତି ହେବନାହିଁ, ତେବେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରାଯିବ ବୋଲି ଫୋରମ୍ ସଭାପତି ସଚେତନ କରାଛନ୍ତି।

# ପ୍ରତାପଶାସନ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ



ବାଲିଅନ୍ତା,୧୬।୩ (ସଂଚାର ବ୍ୟୁରୋ): ପ୍ରତାପଶାସନ ଗ୍ରାମ ପଞ୍ଚାୟତ ସ୍ଥିତ କଲ୍ୟାଣ ମଣ୍ଡପଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଜନିତ "ପଲ୍ଲୀରେ ପ୍ରଶାସନ" କାର୍ଯ୍ୟକ୍ରମ ସକାଳ ୧୧.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ, ଖୋର୍ଦ୍ଧା ଜିଲାପାଳ ଅମୃତ ଋତୁରାଜ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ,ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ,ଉପ-ଜିଲ୍ଲାପାଳ, ଭୁବନେଶ୍ୱର ମନୋରଞ୍ଜନ ସାହୁ , ବାଲିଅନ୍ତା ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ବାଲିଅନ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭାଂଶୁ ଶେଖର ପାଢ଼ୀ, ତହସିଲଦାର ବାଲିଅନ୍ତା ଲିଲନ୍ ପ୍ରସାଦ ସାହୁ, ସାଂସଦ ପ୍ରତିନିଧି ବିଜୟ ମହାରଣା, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ଜିଲ୍ଲା ପରିଷଦ ସଭ୍ଯ, ଜୋନ ନଂ ୧୬, ମହେଶ୍ୱର ଦାସ, ଜିଲ୍ଲା ପରିଷଦ ସଭ୍ୟା, ଜୋନ ନଂ ୧୭ ଶ୍ରୀମତୀ କୁନମୁନ୍ ଲେଙ୍କା,ପ୍ରତାପଶାସନ ଗ୍ରା.ପ.ର ସରପଞ୍ଚ ରିନା ବେହେରା, ପ୍ରତାପଶାସନ ଗ୍ରା.ପ.ର ସମିତି ସଭ୍ଯ ଗଙ୍ଗାଧର ମହାରଣା ଏବଂ ଜିଲ୍ଲା ଓ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଜିର ଅଭିଯୋଗ ଶୁଣାଣୀରେ ସର୍ବମୋଟ ୮୨ ଗୋଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି ।

# ବ୍ରାହ୍ମଣ ସଂଘ ତରଫରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର



ସୁନ୍ଦରଗଡ଼,୧୬।୩ (ସଂଚାର ବ୍ୟୁରୋ): ଓଡିଶା ବ୍ରାହ୍ମଣ ସଂଘ ସୁନ୍ଦରଗଡ଼ ଶାଖା ପକ୍ଷରୁ ଗତକାଲି ଅନୁଷ୍ଠିତ ବ୍ରାହ୍ମଣ ପରିବାର ସମାବେଶରେ ଗୃହୀତ ପ୍ରସ୍ତାବ କ୍ରମେ ସଂଘ କର୍ମକର୍ତ୍ତା ସୋମବାର ସୁନ୍ଦରଗଡ଼ ଜିଲ୍ଲାପାଳଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସଂଘର ସଭାପତି ଗୌରହରି ଠାକୁର, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ମନୋଜ ପଣ୍ଡା, ପୁଷ୍ପାଞ୍ଜଳି ପୁରୋହିତ, ଗାୟତ୍ରୀ ପଣ୍ଡା ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ମାନ୍ୟବର ପ୍ରଧାନମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ, ୟୁଜିସି ନିୟମକୁ ପ୍ରତ୍ୟାହାର କରିବା ପାଇଁ ଦାବି ଜଣେଇବା ସହିତ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ଆବାସିକ ସଂସ୍କୃତ ବିଦ୍ୟାଳୟ ସ୍ଥାପନ ପାଇଁ ଦାବୀ ରଖିଛନ୍ତି ଓ ସେହିପରି ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବି ପତ୍ରରେ ଓଡ଼ିଶାରେ ଇ.ଡବ୍ଲ୍ୟୁ.ଏସ ଆଇନ ଲାଗୁ କରିବା, ପ୍ରତ୍ୟେକ ଗାଁ ରେ ଭାଗବତ ଘର ନିର୍ମାଣ ସହିତ ଜଣେ ବ୍ୟାଖ୍ୟାକାରଙ୍କୁ ନିଯୁକ୍ତି ଦେବା, ବ୍ରାହ୍ମଣ କଲ୍ୟାଣ ନିଗମ ଗଠନ, ପୂଜକ ଏବଂ ପୁରୋହିତ କର୍ମ କରୁଥିବା ବ୍ୟକ୍ତିଙ୍କୁ ପ୍ରତିମାସରେ ସର୍ବନିମ୍ନ ୫ ହଜାର ଟଙ୍କା ପ୍ରଦାନ କରିବା, ଗରିବ ବ୍ରାହ୍ମଣଙ୍କୁ ପୁତ୍ର ସନ୍ତାନଙ୍କ ବ୍ରତୋପନୟନ ଖର୍ଚ୍ଚ ୫୦ ହଜାର ଟଙ୍କା ପ୍ରଦାନ, ପ୍ରତି ଜିଲ୍ଲାରେ ଗୁରୁକୁଳ ସ୍ଥାପନ, ପ୍ରତି ବ୍ଲକରେ ଗୋଶାଳା ନିର୍ମାଣ, ମଠ ମନ୍ଦିରର ଆବଶ୍ୟକ ରକ୍ଷଣାବେକ୍ଷଣ ତଥା ଦେବୋତ୍ତର ସମ୍ପତ୍ତିକୁ ବଂଶାନୁକ୍ରମେ ଉତ୍ତର ପିଢ଼ିକୁ ହସ୍ତାନ୍ତର ଆଦି ସାତ ଦଫା ଦାବୀ ପ୍ରଦାନ କରିଛନ୍ତି ।

# ଜିଲ୍ଲାରେ ମିଳୁନି ଏଲପିଜି ସିଲିଣ୍ଡର: ଜିଲ୍ଲାପାଳଙ୍କ ସ୍ଥିତି ସମୀକ୍ଷା



ଯାଜପୁର, ୧୬।୩ (ସଂଚାର ବ୍ୟୁରୋ): ଜିଲ୍ଲାରେ ଏଲପିଜି ଗ୍ୟାସ ସିଲିଣ୍ଡର ମିଳୁନି । ଗ୍ୟାସ ବିତରଣରେ ବ୍ୟାପକ ଅନିୟମିତତା ହେଉଛି। ସାରା ଜିଲାରେ ଏଭଳି ଚର୍ଚ୍ଚା ଜୋର ଧରିଛି। ଯାହାଫଳରେ ଚେଇଁ ଶୋଉଥିବା ପ୍ରଶାସନ ଏବେ ଏହାର ସୁଧାର ଆଣିବା ପାଇଁ ଅଣ୍ଟା ଭିଡ଼ିଛି। ଯାହାଫଳରେ ବିତରଣ ସମସ୍ୟା ଏବଂ ଏଲପିଜି ସିଲିଣ୍ଡର ସ୍ଥିତିର ସମୀକ୍ଷା କରିଛନ୍ତି ଜିଲ୍ଲାପାଳ ଅମ୍ବର କୁମାର କର।

ଯାଜପୁର ଜିଲ୍ଲାରେ ପ୍ରାୟ ୩ ଲକ୍ଷ ୭୭ ହଜାରରୁ ଅଧିକ ଉପଭୋକ୍ତା ଅଛନ୍ତି। ଏଲପିଜି ସିଲିଣ୍ଡର ବିତରଣ ଯେଭଳି ସୁରୁଖୁରୁରେ ହୋଇପାରିବ, ସେ ନେଇ ଜିଲ୍ଲାପାଳ ଶ୍ରୀ କର ବିଭାଗୀୟ ଅଧିକାରୀ ଏବଂ ଗ୍ୟାସ ବିତରକମାନଙ୍କ ସହ ଆଲୋଚନା କରିଥିଲେ। ନିକଟରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ତୈଳ ଓ ଗ୍ୟାସ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏଲପିଜି ଗ୍ୟାସ ଅଭାବ ନେଇବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରସାର । ପରେ, ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି । ଏପରିକି ନ ମିଳିବା ଆଶଙ୍କାରେ ଲୋକମାନେ ଆଗୁଆ ଗ୍ୟାସ ସିଲିଣ୍ଡର ବୁକିଙ୍ଗ କରିବାଭଳି ଘଟଣା ଦେଖାଆଯାଇଥିଲା । ଆଲୋଚନା ସମୟରେ ଅଧିକ ସଂଖ୍ୟକ ବୁକିଙ୍ଗ ଯୋଗୁଁ ସିଷ୍ଟମ ସର୍ଭର ଉପରେ ଚାପ ପଡ଼ିବା, ଇ- କେୱାଇସି ଏବଂ ଓଟିପି ଡେଲିଭରୀ ବ୍ୟବସ୍ଥା ପାଇଁ ସମସ୍ୟା ଉପୁଜିଥିଲା ବୋଲି ଗ୍ୟାସ ବିତରକ ସଂସ୍ଥାମାନେ ଜଣାଇଥିଲେ। ଏବେ ଏହାର ସୁଧାର ଆସିଛି ବୋଲି ସେମାନେ କହିଛନ୍ତି।

ଏହି ସମୀକ୍ଷା ବୈଠକରେ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଦିଲ୍ଲୀପ କୁମାର ପାଣିଗ୍ରାହୀ, ଅତିରିକ୍ତ ଯୋଗାଣ ଅଧିକାରୀ, ଏମଆଇ, ଓଏଲ୍ କମ୍ପାନୀର ସେଲ୍ସ ଅଫିସର, ଗ୍ୟାସ ରିଟେଲର୍ ଏବଂ ବିତରକମାନେ ସାମିଲ ଥିଲେ ।

# ଜନଗଣନା କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ




ନବରଙ୍ଗପୁର,୧୬।୩ (ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜନଗଣନା କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଡ ମହେଶ୍ୱର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନଗଣନା କାର୍ଯ୍ୟକୁ କିଭଳି ସୁଚାରୁ ରୂପେ ପରିଚାଳନା କରାଯିବ ତା ଉପରେ ଉପସ୍ଥିତ ସମସ୍ତ ତାଲିମଦାତାଙ୍କୁ ମାର୍ଗଦର୍ଶନ କରିଥିଲେ।

ଏହି ପ୍ରଶିକ୍ଷଣ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ବିଶ୍ୱଜିତ ଚନ୍ଦ୍ର ବର୍ମନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ,ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ଜନଗଣନା ଅଧିକାରୀ ପ୍ରକାଶ କୁମାର ମିଶ୍ର, ତହସିଲଦାର ତେନ୍ତୁଳିଖୁଣ୍ଟି ତଥା ପ୍ରମୁଖ ତାଲିମଦାତା ପୁଷ୍ପାଞ୍ଜଳି ଦଣ୍ଡପାଟ, ତହସିଲଦାର ଉମରକୋଟ ତଥା ପ୍ରମୁଖ ତାଲିମ ଦାତା ମାଧବନ ବାଗ, ଡେପୁଟୀ କଲେକ୍ଟର ନିବେଦିତା ଶତପଥୀ,ସହକାରୀ ଜିଲ୍ଲାପାଳ ଶିବ ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୋଟ ୩୬ ଜଣ କ୍ଷେତ୍ର ପ୍ରଶିକ୍ଷକ ଉପସ୍ଥିତ ଥିଲେ।ସୁଚନା ଅନୁସାରେ ଆସନ୍ତା ଏପ୍ରିଲ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ମୋବାଇଲ ଆପ ଜରିଆରେ ଜନ ସାଧାରଣ ୩୩ଟି ପ୍ରଶ୍ନର ସ୍ୱୟଂ ଜନଗଣନା ତଥ୍ୟ ପ୍ରଦାନ କରିବେ ଏବଂ ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟଂତ ଘରକୁଘର ଯାଇ ଜନ ଗଣନାକାରୀ ତଥ୍ୟ ସଂଗ୍ରହ କରିବେ।

ଆଜି ପ୍ରଶିକ୍ଷଣ ସମୟରେ ବିଶେଷ କରି ଜନଗଣନା ସମ୍ପର୍କିତ ତଥ୍ୟ ସଂଗ୍ରହ,ସଠିକ୍ ଲେ ଆଉଟ୍ ମ୍ୟାପ୍ ପ୍ରସ୍ତୁତି, ମୋବାଇଲ୍ ଆପ ରେ ଜନଗଣନା ସମ୍ପର୍କିତ ତଥ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ କିଭଳି ନିର୍ଭୁଲ ତଥ୍ୟ ଅପଲୋଡ଼ କରାଯାଇପାରିବ,ସେ ନେଇ ପ୍ରଶିକ୍ଷକଙ୍କୁ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା।ଆଜି ଶେଷ ଦିନ ତାଲିମ କାର୍ଯ୍ୟକ୍ରମ ପରେ ପ୍ରଶିକ୍ଷକ ମାନେ କ୍ଷେତ୍ର ପରିଦର୍ଶନ କରି ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବା ସହ ବାସ୍ତବ ସ୍ଥିତିରେ ଆସୁଥିବା ସମସ୍ୟାର ସମାଧାନ ଶିଖିଥିଲେ।

# ମହିଳା ପ୍ରଫେସରଙ୍କୁ ନିର୍ଯ୍ୟାତନା

## ପରିଚାଳନା ପରିଷଦ ସଭାପତିଙ୍କ ନିକଟରେ ଅଭିଯୋଗ

କେନ୍ଦ୍ରାପଡ଼ା,୧୬।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ଜଣେ ମହିଳା ପ୍ରଫେସରଙ୍କୁ ଅନ୍ୟ ଜଣେ କନିଷ୍ଠ ଅଧ୍ୟାପକ ଅସାମ୍ବିଧାନିକ ଶବ୍ଦ ବ୍ୟବହାର କରିବା ସହ ମାନସିକ ନିର୍ଯ୍ୟାତନା ଦେଇଥିବା ସଂପୃକ୍ତ ମହିଳା ପ୍ରଫେସର ଜଣକ ମହାବିଦ୍ୟାଳୟର ପରିଚାଳନା ପରିଷଦ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ନିକଟରେ ଅଭିଯୋଗ କରିଛନ୍ତି । ପ୍ରଫେସର ଜଣକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ମହାବିଦ୍ୟାଳୟର ଜଣେ କନିଷ୍ଠ ଅଧ୍ୟାପକ ଅଚ୍ୟୁତାନନ୍ଦ ମହାରଣା ତାଙ୍କୁ ତୃତୀୟ ଶ୍ରେଣୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସମ୍ମୁଖରେ ଅସୌଜନ୍ୟ ବ୍ୟବହାର କରିଛନ୍ତି । ଯାହା ତାଙ୍କୁ ମାନସିକ ନିର୍ଯ୍ୟାତନା ଦେଇଛି ।

ଏ ନେଇ ସେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ତତକ୍ଷଣାତ ଲିଖିତ ଭାବରେ ଜଣାଇଥିଲେ । ହେଲେ ଏଥିରେ ସଂପୃକ୍ତ କନିଷ୍ଠ ଅଧ୍ୟାପକ ଜଣଙ୍କ ଅତ୍ୟଧିକ କ୍ରୋଧିତ ଓ ଉତକ୍ଷିପ୍ତ ହୋଇ କଲେଜ ଅଧ୍ୟକ୍ଷକଙ୍କ ଚାମ୍ବରରେ ତାଙ୍କୁ ଅଧିକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାଦ୍ୱାରା ସେ ମାନସିକ ଭାବେ ନିର୍ଯ୍ୟାତିତ ହୋଇଛନ୍ତି। ଏପରିକି +୨ ପରୀକ୍ଷାକୁ ବନ୍ଦ କରିଦେବେ ବୋଲି ମଧ୍ୟ ସେହି କନିଷ୍ଠ ଅଧ୍ୟାପକ ଜଣଙ୍କ ଅଭଦ୍ରୋଚିତ ଭାଷାରେ ଧମକ ଦେଇଥିଲେ । ସଂପୃକ୍ତ ପିଡିତା ପ୍ରଫେସର ଜଣକ +୨ ପରୀକ୍ଷାର ଡେପୁଟୀ ସୁପରିନ୍‌ଟେଣ୍ଡେ୍ ଦାୟିତ୍ୱରେ ଥିଲେ । ଏ ସଂକ୍ରାନ୍ତରେ ମହିଳା ପ୍ରଫେସର ଜଣକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଶା।ନ୍ତନୁ କୁମାର ଜେନାଙ୍କୁ ଜଣାଇଥିଲେ । କିନ୍ତୁ ସେ ଏହାକୁ ଅତ୍ୟନ୍ତ ହାଲୁକା ଭାବେ ଗ୍ରହଣ କରିବାରୁ ମହିଳା ପ୍ରଫେସର ଜଣକ ବାଧ୍ୟହୋଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଓ ପରିଚାଳନା ପରିଷଦ ସଭାପତିଙ୍କୁ ଜଣାଇଥିଲେ। ଏଥିସହ ମହିଳା ପ୍ରଫେସର ଜଣଙ୍କ ମହାବିଦ୍ୟାଳୟର ଆଭ୍ୟନ୍ତରିଣ କମିଟି ଆବାହକଙ୍କୁ ମଧ୍ୟ ସଂପୃକ୍ତ କନିଷ୍ଠ ଅଧ୍ୟାପକ ଜଣକ ତାଙ୍କୁ ବାରମ୍ବାର ମାନସିକ ନିର୍ଯ୍ୟାତନା ଦେଉଥିବା ତାଙ୍କ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ତେଣୁ ସଂପୃକ୍ତ ଅଧ୍ୟାପକଙ୍କ ବିରୋଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସେ ନିବେଦନ କରିଛନ୍ତି ।

ଏ ସଂକ୍ରାନ୍ତରେ ପରିଚାଳନା ପରିଷଦ ସଭାପତି ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ଯୋଗାଯୋଗ କରାଯାଇଥିଲେବି ତାହା ସମ୍ଭବ ହୋଇପାରିନାହିଁ ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା




ମହାକାଳପଡା,୧୬।୩ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାଜଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ କ୍ରୀଡା ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦଳାଇ ଯୋଗଦେଇ କାର୍ଯ୍ୟକ୍ରମଟିକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏବିଇଓ ବିଚିତ୍ରାନନ୍ଦ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭିନ୍ନକ୍ଷମ ପିଲା ଓ ସେମାନଙ୍କର ଅଭିଭାବକମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇଁ ପ୍ରେରଣାଦାୟୀ ପରାମର୍ଶ ଦେଇଥିଲେ। ବ୍ଲକ ସମ୍ବଳ ଶିକ୍ଷକ ଶ୍ରୀଧର କୁମାର ଭୋଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟକାନ୍ତ ରାଉତ, ସିଆରସିସି ନିଳେନ୍ଦ୍ରି ପାଇଟାଳ, ରାଜଗଡ ସରପଞ୍ଚ ମମତା ସାମଲ, ଶିକ୍ଷକ ନଟବର ସାହୁ, ରାଜେଶ ଜେନା,ବିଆରଟି ଗୀତାଞ୍ଜଳି ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପିଲାମାନଙ୍କ ମଧ୍ୟରେ ନୃତ୍ୟ,ସଂଗୀତ, ଚିତ୍ରାଙ୍କନ,ମ୍ୟୁଜିକ ଚେଆର, ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମଧୁସ୍ମିତା ମଲ୍ଲିକ, ସତୀଶ ରାଉତରାୟ, ଜୟନ୍ତୀ ଖଟୁଆ, ଅଜୟ ରାଉତ, ଚାମଲିନ ନାୟକ, ଅମିୟବାଳା ବିଦ୍ୟାର୍ଥୀ, ସିପ୍ରା ଜେନା, ରବୀନ୍ଦ୍ର ସାମଲ, ମାମିନା ମଲ୍ଲିକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପୂର୍ବତନ ସିଆରସିସି ଅଚ୍ୟୁତ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ଜିଲ୍ଲାସ୍ତରୀୟ ମହିଳା ପାଠଚକ୍ର କାର୍ଯ୍ୟକ୍ରମ



ନବରଙ୍ଗପୁର/ଡାବୁଗାଁ,୧୬।୩ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ସ୍ତରୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସୋମ୍ମିଳନି ଡାବୁଗାଁ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି ଏ ଥି ରେ ସମଗ୍ରୋ ଜିଲ୍ଲା ର ପ୍ରତି ଟି ବ୍ଲକ ରୁ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଦରସୋନ ଅନୁରାଗି ମାତୃ ପ୍ରେମୀ ଭାଇ ଓ ଅପା ମାନେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ. ଉକ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରି ଥିଲେ ଉମରକୋଟ ଶ୍ରୀଅରବିନ୍ଦ ପାଠଚକ୍ର ର ମଧୁସ୍ମିତା ଅପା ଶ୍ରୀମାଙ୍କନେଇ ବଞ୍ଚିବା ବିଷୟ ରେ ଆଲୋଚନା କରିଥିଲେ ରାଇଘର ର ସୋସ୍ମିତା ଅପା.।ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଧରାବିତରଣର ଉଦାସ୍ୟ ସମ୍ପର୍କ ରେ ଆଲୋକ ପାତୋ କରିଥିଲେ ଉମରକୋଟ ମହିଳା ପାଠଚକ୍ର ର ରୋସ୍ମିତା ଅପା, ଚେତନାର ଅଭିଯାତ୍ରା ସମ୍ପର୍କ ରେ ଆଲୋଚନା ରଖିଥିଲେ ଦେବେନ୍ଦ୍ର ଭାଇ ପରିସେସୋ ରେ ଇନ୍ଦ୍ରାବତୀ ର ସଂଗୀତା ଅପା, ସୋମଗ୍ରୋ ଆଲୋଚନା ର ବିଷୟରେ ବୁଝାଇ ଥିଲେ। ମଣ୍ଡଳ ସଂଯୋଯୋଗ ସୁରସ ମିଶ୍ରୋ ସାଙ୍ଗଥୋଲିକ ଆଲୋଚନା କରି ଥିଲେ। ଡାବୁଗାଁ ର ରାଜା ଭାଇ ଶୋଇଲବାଳା ଅପା, ନିତ୍ୟାନନ୍ଦ ଭାଇ ଓ ମୋଲୟ ଭାଇ ପରିବାର ଏଥିରେ ସହଯୋଗ କରି ଥିଲେ.।ଡାବୁଗାଁ ର ମୁଥରାନନ୍ଦ ରାଉତ ଙ୍କର ମହାନ ଯୁଦ୍ୟୋମୋ ଫଳ ରେ ଏହି ଆଧ୍ୟାତ୍ମିକ ସତସଂଗ ସଫଳ ହୋଇଥିଲା. ଡାବୁଗାଁର ଅବନିତ ମାତୃ ପ୍ରେମି କାର୍ଯ୍ୟକ୍ରମ ରେ ଭାଗ ନେଇ ଉତ୍ସାହିତ ହୋଇଥିଲେ।

# ବିଂଝାରପୁର ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର




ଯାଜପୁର,୧୬।୩ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବିଂଝାରପୁର ବ୍ଲକ୍ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ।

ମୋଟ ୧୦୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୦୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୧ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୦୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା।

ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଶ୍ରୀ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାଏକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଦେବୀପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଂଝାରପୁର ଶ୍ରୀ ଆକାଶ ପଟ୍ଟନାୟକ, ତହସିଲଦାର ବିଂଝାରପୁର କାବେରୀ ମୁଦୁଲି ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# କନିଷ୍ଠ ରେଡକ୍ରସ ଅଣତାଲିମପ୍ରାପ୍ତ କାଉନସେଲରଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବୈଶିଙ୍ଗା,୧୬।୩ (ସଂଚାର ବ୍ୟୁରୋ): ରାଜ୍ୟ ସ୍ତରୀୟ କନିଷ୍ଠ ରେଡକ୍ରସ ଅଣ ତାଲିମପ୍ରାପ୍ତ କାଉନସେଲରଙ୍କ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ମୟୂରଭଞ୍ଜ ଜିଲ୍ଲା ଆନୁକୂଲ୍ୟରେ ବେତନଟୀ ବ୍ଲକ ଅନ୍ତର୍ଗତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଉଦଘାଟିତ ହୋଇଯାଇଛି । ଏହି ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିରକୁ ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପୁଳ କର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ରେଡକ୍ରସର ମୂଳ ମନ୍ତ୍ର ବିଷୟରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ରେଡ଼କ୍ରସ୍‌ର ରାଜ୍ୟର ବରିଷ୍ଠ ସାଧନ କର୍ମୀ ବାମନ ଚରଣ ମହାନ୍ତି, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଯୋଗ ଦେଇ ରେଡ୍‌କ୍ରସ୍‌ର ଉଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଭଦ୍ରକ ଜିଲ୍ଲାର ବରିଷ୍ଠ ସାଧନ କର୍ମୀ ସୋମନାଥ ନାୟକ,ଜିଲ୍ଲା ଓଷ୍ଟାର ସଭାପତି ଚିତ୍ତ ରଞ୍ଜନ ପଳତା, ପ୍ରାଥମିକ ଚିକିତ୍ସା ସାଧନ ପ୍ରଶିକ୍ଷକ ସତ୍ୟ ନାରାୟଣ ଦାଶ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ମୂଲ୍ୟବାନ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମକୁ ବରିଷ୍ଠ ସାଧନ କର୍ମୀ ଉମାକାନ୍ତ ବେହେରା ସଂଯୋଜନା କରିଥିଲା ବେଳେ ଜିଲ୍ଲା ଜୁନିୟର ରେଡ୍ କ୍ରସ୍ ଅଧିକାରୀ ସ୍ମୃତି ରଞ୍ଜନ ପାଣି ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଉକ୍ତ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ନିରଞ୍ଜନ ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ହରିଶ ଚନ୍ଦ୍ର ରାଉତ, ପଙ୍କଜ ବେହେରା , ପ୍ରଦୀପ ଚୌଧୁରୀ, ହରେକୃଷ୍ଣ ମହାନ୍ତ ,ତରଣୀ କାନ୍ତ ମହାନ୍ତ, ଶୁଇବନ୍ତ ନାଏକ , ବଂଶୀଧର ଗିରି ଓ ଶୁଭାଶିଷ ପଣ୍ଡା ସହଯୋଗ କରିଥିଲେ ।

SANCHAR
ସଂଚାର ମଙ୍ଗଳବାର ୧୭ ମାର୍ଚ୍ଚ ୨୦୨୬
ସ୍ୱାସ୍ଥ୍ୟ

# ଗ୍ରୀଷ୍ମଋତୁରେ ଖାଆନ୍ତୁ ପନିପରିବା



ପ୍ରତ୍ୟେକ ଋତୁରେ ପ୍ରଚୁର ପରିମାଣରେ ପନିପରିବା ଆପଣଙ୍କ ଖାଦ୍ୟରେ ସାମିଲ କରିବା ଉଚିତ। କାରଣ ଏହା ପୁଷ୍ଟିକର ଅଭାବକୁ ପୂରଣ କରିବାରେ ସାହାଯ୍ୟ କରେ। ଋତୁକାଳୀନ ପନିପରିବା ବିଶେଷ ଭାବରେ ଲାଭଦାୟକ ଏବଂ ପ୍ରାୟତଃ ଅଧିକ ସ୍ୱାଦିଷ୍ଟ। ଋତୁକାଳୀନ ପନିପରିବା ଖାଇବା ଦ୍ୱାରା ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ, ଆପଣଙ୍କୁ ଋତୁକାଳୀନ ରୋଗରୁ ରକ୍ଷା କରେ। ଗ୍ରୀଷ୍ମ ଋତୁରେ, ଶରୀରକୁ କେବଳ ପୁଷ୍ଟିକର ନୁହେଁ, ହାଇଡ୍ରେଟେଡ୍ ରହିବା ଆବଶ୍ୟକ। ଏହି କାରଣରୁ କେବଳ ପାଣି ନୁହେଁ, ବରଂ ରସାଳ ଫଳ, ରସ, ବଟର ମିଲ୍କ ଏବଂ ନଡ଼ିଆ ପାଣି ମଧ୍ୟ ପିଇବା ଉଚିତ। ଗ୍ରୀଷ୍ମ ଋତୁରେ ଆପଣଙ୍କ ଶରୀରର ହାଇଡ୍ରେସନ୍ ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରୁଥିବା ପନିପରିବା ବିଷୟରେ ଜାଣନ୍ତୁ।

ଗ୍ରୀଷ୍ମ ଋତୁରେ ପର୍ଯ୍ୟାପ୍ତ ଜଳୀୟ ଅଂଶ ବଜାୟ ରଖିବା ଅତ୍ୟନ୍ତ ଜରୁରୀ। ଯଦି ତରଳ ପଦାର୍ଥ ସନ୍ତୁଳନ ପର୍ଯ୍ୟାପ୍ତ ନ ଥାଏ, ତେବେ ଥକ୍କାପଣ ଏବଂ ମୁଣ୍ଡ ବୁଲାଇବା ଭଳି ସମସ୍ୟା ଦେଖାଦେଇପାରେ। ଋତୁକାଳୀନ ପନିପରିବା କେବଳ ଭିଟାମିନ୍ ଏବଂ ଖଣିଜ ଅଭାବ ପୂରଣ କରିବାରେ ସାହାଯ୍ୟ କରେ ନାହିଁ ବରଂ ହିଟ୍ ଓ୍ୱେଭରୁ ରକ୍ଷା କରିବାରେ ମଧ୍ୟ ସାହାଯ୍ୟ କରେ। ତେଣୁ, ଆସନ୍ତୁ ଜାଣିବା ପୁଷ୍ଟିସାର ଏବଂ ପାଣିରେ ଭରପୂର ପନିପରିବା ବିଷୟରେ।

ଖାଆନ୍ତୁ କାକୁଡି଼ଃଗ୍ରୀଷ୍ମ ଋତୁରେ ଆପଣ ନିଶ୍ଚିତ ଭାବରେ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ କାକୁଡ଼ି ସାମିଲ କରିବା ଉଚିତ, କିନ୍ତୁ ଏହାକୁ କିଣିବା ସମୟରେ ମନେ ରଖନ୍ତୁ ଯେ ସ୍ଥାନୀୟ କାକୁଡ଼ି ପ୍ରକାର ଭଲ। USDA ଅନୁଯାୟୀ , ପ୍ରାୟ ୧ କାକୁଡ଼ିରେ ୨୮୭ ଗ୍ରାମ ପାଣି ଥାଏ। ଏହା ଭିଟାମିନ୍ ସି, ଫାଇବର, ପୋଟାସିୟମ୍ ଏବଂ ଭିଟାମିନ୍ କେ ର ଏକ ଭଲ ଉତ୍ସ। ଏହିପରି ଆପଣ କାକୁଡ଼ିକୁ ଆପଣଙ୍କ ଖାଦ୍ୟର ଏକ ଅଂଶ କରିପାରିବେ। ଗ୍ରୀଷ୍ମ ଋତୁରେ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ଲେଟୁସ୍ ମଧ୍ୟ ସାମିଲ କରିପାରିବେ। ଏହାକୁ "ସାଲାଡ୍ ପତ୍ର" ମଧ୍ୟ କୁହାଯାଏ। ଏହାକୁ ଘରେ ଚାଷ କରିବା ଗ୍ରୀଷ୍ମ ଋତୁ ପାଇଁ ଆହୁରି ଲାଭଦାୟକ। ୧୦୦ ଗ୍ରାମ ଲେଟୁସ୍ ରେ ୯୫ ଗ୍ରାମ ପାଣି ଥାଏ।

ଲାଉ ଃ ଆପଣ ଆପଣଙ୍କ ଖାଦ୍ୟରେ ଲାଉ ଅନ୍ତର୍ଭୁକ୍ତ କରିପାରିବେ। ଏହାର ତରକାରୀ ବନାଯାଏ ଯାହା ବେଶ୍ ସ୍ୱାଦିଷ୍ଟ ହୋଇଥାଏ। ଆମେରିକାର କୃଷି ବିଭାଗ ଅନୁଯାୟୀ , ୧୦୦ ଗ୍ରାମ କଞ୍ଚା ଲାଉରେ ୯୬.୧ ଗ୍ରାମ ପାଣି ଥାଏ।

ଟମାଟୋଃଗ୍ରୀଷ୍ମ ଋତୁରେ ଆପଣ ଟମାଟୋକୁ ତରକାରୀ ଭାବରେ କିମ୍ବା କଞ୍ଚା ସାଲାଡ ଭାବରେ ଖାଇପାରିବେ। ଏଥିରେ ଭିଟାମିନ ସି ଏବଂ ଲାଇକୋପିନ ପ୍ରଚୁର ପରିମାଣରେ ଥାଏ। ଏଥିରେ ପୋଟାସିୟମ ମଧ୍ୟ ଯଥେଷ୍ଟ ପରିମାଣରେ ଥାଏ। ହେଲଥଲାଇନ୍ ଅନୁଯାୟୀ , ୧୦୦ ଗ୍ରାମ ଟମାଟୋରେ ୯୫ ପ୍ରତିଶତ ପାଣି ଥାଏ।

ପିଆଜ ଃ ଗ୍ରୀଷ୍ମ ଋତୁରେ ଆପଣ କଞ୍ଚା ପିଆଜକୁ ସାଲାଡ ଭାବରେ ମଧ୍ୟ ଖାଇପାରିବେ। ଯଦିଓ ଏହା ସବୁ ଋତୁରେ ଖିଆଯାଏ, କିନ୍ତୁ ଗ୍ରୀଷ୍ମ ଋତୁରେ ଏହାକୁ ବିଶେଷ ଲାଭଦାୟକ ବୋଲି ବିବେଚନା କରାଯାଏ କାରଣ ଏହା ଗରମ ଷ୍ଟ୍ରୋକରୁ ରକ୍ଷା କରିବାରେ ସାହାଯ୍ୟ କରେ। ୧୦୦ ଗ୍ରାମ ପିଆଜରେ ୮୯.୧ ଗ୍ରାମ ପାଣି ଥାଏ। ସେହିପରି ଗ୍ରୀଷ୍ମ ଋତୁରେ ଟିଣ୍ଡା, କଖାରୁ ଏବଂ କଖାରୁ ପରି ପନିପରିବା ଆପଣଙ୍କ ଖାଦ୍ୟରେ ସାମିଲ କରିବା ଉଚିତ। ଏହି ଋତୁକାଳୀନ ପନିପରିବା ଆପଣଙ୍କ ହଜମ ପାଇଁ ଭଲ ଏବଂ ପୁଷ୍ଟିକର ତତ୍ତ୍ୱ ଏବଂ ପାଣିରେ ମଧ୍ୟ ଭରପୂର।



# ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାକୁ ଚାହୁଁଛନ୍ତି କି ?

ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମ ଶରୀର ଅଧିକାଂଶ ସମୟ ରୋଗାକ୍ରାନ୍ତ ରହିବାର ଆଶଙ୍କା ରହିଛି। ତେବେ ଏହାକୁ ସନ୍ତୁଳିତ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ଯଦି ଆପଣଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିଲା, ତେବେ ତାହାର ସୁପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି ଉପରେ ପଡ଼ିଥାଏ। ଆଉ କେତୋଟି ବିଷୟ ପ୍ରତି ଯଦି ଜଣେ ସଚେତନ ରୁହନ୍ତି, ତେବେ ଏହା ମଧ୍ୟ ଦୃଢ଼ ରହିଥାଏ। ପ୍ରଥମ କଥା ହେଲା ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଭାତ, ଡାଲି, କ୍ଷୀର, ଛେନା, ଚିନାବାଦାମ, ସୋୟାବିନ, ଶାଗ, ସବୁଜ ପନିପରିବା, ଫଳମୂଳ, ମାଛ, ମାଂସ ଏବଂ ଅଣ୍ଡା ଖାଆନ୍ତୁ। ଆଉ ଏକ କଥା ହେଲା ବ୍ୟାୟାମ। ଏହାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।

# ଅଧିକ ଚା’ ପିଇଲେ ଅମ୍ଳ ବୃଦ୍ଧି ପାଏ



ଚା’ ଓ କଫି ଅମ୍ଳୀୟ। ତେଣୁ ଖାଲି ପେଟରେ ଏହାକୁ ପିଇଲେ ଅମ୍ଳ ବୃଦ୍ଧି ପାଇଥାଏ। ସକାଳେ ପାକସ୍ଥଳୀ ଭିତରେ କୌଣସି ଖାଦ୍ୟ ନ ଥାଏ। ବିଶେଷକରି ଖାଲି ପେଟରେ ଚା’ ପିଇଲେ ପାକସ୍ଥଳୀରୁ ଅମ୍ଳ କ୍ଷରଣ ବଢ଼ିଯାଏ। ଚା’ରେ ରହିଥାଏ ସାମାନ୍ୟ ପରିମାଣର ନିକୋଟିନ୍, ଯାହା ଆସକ୍ତି ସୃଷ୍ଟିର କାରଣ ହୋଇପାରେ। ଏହାବ୍ୟତୀତ ଖାଲି ପେଟରେ ଗ୍ରୀନ୍ ଚା’ ପିଇଲେ ସେଥିରେ ଥିବା କାଟେଚିନ୍ ତତ୍ତ୍ୱ ଯୋଗୁ ଯକୃତ ଉପରେ କୁପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ସକାଳେ ଖାଲିପେଟରେ ଚା’ କି କଫି ପିଇବା ଆଦୌ ନିରାପଦ ନୁହେଁ। ବରଂ ସକାଳୁ ଉଠି ଗିଲାସେ ପାଣି ପିଇ ସାରି ଫଳଟିଏ ଖାଇନେବା ପରେ ୧୫ ରୁ ୨୦ ମିନିଟ୍ ପରେ ଚା’ ପିଇହେବ। ଚା’ ସହ ବିସ୍କୁଟ୍ କି ସାମାନ୍ୟ ଜଳଖିଆ ଖାଇଲେ ତାହା ଅପେକ୍ଷାକୃତ ନିରାପଦ। ଖାଇସାରିବାର ଘଣ୍ଟାଏ ଦୁଇଘଣ୍ଟା ପରେ ଚା’ କିମ୍ବା କଫି ନିରାପଦରେ ପିଆଯାଇପାରେ।

# ଟାଇଟ୍ ଜିନ୍ସ ରକ୍ତ ପ୍ରବାହକୁ କମ୍ କରେ



ବର୍ତ୍ତମାନର ଦୁନିଆରେ ପ୍ରାୟ ସମସ୍ତେ ଜିନ୍ସ ପେଣ୍ଟ୍ ପରିଧାନ କରିଥାନ୍ତି। ପୁରୁଷ ହୁଅନ୍ତୁ ବା ମହିଳା ସମସ୍ତେ ଜିନ୍ସ ପିନ୍ଧିବାକୁ ପସନ୍ଦ କରନ୍ତି। ଏମିତିକି ସମସ୍ତଙ୍କ ପାଖରେ ଏକରୁ ଅଧିକ ଜିନ୍ସ ରହିବା ଏବେ ଏକ ସାଧାରଣ କଥା। ତେବେ ଆପଣ ଦେଖିଥିବେ ପୁରୁଷଙ୍କ ଅପେକ୍ଷା ମହିଳା ଅଧିକ ଟାଇଟ୍ ଜିନ୍ସ ପିନ୍ଧିବାକୁ ପସନ୍ଦ କରିଥାନ୍ତି। ଏହା ଆରାମଦାୟକ ହୋଇନଥିଲେ ମଧ୍ୟ ନିଜକୁ ଫ୍ୟାସନେବଲ ଏବଂ ସୁନ୍ଦର ଦେଖାଇବା ପାଇଁ ସେମାନେ ଏହାକୁ ପିନ୍ଧିଥାନ୍ତି। ତେବେ ଟାଇଟ ଜିନ୍ସ ପିନ୍ଧୁଥିବା ମହିଳାଙ୍କ ପାଇଁ ଖାସ ଏହି ଖବର। ଏହା ଦ୍ୱାରା ଚର୍ମ ଜନିତ ରୋଗ ହେବା ସହ ରକ୍ତ ପ୍ରଭାବ ଠିକ୍ ହୋଇନଥାଏ। ଆପଣଙ୍କ ସୂଚନା ପାଇଁ , ଅଷ୍ଟ୍ରେଲିଆରେ ମହିଳାମାନେ ଅଧିକ ଟାଇଟ୍ ଜିନ୍ସ ପିନ୍ଧିବାକୁ ପସନ୍ଦ କରନ୍ତି। ଯାହାଫଳରେ ଗୋଡ଼ରେ ରକ୍ତର ପ୍ରଭାବ କମ ହେବା ସହ ପ୍ରାୟତଃ ମହିଳା ଅଚେତ ହୋଇଯାଇଥିବା ଦେଖାଯାଇଥାଏ। ଏହି ସମସ୍ୟା ଆଜି ମଧ୍ୟ ସେଠାକାର ମହିଳା ମାନଙ୍କୁ ସମ୍ମୁଖିନ କରିବାକୁ ପଡୁଛି। ଟାଇଟ୍ ଜିନ୍ସ ପିନ୍ଧିବା ଦ୍ୱାରା ଗୋଡ଼ ଦୁର୍ବଳ ହୋଇଥାଏ। ଯାହା କାରଣରୁ ଠିଆ ହେବା ସହ ଚଲାବୁଲା କରିବାରେ ଅସୁବିଧା ଅନୁଭବ ହୋଇଥାଏ। ଟାଇଟ ଜିନ୍ସ ପିନ୍ଧିବା ଦ୍ୱାରା ଅର୍ନ୍ତନିହିତ ଅସୁବିଧା ହୋଇଥାଏ ତାହା ନୁହଁ ବରଂ ଶରୀର ବାହାରେ ମଧ୍ୟ ଅନେକ ପ୍ରକାରର ଯନ୍ତ୍ରଣା ହୋଇଥାଏ। ଏହା ଦ୍ୱାରା ତ୍ୱଚା କୁଞ୍ଚିତ ହେବା ସହ ଗୋଡ଼ ଜଳାଇବା ଆଦି ସମସ୍ୟା ଦେଖାଯାଇଥାଏ। ଟାଇଟ୍ ଜିନ୍ସ ଖାଲି ମହିଳାଙ୍କ ପାଇଁ ଅସୁବିଧାର କାରଣ ପାଲଟିଥାଏ ତାହା ନୁହଁ ବରଂ ପୁରୁଷଙ୍କୁ ମଧ୍ୟ ଅନେକ ପ୍ରକାରର ଅସୁବିଧା ହୋଇଥାଏ। ଏହା ଦ୍ୱାରା ପୁରୁଷଙ୍କ ଅଣ୍ଡକୋଷରେ ରକ୍ତ ପ୍ରଭାବ କମ ହୋଇଥାଏ। ଯାହା ଦ୍ୱାରା ପୁରୁଷଙ୍କ ବୈବାହିକ ଜୀବନରେ ଖରାପ ପ୍ରଭାବ ପଡ଼ିଥାଏ।



# ପଖାଳ ପାଟିକୁ ସୁଆଦ ପେଟକୁ ଲାଭ

ଖରାଦିନ ଆସିଲେ ଖୋଜାପଡ଼େ ପଖାଳ କଂସା। ଭାତ ଗଣ୍ଡେ ଖାଇ ତୋରାଣି ମୁନ୍ଦେ ପିଇଦେଲେ ପେଟ ଶାନ୍ତି। ଯଦି ଦହି ପଖାଳ ମିଳିଗଲା ତାହେଲେ କଥା ସରିଲା। ଆଉ କ'ଣ ବା ଦରକାର ? ଆମେ ଆଜି ଦହି ଏବଂ ଭାତ କମ୍ବିନେସନର ଏକ ଦକ୍ଷିଣ ଭାରତୀୟ ଖାଦ୍ୟ ବିଷୟରେ କହିବୁ ଯାହା ଖାଇଲେ ଆପଣଙ୍କର ବି ଆତ୍ମତୃପ୍ତି ହୋଇଯିବ। ଏହାକୁ ତିଆରି କରିବା ମଧ୍ୟ ଖୁବ୍ ସହଜ। ଯଦି ଆପଣ ଏମିତି କିଛି ସ୍ୱାସ୍ଥ୍ୟକର ରେସିପି ଖାଇବାକୁ ଚାହୁଁଛନ୍ତି ତାହେଲେ ପ୍ରସ୍ତୁତ କରନ୍ତୁ କର୍ଡ ରାଇସ୍।

ଅବଶ୍ୟକୀୟ ଜିନିଷଃ ୧ କପ୍ ଭାତ, ୧ କପ୍ ଦହି, ୫ଟି କଟା କଞ୍ଚାଲଙ୍କା, କଟା ହୋଇଥିବା ଅଦା, ୧ ଚାମଚ କଟା ଧନିଆ ପତ୍ର, ୩ ଚାମଚ ତେଲ, ୧ ଚାମଚ ଶୋରିଷ, ୩ ଚାମଚ ଚଣା ଡାଲି, ୨ଟି ଶୁଖିଲା ଲଙ୍କା, ୧ ଚୁଟକି ହେଙ୍ଗୁ, ୫-୬ଟି ଭୁରଶୁଙ୍ଗା ପତ୍ର, ସ୍ୱାଦ ଅନୁସାରେ ଲୁଣ।

ପ୍ରସ୍ତୁତି କରିବାର ଉପାୟଃପ୍ରଥମେ ଏକ ପାତ୍ରରେ ଚାଉଳ, ଦହି, କଞ୍ଚାଲଙ୍କା, ଧନିଆ ପତ୍ର ଏବଂ ଲୁଣ ଭଲ ଭାବରେ ଗୋଳାଇ ରଖନ୍ତୁ। ଏକ ପ୍ୟାନରେ ତେଲ ଗରମ କରି ଏଥିରେ ଫୁଟଣ, ଡାଲି, ଶୁଖିଲା ଲଙ୍କା, ହେଙ୍ଗୁ ଏବଂ ଭୁରଶୁଙ୍ଗା ପତ୍ର ପକାନ୍ତୁ। ତଡକା ପ୍ରସ୍ତୁତ ହୋଇଗଲେ ଏହାକୁ ଦହି ଭାତ ମିଶ୍ରଣରେ ପକାଇ ଗୋଳାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ କର୍ଡ ରାଇସ୍ ବା ଦହି ଭାତ। ପେଟ ଖରାପ ଥିଲେ କିମ୍ୱା ଜ୍ୱର ହୋଇଥିଲେ ଏହି ଖାଦ୍ୟ ପାଟିକୁ ସ୍ୱାଦିଷ୍ଟ ଏବଂ ପେଟକୁ ଲାଭଦାୟକ ହେବ।

# ପ୍ରତିଦିନ ତ୍ରିଫଳା ଖାଇଲେ ବାତ ରୋଗ ଦୂର ହୁଏ



ମଣିଷ ଶରୀର ଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ, ତିନୋଟି ସନ୍ତୁଳନ ବଜାୟ ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣଃ ବାତ, ପିତ୍ତ ଏବଂ କଫ। ଶୀତଦିନେ ସ୍ୱାଭାବିକ ଭାବରେ ବାତ ଦୋଷ ବୃଦ୍ଧି ପାଏ, ଯାହା ଫଳରେ ଗଣ୍ଠି ଯନ୍ତ୍ରଣା, ପେଟ ସମସ୍ୟା ଏବଂ ହାଡ଼ ସମ୍ବନ୍ଧୀୟ ରୋଗ ହୁଏ । କିନ୍ତୁ ଏକ ଆୟୁର୍ବେଦିକ ଔଷଧ ବାତ ଦୋଷକୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ । ତ୍ରିଫଳା କେବଳ ପେଟ ସମସ୍ୟାରେ ସାହାଯ୍ୟ କରେ ନାହିଁ ବରଂ ବାତକୁ ମଧ୍ୟ ସନ୍ତୁଳିତ କରେ। ଆୟୁର୍ବେଦରେ ବିଶ୍ୱାସ କରାଯାଏ ଯେ, ବାତ ବୃଦ୍ଧିକୁ ରୋକିବା ପାଇଁ ତ୍ରିଫଳା ଖାଇବା ଲାଭଦାୟକ। ଘିଅ ସହିତ ତ୍ରିଫଳା ଖାଇବା ପରି ଫ୍ୟାଟ ସହିତ ମିଶ୍ରିତ ହେଲେ ତ୍ରିଫଳା ଶୀଘ୍ର କାମ କରେ । ଏକ ଗ୍ଲାସ୍ ଉଷୁମ ପାଣିରେ ଅଧ ଚାମଚ ତ୍ରିଫଳା ଏବଂ ଶୁଦ୍ଧ ଦେଶୀ ଗାଈ ଘିଅ ମିଶାଇ ରାତିରେ ସେବନ କରିବା ଦ୍ୱାରା ଅନ୍ତନଳୀରେ ତନ୍ତୁ ସୃଷ୍ଟି ହୁଏ ଏବଂ ବିଷାକ୍ତ ପଦାର୍ଥ ବାହାର କରିବାରେ ସହାୟକ ହୋଇଥାଏ ।

ଦ୍ୱିତୀୟ ପଦ୍ଧତି ହେଉଛି “ତ୍ରିଫଳା ଘୃତ”। ଆୟୁର୍ବେଦରେ, “ତ୍ରିଫଳା ଘୃତ” କୁ ଏକ ଔଷଧ ଭାବରେ ବିବେଚନା କରାଯାଏ, ଯେଉଁଥିରେ ବିଭିନ୍ନ ଔଷଧୀୟ ସହ ତିଆରି କରାଯାଇଥାଏ। ଯଦି ବର୍ଦ୍ଧିତ ବାତ ଦୋଷରୁ ପୀଡିତ, ତେବେ ରାତିରେ “ତ୍ରିଫଳା ଘୃତ” ସେବନ କରିପାରିବେ । ଏହା ବାତକୁ ସନ୍ତୁଳିତ କରିବ ଏବଂ ପେଟ ସମ୍ବନ୍ଧୀୟ ରୋଗରୁ ମଧ୍ୟ ମୁକ୍ତି ଦେବ। ତୃତୀୟ ପଦ୍ଧତି ହେଉଛି କାଷ୍ଟର ତେଲ ସହିତ ତ୍ରିଫଳା ସେବନ କରିବା। ବାତ ବୃଦ୍ଧି ହେଲେ, କୋଷ୍ଠକାଠିନ୍ୟ ସମସ୍ୟା ହୋଇପାରେ। ଏହାର ଚିକିତ୍ସା ପାଇଁ, କିଛି ବୁନ୍ଦା କାଷ୍ଟର ତେଲକୁ ତ୍ରିଫଳା ପାଉଡର ସହିତ ମିଶାଇ ପାଣି ସହିତ ସେବନ କରାଯାଇପାରିବ। ଏହା ଅନ୍ତନଳୀର ଗତିଶୀଳତା ବୃଦ୍ଧି କରେ। ଏହା ମନେ ରଖିବା ଗୁରୁତ୍ୱପୂର୍ଣ୍ଣ ଯେ ଶୀତଦିନେ ବାତ ସ୍ୱାଭାବିକ ଭାବରେ ସନ୍ଧ୍ୟା ଏବଂ ରାତିରେ ବୃଦ୍ଧି ପାଏ, ତେଣୁ ରାତ୍ରୀ ଭୋଜନ ପରେ ଦୁଇ ଘଣ୍ଟା ବ୍ୟବଧାନରେ ତ୍ରିଫଳା ସେବନ କରିବା ଉଚିତ୍ ।

### ଡ୍ରେନେଜ ଡିଭିଜନର ମନମାନୀ

## ଜବରଦଖଲ ହୋଇଛି ଚାଷୀଙ୍କ ଜମି



**ବାଲିପାଟଣା,୧୬ା୩ (ସଂଚାର ବ୍ୟୁରୋ):** ବାଲିପାଟଣା ତହସିଲ ଅଧୀନରେ ଜଳ ସେଚନ ବିଭାଗ ବା ଡ୍ରେନେଜ ଡିଭିଜନ ମନମାନୀ ସାଧାରଣ ଜନତାଙ୍କ ନିଦ ହଜାଇ ଦେଇଛି।ଗାଡେଡି ପାଞ୍ଚଣ ମୌଜା ରେ ଥିବା ମୂଲ୍ୟବାନ ଘର ବାଡ଼ି ପ୍ଲଟ ରେ କାଢ଼ା କେନାଲ ବା ଡ୍ରେନ ଖୋଳା ପରେ ହିତାଧିକାରୀ ହଜନ୍ତ ହେଉଛନ୍ତି। ଏ ଅଫିସ ରୁ ସେ ଅଫିସ ଦୌଡ଼ି ଦୌଡ଼ି ନିରାଶ ହୋଇ ଚିନ୍ତା ରେ ପଡ଼ିଛନ୍ତି। ପ୍ରଶାସନୀୟ ଖାମ୍ଖିଆଳି ଯୋଗୁଁ ନ୍ୟାୟ ପାଇବା ରେ ବିଳମ୍ବ ହେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଏହି ତହସିଲ ଅଧୀନ ବାଲିପାଟଣାର ବୃନ୍ଦାବନ ତ୍ରିପାଠୀ ଙ୍କ ଜମି ଗାଡେଡିପାଞ୍ଚଣ ରୁ ବାଲିପାଟଣା ରାସ୍ତାରେ ଅଛି। ଖାତା ନଂ ୫୯୧, ପ୍ଲଟ ନଂ ୧୯୮୦ ପରିମାଣ ୬ ଡିସିମିଲ ଜମି ରହିଛି। ଏହାର କିସମ ଘର ବାଡ଼ି ରହି ଅଛି। ଉକ୍ତ ଜମି କଡ଼ ରେ କାଢ଼ା କେନାଲ ପ୍ରବାହିତ ହୋଇଛି। ବର୍ଷା ଦିନ ପାଣି ସ୍ରୋତ ରେ ଉକ୍ତ ପ୍ଲଟ ର ଅର୍ଦ୍ଧାଧିକ ଅଂଶ ମାଟି ଧୋଇ ଯିବା ରୁ ଗଭିର ଗର୍ତ୍ତ ସୃଷ୍ଟି ହୋଇ କାଢ଼ା ସହ ମିଶି ଯାଇଥିଲା। ଏନେଇ ବୃନ୍ଦାବନ ତହସିଲ ରେ ମାପ ଚୁପ ପାଇଁ ଆବେଦନ କରିଥିଲେ। ପ୍ରଶାସନ ଉପସ୍ଥିତି ରେ ମାପ ହେବା ପରେ ୨୧ ଡଉଡା ଏବଂ ୫୧ ଫୁଟ ଲମ୍ବ କାଢ଼ା କେନାଲ ମାଡି ଯାଇଥିବା ଚିହ୍ନଟ ହୋଇଛି। ଏନେଇ ସେ ଭୁବନେଶ୍ୱର ଡ୍ରେନେଜ ଡିଭିଜନ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଡ୍ରେନେଜ ଡିଭିଜନ ଘଟଣା ତଦନ୍ତ କରି ହିତାଧିକାରୀ ଙ୍କୁ ଜମି ଫେରସ୍ତ ପାଇଁ ଆଶ୍ୱାସନା ଦେଇଥିଲେ।ନ୍ୟାୟ ପାଇବା ପାଇଁ ଏ ଅଫିସ ରୁ ସେ ଅଫିସ ଦୌଡ଼ି ନିରାଶ ହୋଇ ପଡ଼ିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ନ୍ୟାୟ ମିଳି ପାରୁ ନାହିଁ। ଫଳରେ ସେ ଘର କରିବାକୁ ଅସମର୍ଥ ହେଉଛନ୍ତି।

### ଭୟଙ୍କର ଗ୍ୟାସ୍ ସଙ୍କଟ

## ସିଲିଣ୍ଡର ପାଇଁ ଉପଭୋକ୍ତାଙ୍କ ଲମ୍ବା ଲାଇନ୍



**ଛତ୍ରପୁର,୧୬ା୩ (ସଂଚାର ବ୍ୟୁରୋ):** ଗ୍ୟାସ୍ ବୁକିଂ ନମ୍ବର ଲାଗୁନାହିଁ, ପୂର୍ବରୁ ବୁକିଂ ଥିଲେ ବିଳମ୍ବ ହେଉଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧର ତାଣ୍ଡବ ମଧ୍ୟରେ ମୁଣ୍ଡ ଟେକିଛି ବଡ଼ ଧରଣର ଗ୍ୟାସ ସଙ୍କଟ। ଭାରତ ମଧ୍ୟ ଏହି ସମସ୍ୟାରୁ ବାହାରି ପାରି ନାହିଁ। ଯୋଗାଣ ବାଟ ବନ୍ଦ ଯୋଗୁ ମଧ୍ୟପ୍ରାଚ୍ୟରୁ ଆସିପାରୁ ନାହିଁ ଗ୍ୟାସ୍। ଏଭଳି ସ୍ଥିତିରେ ଦେଶରେ ଦେଖାଦେଇଛି ଭୟଙ୍କର ଏଲ୍‌ପିଜି ସଙ୍କଟ। ସାଧାରଣ ଖାଉଟି ହୋଇଛି ହନ୍ତସନ୍ତ। ଏହାର ପ୍ରଭାବ ଗଞ୍ଜାମ ଜିଲ୍ଲା ଛତ୍ରପୁରରେ ମଧ୍ୟ ପଡ଼ିଛି। ୨୫ ଦିନ ତଳୁ ବୁକିଂ କରିଥିବା ଉପଭୋକ୍ତା ଏ ଯାଏ ସିଲିଣ୍ଡର ପାଇପାରିନାହାନ୍ତି। ଯାହା ଫଳରେ ସାଧାରଣ ଲୋକେ ଏଲ୍‌ପିଜି ପାଇଁ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ଗ୍ୟାସ୍ ପାଇବାର ୨୫ ଦିନ ପରେ ପୁଣି ଆଉ ଏକ ନୂଆ ଗ୍ୟାସ୍ ବୁକିଂ କରିବାକୁ ପଡୁଛି। ଘରୋଇ ସିଲିଣ୍ଡର ଯୋଗାଣରେ ଯେଭଳି କୌଣସି ବାଧା ନ ଆସିବ ସେଥିପାଇଁ ସରକାର ତାଗିଦ କରିଛନ୍ତି। ଏହା ସତ୍ତ୍ୱେ ବି ସ୍ଥିତିରେ ସୁଧାର ଆସି ନ ଥିବା ଦେଖାଯାଉଛି। ଆଜି ଛତ୍ରପୁର ସ୍ଥିତ ଶକ୍ତି ଏଣ୍ଟରପ୍ରାଇଜର୍ସ ତଥା ଏଚ୍‌ପି ଗ୍ୟାସ ସମ୍ମୁଖରେ କେଓ୍ୱାଇସି ସହିତ ବୁକିଂ କରିବା ପାଇଁ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ଇକେଓ୍ୱାଇସି ନ କଲେ ଗ୍ୟାସ ବୁକିଂ ହେଉନାହିଁ । ବାତିଲ ହୋଇଯାଉଛି। ଏଣୁ ଇକେଓ୍ୱାଇସି କରିବା ପାଇଁ ଏଚ୍‌ପି ଅଫିସ ଆଗରେ ଗ୍ରାହକମାନେ ଭିଡ଼ ଜମାଉଛନ୍ତି। ଦୀର୍ଘ ସମୟ ଧରି ଲାଇନରେ ଛିଡ଼ା ହୋଇ ରହିଛନ୍ତି ଗ୍ରାହକମାନେ। ସୂଚନା ମୁତାବକ ଛତ୍ରପୁର ଏଜେନ୍ସି ନିକଟରେ ୫୮୪ ହାଜି ଷ୍ଟକ୍ ରହିଥିବା ବେଳେ ଏବେ ସୁଦ୍ଧା ୩୭୨୫ ଜଣ ଗ୍ୟାସ ବୁକିଂ କରିଛନ୍ତି ସେସବୁ ପେଣ୍ଡିଂ ହୋଇରହିଛି। ସେହିପରି କମର୍ସିଆଲ ଗ୍ୟାସ୍ ଆସୁ ନ ଥିବାରୁ ଏହାର ସିଧାସଳଖ ପ୍ରଭାବ ହୋଟେଲ ବ୍ୟବସାୟୀମାନଙ୍କ ଉପରେ ପଡୁଥିବାରୁ ସହରରେ ବହୁ ହୋଟେଲ ବନ୍ଦ ରହିଛି। ଅନ୍ୟପଟେ କିଛି ହୋଟେଲ ମାଲିକ କାଠ ଚୁଲା ମାଧ୍ୟମରେ ରୋଷେଇ କରିବା ଆରମ୍ଭ କରିଛନ୍ତି।

## ଯୁଗ୍ମ ଅଭିଯୋଗ ଶୁଣାଣି



**ବଲାଙ୍ଗିର,୧୬ା୩ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଆଜି ପଞ୍ଚାୟତ ସମିତି ବୈଠକ ଗୃହ, ପାଟଣାଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଗୌରବ୍ ଶିଖ୍ରାକାର ଇସଲକ୍ୱାର ଏବଂ ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜି ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଦାଖଲ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକ ଯଥା ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ଏହି ଶିବିରରେ ମୋଟ ୫୧ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୪୮ଟି ଏବଂ ସାମୁହିକ ୦୩ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ୦୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେରଙ୍କ ସମେତ ଜିଲ୍ଲା, ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## କୁସୁନୁପୁରରେ ସିଏସଆଇଆର ଆଦର୍ଶ ଗ୍ରାମ ପ୍ରୟାସ କାର୍ଯ୍ୟକ୍ରମ

**ରାଜନଗର,୧୬ା୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଂଚାୟତ କୁସୁନୁପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଏହି ଗ୍ରାମରେ ସିଏସଆଇଆର ଆଦର୍ଶ ଗ୍ରାମ ପ୍ରୟାସ କାର୍ଯ୍ୟକ୍ରମ ହେଉଥିବା ବେଳେ ସ୍କୁଲ ପିଲାମାନେ ଖରାରେ ଛିଡ଼ା ହୋଇ ଅତିଥିମାନଙ୍କୁ ସ୍ୱାଗତ କରିବା ଘଟଣା ସ୍କୁଲ ଓ ଗଣଶିକ୍ଷ୍ୟା। ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି



କରିଛି। ସେ ସଭାକୁ ଆସିବାକୁ ବିଇଓ ଅନୁମତି ଦେଇଛନ୍ତି କି ? ସମ୍ପୃକ୍ତ ହେଡ୍ ମାଷ୍ଟର କିଭଳି ପିଲାମାନଙ୍କୁ ସେଠାକୁ ଛାଡିଲେ ଯାହା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଏସମ୍ପର୍କରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଦୃଷ୍ଟି ଦେବା ସହ ଶିକ୍ଷକ, ବିଇଓ ଓ ଡିଇଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀମାନେ ଦାବୀ କରିଛନ୍ତି।

## ଶ୍ରୀ ଶ୍ରୀ ରାଧାବଲ୍ଲଭ ରାୟଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

**ବୈଶିଙ୍ଗା,୧୬ା୩(ସଂଚାର ବ୍ୟୁରୋ):** ବୈଶିଙ୍ଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଇକଯୁଗୁପୁରା ଗ୍ରାମରେ ଠାକୁର ଶ୍ରୀ ଶ୍ରୀରାଧାବଲ୍ଲଭ ରାୟଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ରିତିନୀତି ଅନୁଯାୟୀ ଅନୁଷ୍ଠିତ ହେବ ବୋଲି ଗ୍ରାମବାସୀଙ୍କ ତରଫରୁ ଯୋଗ ଦେବାକୁ ଅନୁରୋଧ କରାଯାଇଛି। ମାର୍ଚ୍ଚ ୨୨ ତାରିଖ ଅଧିବାସ, ଅଙ୍କୁରା ରୋପଣ ଅନୁଷ୍ଠିତ ହେବ, ୨୩ ତାରିଖରେ କଳସଯାତ୍ରା, ସୂର୍ଯ୍ୟପୂଜା, ଯଜ୍ଞାଗ୍ନି ସ୍ଥାପନ ଓ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ୨୪ ତାରିଖରେ ଯଜ୍ଞ, ନାମ ସଂକୀର୍ତ୍ତନ ସହିତ ଭଜନ ସନ୍ଧ୍ୟା ସହିତ ୨୫ ତାରିଖ ରେ ସୂର୍ଯ୍ୟପୂଜା, ନ୍ୟାସ, ପୂର୍ଣ୍ଣାହୁତୀ ଏବଂ ବିଗ୍ରହ ମାନଙ୍କର ମନ୍ଦିର ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିରିକୃତ ହୋଇଛି। ପ୍ରତ୍ୟହ ୧୨ ଘଟିକାରୁ ୪ ଘଟିକା ପର୍ଯ୍ୟନ୍ତ ପ୍ରସାଦ ସେବନ କରା ଯିବ ବୋଲି ଗ୍ରାମବାସୀ ଜଣାଇଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ରେ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି।

## ହାଇସ୍କୁଲ ପରିଚାଳନା କମିଟି ଗଠନ ସଭାକୁ ଆସିଲେନି ବିଧାୟକ



**ଦିଗପହଣ୍ଡି,୧୬ା୩ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ହାଇସ୍କୁଲ ପରିଚାଳନା କମିଟି ଗଠନ ନିମନ୍ତେ ସୋମବାର ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପରିସରରେ ଆୟୋଜିତ ସଭାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶିଶିର କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ କାରଣରୁ ଗତ ୨୦୧୯ଠାରୁ ଦୀର୍ଘ ୭ ବର୍ଷ ହେଲା ହାଇସ୍କୁଲ ପରିଚାଳନା କମିଟି ଗଠନ ହୋଇପାରିନଥିଲା। ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅଜୟ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବମୋକେଇ ଗ୍ରାମସ୍ଥିତ ଚିଦାନନ୍ଦ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅରୁଣ ଚନ୍ଦ୍ର ଦାସ ସଭାରେ ପର୍ଯ୍ୟବେକ୍ଷକ ରୂପେ ଉପସ୍ଥିତ ଥିଲେ। ପରିଚାଳନା କମିଟି ଗଠନ ନିମନ୍ତେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶାବଳୀ ସଭାରେ ପାଠ କରାଯାଇଥିଲା। ପରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ସମେତ ସରପଞ୍ଚ ବି.ଲିଙ୍ଗରାଜ ଦୋରା,ସମିତି ସଭ୍ୟ ଗଣେଶ ମଲ୍ଲିକ,ପରିଚାଳନା କମିଟିର ପୂର୍ବତନ ସଭାପତି ତଥା ପୂର୍ବତନ ସରପଞ୍ଚ କେ.ସଞ୍ଜୀବ କୁମାର ରେଡ୍ଡୀ, ଶିବପ୍ରସାଦ ପ୍ରଧାନ, ଏଫ.ରାଜୀବ ଲୋଚନ ରେଡ୍ଡୀ, ରବୀନ୍ଦ୍ର ପାତ୍ର, ପୂର୍ଣ୍ଣ ରେଡ୍ଡୀ,ବି.ଝିଲି ଦୋରା, ବୁଦ୍ଧୁ ସେଠୀଙ୍କୁ ନୂତନ ପରିଚାଳନା କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଥିଲା।

### ସାମାଜିକ ସଦ୍‌ଭାବନା ନେତୃତ୍ୱ ସମୂହ ବୈଠକ

## ସମରସତା ଓ ପରିବେଶ ସୁରକ୍ଷା ଉପରେ ଜୋର



**କନ୍ଧମାଳ,୧୬ା୩ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର କୋଟଗଡ଼ ବ୍ଲକ ଅନ୍ତର୍ଗତ ଜଗନ୍ନାଥ ମନ୍ଦିର ପରିସରରେ ସାମାଜିକ ସଦ୍‌ଭାବନା ନେତୃତ୍ୱ ସମୂହର ଏକ ବୈଠକ ଆୟୋଜିତ ହୋଇଯାଇଛି। ବୈଠକ ଆରମ୍ଭ ପୂର୍ବରୁ ବ୍ୟବସ୍ଥା ପ୍ରମୁଖ ପିଣ୍ଟୁ ପ୍ରଧାନ ଉପସ୍ଥିତ ଅତିଥିମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ପରେ ଭାରତ ମାତାଙ୍କ ଛବି ସମ୍ମୁଖରେ ପୁଷ୍ପାର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ ମାଧ୍ୟମରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଖଣ୍ଡ ଶାରୀରିକ ପ୍ରମୁଖ ଶ୍ରୀ ବିବେକାନନ୍ଦ ବାଡଶିଆ ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ଯୋଗ ଶିକ୍ଷକ ଶ୍ରୀ ଗୌରଚନ୍ଦ୍ର ନାୟକ ଦେଶଭକ୍ତିମୟ ବ୍ୟକ୍ତିଗତ ଗୀତ ଗାନ କରି ସଭାକୁ ଭାବବିହ୍ୱଳ କରିଥିଲେ। ଏହା ପରେ ଖଣ୍ଡ କାର୍ଯ୍ୟବାହା ଶ୍ରୀ ବୁଲୁ ମଲିକ ଉପସ୍ଥିତ ବିଭିନ୍ନ ଜାତିର ମୁଖ୍ୟମାନଙ୍କୁ ନିଜ ନିଜ ପରିଚୟ ପ୍ରଦାନ କରିବା ପାଇଁ ଆହ୍ୱାନ କରିଥିଲେ।କାର୍ଯ୍ୟକ୍ରମରେ ଜିଲ୍ଲା ପରିଯୋଜନା ସଂଯୋଜକ ଜୟସେନ ପ୍ରଧାନ "ପୁଣ୍ୟଭୂମି ଭାରତ" ବିଷୟରେ ନିଜ ବୌଦ୍ଧିକ ରଖିଥିଲେ। ପରେ ଜିଲ୍ଲା ଧର୍ମ ଜାଗରଣ ସଂଯୋଜକ ଗୁରୁଗ୍ରାମ ପାତ୍ର କୁଟୁମ୍ବ ପ୍ରବୋଧ, ପରିବେଶ ସୁରକ୍ଷା ଓ ନାଗରିକ କର୍ତ୍ତବ୍ୟ ଉପରେ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ। ପୂର୍ବ ପୁରୁଷମାନେ କେମିତି ପରିବାରକୁ ସମୟ ଦେଇଥିଲେ ଓ ବାପା-ମାଆଙ୍କ ସେବା କରୁଥିଲେ, ସେ ବିଷୟରେ ସେ ଉଦାହରଣ ସହ କଥା କହିଥିଲେ।ତାହାପରେ ଜିଲ୍ଲା ସଦ୍‌ଭାବନା ସଂଯୋଜକ ଶ୍ରୀ ବିରେନ୍ଦ୍ର ପ୍ରଧାନ ସାମାଜିକ ସମରସତା, ସ୍ୱ-ବୋଧ, ପରିବେଶ ସୁରକ୍ଷା ଓ ନାଗରିକ କର୍ତ୍ତବ୍ୟ ଭଳି ବିଷୟରେ ନିଜ ବକ୍ତବ୍ୟ ରଖିଥିଲେ। ସେ ଆଗାମୀ ଦିନରେ ପଲିଥିନ ମୁକ୍ତ ସମାଜ ଗଠନ, ସବୁଜ ଜଙ୍ଗଲ ସୁରକ୍ଷା ଓ ସାମାଜିକ ସଂସ୍କୃତିକ ଭାଇଚାରାକୁ ମଜବୁତ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ ଜୋରଦାର କରିବାକୁ ଆହ୍ୱାନ କରିଥିଲେ।

## ପଲିଥିନ ତଳେ ବିତୁଛି ୫ ପ୍ରାଣୀଙ୍କ ଜୀବନ

### ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦଙ୍କ ନିଜ ପଞ୍ଚାୟତର ଚିତ୍ର

**ଥୁଆମୂଳ ରାମପୁର,୧୬ା୩ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଧୀନସ୍ଥ ଗୁଣୁପୁର ଗ୍ରାମପଞ୍ଚାୟତରୁ ଆସିଛି ଏକ ଲଜ୍ଜାଜନକ ତଥ୍ୟ। ଯେଉଁ ପଞ୍ଚାୟତ ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ ଏବଂ ଜିଲା ପରିଷଦ ସଦସ୍ୟା ଟୁନି ଖୋସ୍ଲା ଅଛନ୍ତି, ସେହିଠାରେ ହିଁ ଜଣେ ଗରିବ ପରିବାର ମୌଳିକ ସୁବିଧାରୁ ବଞ୍ଚିତ ହୋଇ ପଲିଥିନ ତଳେ ଜୀବନ ବିତାଉଛନ୍ତି। ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୬ କିଲୋମିଟର ଦୂରରେ ରହୁଛନ୍ତି ହାନ୍ଦୁ ମାଝୀ। ପରିବାରରେ ସ୍ତ୍ରୀ ସିଙ୍ଗାରା ମାଝୀ, ପୁଅ ସନ୍ଦୀପ, ସୁଶାନ୍ତ ଏବଂ ଝିଅ କୁମୁଦିନୀଙ୍କୁ ନେଇ ମୋଟ ୫ ଜଣିଆ ସଦସ୍ୟ। ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟରେ ଘର ଭାଙ୍ଗିଯିବା ପରେ ପ୍ରଶାସନ ଦେଇଥିବା ପଲିଥିନ ଖଣ୍ଡିକ ହିଁ ଏବେ ସେମାନଙ୍କର ଏକମାତ୍ର ଭରସା। ପାଇଖାନା ପାଖରେ ଝାଟିମାଟିର କୁଡ଼ିଆ ତିଆରି କରି ଏମାନେ ବର୍ଷା, ଶୀତ ଓ ଖରାରେ ଯେଉଁଭଳି ଅବସ୍ଥାରେ ରହୁଛନ୍ତି, ତାହା ବର୍ଣ୍ଣନା କରିବା ବାହାରେ। ବଡ଼ ବିଡ଼ମ୍ବନାର ବିଷୟ।



ଏହି ପରିବାର ଜନ ପ୍ରତିନିଧିମାନଙ୍କ ନିଜ ପଞ୍ଚାୟତରେ ରହୁଥିବା ସତ୍ତ୍ୱେ କେହି ଦୁଃଖ ବୁଝିବାକୁ ପ୍ରସ୍ତୁତ ନୁହନ୍ତି। ଓ୍ୱାର୍ଡମେମ୍ବରଙ୍କ ଠାରୁ ଆରମ୍ଭ କରି ସରପଞ୍ଚ ସୁଜାତା ମାଝୀ ଏବଂ ବ୍ଲକ ପ୍ରଶାସନକୁ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ ସମସ୍ତେ ମୁହଁ ଫେରାଇ ନେଇଛନ୍ତି। ସରପଞ୍ଚଙ୍କ ସଫେଇ "ମୁଁ ଅବଗତ ନଥିଲି" ବୋଲି କହିବା ପରେ, ବ୍ଲକ ଅଧ୍ୟକ୍ଷ ଓ ଜିଲା ପରିଷଦ ସଦସ୍ୟାଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି।

## କାମରେ ଲାଗୁନି ଏସ୍‌ପିଙ୍କ ନିର୍ଦ୍ଦେଶ, ଅଞ୍ଚଳବାସୀଙ୍କ ଅଭିଯୋଗ

**ବୈଶିଙ୍ଗା,୧୬ା୩(ସଂଚାର ବ୍ୟୁରୋ):** କାହା ଇଙ୍ଗିତରେ ଚାଲିଛି ବୈଶିଙ୍ଗା ଥାନା ବୋଲି ଅଭିଯୋଗ ଆଣିଛନ୍ତି ଅଞ୍ଚଳ ବାସୀ, ବୈଶିଙ୍ଗା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ସେମାନେ ଏକ ମାସରୁ ଉର୍ଦ୍ଧ ହେବ ଡିଆଇଜି ବାଲେଶ୍ୱର, ଏସପି ଓ ଅତିରିକ୍ତ ଏସପି ମୟୁରଭଞ୍ଜ, ଏସଡିପିଓ ବେତନଟୀ ପ୍ରମୁଖଙ୍କୁ ସାକ୍ଷାତ କରିବାସହ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ସ୍ମାରକ ପତ୍ର ସମ୍ପର୍କରେ ଏସପି ଙ୍କ ନିର୍ଦ୍ଦେଶ କ୍ରମେ ଏସଡିପିଓ ବେତନଟୀ ଓ ଅତିରିକ୍ତ ଏସପି ମହାଶୟ ଘଟଣା ସ୍ଥଳ ପରିଦର୍ଶନ କରିବାସହ ଅଭିଯୋଗ କାରୀଙ୍କ ଠାରୁ ସେମାନଙ୍କ ଅଭିଯୋଗ ଶୁଣିବାସହ ବୟାନ ରେକର୍ଡ କରିଥିଲେ । ବୈଶିଙ୍ଗା ଥାନାର ୩ ଜଣ କର୍ମଚାରୀଙ୍କ ବିପକ୍ଷରେଅଭିଯୋଗ କରିଥିଲେ । ସେମାନଙ୍କ ମଧ୍ୟରୁ ଏ ଏସ ଆଇ ଶୁଭ୍ରାଂଶୁ ଶେଖର ରାଉଳଙ୍କ ଶରତ ଥାନାକୁ ବଦଳି, ଚିଠି ନଂ ୩୮୧ ତାରିଖ ୨୬. ୨. ୨୦୨୬ ରେ ହୋଇଥିଲା । ମାତ୍ର ବଦଳି ନିର୍ଦ୍ଦେଶ ପାଇ ମଧ୍ୟ ସେ ଯାଇନଥିବାରୁ ଏ ସମ୍ପର୍କରେ ଅଭିଯୋଗକାରି ଏସପି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ପରେ ଗତ ୭ ତାରିଖରେ ଚିଠି ନଂ ୪୨୨ ରେ ଏ ଏସ ଆଇ ଶ୍ରୀ ରାଉଳଙ୍କୁ ଯଥା ଶିଘ୍ର ରିଲିଫ କରିବାକୁ ନିର୍ଦ୍ଦେଶ ଆସିଥିଲା, ମାତ୍ର ସେ ଷ୍ଟେସନ ଛାଡ଼ିନଥିବାରୁ ଓ ଆଇନ ଶୃଙ୍ଖଳା ପରିସ୍ଥିତି ଜଟିଳ ଆଡକୁ ଗତି କରୁଥିବାରୁ ବୈଶିଙ୍ଗା ଅଞ୍ଚଳ ବାସୀ ସ୍ତବ୍ଧ ହେବାସହ କାହା ଇଙ୍ଗିତରେ ଚାଲିଛି ବୈଶିଙ୍ଗା ଥାନା ବୋଲି ପ୍ରଶ୍ନ କରିବାସହ ସୋମବାର ମୟୁରଭଞ୍ଜ ଏସପିଙ୍କୁ ସାକ୍ଷାତ କରି ଚରମ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି । ସୋମବାର ଏସ ପି ନଥିବାରୁ ସେମାନେ ଅତିରିକ୍ତ ଏସ ପି ଦୀପକ କୁମାର ଗୋଛାୟତ ଙ୍କୁ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଶ୍ରୀ ଗୋଛାୟତ ସମସ୍ତ ବିଷୟ ଅବଗତ ହେବା ସହ ଏ ସମ୍ପର୍କରେ ଏସପିଙ୍କୁ ଅବଗତ କରାଇବେ ବୋଲି ସୂଚନା ପ୍ରଦାନ କରିଥିଲେ ।

## ଗୋଟିଏ ରାତିରେ ଏକାଧିକ ଚୋରି, ପୁଲିସର ତନାଘନା



**ନନ୍ଦପୁର,୧୬ା୩ (ସଂଚାର ବ୍ୟୁରୋ):** କୋରାପୁଟ ଜିଲା ନନ୍ଦପୁର ପୋଲିସ ଥାନାରେ ରବିବାର ରାତ୍ରରେ ଥାନା ଅଧୀନ ଗୁଣ୍ଡାପୁଟ, ପିତାଗୁଡ଼ା, ସୁବାଇ ଗ୍ରାମରୁ ଏକାଧିକ ଚୋରି ଘଟଣାର ଅଭିଯୋଗ ହୋଇଛି। ଗୁଣ୍ଡାପୁଟ ଗ୍ରାମ ନିବାସୀ ଟିସେନ ହନ୍ତାଳଙ୍କ ଘର ଦାଣ୍ଡରେ ଥିବା ଓଡି୨୪ ୩୨୬୯ ନମ୍ବର୍ ବିଶିଷ୍ଟ ବୋଲେରୋ ଗାଡ଼ି ଚୋରି ହୋଇଥିବା ଅଭିଯୋଗ କରିଛନ୍ତି। ପିତାଗୁଡ଼ା ଗ୍ରାମ ନିବାସୀ ବଳରାମ ସାଙ୍ଗାର୍ବିଙ୍କ ଓଡି ୧୦ ଏଫ୍ ୧୩୨୨ ନମ୍ବର୍ ବିଶିଷ୍ଟ ଗ୍ଲାମର୍ ବାଇକ ଚୋରି ହୋଇଥିବା ଅଭିଯୋଗ କରିଛନ୍ତି। ସେହିଭଳି ସୁବାଇ ହାଟରେ ଥିବା କୁକୁଡ଼ା (ଚିକେନ) ଦୋକାନରେ ଦୁର୍ବୃତ୍ତମାନେ କଣା କରିଥିବା ସୂଚନା ମିଳିଛି। ସୁବାଇ ଗ୍ରାମରେ ଦୁଇଜଣଙ୍କ ଘରୁ ରସ ସାମଗ୍ରୀ ଓ ୨ଟି ମୋବାଇଲ ଚୋରି ହୋଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଗୋଟିଏ ରାତ୍ରିରେ ଏଭଳି ଏକାଧିକ ଚୋରି ଘଟଣା ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିଛି। ନନ୍ଦପୁର ତଥା କୋରାପୁଟ ପୋଲିସ ପାଇଁ ଚୋରମାନେ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରି ଚୋରଙ୍କୁ ଠାବ କରିବା ସହ ଏଭଳି ଚୋରି ଘଟଣାରୁ ଲୋକଙ୍କୁ ସୁରକ୍ଷିତ ରଖିବାକୁ ଅନୁରୋଧ କରିଛନ୍ତି। ନନ୍ଦପୁର ପୋଲିସ ଏକାଧିକ ସ୍ଥାନରେ ସିସିଟିଭି ଯାଞ୍ଚ କରି ଘଟଣାର ତଦନ୍ତ କରୁଥିବା ଥାନାଧିକାରୀ ତ୍ରିନାଥ ତୋଟାପାଡ଼ିଆ ସୂଚନା ଦେଇଛନ୍ତି।

## ଅପହରଣ ଘଟଣାରେ ୨ ଅଭିଯୁକ୍ତ କୋର୍ଟ ଚାଲାଣ



**ବୈଶିଙ୍ଗା,୧୬ା୩ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ଶିଖରଖୁଣ୍ଟା ଗ୍ରାମରେ ଏକ ଅପହରଣ ଉଦ୍ୟମ ଘଟଣାରେ ଲୋକଙ୍କ ମାଡ଼ରେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଅଭିଯୁକ୍ତଙ୍କୁ ସୋମବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ଗତ ୧୦ ତାରିଖ ମଙ୍ଗଳବାର ସନ୍ଧ୍ୟା ସମୟରେ ଶିଖରଖୁଣ୍ଟା ଗ୍ରାମର କାର୍ତ୍ତିକ ବେହେରାଙ୍କୁ ଅପହରଣ ଉଦ୍ଦେଶ୍ୟରେ ତିନୋଟି ବାଇକରେ ଆଠ ଜଣ ଯୁବକ ବାଲେଶ୍ୱର ଅଞ୍ଚଳରୁ ଆସି ଅପହରଣ ଉଦ୍ୟମ କରି ବିଫଳ ହୋଇଥିବା ବେଳେ ଗ୍ରାମବାସୀଙ୍କ ମାଡ଼ରେ ଗୁରୁତର ଆହତ ହୋଇ ଶମ୍ଭୁନାଥ ମୁର୍ମୁ, ରୁହିଆ ମୁର୍ମୁ ଓ ସନିଆ ଚପିଆର ନାମକ ତିନି ଜଣ ଯୁବକଙ୍କୁ ଉତ୍ୟକ୍ତ ଲୋକଙ୍କ କବଳରୁ ପୋଲିସ ଉଦ୍ଧାର କରି ବାରିପଦା ମୂଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଶମ୍ଭୁନାଥ ମୁର୍ମୁ ଶନିବାର ସୁସ୍ଥ ହୋଇ ଡାକ୍ତରଖାନାରୁ ଛାଡ଼ ପାଇବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଆଜି ଅନ୍ୟ ଦୁଇଜଣ ବାଲେଶ୍ୱର ସହଦେବଖୁଣ୍ଟା ଅଞ୍ଚଳର ରୁହିଆ ମୁର୍ମୁ ଓ ଚାନ୍ଦିପୁର ଅଞ୍ଚଳର ସନିଆ ଚପିଆର ଡାକ୍ତରଖାନାରୁ ଛାଡ଼ ପାଇବା ପରେ ପୋଲିସ ସେମାନଙ୍କୁ ଗିରଫ କରି ଅପରାହ୍ନରେ କୋର୍ଟ ଚାଲାଣ କରିଛି।

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା: ସିଏଚ୍‌ସିରେ ଅବ୍ୟବସ୍ଥାର ଚିତ୍ର



**ଥୁଆମୂଳ ରାମପୁର,୧୬ା୩ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ଅତ୍ୟନ୍ତ ଦୁର୍ଗମ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି) ଏବେ ଅବ୍ୟବସ୍ଥାର ବଳୟରେ। ମେଡିକାଲ ସମ୍ମୁଖର ସୂଚନା ବୋର୍ଡଟି ଛିଣ୍ଡି ଝୁଲୁଥିବା ଦୃଶ୍ୟ ସ୍ୱାସ୍ଥ୍ୟ ସେବାର ବିପର୍ଯ୍ୟସ୍ତ ଅବସ୍ଥାକୁ ବୟାନ କରୁଛି। ଅଧିକାରୀଙ୍କ ସଫେଇ ଓ ବାସ୍ତବତା ଏନେଇ ସିଏଚ୍‌ସି ଅଧିକାରୀ ଡାକ୍ତର ପ୍ରଦୋଷ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ସୂଚନା ବୋର୍ଡ ଝୁଲି ରହିଥିବା କଥା ଆମ ନଜରକୁ ଆସିଛି, ଏହାର ତୁରନ୍ତ ମରାମତି କରାଯିବ। ତେବେ ଖାଲି ପଡ଼ିଥିବା ପଦବୀ ଓ ଆନୁଷଙ୍ଗିକ ସୁବିଧା ନେଇ ସେ ଦେଇଥିବା ପ୍ରତିକ୍ରିୟା ସ୍ଥାନୀୟ ଲୋକଙ୍କୁ ଚିନ୍ତାରେ ପକାଇଛି। ଅଧିକାରୀଙ୍କ ପ୍ରତିକ୍ରିୟା ସ୍ପଷ୍ଟ କରୁଛି ଯେ, ବ୍ଲକର ଏକମାତ୍ର ସ୍ୱାସ୍ଥ୍ୟ କେନ୍ଦ୍ରଟି ଏବେ 'ଇନଚାର୍ଜ' ଓ 'ବେସରକାରୀ ବ୍ୟବସ୍ଥା' ଉପରେ ନିର୍ଭର କରୁଛି। ଇନଚାର୍ଜ ବ୍ୟବସ୍ଥାରେ ସ୍ୱାସ୍ଥ୍ୟ ସେବା କେତେଦୂର ସଫଳ ହେବ, ତାହାକୁ ନେଇ ସ୍ଥାନୀୟ ବାସିନ୍ଦା ସନ୍ଦେହ ପ୍ରକାଶ କରିଛନ୍ତି। ଦୁର୍ଗମ ଅଞ୍ଚଳର ଲୋକେ ଜୀବନ ମରଣ ସହ ସଂଗ୍ରାମ କରୁଥିବା ବେଳେ ପ୍ରଶାସନ କେବଳ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରି ରହିବା କେତେଦୂର ଯୁକ୍ତିଯୁକ୍ତ? ଜିଲା ପ୍ରଶାସନ ଏହି ଦୁର୍ଗମ ଅଞ୍ଚଳର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଅଧିକ ଗୁରୁତର ହେବା ପାଇଁ ସାଧାରଣରେ ଦାବି ଜୋର ଧରିଛି।

## ୪କିଲୋ ଗଞ୍ଜେଇ ସହ ବେପାରୀ ଅଟକ

**ଧାମନଗର,୧୬ା୩ (ସଂଚାର ବ୍ୟୁରୋ):** ଧାମନଗର ଥାନାରେ ନୂଆ ଅଧିକାରୀ ଯୋଗ ଦେବା ପରେ ବେଆଇନ ଦେଶୀ ବିଦେଶୀ ମଦ ଓ ଗଞ୍ଜେଇ ବେପାରୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଧାମନଗର ଥାନା ଚୁଡ଼ାକୁଟି ରାସ୍ତା ପଣ୍ଡୁବଜାର ଛକରେ ପୋଲିସ ପକ୍ଷରୁ ଗାଡି ଚେକିଂ ସମୟରେ ୪ କିଲୋ ଗଞ୍ଜେଇ ଜବତ ସହ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଥିବା ସୂଚନା ଦିଆଯାଇଛି। ଅଟକ ବ୍ୟକ୍ତି ହେଲା ଭଦ୍ରକ ରୁରାଲ ଥାନା ଅର୍ଣ୍ଣପାଳ ଅଧିନ ମଧୁସୁଦନପୁର ଗ୍ରାମର ବିଜୟ ସାହୁ ବୋଲି ପୋଲିସ ଠାରୁ ସୂଚନା ମିଳିଛି। ଯୁବକ ଜଣକ ଏକ ମୋଟରସାଇକେଲରେ ଗଞ୍ଜେଇ ନେଇ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ



ପଣ୍ଡୁବଜାର ଛକରେ ଧାମନଗର ଥାନା ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ଏସଆଇ ମହେଶ୍ୱର ପ୍ରଧାନଙ୍କ ସନ୍ଦେହ ହେବାରୁ ତାଙ୍କୁ ଅଟକାଇ ଚେକିଂ କରିଥିଲେ। ସେହି ସମୟରେ ତାଙ୍କ ପାଖରୁ ପ୍ରାୟ ୪ କିଲୋ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଅତିରିକ୍ତ ତହସିଲଦାର ପଲ୍ଲୀ ଭାରତ ମହାଳିକ, ଏସଆଇ ସସ୍ମିତା ମଲ୍ଲିକଙ୍କ ଉପସ୍ଥିତରେ ଗଞ୍ଜେଇକୁ ଜବତ କରିବା ସହ ବିଜୟକୁ ପୋଲିସ ଥନାକୁ ନେଇ ଅଟକ ରଖି ପଚରାଉଚରା ଜାରି ରହିଛି ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସୁବ୍ରଜିତ ଦାଶ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

## ପାଣି ଟ୍ୟାଙ୍କର ଚକା ଖୋଲି ନେଇଗଲେ ଦୁର୍ବୃତ୍ତ




**ଦିଗପହଣ୍ଡି,୧୬ା୩ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଫାସିଗୁଡା ପଞ୍ଚାୟତ ଧେରେଣ୍ଡି ଗ୍ରାମ ନିକଟରେ ଜଳସେଚନ ବିଭାଗ ପକ୍ଷରୁ କେନାଲ ଉନ୍ନତିକରଣ କାମ ପାଇଁ ବ୍ୟବହାର କରାଯାଉଥିବା ପାଣି ଟ୍ୟାଙ୍କରରୁ ରବିବାର କିଛି ଦୁର୍ବୃତ୍ତ ଚକା ଖୋଲି ନେଇ ଯାଇଥିବା ଜଣାପଡିଛି । ଦିଗପହଣ୍ଡିର ଠିକାଦାର ପ୍ରଦୀପ କୁମାର ପଣ୍ଡା ସବୁଦିନ ଭଳି ରବିବାର ସନ୍ଧ୍ୟାରେ କାମ ଅନୁଧ୍ୟାନ କରି ଘରକୁ ଫେରିଥିଲେ । ସୋମବାର ସକାଳୁ ଶ୍ରମିକମାନେ କାମ କରିବା ପାଇଁ ସେଠାକୁ ଯାଇଥିବାବେଳେ ପାଣି ଟ୍ୟାଙ୍କର ପଛର ଦୁଇଟି ଚକ ନ ଥିବା ଦେଖି ତାଙ୍କୁ ଫୋନ ଯୋଗେ ଜଣାଇଥିବା ପ୍ରଦୀପ କହିଛନ୍ତି ।

## ଡେପୁଟେସନ ନୁହେଁ, ସ୍ଥାୟୀ ଶିକ୍ଷକ ଦରକାର

### ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ

**ଥୁଆମୂଳ ରାମପୁର,୧୬ା୩ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଧୀନ ବିରିକୋଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଥମିବାର ନାମ ନେଉନାହିଁ। ଶିକ୍ଷା ବିଭାଗ ପକ୍ଷରୁ ସାମୟିକ ଭାବେ ଦୁଇଜଣ ଶିକ୍ଷକଙ୍କୁ ଡେପୁଟେସନରେ ନିଯୁକ୍ତି ଦିଆଯାଇ ବିଦ୍ୟାଳୟର ତାଲା ଖୋଲାଯାଇଥିଲେ ମଧ୍ୟ ଅଭିଭାବକ ଓ ଗ୍ରାମବାସୀ ଏହାକୁ ସ୍ଥାୟୀ ସମାଧାନ ବୋଲି ଗ୍ରହଣ କରିନାହାନ୍ତି। ଏଭଳି ଡେପୁଟେସନ ବ୍ୟବସ୍ଥାରେ ଭୁଆଁ ନ ବୁଲାଇ ଆସନ୍ତା ମାସ ସୁଦ୍ଧା ସ୍ଥାୟୀ ଶିକ୍ଷକ ନିଯୁକ୍ତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବିଦ୍ୟାଳୟରେ ତାଲା ପଡ଼ିବା ପରେ ସମସ୍ୟାର ସମାଧାନ ନିମନ୍ତେ ଅନୁଷ୍ଠିତ ଆଲୋଚନାରେ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ତପିମଣି ଜାନୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମନ୍ତ କୁମାର ପଣ୍ଡା ବିଦ୍ୟାଳୟରେ ପହଞ୍ଚି ଥିବା ସହ ବିରିକୋଟ



କ୍ଲଷ୍ଟରର ସିଆରସିସି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଧାକାନ୍ତ ନାଏକ ଏବଂ ଶତାଧିକ ଅଭିଭାବକ ଉପସ୍ଥିତ ଥିଲେ। ଏହି ସମୟରେ ଅଭିଭାବକ ଶ୍ରୀରାମ ନାଏକ, ସନ୍ତୋଷ କୁମାର ନାଏକ, ପରୀକ୍ଷିତ ନାଏକ, ରଞ୍ଜନ କୁମାର ବାଗ, ଚନ୍ଦ୍ରକେତୁ ନାଏକ, ନବୀନ ନାଏକ, ହୀରା ସାହୁ, ଅହଲ୍ୟା ସାହୁ ଓ ସୁନାଧର ଗୌଡ଼ ପ୍ରମୁଖ ଉପସ୍ଥିତ ରହି ପ୍ରଶାସନିକ ନିଷ୍ପତ୍ତିକୁ ବିରୋଧ କରିଥିଲେ। ପ୍ରଶାସନ ପକ୍ଷରୁ କାର୍ଯ୍ୟରତ ସିଆରସିସି ଜୟ ସିଂ ମାଝୀ ଏବଂ ପିଣ୍ଡାପଦରରୁ ମାଧବ ସବରଙ୍କୁ ଡେପୁଟେସନରେ ପଠାଯାଇଛି।